


# ସଂଚାର
THE SANCHAR


Website: sanchar.live    mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 34 | ISSUE 54 | ଭାଗ ୩୪ | ସଂଖ୍ୟା ୫୪    Bhubaneswar | Saturday 17 May 2025 | Page 8 Rs. 4.00    ● ଭୁବନେଶ୍ୱର ଶନିବାର ୧୭ ମେ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


### ବିଦେଶ ଯିବେ ବହୁଦଳୀୟ ପ୍ରତିନିଧିମଣ୍ଡଳୀ

## ଆତଙ୍କବାଦ ବିରୋଧରେ ବିଶ୍ୱ ସମର୍ଥନ ପ୍ରୟାସ



**ନୂଆଦିଲ୍ଲୀ,୧୬।୫:** ଏନଡିଏ ସରକାର ଆତଙ୍କବାଦ ବିରୁଦ୍ଧରେ ଏକ ବଡ଼ କୂଟନୈତିକ ଅଭିଯାନ ଆରମ୍ଭ କରିବାକୁ ଯାଉଛନ୍ତି। ଅପରେସନ ସିନ୍ଦୂର ଆରମ୍ଭ ହେବା ପରେ ପାକିସ୍ତାନ-ଭିତ୍ତିକ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକ ଉପରେ ଭାରତର ମତ ଉପସ୍ଥାପନ କରିବା ପାଇଁ ବିଦେଶକୁ ବହୁ-ଦଳୀୟ ପ୍ରତିନିଧିମଣ୍ଡଳ ପଠାଯିବ। ଏହି ପଦକ୍ଷେପର ଏକ ଅଂଶ ଭାବରେ ଏନଡିଏ ଏବଂ ପ୍ରମୁଖ ବିରୋଧୀ ଦଳ ଉଭୟର ସାଂସଦମାନେ ଆମେରିକା, ୟୁକେ ଏବଂ ଇସଲାମିକ ରାଷ୍ଟ୍ର ସମେତ ପାଞ୍ଚରୁ ଛଅଟି ଦେଶ ଗସ୍ତ କରିବେ, ଉଚ୍ଚ ପଦାଧିକାରୀଙ୍କ ସହ ଯୋଗାଯୋଗ କରିବେ ଏବଂ ଅନ୍ତର୍ଜାତୀୟ ସମର୍ଥନ ଗଠନ ସଂଗ୍ରହ କରିବେ। ଏହି ପ୍ରତିନିଧିମଣ୍ଡଳଗୁଡ଼ିକ ଆମେରିକା, ୟୁକେ ଏବଂ ଅନେକ ଇସଲାମିକ ରାଷ୍ଟ୍ର ସମେତ ଦେଶର ରାଷ୍ଟ୍ରମୁଖ୍ୟ ଏବଂ ବରିଷ୍ଠ ଅଧିକାରୀଙ୍କ ସହ ଯୋଗାଯୋଗ କରିବେ। ଉଦ୍ଦେଶ୍ୟ ହେଉଛି ଅପରେସନ ସିନ୍ଦୂର

**ପ୍ରତିନିଧିମଣ୍ଡଳୀରେ ଥରୁର, ଓୱେସୀ ଓ ଶିବସେନା ସାଂସଦ ସାମିଲ୍**

ଆରମ୍ଭ କରିବା ପଛରେ ଭାରତର ଯୁକ୍ତି ଉପସ୍ଥାପନ କରିବା ଏବଂ ସୀମା ପାରରୁ ପ୍ରାୟୋଜିତ ଆତଙ୍କବାଦ ବିରୁଦ୍ଧରେ ଅନ୍ତର୍ଜାତୀୟ ସମର୍ଥନକୁ ଏକତ୍ର କରିବା। ଶୁକ୍ରବାର ଦିନ ଏକ ବରିଷ୍ଠ ସରକାରୀ ସୂତ୍ର ଅନୁଯାୟୀ, ଏନଡିଏ ସହଯୋଗୀ ଏବଂ ପ୍ରମୁଖ ବିରୋଧୀ ନେତାଙ୍କ ସମେତ ସାଂସଦମାନଙ୍କର ଏକ ବହୁଦଳୀୟ ପ୍ରତିନିଧିମଣ୍ଡଳ ଗଠନ କରାଯାଉଛି। ଏହି ସାଂସଦମାନଙ୍କୁ ପୁଙ୍ଖାନୁପୁଙ୍ଖ ଭାବରେ ➪ପୃଷ୍ଠା-୬

### ଖଣି ଚୋରଙ୍କୁ ମୋହନଙ୍କ ନାଲି ଆଖି

## ବନ୍ଦ କର 'ଡୋକୋ' କାରବାର

- ବିଜେଡି ସରକାର ଅମଳରେ ମାଡ଼ିଛି ଚେର
- ରାଜ୍ୟ ହରାଇଛି ୩୯୬୬ କୋଟି ରାଜସ୍ୱ
- ବଡବିଲର 'ଡୁବୁନା' ଲୁହାପଥର ଖଣିରୁ ବାର୍ଷିକ ୩ ନିୟୁତ ଟନ୍ ଉତ୍ପାଦନ ଲକ୍ଷ୍ୟ
- ଖଣି ଅଞ୍ଚଳରେ ଆଇରନ ପିଲେଟ୍ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ପରାମର୍ଶ

**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ରାଜ୍ୟରେ ଏବେ ବି ଚାଲିଛି ବେଆଇନ୍ ଖଣିଜ କାରବାର। ଏକଥାକୁ ନେଇ ଖଣି ବିଭାଗକୁ ତାଗିଦ କରିଛନ୍ତି ଖୋଦ୍ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ଓପନ୍‌କାଷ୍ଟରୁ ମନଇଚ୍ଛା ଉଠୁଛି ଖଣିଜ। ନିୟମ ମାନିବାକୁ କେହି ନାହାଁ। ଯିଏ ଯେମିତି ପାରିଲା ସେମିତି ଖଣି ବେପାର କଲା। ନିର୍ଦ୍ଦେଶ ନଥାଇ ଖଣିଖୋଳା ଚାଲିଛି, କିନ୍ତୁ କେହି ଦେଖୁନାହାନ୍ତି। ଯାହାକୁ ନେଇ ଗର୍ଜିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ। ରାଜ୍ୟରେ ଡୋକୋ ବା ବେଆଇନ୍ ଖଣି କାରବାର ଚାଲିଥିବା ଖୁଲମଖୁଲା କହିବାକୁ ପଛାଇ ନାହାନ୍ତି ମୋହନ। ଖଣି ବିଭାଗକୁ ଏନେଇ ତାଗିଦ କରିବା ସହ ନଜର ଦେବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ବର୍ଷ ବର୍ଷ ଧରି ଚାଲିଆସିଥିବା ଏହି ଡୋକୋକୁ ରୋକିବାକୁ କଡ଼ା ତାଗିଦ କରିଛନ୍ତି ମୁଖ୍ୟମନ୍ତ୍ରୀ।

ଡୋକୋ'ର ଉଦାହରଣ ଦେବା ବେଳେ ପୂର୍ବ ସରକାରକୁ ଛାଡ଼ିନାହାନ୍ତି ମୁଖ୍ୟମନ୍ତ୍ରୀ। ପୂର୍ବ ସରକାର ଅମଳରୁ ଏହା ଚାଲିଆସିଥିବା ସେ କହିଛନ୍ତି। ଏହାରି ଭିତରେ ମାସକ ତଳେ ଆସିଥିବା ସିଏଜି ରିପୋର୍ଟ ଚର୍ଚ୍ଚାକୁ ଆସିଛି। ବେଆଇନ ଖଣି କାରବାର ଯୋଗୁଁ ରାଜ୍ୟ ସୁଧ ସହ



୩୯୬୬ କୋଟି ଟଙ୍କା ରାଜସ୍ୱ ହରାଇଛି। ବେଆଇନ୍ ଖଣି କାରବାର ବିରୋଧରେ ଆକ୍ସନ ନେବାରେ ଫେଲ୍ ହୋଇଥିଲା ବିଜେଡି ସରକାର ବୋଲି ଆଜି ସ୍ଥାନୀୟ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଅନୁଷ୍ଠିତ ଓଡ଼ିଶା ଖଣି ନିଗମ (ଓଏମ୍‌ସି)ର ୭୦ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ମୁଖ୍ୟମନ୍ତ୍ରୀ କହିଛନ୍ତି।

ଓଏମ୍‌ସି ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଖଣିଜ ସମ୍ପଦ ପରିପୂର୍ଣ୍ଣ ରାଜ୍ୟ ଭାବେ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ। ଦେଶର ମୋଟ ଖଣିଜ ସମ୍ପଦର ୪୧.୯ ପ୍ରତିଶତରୁ ଅଧିକ ଓଡିଶାରେ ମହଜୁଦ୍ ରହିଛି। ଓଏମ୍‌ସି ୬୦ ବର୍ଷରୁ ଅଧିକ ସମୟ ଧରି ପ୍ରକୃତି କୋଳରୁ ଖଣିଜ ସମ୍ପଦ ଅନ୍ୱେଷଣ ଓ ଖଣି ଖନନ କାର୍ଯ୍ୟ ଦାୟିତ୍ୱପୂର୍ଣ୍ଣ ଭାବେ କରିଆସୁଛି। ରାଜ୍ୟକୁ ଅର୍ଥନୈତିକ ସ୍ତରରେ ସମୃଦ୍ଧ କରିବା ପାଇଁ ଓଏମ୍‌ସିର ବଳିଷ୍ଠ ଅବଦାନ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ୬୦ ଦଶକରେ ମାତ୍ର ୧ କୋଟି ଟଙ୍କାର ଆର୍ଥିକ କାରବାର ସହ ଓଏମ୍‌ସି ତା'ର ଯାତ୍ରା ଆରମ୍ଭ କରି ୨୦୨୪-୨୫ ଆର୍ଥିକ ବର୍ଷରେ ୨୩,୬୦୦ କୋଟି ଟଙ୍କାର ଆର୍ଥିକ କାରବାର କରିଛି। ଏହି କାରବାର କେବଳ ଖଣିଜ ପଦାର୍ଥ ➪ପୃଷ୍ଠା-୬

## ପ୍ରତିରକ୍ଷା ପାଇଁ ଅତିରିକ୍ତ ୫୦ ହଜାର କୋଟି

**ନୂଆଦିଲ୍ଲୀ,୧୬।୫:** ପହଲଗାମ ଆତଙ୍କବାଦୀ ଆକ୍ରମଣ ଏବଂ ଭାରତ ଦ୍ୱାରା ଆରମ୍ଭ ହୋଇଥିବା ପ୍ରତିଶୋଧମୂଳକ ଅପରେସନ ସିନ୍ଦୂର ପର, ଦେଶର ପ୍ରତିରକ୍ଷା ବଜେଟରେ ଅତିରିକ୍ତ ୫୦ ହଜାର କୋଟି ଟଙ୍କା ବୃଦ୍ଧି ପାଇବାର ସମ୍ଭାବନା ରହିଥିବା ଆଜି ସରକାରୀ ସୂତ୍ର ଅନୁଯାୟୀ ଜଣାପଡିଛି। ବର୍ଦ୍ଧିତ

**ଶୀତକାଳୀନ ଅଧିବେଶନରେ ମିଳିବ ଅନୁମୋଦନ**

ବଜେଟ୍ ଅସ୍ତ୍ରଶସ୍ତ୍ର ଏବଂ ଗୋଳାବାରୁଦ କ୍ରୟ ବ୍ୟତୀତ ଗବେଷଣା ଏବଂ ବିକାଶ ପାଇଁ ବ୍ୟବହାର କରାଯିବ। ପ୍ରତିରକ୍ଷା ପାଇଁ ଏହି ବର୍ଦ୍ଧିତ ବ୍ୟୟବରାଦ ଆସନ୍ତା ସଂସଦର ଶୀତକାଳୀନ ଅଧିବେଶନରେ ଅନୁମୋଦନ ଲୋଡ଼ାଯିବ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣଙ୍କ ଦ୍ୱାରା ଫେବୃଆରି ୧ରେ ଉପସ୍ଥାପିତ ୨୦୨୫/୨୬ ବଜେଟରେ ସଶସ୍ତ୍ର ବାହିନୀ ପାଇଁ ୬.୮୧ ଲକ୍ଷ କୋଟି ଟଙ୍କା ପ୍ରଦାନ ଏକ ରେକର୍ଡ ଥିଲା। ଚଳିତ ବର୍ଷର ବ୍ୟୟବରାଦ ପୂର୍ବରୁ ୨୦୨୪/୨୫ରେ ୬.୨୨ ଲକ୍ଷ କୋଟି ଟଙ୍କା ତୁଳନାରେ ୯.୨ ପ୍ରତିଶତ ବୃଦ୍ଧି ପାଇଛି। ଏପ୍ରିଲ ୨୨ ରେ ପହଲଗାମ ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କର ମୃତ୍ୟୁ ହେବା ପରେ ପାକିସ୍ତାନ ସହିତ ଚାଲିଥିବା ଉତ୍ତେଜନା ମଧ୍ୟରେ ପ୍ରତିରକ୍ଷା ପାଇଁ ଅତିରିକ୍ତ ବ୍ୟୟବରାଦ ଉପରେ ବିଚାର କରାଯାଉଛି।

## ଅଲୱାରରେ ତୁର୍କୀ ସେଓ ବ୍ୟାନ୍



**ପୂର୍ବରୁ ମାର୍ବଲ ଆମଦାନୀ ବନ୍ଦ ହୋଇଥିଲା**

**ଜୟପୁର,୧୬।୫:** ପାକିସ୍ତାନର ଆତଙ୍କବାଦୀ ଶିବିର ଉପରେ ଭାରତର ସାମରିକ ଆକ୍ରମଣ ସମୟରେ ପାକିସ୍ତାନକୁ ତୁର୍କୀର ସମର୍ଥନ ପରେ ରାଜସ୍ଥାନର ବ୍ୟବସାୟୀମାନେ ତୁର୍କୀ ଉତ୍ପାଦ ବର୍ଜନ କରିଛନ୍ତି। ଏହାକୁ ସମର୍ଥନ କରି ଅଲୱାରର ଫଳ ବ୍ୟବସାୟୀମାନେ ତୁର୍କୀ ସେଓ ବିକ୍ରିକୁ ବନ୍ଦ କରିଛନ୍ତି। ପୂର୍ବରୁ ଆଜମେରରେ ମାର୍ବଲ ବ୍ୟବସାୟୀମାନେ ତୁର୍କୀରୁ ପଥର ଆମଦାନୀ କରିବାକୁ ମନା କରିଦେଇଛନ୍ତି। 'ଅପରେସନ୍ ସିନ୍ଦୂର' ଅଧୀନରେ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଶିବିର ଉପରେ ଭାରତର ସମ୍ପ୍ରତିକ ଆକ୍ରମଣକୁ ତୁର୍କୀ ନିନ୍ଦା କରିବା ପରେ ଦେଶବ୍ୟାପୀ ତୁର୍କୀ ବିରୋଧରେ ସ୍ୱର ଉଠିଛି। ତୁର୍କୀ ଉତ୍ପାଦ ଏବଂ ସେହି ଦେଶକୁ ଯାତ୍ରା ବିରୁଦ୍ଧରେ ଦେଶବ୍ୟାପୀ ବର୍ଜନ ଡାକରା ଦିଆଯାଇଛି। ଭାରତ ସହିତ ସାମରିକ ସଂଘର୍ଷରେ ପାକିସ୍ତାନ ମଧ୍ୟ ବହୁଳ ପରିମାଣରେ ତୁର୍କୀ ଡ୍ରୋନ ବ୍ୟବହାର କରିଥିଲା। ଅଲୱାରର ଫଳ ମଣ୍ଡି ୟୁନିଅନ ତୁର୍କୀରୁ ଆମଦାନୀ ହେଉଥିବା ସେଓ ବିକ୍ରୟ ଉପରେ ସମ୍ପୂର୍ଣ୍ଣ ବନ୍ଦ ଘୋଷଣା କରିଛି। ବ୍ୟବସାୟୀମାନେ କହିଛନ୍ତି ଯେ ଏହି ନିଷ୍ପତ୍ତି ଜନଭାବନାକୁ ପ୍ରତିଫଳିତ କରେ ଏବଂ ତୁର୍କୀର ଆର୍ଥିକ ସ୍ୱାର୍ଥକୁ କ୍ଷତି ପହଞ୍ଚାଇବା ପାଇଁ ଉଦ୍ଦିଷ୍ଟ। ମାର୍ଚ୍ଚ ଏବଂ ଜୁନ୍ ମଧ୍ୟରେ ପ୍ରତିଦିନ ୧୫ ଟନ୍ ରୁ ଅଧିକ ତୁର୍କୀ ସେସ ରାଜସ୍ଥାନକୁ ଆସିଥାଏ ବୋଲି ଫଳ ମଣ୍ଡି ୟୁନିଅନର ସାଧାରଣ ସମ୍ପାଦକ ସୌରଭ କାଲରା କହିଛନ୍ତି। ସେ କହିଥିଲେ ଭାରତ ବିରୁଦ୍ଧରେ ତୁର୍କୀର ଆଭିମୁଖ୍ୟ ଯୋଗୁଁ ଆମେ ସେଗୁଡ଼ିକୁ ବିକ୍ରି ବନ୍ଦ କରିବାକୁ ନିଷ୍ପତ୍ତି ନେଇଛୁ। ଏହା କେବଳ ➪ପୃଷ୍ଠା-୬

## କୁଚିଣ୍ଡାକୁ ୧୩୫ କୋଟିର ଉପହାର

**କୁଚିଣ୍ଡା,୧୬।୫(ସଂଚାର ବ୍ୟୁରୋ):** ସମ୍ବଲପୁର କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଆଜି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ୭୧ଟି ପ୍ରକଳ୍ପରେ ୧୩୫ କୋଟି ଟଙ୍କାର ନିବେଶ ହୋଇଛି, ଯାହା ଡବଲ ଇଞ୍ଜିନ ସରକାରର ଏକ ଉପହାର ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆଜି କୁଚିଣ୍ଡା କେନ୍ଦ୍ରୀୟ ବିଦ୍ୟାଳୟର




**୭୧ ପ୍ରକଳ୍ପର ଶିଳାନ୍ୟାସ କଲେ ଧର୍ମେନ୍ଦ୍ର**

**ମନ୍ତ୍ରିମୁଣ୍ଡାରେ ପ୍ରତିଷ୍ଠା ହେବ କେଭିର ସ୍ଥାୟୀ କ୍ୟାମ୍ପସ**

**କୁଚିଣ୍ଡା ଆକାଂକ୍ଷା ପୂରଣ କରିଛନ୍ତି ପ୍ରଧାନମନ୍ତ୍ରୀ**

**ସବୁ ସ୍କୁଲରେ ଏଆଇ ଆଧାରିତ ଶିକ୍ଷା ଯୋଜନା**

ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ସହ ମନ୍ତ୍ରିମୁଣ୍ଡାଠାରେ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସ୍ଥାୟୀ କ୍ୟାମ୍ପସ ପାଇଁ ଶିଳାନ୍ୟାସ କରିଛନ୍ତି। ଏହାଛଡ଼ା ପ୍ରାୟ ୧୦୫ କୋଟି ଟଙ୍କା ବିନିମୟରେ ୭୧ଟି ପ୍ରକଳ୍ପର ଉଦ୍‌ଘାଟନ ଓ ଭିତ୍ତିପ୍ରସ୍ତର ମଧ୍ୟ କେନ୍ଦ୍ର ମନ୍ତ୍ରୀ ସ୍ଥାପନ କରିଛନ୍ତି। ଏହି ଅବସରରେ ସେ କହିଛନ୍ତି ଯେ କୁଚିଣ୍ଡାରେ ବହୁତ ଦିନରୁ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଲୋକେ ଅପେକ୍ଷା କରିଥିବା ବେଳେ ଏବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହାକୁ ପୂରଣ କରିଛନ୍ତି। ଚଳିତ ଶିକ୍ଷା ବର୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟର ଏହି ଅସ୍ଥାୟୀ କ୍ୟାମ୍ପସରେ ଶିଶୁବାଟିକା ଆରମ୍ଭ କରାଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଜଣରୁ ଅଧିକ ଛାତ୍ରଛାତ୍ରୀ ଏଠାରେ ପାଠ ପଢ଼ିପାରିବେ ଓ ପରେ ଏହି ସଂଖ୍ୟା ୧୨୦୦ରେ ପହଞ୍ଚାଇବାର ଲକ୍ଷ୍ୟ ରହିଛି ବୋଲି କେନ୍ଦ୍ର ➪ପୃଷ୍ଠା-୬

## ବଜ୍ରପାତରେ ୧୨ ମୃତ

**ଭୁବନେଶ୍ୱର, ୧୬।୫ (ସଂଚାର ବ୍ୟୁରୋ) :** ଅଶୁଭ ଶୁକ୍ରବାର। କାଳବୈଶାଖୀ ବର୍ଷାରେ ବଜ୍ରପାତ ଯୋଗୁଁ ଗୋଟିଏ ଦିନରେ ରାଜ୍ୟର ବିଭିନ୍ନ ସ୍ଥାନରେ ୧୨ଜଣଙ୍କ ମୃତ୍ୟୁ ହୋଇଛି। କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ବ୍ଲକ୍ ଓଡ଼ିଆ ପେଣ୍ଠ ପଞ୍ଚାୟତର ପରଡିଗୁଡା ଗ୍ରାମରେ ୩ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ହୋଇଛନ୍ତି।

- ଏକାସାଙ୍ଗେ ଚାଲିଗଲା ଆଈ, ନାତୁଣୀଙ୍କ ଜୀବନ
- ମାଓ ଅପରେସନରେ ଥିବା ଯବାନଙ୍କ ମୃତ୍ୟୁ

ଦ୍ୱିପ୍ରହର ସମୟରେ କାଳବୈଶାଖୀ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବା ସମୟରେ ବିଲ ନିକଟରେ ଥିବା ଏକ କୁଡ଼ିଆରେ ଆଶ୍ରୟ ନେଇଥିଲା ପୂରା ପରିବାର। ବଜ୍ରାଘାତରେ ଆଈ, ନାତୁଣୀଙ୍କ ସହ ଯୁବକଙ୍କ ମୃତ୍ୟୁ ହୋଇଛି। ଏଥିରେ ଜଣେ ବୃଦ୍ଧା ଗୁରୁତର ହୋଇଛନ୍ତି। ବଜ୍ରପାତରେ ଜଣେ ଯବାନଙ୍କର ମଧ ମୃତ୍ୟୁ ହୋଇଛି। ରାଉରକେଲା ସୀମାନ୍ତ ସରଣ୍ଡା ଜଙ୍ଗଲରେ ବଜ୍ରପାତର ଶିକାର ହୋଇଥିଲେ ୪ ଜଣ ସିଆରପିଏଫ ଯବାନ। ସେମାନଙ୍କ ମଧ୍ୟରୁ ଆଜି ଚିକିତ୍ସା ବେଳେ ଜଣେ ଯବାନଙ୍କର ମୃତ୍ୟୁ ଘଟିଛି। ମୃତ ଯବାନ ହେଲେ ଏମପି ସିଂହ। ସେ ସିଆରପିଏଫ ୨୬ ବାଟାଲିୟନରେ ଦ୍ୱିତୀୟ କମାଣ୍ଡ ➪ପୃଷ୍ଠା-୬

## ଜୁନ୍‌ରେ ଓଡ଼ିଶା ଆସିବେ ମୋଦି !

● ସରକାରଙ୍କ ବର୍ଷ ପୂର୍ତ୍ତି ସମାରୋହରେ ଯୋଗ ଦେଇପାରନ୍ତି



**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ଆସନ୍ତା ମାସରେ ଓଡ଼ିଶା ଆସିପାରନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ରାଜ୍ୟରେ ବିଜେପି ସରକାର ଆସନ୍ତା ମାସ ୧୨ ତାରିଖରେ ତା'ର ବର୍ଷ ପୂର୍ତ୍ତି ପାଳନ କରିବାକୁ ଥିବା ବେଳେ ପ୍ରଧାନମନ୍ତ୍ରୀ ଏହି ସମାରୋହରେ ଯୋଗଦେବାର ସମ୍ଭାବନା ରହିଛି। ସେହିପରି ପ୍ରଧାନମନ୍ତ୍ରୀଙ୍କ ସହ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ଓ କେନ୍ଦ୍ର ମନ୍ତ୍ରିମଣ୍ଡଳର ଆହୁରି କେତେକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ମଧ ଓଡ଼ିଶା ଆସିପାରନ୍ତି ବୋଲି ଆଜି କହିଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ। ପ୍ରଧାନମନ୍ତ୍ରୀ ଓ ତାଙ୍କ ମନ୍ତ୍ରିମଣ୍ଡଳର ଅନ୍ୟାନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସଦସ୍ୟଙ୍କ ଓଡ଼ିଶା ଗସ୍ତ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନିୟମିତ ଭାବେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ) ଯୋଗାଯୋଗରେ ଅଛନ୍ତି ବୋଲି ଶ୍ରୀ ପୂଜାରୀ କହିଛନ୍ତି।

ସେ ଏଠାରେ କେତେକ ଗଣମାଧ୍ୟମ ପ୍ରତିନିଧିଙ୍କୁ କହିଛନ୍ତି ଯେ ବିଜେପି ସରକାର ଆସନ୍ତା ୧୨ ତାରିଖରେ ପାଳନ କରିବାକୁ ଥିବା ବର୍ଷ ପୂର୍ତ୍ତିକୁ ଉତ୍ସବ ବଦଳରେ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ଦେଖୁଛି। ଜୁନ ୧୨ରୁ ୧୯ ତାରିଖ ପର୍ଯ୍ୟନ୍ତ ଏହି କାର୍ଯ୍ୟକ୍ରମ ଚାଲିବ। ପ୍ରଥମ ବର୍ଷର ଶାସନ କାଳରେ ସରକାରଙ୍କ ବିଭିନ୍ନ ବିଭାଗର ଦାୟିତ୍ୱରେ ଥିବା ମନ୍ତ୍ରୀମାନେ କ'ଣ ସବୁ କରିଛନ୍ତି, ସେନେଇ ରିପୋର୍ଟ ➪ପୃଷ୍ଠା-୬

### ବିଜେଡିର ଓବିସି ରାଜନୀତି

## ବରିଷ୍ଠଙ୍କ ବାଟ ଓଗାଳିଲେ ଭଙ୍ଗୁଆରୀ ଟିମ୍




**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ବିଜେଡିରେ ଚାଲିଛି କ'ଣ? ଦଳ ଆଉ ନିୟନ୍ତ୍ରଣରେ ଥିଲା ଭଳି ଲାଗୁନାହିଁ। ନବୀନ ପଟ୍ଟନାୟକ ଦଳର ଆଭ୍ୟନ୍ତରୀଣ ବ୍ୟାପାରରେ ହସ୍ତକ୍ଷେପ କରୁଛନ୍ତି ନା ଯାହା ଯେମିତି ଚାଲିଛି ଚାଲୁ ନ୍ୟାୟରେ କୌଣସି ଅବ୍ୟବସ୍ଥାରେ ମୁଣ୍ଡ ପୂରାଉନାହାଁନ୍ତି। ଗତ ସାଧାରଣ ନିର୍ବାଚନ ପରେ ବିଜେଡିରେ ଏମିତି ଅନେକ ଘଟଣା ସାମ୍ନାକୁ ଆସିଥିବା ବେଳେ ଆଜିର ଏକ ଘଟଣା ସମସ୍ତଙ୍କୁ ଚକିତ କରିଦେଇଛି। ଦଳର ୮ ଥରର ବରିଷ୍ଠ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କୁ କାଉଣ୍ଟର କରି ସେଇ ଗୋଟିଏ ପ୍ରସଙ୍ଗରେ ପ୍ରେସ୍ ମିଟ୍ କରାଯାଉଛି।

ଆଜି ପୂର୍ବାହ୍ନ ୧୦ଟାରେ ପୂର୍ବତନ ମନ୍ତ୍ରୀ ତଥା ଦଳର ବରିଷ୍ଠ ବିଧାୟକ ରଣେନ୍ଦ୍ର ପ୍ରତାପ ସ୍ୱାଇଁ ତାଙ୍କ ସରକାରୀ ବାସଭବନରେ ପ୍ରେସମିଟ କରି ଓବିସି ସଂରକ୍ଷଣ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କୁ ସମାଲୋଚନା କରିଥିଲେ। ରାଜା ସ୍ୱାଇଁଙ୍କ ପ୍ରେସମିଟ କଥା ଶୁଣି ବିଜେଡି ତରଫରୁ ଦୁଇ ଘଣ୍ଟା ଭିତରେ ଶଙ୍ଖଭବନରେ ଆଉ ଏକ ପ୍ରେସମିଟ ଡକାହେଲା। ପ୍ରସଙ୍ଗ ସେଇ ସମାନ-ଓବିସି ସଂରକ୍ଷଣ। ଶଙ୍ଖ ଭବନରେ ଯେଉଁ ସାମ୍ବାଦିକ ସମ୍ମିଳନୀ ହେଲା ତାକୁ ସମ୍ବୋଧିତ କଲେ ବିଧାୟକ ଅରୁଣ ସାହୁ, ପ୍ରଦୀପ ମାଝୀ, ପ୍ରତାପ ଜେନା ଓ ସଞ୍ଜୟ ଦାସବର୍ମା। ଅବଶ୍ୟ କେବଳ ଅରୁଣଙ୍କୁ ଛାଡିଦେଲେ ଅନ୍ୟ କେହି ମୁହଁ ଖୋଲିଲେ ନାହିଁ। କେବଳ ରାଜାଙ୍କ ବିରୋଧରେ ଶକ୍ତି ପ୍ରଦର୍ଶନ ପାଇଁ ପାଖରେ ବସିଥିଲେ। ରାଜା ସ୍ୱାଇଁ ଗତ ୨୦ ବର୍ଷ ଧରି ଓବିସି ପ୍ରସଙ୍ଗ ବିଧାନସଭାରେ ଉଠାଇଆସୁଛନ୍ତି। ସେ ଶାସକ ଦଳର ବିଧାୟକ ଥାଇ ମଧ ଓବିସିଙ୍କ ସଂରକ୍ଷଣ ବାବଦରେ ବାରମ୍ବାର ବିଧାନସଭାରେ ସ୍ୱର ଉଠାଉଥିଲେ। ଏପରିକି ଗୋଟେ ସମୟରେ ସେ ଓବିସି ସଂରକ୍ଷଣକୁ ନେଇ ଏକ ବେସରକାରୀ ବିଲ ମଧ ଆଣିଥିଲେ। ଅବଶ୍ୟ ଏହା ଉପରେ ଆଲୋଚନା ହୋଇପାରିନଥିଲା। ତାଙ୍କୁ ଛାଡ଼ି ଦେଲେ ➪ପୃଷ୍ଠା-୬

## ବାଜ୍ୟାପ୍ତ ହେବ ରାଜା ଚକ୍ର ଫାର୍ମ

**୩ ଏକର ଲିଜ ନେଇ ୭ ଏକର ମାଡ଼ିବସିଥିଲା**



**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ବାଜ୍ୟାପ୍ତି ହେବ ବିଜେଡି ନେତା ରାଜା ଚକ୍ରର ଆଲିଶାନ୍ ଫାର୍ମ ହାଉସ୍। ଫା ର୍ମ ହାଉସ୍ ସିଲ ପରେ ଆରମ୍ଭ ହୋଇଛି ବାଜ୍ୟାପ୍ତି ପ୍ରକ୍ରିୟା। ଏନେଇ ସୂଚନା ଦେଇଛନ୍ତି ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଏସପି ଦିଲ୍ଲୀପ ତ୍ରିପାଠୀ। ୧୧ ଏକର ଜମିରେ ରହିଛି ରାଜା ଚକ୍ରର ବିଶାଳ ଫାର୍ମ ହାଉସ୍। ଫା ଏହାକୁ ସ୍ଥାନୀୟ ପ୍ରଶାସନ ସହାୟତାରେ ମାପଚୁପ କରିଛି ଇଓଡବ୍ଲ୍ୟୁ। ମାପଚୁପ ପରେ ଖୋଲିଛି ରାଜା ଚକ୍ରର ଜବରଦଖଲ ଗୁମର। ମାତ୍ର ୩.୫ ଏକର ଜମି ନିଜ ନାଁରେ ଥିଲେ ହେଁ ରାଜା ଚକ୍ର ବାକି ୭.୬ ଏକର ସରକାରୀ ଜମି ମାଡ଼ିବସିଥିଲା। ସରକାରୀ ଜମିରେ ହୋଇଥିଲା ଚିଲଡ୍ରେନ୍ସ ପାର୍କ, ଆଲିଶାନ ବଙ୍ଗଳା, ସୁଉଚ୍ଚ ତୋରଣ ସାଙ୍ଗକୁ ଆମ୍ବ ବଗିଚା, ପୋଖରୀ, ବିଳାସପୂର୍ଣ୍ଣ କଟେଜ୍ ଓ ପାର୍ଟି ➪ପୃଷ୍ଠା-୬



### କାନ ଡେରିଥା

ସିନ୍ଦୁରଟା ପରା ଉଭୟ ଦେଶକୁ
ଖୁସିବାସୀ ଭରି ଦେଇଛି
କିଏ ସେ ଜିତିଛି କିଏ ସେ ହାରିଛି
ଦେଖିବା ଲୋକଟା ଭାବୁଛି
ଯାତରା ଭଳିଆ ଲାଗୁଛି...
ପାକିସ୍ତାନ ଖାଲି ରାଜନୀତି ପାଇଁ
ମୁରୁକି ହସାଟେ ମାରୁଛି
ଭିତରେ ଭିତରେ କାନ୍ଦୁଛି।

■ ଦେବାଶିଷ

### ପୁଲିସ୍‌ର ବ୍ଲକିଂ ଚେକିଂରେ ବ୍ରେକ୍

## ଉପରମୁହାଁ ଅପରାଧ, ଚିନ୍ତାରେ ଲୋକେ

**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ରାଜଧାନୀରେ ଏବେ ପୁଲିସ୍‌ର ବ୍ଲକିଂ ଚେକିଂରେ ବ୍ରେକ୍ ଲାଗିଛି। କେବଳ ରାଜଧାନୀ ନୁହେଁ, ଐତିହ୍ୟ ସହର କଟକ ଓ ପର୍ଯ୍ୟଟନ କ୍ଷେତ୍ର ପୁରୀରେ ମଧ ସମାନ ଅବସ୍ଥା। ଏହିସବୁ ସହରରେ ଅପରାଧ ବଢ଼ି ଚାଲିଥିବା ବେଳେ ପୁଲିସ୍‌ର ବ୍ଲକିଂ ଚେକିଂରେ କାହିଁକି ବ୍ରେକ୍ ଲାଗିଛି, ତା' ଅନେକ ଜାଣିପାରୁନାହାନ୍ତି। ଏପରିକି 'ଅପରେସନ ସିନ୍ଦୂର' ସମୟରେ ସମଗ୍ର ଦେଶ ହାଇଆଲର୍ଟରେ ଥିବା ବେଳେ ମଧ ରାଜଧାନୀରେ ପୁଲିସ୍‌ର ସେଭଳି କଡାକଡି ସୁରକ୍ଷା ବ୍ୟବସ୍ଥା ଦେଖିବାକୁ ମିଳିନଥିଲା।

ପୁଲିସ୍ ଡାଳେ ଡାଳେ ଗଲେ ଅପରାଧୀମାନେ ପତ୍ରେ ପତ୍ରେ ଯାଉଛନ୍ତି। ତେବେ ପୂର୍ବରୁ ଅପରାଧୀଙ୍କୁ ସାବାଡ କରିବା ପାଇଁ କମିଶନରେଟ ପୁଲିସ୍ ପକ୍ଷରୁ ଯେଭଳି ହଠାତ୍ ରାତିଅଧିଆ ବ୍ଲକିଂ ଚେକିଂ କରାଯାଉଥିଲା, ତା' ଆଉ ପ୍ରାୟତଃ ଦେଖିବାକୁ ମିଳୁନାହିଁ। ବ୍ଲକିଂ ଚେକିଂ ତ ଦୂରର




କଥା, ହେଲମେଟ୍ ଚେକିଂରେ ବି କମିଶନରେଟ ପୁଲିସ ପୂର୍ଣ୍ଣଚ୍ଛେଦ ପକାଇଦେଇଛି। ଫଳରେ ଅପରାଧୀମାନେ ଲଗାମଛଡ଼ା ହେବାରେ ଲାଗିଛନ୍ତି। କିଏ ରାସ୍ତାରୁ ଚେନ୍ ଛିନତାଇ କରୁଛି ତ ଆଉ କିଏ ରାତି ଅଧରେ ବାର୍‌ରେ ଗୁଳି ଫୁଟାଇବାକୁ ପଛାଉନାହିଁ। ବିଚ୍ ରାସ୍ତାରେ ଗୋଡାଇ ହାଣିବା, ଦୋକାନୀଙ୍କୁ ଧମକଚମକ ଦେଇ ବଟି ଆଦାୟ କରିବା ରାଜଧାନୀରେ ଏକପ୍ରକାର ନିତିଦିନିଆ ଘଟଣା ହୋଇଗଲାଣି।

ପୂର୍ବରୁ ହେଉଥିବା ଅଚାନକ ବ୍ଲକିଂ ଚେକିଂରେ ଅନେକ ଅପରାଧୀ ଓ ଚୋରା ଯାନବାହନ ଧରାପଡୁଥିଲା। ଏହାଦ୍ୱାରା କେବଳ ଅପରାଧୀ ଧରାପଡୁନଥିଲେ, ପୁଲିସ୍ ମଧ ବେଶ୍ ସକ୍ରିୟ ରହୁଥିଲା। ରାତିଅଧିଆ କାର୍ଯ୍ୟାନୁଷ୍ଠାନ ଫଳରେ ବିଭିନ୍ନ ଥାନାର ପୁଲିସ୍ ମଧ୍ୟରେ ସମନ୍ୱୟ ରହିବା ସହ ବରିଷ୍ଠ ପୁଲିସ୍ ଅଧିକାରୀମାନେ ରାସ୍ତା ଉପରେ ଆସି ଛିଡ଼ାହୋଇ ରହୁଥିଲେ। ଫଳରେ ତଳ ସ୍ତରରେ ପୁଲିସ୍ ବାବୁମାନେ କିଭଳି କାର୍ଯ୍ୟ କରୁଛନ୍ତି ତାହା ସେମାନଙ୍କ ନଜରକୁ ଆସିପାରୁଥିଲା। ପୁଲିସ୍‌ର ସକ୍ରିୟତା ଦେଖି ମଧ ସାଧାରଣ ଲୋକେ ସେମାନଙ୍କୁ ସହଯୋଗ କରିବାକୁ ମଧ ଆଗଭର ହେଉଥିଲେ।

ହେଲେ ଏବେ କୌଣସିଠାରେ ବଡ଼ ଧରଣର ଅପରାଧୀ ଘଟିବା ପରେ ପୁଲିସ୍ ସକ୍ରିୟ ହୋଇଉଠୁଛି। ରାତିଦିନ ଲାଗିପଡ଼ି ସେହି ଅପରାଧୀଙ୍କୁ ଧରି ଗଣମାଧ୍ୟମରେ ବାହାବା ନେବା ପରେ ପୁଣିଥରେ ଶୋଇ ପଡୁଥିବା ➪ପୃଷ୍ଠା-୬

## ଗୟା ଏବେ ଗୟାଜୀ



**ପାଟନା ୧୬।୫:** ପିତୃପୁରୁଷଙ୍କ ପିଣ୍ଡଦାନ ପାଇଁ ବିହାରର ପ୍ରସିଦ୍ଧ ଗୟା ସହର ଏବେ 'ଗୟା ଜୀ' ନାମରେ ପରିଚିତ ହେବ। ନୀତୀଶ କୁମାର ସରକାର ଗୟା ସହରର ପୌରାଣିକ, ଐତିହାସିକ ଓ ଧାର୍ମିକ ଗୁରୁତ୍ୱକୁ ଦୃଷ୍ଟିରେ ରଖି ଏହାର ନାମ ଗୟା ଜୀ କରିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଅଧକ୍ଷତାରେ ଶୁକ୍ରବାର ଅନୁଷ୍ଠିତ ମନ୍ତ୍ରିମଣ୍ଡଳ (କ୍ୟାବିନେଟ୍) ବୈଠକରେ ଏହି ପ୍ରସ୍ତାବ ଉପରେ ମୋହର ବାଜିଛି। ଏହି ବୈଠକରେ ମୋଟ ୬୯ ଟି ପ୍ରସ୍ତାକୁ ସ୍ୱୀକୃତି ମିଳିଛି।

ମନ୍ତ୍ରିମଣ୍ଡଳ ବୈଠକ ପରେ କ୍ୟାବିନେଟ୍ ମୁଖ୍ୟ ସଚିବ ଡ.ଏସ.ସିଦ୍ଧାର୍ଥ ଏ ➪ପୃଷ୍ଠା-୬




## ଅପରେସନ୍ ସିନ୍ଦୂରର ସଫଳତାକୁ ନେଇ ଶୋଭାଯାତ୍ରା

**କେନ୍ଦ୍ରାପଡା, ୧୬।୫ (ସଂଚାର ବ୍ୟୁରୋ):** ଆତଙ୍କବାଦୀ ବିରୋଧୀ ଅଭିଯାନ ଅପରେସନ୍ ସିନ୍ଦୂରର ସଫଳତା ପରେ ଆଜି କେନ୍ଦ୍ରାପଡାଠାରେ ଭାରତୀୟ ବୀର ଯବାନମାନଙ୍କୁ ସେମାନଙ୍କ ସାହସିକ ପଦକ୍ଷେପକୁ ସମ୍ମାନ ଜଣାଇ ବିଶାଳ ଶୋଭାଯାତ୍ରା ଆୟୋଜିତ ହୋଇଯାଇଛି। ଏହି ଶୋଭାଯାତ୍ରା କାର୍ଯ୍ୟକ୍ରମକୁ ମହାକାଳପଡା ବିଧାୟକ ଡ. ଦୁର୍ଗା ପ୍ରସନ୍ନ ନାୟକ ଏବଂ କେନ୍ଦ୍ରାପଡା ଅତିରିକ୍ତ ଜିଲ୍ଲାପାଳ ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ପତାକା ଦେଖାଇ ଉଦ୍‌ଘାଟନ କରିଥିଲେ। ସକାଳ ୯ଟାରେ ରାଲି ନୂଆ ବସ୍‌ଷ୍ଟାଣ୍ଡ ପାଖରୁ ବାହାରି ବାଲାବାବା ମଠ ଠାରୁ ପୁରୁଣା ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଯାଇଥିଲା। ପ୍ରଶାସନିକ ଅଧିକାରୀ, ଅବସରପ୍ରାପ୍ତ ସୈନିକ ସଂଘ, ପୋଲିସ କର୍ମଚାରୀ, ଲୋକ ପ୍ରତିନିଧି, ବୁଦ୍ଧିଜୀବୀ, ସାଧାରଣ ଜନତା ଓ ଛାତ୍ରଛାତ୍ରୀ ତ୍ରିରଙ୍ଗା ପତାକା ଧରି ବନ୍ଦେ ମାତରଂ ଧ୍ୱନି ସହିତ ଦେଶ ଭକ୍ତି ଗୀତର ତାଳେ ତାଳେ ସହର ପରିକ୍ରମା କରିଥିଲେ । ଅପରେସନ୍ ସିନ୍ଦୂର ସଫଳତା ପରେ ଆଜିର ଏହି ଶୋଭାଯାତ୍ରା ଆତଙ୍କବାଦ ବିରୋଧରେ ଦେଶର ଅଭିଯାନକୁ ଆହୁରି ସଶକ୍ତ କରିବ।

### ଦରମା ନପାଇ ଶ୍ରମିକଙ୍କ ଆନ୍ଦୋଳନ ଘଟଣା

## ପଦକ୍ଷେପ ଗ୍ରହଣ କରିବାକୁ ଲେବର କମିଶନରଙ୍କ ନିର୍ଦ୍ଦେଶ

**କେନ୍ଦ୍ରାପଡା, ୧୬।୫ (ସଂଚାର ବ୍ୟୁରୋ):** ଇଣ୍ଡିଆ ଗ୍ଲୋବାଲ ଏଚଆର ସଲ୍ୟୁସନ ପ୍ରାଇଭେଟ୍ ଲିମିଟେଡ ନାମକ ଆଉଟସୋର୍ସିଂ ସଂସ୍ଥା ୫୦ ରୁ ଉର୍ଦ୍ଧ୍ୱ ଶ୍ରମିକ ମାନଙ୍କୁ ୬ ମାସର ପାରିଶ୍ରମିକ ଓ ବକେୟା ଟଙ୍କା ନଦେଇ ସେମାନଙ୍କୁ ହଇରାଣ କରିବା ଘଟଣା ଶ୍ରମିକମାନେ ଶ୍ରମ ଆୟୁକ୍ତଙ୍କ ନିକଟରେ ଅଭିଯୋଗ କରିଥିଲେ। ଏନେଇ ବିଭିନ୍ନ ଖବରକାଗଜରେ ଖବର ପ୍ରକାଶ ପାଇଥିଲା। ଯାହାକୁ କେନ୍ଦ୍ରାପଡ଼ା ଜିଲ୍ଲାର ଅଗ୍ରଣୀ ସାମାଜିକ ସଙ୍ଗଠନ ଉତ୍କଳମଣି ଯୁବକ ସଂଘ ତରଫରୁ ବିଭାଗୀୟ ଶ୍ରମିକ କମିଶନର, ଜଗତସିଂହପୁର ଙ୍କୁ ଚିଠି କରାଯାଇଥିଲା। ଘଟଣାକୁ ଗୁରୁତର ସହ ନେଇ ବିଭାଗ ତରଫରୁ ଶ୍ରମିକ ପ୍ରବର୍ତ୍ତନ ଅଧିକାରୀ, ପାରାଦ୍ୱୀପ ଙ୍କୁ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ୧୬ ମେ'ରେ ହୋଇଥିବା ଚିଠି ନମ୍ବର ୧୫୩୮ ରେ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ମୁତାବକ ପାରାଦୀପ ସ୍ଥିତ ଜେଏମ ବକ୍ସି ଅଧିନରେ ଇଣ୍ଡୋ ଗ୍ଲୋବାଲ ପ୍ରାଇଭେଟ୍ ଲିମିଟେଡ କାମ ନେଇ ଶ୍ରମିକ ମାନଙ୍କୁ ନିଯୁକ୍ତି ଦେଇଥିଲା। ଶ୍ରମିକମାନେ ପାରାଦୀପ କାର୍ଗୋ ଟର୍ମିନାଲରେ କାମ କରୁଥିଲେ। ଶ୍ରମିକ ମାନଙ୍କୁ ସଂସ୍ଥାର ମାଲିକ କାମରେ ନିୟୋଜିତ କରି ମାସ ମାସ କାମ କରାଇ ସେମାନଙ୍କ ପାରିଶ୍ରମିକ, ବକେୟା ଅର୍ଥ ଓ ବୋନସ ଆଦି ଦେଉନଥିଲେ। ଯାହାକୁ ନେଇ ଶ୍ରମିକମାନେ ସଂସ୍ଥା ଓ ମାଲିକଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ କରିଥିବା ଶ୍ରମିକମାନଙ୍କ ମଧ୍ୟରୁ ମାତ୍ରାଧିକ ମହାକାଳପଡ଼ାର ଶ୍ରମିକ ଥିବା ଜାଣିବାକୁ ମିଳିଥିଲା।

## କଣ୍ଠଶିଳ୍ପୀ ସୁଶ୍ରୀ ସମନ୍ୱିତାଙ୍କ ଜାତୀୟ ବୃତ୍ତି ଲାଭ



**ପଟ୍ଟାମୁଣ୍ଡାଇ, ୧୬।୫ (ସଂଚାର ବ୍ୟୁରୋ):** ଓଡ଼ିଶାର ସର୍ବବୃହତ ପଞ୍ଚ-କଳା-ପ୍ରତିଷ୍ଠାନ ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର(ଗଡମେକର୍ର ଶିଳ୍ପୀ ସୁଶ୍ରୀ ସମନ୍ୱିତା ଦାଶ ଓଡ଼ିଶୀ କଣ୍ଠ ସଙ୍ଗୀତରେ କେନ୍ଦ୍ର ସରକାରଙ୍କ ମର୍ଯ୍ୟାଦାଜନକ ସିସିଆରଟି ଜାତୀୟ ପ୍ରତିଭା ବୃତ୍ତି ପାଇବାକୁ ଯୋଗ୍ୟ ବିବେଚିତ ହୋଇ ବୃତ୍ତି ଲାଭ କରିଛନ୍ତି। କଣ୍ଠଶିଳ୍ପୀ ସମ୍ୱନ୍ୱିତା କଦଳୀବଣ ଗ୍ରାମର ସରୋଜ କାନ୍ତ ଦାଶ ଓ ପଦ୍ମଜା ପ୍ରିୟଦର୍ଶିନୀ କରଙ୍କ ସୁପୁତ୍ରୀ ଅଟନ୍ତି । ସୁଶ୍ରୀ ସମନ୍ୱିତା ବାଲ୍ୟକାଳରୁ ଚମତ୍କାର ସଙ୍ଗୀତ ପରିବେଷଣର ଦକ୍ଷତା ରଖି ଆସିଛନ୍ତି । ଗୋପାଳ ଦାଶ ସ୍ମାରକୀ କଳା ମନ୍ଦିର (ଗଡମେକର୍) ପ୍ରତିଷ୍ଠାତା-ନିର୍ଦ୍ଦେଶକ ତଥା ବିଶିଷ୍ଟ ଓଡ଼ିଶୀ ସଙ୍ଗୀତ ଗୁରୁ ଗୀତିକବି ସୁଶାନ୍ତ କୁମାର ପାଣିଙ୍କ ମାର୍ଗଦର୍ଶନରେ ଶାସ୍ତ୍ରୀୟ ଓଡ଼ିଶୀ କଣ୍ଠ ସଙ୍ଗୀତ ଶିକ୍ଷାଲାଭ କରି ନିଜର ସାଧନାରେ ସଫଳ ହୋଇ ବିଭିନ୍ନ ସ୍ତରରେ ପୁରସ୍କୃତ ଓ ସମ୍ମାନିତ ହୋଇଛନ୍ତି। ଓଡ଼ିଶୀ ସଙ୍ଗୀତରେ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରୁ ସଙ୍ଗୀତଶ୍ରୀ ଓ ପ୍ରାଚୀନ କଳା କେନ୍ଦ୍ର(ଚଣ୍ଡିଗଡ)ରୁ ସଙ୍ଗୀତ ଭୂଷଣ ଉପାଧୀପ୍ରାପ୍ତ ସୁଶ୍ରୀ ସମନ୍ୱିତା ଏବେ ଅରୁଆ-କଦଳୀବଣ ଉଚ୍ଚ-ଶିକ୍ଷାଶ୍ରମର ଅଷ୍ଟମ ଶ୍ରେଣୀରେ ପଢୁଛନ୍ତି । ଭବିଷ୍ୟତରେ ସ୍ୱନାମଧନ୍ୟା ଶାସ୍ତ୍ରୀୟ ଓଡ଼ିଶୀ ସଙ୍ଗୀତ ଶିଳ୍ପୀ ଭାବେ ଓଡ଼ିଆ ଅସ୍ମିତାର ପ୍ରଚାର ପ୍ରସାର କ୍ଷେତ୍ରରେ ନିଜକୁ ସମର୍ପଣ କରିବାର ଲକ୍ଷ୍ୟ ରଖିଥିବା ସୁଶ୍ରୀ ସମନ୍ୱିତା ପ୍ରକାଶ କରିଛନ୍ତି ।

### ମୂକ ବଧିର ଯୁବତୀଙ୍କୁ ନିର୍ଯାତନା ଘଟଣା

# ଗୁରୁତର ସହ ନେଲେ ଜାତୀୟ ମହିଳା କମିଶନ

**୧୫ ଦିନରେ ରିପୋର୍ଟ ଦାଖଲ କରିବାକୁ ଆରକ୍ଷୀ ଅଧୀକ୍ଷକଙ୍କୁ ନିର୍ଦ୍ଦେଶ**

**ମହାକାଳପଡ଼ା, ୧୬।୫ (ସଂଚାର ବ୍ୟୁରୋ):** ଜଣେ ମୂକ ବଧିର ବାପା ମାଆ ଛେଉଣ୍ଡ ଅସହାୟ ଯୁବତୀଙ୍କୁ ପଡୋଶୀ ଜୀବନରୁ ମାରିଦେବା ପାଇଁ ପ୍ରୟାସ କରିବା ଓ ତାଙ୍କ ଉପରେ ଗରମ ପେଜ ଫୋପାଡିବା ଘଟଣାକୁ ଗୁରୁତର ସହ ନେଇଛନ୍ତି ଜାତୀୟ ମହିଳା କମିଶନ। ଘଟଣାରେ ସ୍ୱତନ୍ତ୍ର ଦୃଷ୍ଟି ଦେଇ ଆଇନ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ସହିତ ଚିଠି ପାଇବାର ୧୫ ଦିନରେ ଆକ୍ସନ ଟେକେନ ରିପୋର୍ଟ କମିଶନଙ୍କ ନିକଟରେ ଦାଖଲ କରିବାକୁ କେନ୍ଦ୍ରାପଡ଼ା ଆରକ୍ଷୀ ଅଧୀକ୍ଷକଙ୍କୁ ଚିଠି ହୋଇଛି।

ସୂଚନା ମୁତାବକ ମହାକାଳପଡ଼ା ଥାନା ଅନ୍ତର୍ଗତ ଚଡାଇଗୁଆଁ ଗ୍ରାମର ଜଣେ ବାପା ମାଆ ଛେଉଣ୍ଡ ମୂକ ବଧିର ଯୁବତୀ ମୁନୁ ପାହିଲ ୯ ତାରିଖ ଦିନ ସମୟ ୧୧.୩୦ ସମୟରେ କାନପୁର ଗ୍ରାମର ମକର ମହାନ୍ତି, ଚଡାଇଗୁଆଁ ଗ୍ରାମର ସଞ୍ଜୟ ପାହିଲ, ପୁଷ୍ପଲତା ପାହିଲ, କଲ୍ୟାଣୀ ପାହିଲ ଚୁଟି ଧରି ଘୋଷାଡି ମରଣାନ୍ତକ ଆକ୍ରମଣ କରିବା ସହିତ ସଞ୍ଜୟଙ୍କ ପତ୍ନୀ ଗରମ ପେଜ ଫୋପାଡିଥିବା ମୁନୁଙ୍କ ଭଉଣୀ ଲିସାରାଣୀ ମହାକାଳପଡ଼ା ଥାନାରେ ଲିଖିତ ଏତଲା ଦେଇଥିଲେ। ଗରମ ପେଜ ପଡି ମୁନୁଙ୍କ ଦେହସାରା ଫୋଟକା ହୋଇଯାଇଛି। ଏକା ଅସହାୟ ମୂକ ବଧିର ଭଉଣୀଟାକୁ ମାରିଦେଲେ ସବୁ ସମ୍ପତ୍ତିର ସେମାନେ ମାଲିକ ହେବେ ବୋଲି ମୁନୁଙ୍କ ଭଉଣୀ ଲିଶାରାଣୀ ଦେଇଥିବା ଏତଲାରେ ଉଲ୍ଲେଖ କରିଥିଲେ। ମହାକାଳପଡ଼ା ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ କେନ୍ଦ୍ରାପଡ଼ା ଜିଲ୍ଲାର ଏକ ଅଗ୍ରଣୀ ସାମାଜିକ ସଙ୍ଗଠନ ତରଫରୁ ଏହି ଘଟଣାକୁ ଜାତୀୟ ମହିଳା କମିଶନଙ୍କ ନିକଟରେ ଅଭିଯୋଗ କରିଥିଲେ। ଯେଉଁ ଘଟଣାକୁ ଗୁରୁତ୍ୱର ସହ ନେଇ କେନ୍ଦ୍ରାପଡ଼ା ଆରକ୍ଷୀ ଅଧିକ୍ଷକଙ୍କୁ ଆଇନ୍ ଅନୁଯାୟୀ ପଦକ୍ଷେପ ଗ୍ରହଣ କରିବା ସହିତ ୧୫ ଦିନରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନର୍ଦ୍ଦେଶ ଦେଇଛନ୍ତି।



### ମାଟ୍ରିକ ପରୀକ୍ଷାରେ ସାୟନଙ୍କ କୃତିତ୍ୱ

## ଭବିଷ୍ୟତରେ ଆଇଏଏସ ହେବାକୁ ଲକ୍ଷ୍ୟ

**ସାଲେପୁର, ୧୬।୫ (ସଂଚାର ବ୍ୟୁରୋ):** ସାଲେପୁର ବ୍ଲକ ଶିଶୁଆ ପଞ୍ଚାୟତ ପୁରୁଷୋତ୍ତମପୁର ଗ୍ରାମର ସମାଜସେବୀ ହେମନ୍ତ କୁମାର ନନ୍ଦ ଓ ମାତା ଶିକ୍ଷୟିତ୍ରୀ ନମିତା ଷଡଙ୍ଗୀଙ୍କ ପୁତ୍ର ସାୟନ କୁମାର ନନ୍ଦ, କଟକ ମୁଣ୍ଡଳୀ ଠାରେ ଥିବା ପିଏମ୍ ଶ୍ରୀ ଜବାହର ନବୋଦୟ ବିଦ୍ୟାଳୟରେ ୪୭୭ ନମ୍ବର (୯୫.୪%)ରଖି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ସେ ଭବିଷ୍ୟତରେ ଜଣେ ଆଇଏଏସ ହେବାର ଲକ୍ଷ୍ୟ ରଖିଛନ୍ତି । ପରୀକ୍ଷାରେ କୃତକାର୍ଯ୍ୟ ହେବା ପାଇଁ ସେ ପ୍ରତିଦିନ ୭ରୁ ୮ ଘଣ୍ଟା ପରିଶ୍ରମ କରନ୍ତି ବୋଲି କହିଥିଲେ। ଏହି ସଫଳତା ପଛରେ ପିତାମାତା, ପରିବାରର ସମସ୍ତ ସଦସ୍ୟ, ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ସେ ଶ୍ରେୟ ଦେବାସହ ପ୍ରଭୁ ନୃସିଂହନାଥଙ୍କ ଅପାର କରୁଣା ରହିଛି ବୋଲି ସାୟନ ପ୍ରକାଶ କରିଛନ୍ତି ।



## ତାଳଚୁଆ ସାମୁଦ୍ରିକ ଥାନା ପାଟ୍ରୋଲିଂରେ ସାମିଲ ହେଲା ଡ୍ରୋନ

**ରାଜନଗର, ୧୬।୫ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଅନୁପ୍ରବେଶକାରୀଙ୍କ ଆଡାସ୍ଥଳୀ। ଅନୁପ୍ରବେଶକାରୀମାନେ ଜଳପଥରେ ହିଁ ଅଞ୍ଚଳକୁ ପ୍ରବେଶ କରିଥାନ୍ତି। କେନ୍ଦ୍ରାପଡା ଜିଲ୍ଲାର ରାଜନଗର ଜଳପଥକୁ ଲାଗିକରି ରହିଛି ଅବଦୁଲ କାଲାମ କ୍ଷେପଣାସ୍ତ୍ର ପରୀକ୍ଷଣ କେନ୍ଦ୍ର। ପାକିସ୍ତାନ ସହିତ ଯୁଦ୍ଧ ପରଠାରୁ ଜଳପଥରେ ପୁଲିସ ପକ୍ଷରୁ ପଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯାଇଛି। ତାଳଚୁଆ ସାମୁଦ୍ରିକ ଥାନା ପକ୍ଷରୁ ଜଳପଥରେ ଦିନ ଓ ରାତିରେ ପାଟ୍ରୋଲିଂ କରାଯାଉଛି। ପୁଲିସ ଜଳପଥ ଓ ସ୍ଥଳପଥରେ ପାଟୋଲିଂ ବ୍ୟବସ୍ଥାକୁ କଡା କଡି କରିବାକୁ ସାମିଲ ହୋଇଛି ଡ୍ରୋନ। ଗତକାଲି ତାଳଚୁଆ ସାମୁଦ୍ରିକ ଥାନାରେ ଡ୍ରୋନ ପହଞ୍ଚିବା ପରେ ଆଜିଠାରୁ ପୁଲିସ ପାଟ୍ରୋଲିଂରେ ଡ୍ରୋନ ସାମିଲ କରିଛି। ତାଳଚୁଆ ଅଞ୍ଚଳ ବାଂଲା ଅନୁପ୍ରବେଶକାରୀଙ୍କ ଗଡ଼ ହୋଇଥିବାରୁ ଓ ସେମାନେ ଜଳପଥରେ ଯା'ଆସ କରୁଥିବାରୁ ପୁଲିସ ପାଟ୍ରୋଲିଂ ପାଇଁ ଡ୍ରୋନ ସହାୟକ ହେବ ବୋଲି କୁହାଯାଉଛି। ବାଂଲାଦେଶୀ ଓ ଅପରାଧୀଙ୍କ ଗତିବିଧି ନିରୀକ୍ଷଣ ପାଇଁ ଡ୍ରୋନ ବ୍ୟବହାର କରାଯିବ। ଆଜି ତାଳଚୁଆ ସାମୁଦ୍ରିକ ଥାନା ଆଇଆଇସି ବିମଳ କୁମାର ମଲ୍ଲିକଙ୍କ ନେତୃତ୍ୱରେ ପୁଲିସ ଜଳପଥରେ ପାଟ୍ରୋଲିଂ କରିବା ସହିତ ପ୍ରଥମ ଥର ପାଇଁ ପାଟ୍ରୋଲିଂ ସମୟରେ ଡ୍ରୋନ ବ୍ୟବହାର କରିଛି। ଜଳପଥରେ କୌଣସି ଅଜଣା କିମ୍ବା ସନ୍ଦିଗ୍ଧ ବୋଟ କିମ୍ବା ସାମଗ୍ରୀ ଉପରେ ତୀକ୍ଷଣ ନଜର ରଖାଯାଇଛି। ୬ ମାସ ତଳେ ତିନିଟି କଣ୍ଟେନର ପଶ୍ଚିମବଙ୍ଗରୁ ବାଲେଶ୍ୱର ଦେଇ ଭାସି ଭାସି ଆସି ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟର ନିସିଦ୍ଧାଞ୍ଚଳରେ ଲାଗିଥିଲା। ପାଟ୍ରୋଲିଂ କଡାକଡି ସମୟରେ କଣ୍ଟେନର ଭାସି ଭାସି ଆସିଥିଲେ ମଧ କେହି ଜାଣିନପାରିବା ସୁରକ୍ଷା ବ୍ୟବସ୍ଥା ପ୍ରତି ପ୍ରଶ୍ନ ଉଠାଇଥିଲା। ଏ ଅଞ୍ଚଳର ବାଂଲା ଅନୁପ୍ରବେଶକାରୀମାନେ ଜଳପଥ ଉପରେ ଅଧିକ ନିର୍ଭର କରୁଥିବାରୁ ସୁରକ୍ଷା ବ୍ୟବସ୍ଥା ପୁଲିସ ପକ୍ଷରୁ କଡାକଡି କରାଯାଇଥିବା ଜଣାପଡ଼ିଛି।

### ଯନ୍ତ୍ରୀଙ୍କ ଅନୁପସ୍ଥିତିରେ ହେଉଥିଲା ନିମ୍ନମାନର କାମ

## ସଂଚାରରେ ଖବର ପ୍ରକାଶ ପରେ ସ୍ଥିତି ପରଖିଲେ ଅଧିକାରୀ



**ମହାକାଳପଡା, ୧୬।୫ (ସଂଚାର ବ୍ୟୁରୋ):** ଜଳସେଚନ ବିଭାଗର ରାସ୍ତା କାର୍ଯ୍ୟ ଅତି ନିମ୍ନମାନର ହେଉଥିବା ଖବର ଦୈନିକ ଖବରକାଗଜ ସଂଚାର ରେ ପ୍ରକାଶିତ ହେବା ପରେ ଆଜି ଘଟଣା ସ୍ଥଳକୁ ଜଳସେଚନ ବିଭାଗର ଅଧ୍ୟକ୍ଷଣ ଯନ୍ତ୍ରୀ ଉମେଶ ସେଠୀ ପରିଦର୍ଶନରେ ଯାଇଛନ୍ତି। ନିମ୍ନମାନର ରାସ୍ତା କାମ ପରଖିବା ସହିତ ଲୋକମାନଙ୍କ ସହିତ ଆଲୋଚନା କରି ପିଚୁ କାମରେ ମାନ ଠିକ୍ ରଖି କାମ କରିବାକୁ ଉପସ୍ଥିତ ଥିବା ଯନ୍ତ୍ରୀ ଓ ଠିକାଦାରଙ୍କୁ ତାଗିଦ କରିଛନ୍ତି। ମହାକାଳପଡ଼ା ବ୍ଲକ ଶୋବଳା ରୁ ମଙ୍ଗଳାଛକ ପର୍ଯ୍ୟନ୍ତ ଯାଇଥିବା ନଦୀବନ୍ଧ ରାସ୍ତାର ପିଚୁ କାମ ନିମ୍ନମାନର ହେଉଥିବା ଗତକାଲି ସାଧାରଣ ଲୋକେ ଅଭିଯୋଗ ଆଣିଥିଲେ। କାମ ପାଖକୁ ଯନ୍ତ୍ରୀ ଆସୁନଥିବାରୁ ଠିକାଦାର ମନଇଚ୍ଛା କାମ କରି ଚାଲିଛି ବୋଲି ସେମାନେ କହିବା ସହିତ ଏହି କାମ ଲୋକମାନଙ୍କ ସ୍ୱାର୍ଥ ପାଇଁ ନୁହେଁ ବରଂ ଠିକାଦାର ପୋଷଣ ପାଇଁ ହେଉଛି ବୋଲି ମତ ରଖିଥିଲେ। ଯେଉଁ କାମ ହୋଇଥିଲା ତାହାକୁ ଗୋଡ଼ରେ ଟାଣିଲେ ବାହାରି ଆସୁଥିଲା।

## ପ୍ରତ୍ୟେକ ପଞ୍ଚାୟତରେ ହେବ ଆଦର୍ଶ ବିଦ୍ୟାଳୟ



**କେନ୍ଦ୍ରାପଡା, ୧୬।୫ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ନୂତନ ଶିକ୍ଷା ନୀତି ତଥା ପ୍ରାଥମିକ ଓ ମାଧ୍ୟମିକ ଶିକ୍ଷାର ଗୁଣାତ୍ମକ ଅଭିବୃଦ୍ଧି ଦୃଷ୍ଟିରୁ ପ୍ରତି ପଂଚାୟତରେ ଆଦର୍ଶ ବିଦ୍ୟାଳୟ ଗଠନ କରାଯିବ। ଏନେଇ ଏକ ଉଚ୍ଚ ସ୍ତରୀୟ ବୈଠକ ଜିଲ୍ଲା ଶିକ୍ଷା ଅଧିକାରୀ ବସନ୍ତ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ କେନ୍ଦ୍ରାପଡା ବିଧାୟକ ଗଣେଶ୍ୱର ବେହେରା, ମହାକାଳପଡା ବିଧାୟକ ଡ଼ଃ ଦୁର୍ଗା ପ୍ରସନ୍ନ ନାୟକଙ୍କ ସମେତ ପୂର୍ତ୍ତ ବିଭାଗ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ଅଧିକ୍ଷଣ ଯନ୍ତ୍ରୀ, ୯ଟି ବ୍ଲକର ଶିକ୍ଷା ଅଧିକାରୀ ଓ ଅନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ଯେଉଁ ସ୍କୁଲରେ ଭିତିଭୂମିର ସୁବିଧା ଥିବ ଓ ଛାତ୍ରସଂଖ୍ୟା ଅଧିକ ଥିବ ସେହିସବୁ ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ରୂପାନ୍ତରିତ କରାଯାଇ ଶିକ୍ଷାଦାନର ଆବଶ୍ୟକୀୟ ଉପକରଣ, ଶ୍ରେଣୀଗୃହ ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ଯୋଗାଇ ଦିଆଯିବ।

ପ୍ରାଥମିକ ପର୍ଯ୍ୟାୟରେ ଜିଲ୍ଲାର ୪ଟି ସ୍କୁଲକୁ ଆଦର୍ଶ ବିଦ୍ୟାଳୟରେ ରୂପାନ୍ତରିତ କରାଯିବ। ଏଗୁଡିକ ହେଲା ମହାକାଳପଡାର ସୁନିତି ପଞ୍ଚାୟତର କଣ୍ଟିଲୋ ପ୍ରୋଜେକ୍ଟ ୟୁଜି.ୟୁପି ସ୍କୁଲ, ପଟ୍ଟାମୁଣ୍ଡାଇ ଶ୍ରୀରାମପୁର ପଞ୍ଚାୟତର ରାମଚନ୍ଦ୍ର ନୋଡାଲ ୟୁପି ସ୍କୁଲ, ରାଜନଗର ପଞ୍ଚାୟତର ରାଜନଗର ସିପି ସ୍କୁଲ, ଡେରାବିଶ ନହଙ୍ଗ ପଞ୍ଚାୟତର ଯୁଗ ଜ୍ୟୋତି ସ୍କୁଲ। ଦ୍ୱିତୀୟ ପର୍ଯ୍ୟାୟରେ ଆଳିର ଦେମାଳ ପଞ୍ଚାୟତର ବ୍ରଜସୁନ୍ଦର ନୋଡାଲ ୟୁପି ସ୍କୁଲ, ରାଜକନିକା ବାଘବୁଦା ପଞ୍ଚାୟତର ୟୁପି ସ୍କୁଲ, କେନ୍ଦ୍ରାପଡା ସାନମାଣତିଆ ପଞ୍ଚାୟତର ବଜ୍ର ମହାକାଳୀ ୟୁପି ସ୍କୁଲ, ମାର୍ଶାଘାଇର ଅଙ୍ଗୁଳାଇ ୟୁଜି ୟୁପି ସ୍କୁଲ, ଗରଦପୁର ନଇନ୍ଦିପୁର ନୋଡାଲ ହାଇସ୍କୁଲକୁ ଆଦର୍ଶ ବିଦ୍ୟାଳୟରେ ପରିବର୍ତ୍ତନ କରାଯିବ।

## ରେଜିଷ୍ଟ୍ରାର ଅଫିସ ମୋହରିର ସଂଘର ବାର୍ଷିକ ଜିଲ୍ଲା ସମ୍ମିଳନୀ

**କେନ୍ଦ୍ରାପଡା, ୧୬।୫ (ସଂଚାର ବ୍ୟୁରୋ):** ରେଜିଷ୍ଟ୍ରାର ଅଫିସ ମୋହରିର ସଂଘର ବାର୍ଷିକ ସମ୍ମିଳନୀ ଇଛାପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ସଭାପତି ସନ୍ତୋଷ କୁମାର ସାହୁଙ୍କ ଅଧକ୍ଷତାରେ ଆୟୋଜିତ ଏହି ବାର୍ଷିକ ସମ୍ମିଳନୀରେ ରାଜ୍ୟ ସଂଘର କାର୍ଯ୍ୟକାରୀ ସଭାପତି ବଂଶୀଧର ବେହେରା, ଉପ ସଭାପତି ଉମାକାନ୍ତ ସାହୁ, ନରହରି ସାହୁ ଓ ଉପଦେଷ୍ଟା ଭକ୍ତ ଚରଣ ପଣ୍ଡା ପ୍ରମୁଖ ଉପସ୍ଥିତ ରହି ସଂଘର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରାଯାଇଥିଲା।

### ମାନବିକତାର ପରିଚୟ ଦେଲା ଶ୍ରୀଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟ

## ଅସହାୟ ମହିଳାଙ୍କୁ ଉଦ୍ଧାର କରି ଚିକିତ୍ସା କରାଇଲେ



**କେନ୍ଦ୍ରାପଡ଼ା, ୧୬।୫ (ସଂଚାର ବ୍ୟୁରୋ):** ବଳଦେବଜୀଉ ମନ୍ଦିର ନିକଟରେ ରାସ୍ତାକୁ ଲାଗିଥିବା ଏକ ପରିତ୍ୟକ୍ତ ଭଗ୍ନ ଗୃହରେ ଏକ ମାନସିକ ବିକାରଗ୍ରସ୍ତ ମହିଳା ଗତ ତିନରୁ ଚାରିଦିନ ହେବ ଅସୁସ୍ଥ ହୋଇ ପଡ଼ି ରହିଥିଲେ। ନା ସେ ଉଠି ପାରୁଥିଲେ, ନା ସେ କିଛି କରିପାରୁଥିଲେ। ସେହି ବାଟ ଦେଇ ବହୁତ ଲୋକେ ଯାତାୟାତ କରୁଥିଲେ ମଧ କାହାର ଟିକେ ନିଘା ନ ଥିଲା। ଗତକାଲି ବୃଷ ସଂକ୍ରାନ୍ତି ଥିବାରୁ ମନ୍ଦିରରେ ପ୍ରବଳ ଜନସମାଗମ ହୋଇଥିଲା। ଏହି ସମୟରେ ସ୍ଥାନୀୟ ବାସିନ୍ଦା କୁଳମଣୀ ଲେଙ୍କା ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତିଙ୍କ ସହ ଯୋଗାଯୋଗ କରିଥିଲେ। ଏହାପରେ ଶ୍ରୀ ଜଗନ୍ନାଥ ଚାରିଟେବୁଲ ଟ୍ରଷ୍ଟର ସଭାପତି ଦମନ ମହାନ୍ତି ତାଙ୍କର କର୍ମକର୍ତ୍ତାଙ୍କୁ ନେଇ ସେହି ମହିଳାଙ୍କୁ ଉଦ୍ଧାର କରି ମେଡିକାଲରେ ଚିକିତ୍ସା କରାଇଥିଲେ। ଚିକିତ୍ସା ପରେ ସେ ଏବେ ସୁସ୍ଥ ଥିବାର ଜଣାପଡିଛି।

## ବେଆଇନ ପ୍ରକଳ୍ପ ନିର୍ମାଣ ବନ୍ଦ ପାଇଁ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେଲେ ପଞ୍ଚାୟତବାସୀ

**ଡେରାବିଶ, ୧୬।୫ (ସଂଚାର ବ୍ୟୁରୋ):** ଡେରାବିଶ ବ୍ଲକ ଲକ୍ଷ୍ମୀନାରାୟଣପୁର ପଂଚାୟତରେ ବେଆଇନ ଭାବେ ନିର୍ମାଣ ଥିବା କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟକୁ ନେଇ ପଞ୍ଚାୟତବାସୀ ଆପତ୍ତି ଉଠାଇବା ସହ କେନ୍ଦ୍ରାପଡ଼ା ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି।

ଅଭିଯୋଗ ଅନୁସାରେ,ଏହି ପଞ୍ଚାୟତ ପାଇଁ ଉଦ୍ଦିଷ୍ଟ ଏକ କଲ୍ୟାଣ ମଣ୍ଡପ ଗ୍ରାମ ନିକଟରେ କରାନଯାଇ ଖେଳ ପଡ଼ିଆ, ଯୁବକ ସଂଘ ଓ ମହିଳା ସମିତି ପାଇଁ ସଂରକ୍ଷିତ ସ୍ଥାନରେ କରାଯାଉଛି। ସରକାର କ୍ରୀଡ଼ା ଓ ମହିଳା ସଶକ୍ତି ଶକ୍ତିକରଣ ଉପରେ ଗୁରୁତ୍ୱ ଦେଉଥିବାରୁ ଏଥିପାଇଁ ସଂରକ୍ଷଣ ଜାଗାରେ କିପରି ଏହି ପ୍ରକଳ୍ପ ନିର୍ମାଣ କରାଯାଉଛି ବୋଲି ପଞ୍ଚାୟତବାସୀସି ପ୍ରଶ୍ନ କରିଛନ୍ତି । ସେହିପରି ଏହି ପଞ୍ଚାୟତ ଜାତୀୟ ରାଜପଥର ବଳଭଦ୍ରପୁର ଛକ ନିକଟ ପ୍ଲଟ ନଂ-୩୧୧୦ କିସମ ଗୋଚର ଉପରେ ଏ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ସରକାର ଗୋପାଳନ ପାଇଁ ପ୍ରୋତ୍ସାହନ ଦେଉଥିବା ବେଳେ ଗୋଚର ଜମି ଉପରେ ବେଆଇନ ଭାବେ ନିର୍ମାଣ କରାଯାଉଛି ବୋଲି ବହୁ ଜନସାଧାରଣ ପ୍ରଶ୍ନ କରିଛନ୍ତି। ବିଭିନ୍ନ ସ୍ଥାନରେ ଥିବା ଗୋଚର ଜମି ଧୀରେ ଧୀରେ ଲୀନ ହେବାକୁ ବସିଥିବାବେଳେ ଗୃହପାଳିତ ପ୍ରାଣୀଙ୍କ ସ୍ୱାର୍ଥ ପାଇଁ ସେହି ସ୍ଥାନରେ ହେଉଥିବା ପ୍ରକଳ୍ପକୁ ତୁରନ୍ତ ବନ୍ଦ କରିବାକୁ ଦାବି କରାଯାଇଛି।

ପଞ୍ଚାୟତର ବିଭିନ ସ୍ଥାନରେ କଲ୍ୟାଣ ମଣ୍ଡପ ଓ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ପାଇଁ ଉପଯୁକ୍ତ ସ୍ଥାନ ଥିବାବେଳେ ନୂଆହାଟ ଓ ବଳଭଦ୍ରପୁର ଠାରେ ବେଆଇନ ଭାବେ ଚାଲିଥିବା ପ୍ରକଳ୍ପ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଶତାଧିକ ସ୍ୱାକ୍ଷର ସମ୍ବଳିତ ଏକ ଲିଖିତ ଅଭିଯୋଗ କେନ୍ଦ୍ରାପଡା ଜିଲ୍ଲାପାଳଙ୍କୁ ପ୍ରଦାନ କରାଯିବା ସହ ଉପଜିଲ୍ଲାପାଳ, ଡେରାବିଶ ତହସିଲଦାର, ମଣ୍ଡଳ ଉନ୍ନୟନ ଅଧିକାରିଣୀଙ୍କୁ ମଧ ଏ ସମ୍ପର୍କରେ ଜଣେଇ ଦିଆଯାଇଛି । ଆଗାମୀ ଦିନରେ ଏହି କାର୍ଯ୍ୟକୁ ଯଥାଶୀଘ୍ର ବନ୍ଦ ନକରାଯାଏ ପଞ୍ଚାୟତବାସୀ ବ୍ଲକ ଘେରାଉ କରିବେ ବୋଲି ଦର୍ଶାଇଛନ୍ତି ।

# ଫେଲ୍ ମାରିଲା ପ୍ରଶାସନର ଗ୍ରୀଷ୍ମପ୍ରବାହ ମୁକାବିଲା ପ୍ରସ୍ତୁତି

**● କଳବଳ କରୁଛି ବିଦ୍ୟୁତ୍ ସମସ୍ୟା ● ଲୋ-ଭୋଲ୍ଟେଜ୍ ପାଇଁ ଚାଲୁନି ଏସି, ଘୁରୁନି ପଙ୍ଖା ● ଓଭରଲୋଡ୍ ହୋଇ ଜଳିଯାଉଛି ତାର**

**କେନ୍ଦ୍ରାପଡ଼ା, ୧୬।୫ (ସଂଚାର ବ୍ୟୁରୋ):** ୪୦ ଡିଗ୍ରୀ ତାତି। ଗୁଳୁଗୁଳିରେ ଭାଜି ହେଉଛି କେନ୍ଦ୍ରାପଡା। ଆକାଶରୁ ଯେମିତି ନିଆଁ ବର୍ଷୁଛି। ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଏଭଳି ସ୍ଥିତିରେ ଲୋକଙ୍କ ଆଶା, ଭରସା ପାଲଟିଥିବା ବିଦ୍ୟୁତ୍ ସେବା ଲୋକଙ୍କୁ ଆଶ୍ୱସ୍ତି ଦେବ କ'ଣ ଓଲଟି ଯନ୍ତ୍ରଣା ଦେଉଛି । ବାରମ୍ବାର ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲଟେଜ୍ ସମସ୍ୟା ଅତିଷ୍ଠ କରୁଛି । ଫ୍ୟାନ୍ ଘୁରୁନି କି ଏସି ଚାଲୁନି। ଗରମ ଗୁଳୁଗୁଳିରେ ଲୋକେ ସନ୍ତୁଳି ହୋଇପଡୁଛନ୍ତି। ପ୍ରତିବର୍ଷ ସମାନ ସମସ୍ୟା ହେଉଥିଲେ ବି ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନି। ଜିଲ୍ଲାପ୍ରଶାସନ କେବଳ ନାମକୁମାତ୍ର ଗ୍ରୀଷ୍ମ ପ୍ରବାହ ମୁକାବିଲା ପ୍ରସ୍ତୁତି କରି ଚୁପ୍ ବସିଯାଉଛି। ବିଦ୍ୟୁତ୍ ବିଭାଗ ଉପରେ କୌଣସି ଆଙ୍କୁଶ ରହୁନଥିବାରୁ ଲୋକେ ଯନ୍ତ୍ରଣାରେ ଛଟପଟ ହେଉଛନ୍ତି।

ଖରା ପୂର୍ବରୁ ପ୍ରଶାସନ ପକ୍ଷରୁ ଗ୍ରୀଷ୍ମପ୍ରବାହ ମୁକାବିଲା ପ୍ରସ୍ତୁତି ବୈଠକ ବସିଥାଏ। କିଭଳି ଖରାର ମୁକାବିଲା କରାଯିବ, ନିରବଚ୍ଛିନ୍ନ ବିଦ୍ୟୁତ୍ ସେବା, ପାନୀୟ ଜଳ ଯୋଗାଣ, ଜଳ ଛତ୍ର ଠାରୁ ଆରମ୍ଭ କରି ବିଭିନ୍ନ ବିଷୟରେ ଆଲୋଚନା ହୋଇଥିଲା। ବିଶେଷ କରି ଖରାଦିନରେ ବିଦ୍ୟୁତ୍ ଆବଶ୍ୟକତା ଅଧିକ ଥିବାରୁ ଏହାକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ବିଦ୍ୟୁତ୍ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ସ୍ୱାଭାବିକ୍ ବିଦ୍ୟୁତ୍ ଯୋଗାଣ ହେବ ବୋଲି ବିଭାଗୀୟ ଅଧିକାରୀ କହିଥିଲେ। ହେଲେ ବୈଠକର ନିଷ୍ପତ୍ତି ଓ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ବିଦ୍ୟୁତ୍ ବିଭାଗର ଅଧିକାରୀମାନେ ସତେଯେମିତି ଫୁ କରି ଉଡ଼ାଇ ଦେଇଛନ୍ତି। ବିଦ୍ୟୁତ୍ ବ୍ୟବସ୍ଥାରେ ସାମାନ୍ୟତମ ସୁଧାର ଆସିନାହିଁ । ପୂର୍ବ ବର୍ଷ ଭଳି ଏଥର ବି ବାରବାର ବିଦ୍ୟୁତ୍ କାଟ୍ ଓ ଲୋ-ଭୋଲଟେଜ୍ ସମସ୍ୟା ଲୋକଙ୍କୁ ଯନ୍ତ୍ରଣା ଦେଉଛି। ଭିତ୍ତିଭୂମି ଓ ଆବଶ୍ୟକତା ଅନୁସାରେ ଟ୍ରାନ୍ସଫର୍ମର ଆଦିର ବ୍ୟବସ୍ଥା କରାଯାଉନଥିବାରୁ ଏଭଳି ସମସ୍ୟା ଦେଖାଯାଉଛି। ଖରାକୁ ଦେଖି ଲୋକେ ଏସି ଲଗାଉଛନ୍ତି । ବିଦ୍ୟୁତ୍ ଆବଶ୍ୟକତା ବଢୁଛି। ଫଳରେ ଲୋ-ଭୋଲଟେଜ୍ ସମସ୍ୟାରୁ ଫଙ୍ଖା ଧୂମେଇ ଧୂମେଇ ଘୁରୁଛି। ଏସି ଆଦୌ ଚାଲୁନାହିଁ। ଅଧିକ ଲୋଡ୍ ପଡୁଥିବାରୁ ୧୧କେଭି ତାର ଜଳିଯାଉଛି। ତାରରେ ନିଆଁ ଲାଗି ତରଳି ଦୁଇଖଣ୍ଡ ହୋଇଯାଉଛି। ଖବରପାଇ ବିଦ୍ୟୁତ୍ କର୍ମଚାରୀ ପହଞ୍ଚି ତାହାର ମରାମତି କରୁଛନ୍ତି। ବିଶେଷତଃ କେନ୍ଦ୍ରାପଡା ବିଦ୍ୟୁତ୍ ଡିଭିଜନ ଅଧିନ ୨ ନମ୍ବର ସେକ୍ସନ ଭରତପୁର, ମେହେନ୍ଦିନଗର, ଖଣ୍ଡିଆବନ୍ଧ, ପାରାଚକ, ଦିଆନପାଟଣା, ଜଗନ୍ନାଥପୁର କନ୍ତିଆ ଆଦି ଅଞ୍ଚଳରେ ଦୈନିକ ବିଭିନ୍ନ ସମୟରେ ୧୦ ଘଣ୍ଟାରୁ ଉର୍ଦ୍ଧ ସମୟ ଧରି ବିଦ୍ୟୁତ୍ କାଟ ହେଉଛି। ଉକ୍ତ ଅଞ୍ଚଳରେ ଦୈନିକ ସକାଳ ୮ଟାରୁ ୧୧ଟା,ଅପରାହ୍ନ ୧ଟା ରୁ ସାଢ଼େ ତିନିଟା ସନ୍ଧ୍ୟା ୭ଟା ରୁ ରାତି ୧୦ଟା ଓ ରାତି ୧୨ଟାରୁ ୨ଟା ଯାଏଁ ବିଦ୍ୟୁତ୍ କାଟ ହେଉଛି। ଏହିପରି କେନ୍ଦ୍ରାପଡ଼ା ସହରର ପ୍ରାୟ ସମସ୍ତ ସ୍ଥାନରେ ବିଦ୍ୟୁତ୍ କାଟ ହେଉଥିବା ଅଭିଯୋଗ ହେଉଛି। ମରାମତି କରିବା ବେଳକୁ ଅଧାଘଣ୍ଟା ପରେ ଲାଗିଯାଉଛି । ବାରମ୍ବାର ମରାମତି କରି ବିଦ୍ୟୁତ୍ କର୍ମଚାରୀ ବି ନାକେଦମ୍ ହେଉଛନ୍ତି। ମାତ୍ର ବିଦ୍ୟୁତ୍ ବିଭାଗ ଏଥିପ୍ରତି ଆଦୌ ଦୃଷ୍ଟି ଦେଉନାହିଁ ।

କେବଳ ଯେ କେନ୍ଦ୍ରାପଡା ସହରରେ ଏଭଳି ସମସ୍ୟା ଦେଖାଦେଇଛି ତାହା ନୁହେଁ ଗ୍ରାମାଞ୍ଚଳ ମଧ୍ୟରେ ଏହାଠୁ ଅଧିକ ସମସ୍ୟା ଦେଖା ଦେଉଛି । ବିଶେଷ କରି ଗରଦପୁର, ନୂଆପଡ଼ା, ମହାକାଳପଡା, ମଙ୍ଗଳାଛକ ଆଦି ସେକ୍ସନ ଅଧୀନରେ ଥିବା ଉପଭୋକ୍ତା ଅଧିକ ସମସ୍ୟା ଭୋଗୁଛନ୍ତି। ଛୋଟପିଲା, ରୋଗୀ, ବୃଦ୍ଧବୃଦ୍ଧା କଳବଳ ହେଉଛନ୍ତି। ଲୋକେ ବିଦ୍ୟୁତ୍ ଯନ୍ତ୍ରଣା ଭୋଗୁଥିବା ବେଳେ ବିଦ୍ୟୁତ୍ ବିଭାଗୀୟ ଅଧିକାରୀ କି ଜିଲ୍ଲା ପ୍ରଶାସନ, କାହାରି ବି ଏଥିପ୍ରତି ନିଘା ନାହିଁ। ସାମାଜିକ ଗଣମାଧ୍ୟମରେ ଏନେଇ ଲୋକେ ଅସନ୍ତୋଷ ପ୍ରକାଶ କରି ପ୍ରଶାସନ ଓ ବିଦ୍ୟୁତ୍ ବିଭାଗ ଉପରେ ବର୍ଷିଛନ୍ତି । ସମସ୍ୟାର ସମାଧାନ ନହେଲେ ଲୋକେ ଆନ୍ଦୋଳନ ମୁହାଁ ହେବ ବୋଲି ଚେତାବନୀ ଦେଲେଣି। ଏ ସମ୍ପର୍କରେ କେନ୍ଦ୍ରାପଡା ବିଦ୍ୟୁତ୍ ଡିଭିଜନର ପରିଚାଳକ ପ୍ରତାପ କୁମାର ସ୍ୱାଇଁ କହିଛନ୍ତି, ବିଜୁଳି ମାରିଲେ ହିଁ ଲାଇନ୍ କଟାଯାଉଛି। ବାକି ସମୟ ସେପରି ହେଉନଥିବା କହିବା ସହ କ'ଣ ସମସ୍ୟା ହୋଇଛି ବୁଝୁଛି ବୋଲି କହିଛନ୍ତି।

## ଅଜିତ ବାରିକ ହେଲେ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ



**ପଟ୍ଟାମୁଣ୍ଡାଇ, ୧୬।୫ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭାବେ ହରିହର ଦଳାଇ ଦକ୍ଷତାର ସହ କାର୍ଯ୍ୟକରି ଶିକ୍ଷା ବ୍ୟବସ୍ଥାରେ ଉନ୍ନତି ଆଣିଥିଲେ। ସମ୍ପ୍ରତି ରାଜ୍ୟ ସରକାର ତାଙ୍କ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଭାବେ ବଦଳି କରିଛନ୍ତି। ତାଙ୍କ ସ୍ଥାନରେ ଆନନ୍ଦପୁର ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ନୂତନ ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ ଭାବେ ବିଦାୟୀ ବ୍ଲକ ଶିକ୍ଷାଧିକାରୀ ହରିହର ଦଳାଇଙ୍କ ଠାରୁ ଦାୟିତ୍ୱ ଗ୍ରହଣ କରିଛନ୍ତି । ନୂତନ ବ୍ଲକ ଶିକ୍ଷାଧିକାରୀ ଅଜିତ ବାରିକ ପୂର୍ବରୁ ଦୀର୍ଘ ୬ବର୍ଷ ଧରି ରାଜନଗର ବ୍ଲକ ବିଆରସିସି ଭାବେ ଦକ୍ଷତାର କାର୍ଯ୍ୟ କରିଛନ୍ତି। ଏହି ଉପଲକ୍ଷେ ଆଜି ପଟ୍ଟାମୁଣ୍ଡାଇ ବ୍ଲକ ଶିକ୍ଷାଧିକାରୀ କାର୍ଯ୍ୟାଳୟ ଠାରେ ନୂତନ ବିଇଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିବା ପାଇଁ ଏକ ଉତ୍ସବ ଆୟୋଜନ କରାଯାଇଥିଲା। ଏହି ଉତ୍ସବରେ ପଟ୍ଟାମୁଣ୍ଡାଇ ବ୍ଲକ ବିଆରସିସି ପ୍ରେମବାଳା ମହାପାତ୍ର, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସୁନିତୀ ଦାଶ, ରାଜ୍ୟ ଶିକ୍ଷକ ସଂଘ ନେତା ସିଆରସିସି ମଳୟ ଜେନା, ସିଆରସିସି ସଂଘମିତ୍ରା ନାୟକ, ରଞ୍ଜନ ସାହୁ, ଅରବିନ୍ଦ ବଳ, ପ୍ରଦୀପ ତରାଇ, ଓ ଲକ୍ଷ୍ମଣ ସେଠୀ, ମୁଖ୍ୟକିରାଣୀ ହିମାଂଶୁ ବେହୁରା, ଏମଆଇଏସ ଆମ୍ରପଲ୍ଲୀ ସାହୁ ଓ ବିଷ୍ଣୁ ପ୍ରସାଦ ବାରିକ ପ୍ରମୁଖ ଶିକ୍ଷା ବିଭାଗ ଅଧିକାରୀ ଓ କର୍ମଚାରୀ ଯୋଗ ଦେଇ ନୂତନ ବିଇଓ ଶ୍ରୀ ବାରିକଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ ।



## ଶ୍ରାଦ୍ଧ ଦିବସରେ ବିପ୍ଳବୀ ଧରଣୀଧରଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୧୬ା୫(ସଂଚାର ବ୍ୟୁରୋ):** କେନ୍ଦୁଝର ପ୍ରଜାମେଳି ନେତା ବିପ୍ଳବୀ ଧରଣୀଧର ନାଏକ (ଭୂୟାଁ)ଙ୍କ ୮୧ତମ ସ୍ୱର୍ଗାରୋହଣ ଦିବସ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ କେନ୍ଦୁଝର ବିକାଶ ପରିଷଦ ଓ ନିଖିଳ ଭାରତ ଭୂୟାଁ ସାଂସ୍କୃତିକ ସମିତି ମିଳିତ ସହଯୋଗରେ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଅଜୟ କୁମାର ଗମାଙ୍ଗଙ୍କ ସଂଯୋଜନାରେ ଓ ଓଡ଼ିଶା ରାଜ୍ୟ ପ୍ରତ୍ନତତ୍ତ୍ୱ ସଂସ୍ଥାର ଅଧିକ୍ଷକ ଅଶ୍ୱିନୀ କୁମାର ଶତପଥୀଙ୍କ ଅଧ୍ୟକ୍ଷତାରେ ଆଜି ପ୍ରତ୍ୟୁଷରେ ଭୁବନେଶ୍ୱର ଜୟଦେବ ବିହାରସ୍ଥିତ ତାଙ୍କ ପ୍ରତିମୂର୍ତ୍ତିରେ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ପ୍ରଥମେ ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ ବନ୍ଦନା ଗାନ କଲା ପରେ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ପଦ୍ମପୁରର ଯୁବନେତା ଗୋବର୍ଦ୍ଧନ ଭୋଇ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ପୂର୍ବତନ ପୂଜ୍ୟପୂଜା ଅଧିକାରୀ ଲକ୍ଷ୍ମୀଧର ବେହେରା, କେନ୍ଦୁଝର ବିକାଶ ପରିଷଦ ପକ୍ଷରୁ ପ୍ରଫେସର ହାଡ଼ିବନ୍ଧୁ ପଟ୍ଟନାୟକ, ଡମ୍ବରୁଧର ଘଣା, ଆଲୋକ ବେହୁରା, ଭୂୟାଁ ସମାଜ ତରଫରୁ ଧ୍ରୁବ କାଲୋ, ନୀଳମଣି ମାଝୀ, ବିଶିକେଶନ ନାଏକ, ମାନସୀ ନାଏକ, ଉମାମଣି ନାଏକ, ସନ୍ତୋଷ ନାଏକ, ନିରେଖା ଗୁରୁ, ମମତା ରାଉତ, ମମିତା ନାଏକ, ଜଗଦିଶ ନାଏକ, ନବୀନ ଚନ୍ଦ୍ର ଗୁରୁ, ହରେକୃଷ୍ଣ ମାଝୀ ପ୍ରମୁଖ ମାଲ୍ୟାର୍ପଣ କରିଥିଲେ। ଏହି ଅବସରରେ ବକ୍ତାମାନେ କେନ୍ଦୁଝର ପ୍ରଜା ଆନ୍ଦୋଳନ ଓ ସେଥିରେ ବିପ୍ଳବୀ ଧରଣୀଧରଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରଜାମାନଙ୍କୁ ବେଠି, ବେକାରୀ ଓ ରାଜ ଅତ୍ୟାଚାରରୁ ମୁକ୍ତି ପାଇଁ ଧରଣୀଧରଙ୍କ ସଂଗ୍ରାମ ସବୁ ସମୟରେ ଯୁବପିଢ଼ିକୁ ମାର୍ଗଦର୍ଶନ ଦେବ ବୋଲି ମତ ଦେଇଥିଲେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବିପ୍ଳବୀ ଧରଣୀଧରଙ୍କ ଜନ୍ମପୀଠ କୁସୁମିତାର ବିକାଶ ସହ ତାଙ୍କ ସ୍ମୃତିରକ୍ଷା ପାଇଁ ବ୍ୟାପକ ବ୍ୟବସ୍ଥା ପାଇଁ ପ୍ରତିଶ୍ରୁତି ଦେଇଥିବାରୁ ତାଙ୍କ ପ୍ରତି କୃତଜ୍ଞତା ଜ୍ଞାପନ କରାଯାଇଥିଲା। ପରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ବ୍ୟକ୍ତିମାନଙ୍କୁ ସମ୍ମାନିତ କରାଯାଇଥିଲା। ଉପସ୍ଥିତ ବ୍ୟକ୍ତିବିଶେଷ ବିଧାନସଭା ସମ୍ମୁଖସ୍ଥ ବିପ୍ଳବୀ ଧରଣୀଧରଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ଏକ ପ୍ରତିନିଧି ଦଳ ବିପ୍ଳବୀ ଧରଣୀଧରଙ୍କ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମରେ ଯୋଗ ଦେବା ସକାଶେ ଆଳି ଗସ୍ତ କରିଛନ୍ତି।

## ରେଳ ଷ୍ଟେସନରେ ଯବାନଙ୍କ ରହସ୍ୟମୟ ମୃତ୍ୟୁ

**ରାଉରକେଲା,୧୬ା୫(ସଂଚାର ବ୍ୟୁରୋ):** ଓଡ଼ିଶାର ସୁନ୍ଦରଗଡ଼ ଜିଲ୍ଲା ଅନ୍ତର୍ଗତ ରାଉରକେଲା ରେଳ ଷ୍ଟେସନରେ ଜଣେ ବିଏସଏଫ ଯବାନଙ୍କର ରହସ୍ୟମୟ ମୃତ୍ୟୁ ଘଟିଛି। ମୃତ ଯବାନଙ୍କ ନାମ ସଞ୍ଜୟ ଦାସ (୩୯), ଯିଏ ଆସାମର ବାସିନ୍ଦା ଥିଲେ। ସେ ଛତିଶଗଡ଼ ବିଏସଏଫ କ୍ୟାମ୍ପରେ କାର୍ଯ୍ୟରତ ଥିଲେ। ରିପୋର୍ଟ ଅନୁଯାୟୀ, ସଞ୍ଜୟ କିଛି ଦିନ ପୂର୍ବେ ଆସାମରେ ନିଜ ଘରକୁ ଯାଇଥିଲେ। ସେଠାରେ ଛୁଟି କାଟିବା ପରେ ସେ ଗୀତାଞ୍ଜଳି ଏକ୍ସପ୍ରେସରେ ଛତିଶଗଡ଼ସ୍ଥିତ ନିଜ ବେସ୍ କ୍ୟାମ୍ପକୁ ଫେରୁଥିଲେ। ରେଳ ସୁରକ୍ଷା ବଳ (ଆରପିଏଫ) କର୍ମଚାରୀମାନେ ଗୁରୁବାର ରାତି ପ୍ରାୟ ୧୦ଟା ସମୟରେ ଟ୍ରେନଟି ଚକ୍ରଧରପୁର ରେଳ ଷ୍ଟେସନରେ ପହଞ୍ଚିବା ପରେ ତାଙ୍କୁ ଅଚେତ ଅବସ୍ଥାରେ ଦେଖିଥିଲେ। ସେମାନେ ତୁରନ୍ତ ରାଉରକେଲା ସରକାରୀ ରେଳ ପୁଲିସ (ଜିଆରପି)କୁ ଖବର ଦେଇଥିଲେ। ରାତି ପ୍ରାୟ ୧୧.୩୦ ସମୟରେ ଟ୍ରେନଟି ରାଉରକେଲା ପହଞ୍ଚିବା ପରେ ଜିଆରପି କର୍ମଚାରୀମାନେ ତାଙ୍କୁ ରେଳ ଡାକ୍ତରଙ୍କ ନିକଟକୁ ନେଇଥିଲେ, ଯିଏ ତାଙ୍କୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ପୋଷ୍ଟମର୍ଟମ ପରେ ବିଏସଏଫକୁ ହସ୍ତାନ୍ତର କରାଯାଇଛି।

### ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟରେ ଅତ୍ୟାଧୁନିକ ସଭାଗୃହ ଉଦ୍‌ଘାଟିତ

# ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ସହ ଚାଷୀଙ୍କ ଦକ୍ଷତା ବଢ଼ିବ: ଧର୍ମେନ୍ଦ୍ର

- ସାଢ଼େ ୧୦ କୋଟି ବିନିଯୋଗରେ ନିର୍ମାଣ ହୋଇଛି
- କ୍ୟାମ୍ପସର ଭିତ୍ତିଭୂମି ବିକାଶ ପାଇଁ ଅତିରିକ୍ତ ୮୦ କୋଟି ଅନୁଦାନ
- ଓୟୁଏଟି, ଚିପିଲିମା 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ମଧ୍ୟରେ ସେତୁ



**ସମ୍ବଲପୁର,୧୬ା୫(ସଂଚାର ବ୍ୟୁରୋ):** ସମ୍ବଲପୁରସ୍ଥିତ ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟରେ ଅତ୍ୟାଧୁନିକ ସଭାଗୃହ ଉଦ୍‌ଘାଟିତ ହୋଇଥିବା ବେଳେ ଏହା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀଙ୍କ ଦକ୍ଷତା ବୃଦ୍ଧିରେ ସହାୟକ ହେବ ବୋଲି ଆଶା କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଏହି ଅଡିଟୋରିୟମ୍‌ର ଉଦ୍‌ଘାଟନ ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଓୟୁଏଟିର ଏହି ଚିପିଲିମା ଓୟୁଏଟି କ୍ୟାମ୍ପସ ହୀରା ସଦୃଶ ନୂଆ ନୂଆ ମେଧାବୀ ଛାତ୍ରୀଛାତ୍ରୀଙ୍କୁ ତିଆରି କରେ। ଏହି କ୍ୟାମ୍ପସର ଭିତ୍ତିଭୂମିକୁ ଆହୁରି ଅଧିକ ମଜବୁତ କରିବା ପାଇଁ ରାଜ୍ୟ ସରକାର ଅତିରିକ୍ତ ୮୦ କୋଟି ଟଙ୍କା ଅନୁଦାନର ବ୍ୟବସ୍ଥା କରିଛନ୍ତି। ଏହି ଅର୍ଥ ହଷ୍ଟେଲ, ଏକାଡେମିକ ଓ ପ୍ରଶାସନିକ ବ୍ଲକ ସହ ଛାତ୍ରଛାତ୍ରୀଙ୍କୁ ସୁବିଧା ହେବା ଭଳି ବିଭିନ୍ନ ଭିତ୍ତିଭୂମିର ବିକାଶ ଦିଗରେ ଖର୍ଚ୍ଚ କରାଯିବ। ଏହାଛଡ଼ା ଆଜି ପ୍ରାୟ ସାଢ଼େ ୧୦ କୋଟି ଟଙ୍କା ବ୍ୟୟରେ ତିଆରି ହୋଇଥିବା ଅଡିଟୋରିୟମ ଲୋକାର୍ପିତ ହୋଇଥିବା ବେଳେ ଏହା ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ ସହ ସମ୍ବଲପୁର ସମେତ ଆଖପାଖ ଜିଲ୍ଲାର ଚାଷୀଙ୍କ ଦକ୍ଷତା ବୃଦ୍ଧିରେ ମଧ୍ୟ ସହାୟକ ହେବ। ଓୟୁଏଟି, ଚିପିଲିମା 'ବିକଶିତ ଓଡ଼ିଶା' ଓ 'ବିକଶିତ ଭାରତ' ମଧ୍ୟରେ ସେତୁବନ୍ଧ ସଦୃଶ କାର୍ଯ୍ୟ କରିବ ବୋଲି କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି। ଆଜିର ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି ଯେ ସମ୍ବଲପୁର କୃଷି ଆଞ୍ଚଳିକ ଅର୍ଥନୀତିର ମେରୁଦଣ୍ଡ। କୃଷି ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ। ଚାଷ ଓ ଚାଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସରକାରଙ୍କ ପ୍ରାଥମିକତା। ଆଗାମୀ ଦିନରେ ସମ୍ବଲପୁର କୃଷି ମହାବିଦ୍ୟାଳୟରେ ଚାଷରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ନୂଆ ପାଠ୍ୟକ୍ରମ ପ୍ରସ୍ତୁତି ପାଇଁ ଯୋଜନା ହେବ। ଚାଷୀମାନଙ୍କୁ ପ୍ରଶିକ୍ଷଣ, ଧାନ ଓ ଅନ୍ୟାନ୍ୟ ଫସଲ ଉତ୍ପାଦନ ବଢ଼ାଇବା, ଫସଲର କ୍ଷୟକ୍ଷତିକୁ ହ୍ରାସ କରିବା ତଥା ସମ୍ବଲପୁର ଜିଲ୍ଲାରେ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ଼ କରିବା ସକାଶେ ସରକାର ଯୋଜନା କରିବେ। ଏଠାରେ କୃଷିର ବିଭିନ୍ନ କ୍ଷେତ୍ରରେ ନୂଆ ବିଭାଗ ଖୋଲିବା ପାଇଁ ମଧ୍ୟ ଉଦ୍ୟମ ହେବ। ଡବଲ ଇଞ୍ଜିନ ସରକାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦରେ ଚାଷୀମାନଙ୍କୁ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କା ଦିଆଯାଉଛି। ସେହିପରି ଖରିଫ ଋତୁରେ ପ୍ରାୟ ୭୦ ଲକ୍ଷ କ୍ୱିଣ୍ଟାଲ ଧାନ ରାଜ୍ୟ ସରକାର ଖରିଦ୍ କରିଛନ୍ତି। ରବି ଋତୁରେ ମଧ୍ୟ ଧାନ ସଂଗ୍ରହ ଆରମ୍ଭ ହୋଇସାରିଛି। ପୂର୍ବରୁ କୌଣସି ସରକାର ଚାଷୀଙ୍କ ସମସ୍ୟା ପ୍ରତି ସମ୍ବେଦନଶୀଳ ନଥିଲେ। ଡବଲ ଇଞ୍ଜିନ ସରକାରରେ ଏଠାରେ ଧାନ ମଣ୍ଡିକୁ ସୁବ୍ୟବସ୍ଥିତ କରାଯାଇଛି। କେନ୍ଦ୍ର ସରକାରଙ୍କ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏଠାରେ ଓମଫେଡରୁ କେବଳ କ୍ଷୀର ନୁହେଁ, ବରଂ କ୍ଷୀର ପାଉଡର ଓ ଚକୋଲେଟ ଭଳି ସାମଗ୍ରୀ ପ୍ରସ୍ତୁତ କରାଯିବ। କୁଚିଣ୍ଡାର ଲଙ୍କା, ସମ୍ବଲପୁରର ଧାନ, ଡାଲିଜାତୀୟ ଦ୍ରବ୍ୟ, ପନିପରିବା ଓ ଦୁଗ୍ଧ ଏବଂ ପଶୁପାଳନ ଚାଷର ଯେଉଁ ସମ୍ଭାବନା ଅଛି, ସେହି ସମ୍ଭାବନାର ଉପଯୋଗ ପାଇଁ ପ୍ରୟାସ ହେବ। ଆମ ଅଞ୍ଚଳରୁ ସ୍ଥାନୀୟ ଫସଲକୁ ବିଶ୍ୱ ବିଭିନ୍ନ ସ୍ଥାନକୁ ପଠାଇବା ପାଇଁ ଯୋଜନା ଉପରେ ଶ୍ରୀ ପ୍ରଧାନ ଆଲୋକପାତ କରିଛନ୍ତି। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଓ ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାରାୟଣ ନାୟକ ମଧ୍ୟ ଉପସ୍ଥିତ ଥିଲେ।

### ମିଶନ ଶକ୍ତି 'ସିନ୍ଦୂର ଯାତ୍ରା'ରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

# ସିନ୍ଦୂର ସେନାର ସାହସ ଓ ନାରୀ ସମ୍ମାନର ଅଭିନବ ସମାହାର



**ଭୁବନେଶ୍ୱର,୧୬ା୫(ସଂଚାର ବ୍ୟୁରୋ):** 'ଅପରେସନ ସିନ୍ଦୂର'ର ସଫଳତା ପାଳନ ଅବସରରେ ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନଠାରେ ଆୟୋଜିତ 'ସିନ୍ଦୂର ଯାତ୍ରା'ରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ 'ଅପରେସନ ସିନ୍ଦୂର' କେବଳ ଏକ ନାମ ନୁହେଁ, ଏହା ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏକ ଅଭିନବ ସମାହାର ବୋଲି କହିବା ସହ ବୀର ଯବାନମାନଙ୍କୁ ଏହି ପଦଯାତ୍ରା ମାଧ୍ୟମରେ ସ୍ମରଣ କରୁଛୁ ବୋଲି କହିଛନ୍ତି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ବିଭାଗ ପକ୍ଷରୁ ମୁଖ୍ୟତଃ ମହିଳାଙ୍କୁ ନେଇ ଆୟୋଜିତ ଏହି ପଦଯାତ୍ରା ମାଷ୍ଟରକ୍ୟାଣ୍ଟିନ ରୋଡ୍‌ଠାରୁ ଆରମ୍ଭ ହୋଇ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ଏହି ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା ଯୋଗ ଦେଇଥିବା ବେଳେ ଭାରତୀୟ ନୌସେନାର ସର୍ଜେଣ୍ଟ୍ ଲେଫ୍ଟେନାଣ୍ଟ୍ କମାଣ୍ଡର ଅନନ୍ୟା ଦଳବେହେରା ଓ ପହଲଗାମ୍‌ଠାରେ ଆତଙ୍କୀଙ୍କ ଗୁଳିର ଶିକାର ହୋଇଥିବା ପ୍ରଶାନ୍ତ ଶତପଥୀଙ୍କ ଧର୍ମପତ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଉପସ୍ଥିତ ରହି ଏହି ପଦଯାତ୍ରାରେ ଭାଗ ନେଇଥିଲେ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଭାରତୀୟ ନାରୀଟିଏ ମଥାରେ ସିନ୍ଦୂର ପିନ୍ଧିବା ସମୟରେ ଏହା ସଂକଳ୍ପ ନେଇଥାଏ ଯେ ସେ ନିଜ ସ୍ୱାମୀ ଓ ପରିବାର ପାଇଁ ସମସ୍ତ ବାଧାବିଘ୍ନକୁ ସହି ଏକ ସୁଦୃଢ଼ କବଚ ଭାବେ ସୁରକ୍ଷା ଦେବ। ସିନ୍ଦୂରର ରଙ୍ଗ ନାଲି। ଏହି ନାଲି ରଙ୍ଗ ବିଜୟର ପ୍ରତୀକ ଏବଂ ବିପଦର ମଧ୍ୟ ପ୍ରତୀକ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏହି ସିନ୍ଦୂରର ନାଲି ରଙ୍ଗକୁ ଶତ୍ରୁମାନଙ୍କ ପାଇଁ ବିପଦ ଓ ଭାରତବାସୀଙ୍କ ପାଇଁ ବିଜୟର ସଙ୍କେତ ଦେଇ ଏହି ମିଶନର ନାଁ 'ଅପରେସନ୍ ସିନ୍ଦୂର' ରଖିଛନ୍ତି। ଆଜିର ଯାତ୍ରା ମାତୃଭୂମି ପ୍ରତି ଆମର ସମର୍ପଣ, ସାହସ ଓ ଶକ୍ତିର ନିଦର୍ଶନ ବୋଲି ସେ କହିଥିଲେ। କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା, ନର୍ଲା ବିଧାୟିକା ମନୋରମା ମହାନ୍ତି, ହିନ୍ଦୋଳ ବିଧାୟିକା ସୀମା ନାୟକ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଉନ୍ନୟନ କମିଶନର ଅନୁ ଗର୍ଗ, ମିଶନ୍ ଶକ୍ତି କମିଶନର ତଥା ଶାସନ ସଚିବ ଶାଳିନୀ ପଣ୍ଡିତ, ମିଶନ ଶକ୍ତି ନିର୍ଦ୍ଦେଶିକା ମୋନିକା ପ୍ରିୟଦର୍ଶିନୀ, ସମାଜସେବୀ ପିଙ୍କି ପ୍ରଧାନ ଉପସ୍ଥିତ ଥିଲେ।

## ପୁରୀରେ ବୀଭତ୍ସ ହତ୍ୟାକାଣ୍ଡ, ଜଣେ ଗିରଫ

**ପୁରୀ,୧୬ା୫(ସଂଚାର ବ୍ୟୁରୋ):** ବାସେଳି ସାହି ଥାନା ଅଧୀନ ମଶାଣି ଚଣ୍ଡୀ ଛକ ରାସ୍ତାରେ ଘଟିଛି ବୀଭତ୍ସ ହତ୍ୟା । ମଶାଣି ଚଣ୍ଡୀ କମିଟି ସମ୍ପାଦକ ୪୫ ବର୍ଷୀୟ କୁନା ବେହେରାଙ୍କୁ ଲଙ୍କାଗୁଣ୍ଡ ମାଡ଼କରି ଅତି ବୀଭତ୍ସ ଭାବେ ହାଣି ହତ୍ୟା କରାଯାଇଛି। ଗୁରୁବାର ରାତିରେ ଏହି ନାରକୀୟ କାଣ୍ଡ ଘଟିଛି । ହତ୍ୟା ପରେ ଅଭିଯୁକ୍ତ ଥାନାକୁ ଯାଇ ଆତ୍ମସମର୍ପଣ କରିଛି ।ଶୁକ୍ରବାର ସକାଳେ ମୃତଦେହ ଜବତ କରିଛି ପୋଲିସ। ଅଟକ ଅଭିଯୁକ୍ତ ସେହି ଅଞ୍ଚଳର ଲିପୁନ ଭୋଇ ବୋଲି ପୋଲିସ କହିଛି । ସୂଚନାଥାଉକି, ମା' ମଶାଣି ଚଣ୍ଡୀ ପୀଠ କମିଟି ସମ୍ପାଦକ ଭାବେ କାର୍ଯ୍ୟ ତୁଲାଇଥିଲେ କୁନା । ପୀଠ ନିକଟ ବେହେରା ସାହିରେ ତାଙ୍କ ଘର ଥିବାବେଳେ ସେ ଏକାକୀ ରହୁଥିଲେ । ପତ୍ନୀ ତାଙ୍କ ପିଲାମାନଙ୍କୁ ନେଇ ବାପଘରେ ରହୁଥିଲେ। ଦୁଇ ଦିନ ତଳେ ମଶାଣି ଚଣ୍ଡୀ ପୀଠରୁ ଲିପୁନର ବାପା ବିଷ୍ଣୁ ଭୋଇ ପଇଡ଼ ଚୋରି କରୁଥିଲା। ତାକୁ ଧରିଥିଲେ କୁନା । ବିଷ୍ଣୁକୁ ୨ ଚାପୁଡ଼ା ମାରି ଆଉ ଏମିତି ନକରିବାକୁ ଚେତାବନୀ ଦେଇଥିଲେ। ବିଷ୍ଣୁ ଘରକୁ ଫେରି ପୁଅମାନଙ୍କୁ କହିଥିଲା। ବାପାକୁ ଚାପୁଡ଼ା ମାଡ଼ ଘଟଣାକୁ ଦୁଇ ପୁଅ ବରଦାସ୍ତ କରିପାରିନଥିଲେ। ଲିପୁନ ଓ ତା' ଭାଇ ସିପୁନ ରାତିରେ କୁନାଙ୍କ ଘରକୁ ଯାଇଥିଲେ। ମାଡ଼ର କାରଣ ପଚାରିବା ସହ ସେମାନଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ଲିପୁନକୁ ବି ୨ ଚାପୁଡ଼ା ମାରିଥିଲେ କୁନା। ତେବେ ଏଥିରେ ଉତକ୍ଷିପ୍ତ ହୋଇ ତାଙ୍କୁ ଲଙ୍କାଗୁଣ୍ଡ ମାଡ଼କରି ହାଣି ପକାଇଥିଲେ। ଏକାଧିକ ଚୋଟ ବାଜିବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ଫଳରେ କୁନାଙ୍କର ଘଟଣାସ୍ଥଳରେ ହିଁ ମୃତ୍ୟୁ ହୋଇଯାଇଥିଲା । ଲିପୁନ ଥାନାରେ ପହଞ୍ଚି ହତ୍ୟାକାଣ୍ଡ ସମ୍ପର୍କରେ କହିଥିଲା। ପାଚେରି ଡେଇଁ ଯିବାଆସିବା କରିବା ସମୟରେ ସେ ମଧ୍ୟ ଆହତ ହୋଇଥିଲା। ପୁଲିସ ତା'ର ଚିକିତ୍ସା ବ୍ୟବସ୍ଥା କରାଇବା ସହ ଅଟକ ରଖିଛି। ତା' ବାପା ମଧ୍ୟ ଥାନାରେ ଅଟକ ଥିବା ଜଣାପଡ଼ିଛି। ଏହି ବୀଭତ୍ସ ହତ୍ୟାକାଣ୍ଡରେ ଆଉ କାହାର ସମ୍ପୃକ୍ତି ରହିଛି, ତା'ର ଛାନଭିନ କରୁଛି ପୁଲିସ। ସାଇଣ୍ଟିଫିକ ଟିମ୍ ସହ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ସେହିପରି ପୁଲିସ୍ ସେଠାରୁ ୩ଟି ଚାପଡ଼ ମଧ୍ୟ ଜବତ କରିଛି। ବ୍ୟବଚ୍ଛେଦସେକାଶେ ମୃତଦେହକୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିବା ଜଣାପଡ଼ିଛି।

## ରାଜ୍ୟସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ



**ଭୁବନେଶ୍ୱର,୧୬ା୫(ସଂଚାର ବ୍ୟୁରୋ):** ଜାତୀୟ ଡେଙ୍ଗୁ ଦିବସ ଅବସରରେ ଆଜି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ସମ୍ମିଳନୀ କକ୍ଷରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ରାଜ୍ୟସ୍ତରୀୟ ଡେଙ୍ଗୁ ଦିବସ ପାଳିତ ହୋଇଛି। ଏହି ଅବସରରେ ଆୟୋଜିତ କର୍ମଶାଳାରେ ଡା. ପ୍ରଭାକର ସାହୁ, ଏଡି (ଭିବିଡି), ରାଜ୍ୟରେ ସାମ୍ପ୍ରତିକ ଡେଙ୍ଗୁ ରୋଗର ସ୍ଥିତି ଏବଂ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲ୍ଲା ତଥା ତୃଣମୂଳ ସ୍ତରରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ବିଶଦ ସୂଚନା ଦେଇଥିଲେ। ସେହିପରି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ନୀଳକଣ୍ଠ ମିଶ୍ର ଜନସାଧାରଣଙ୍କୁ ସଚେତନ କରିବାକୁ ଯାଇ କହିଛନ୍ତି ଯେ ଡେଙ୍ଗୁ ଏଡିସ୍ ମଶା ଦ୍ୱାରା ବ୍ୟାପିଥାଏ ଯାହା ମଣିଷ ଦେହରେ ଏକ ଗୁରୁତର ଜନସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିଥାଏ। ବିଭିନ୍ନ ସରକାରୀ ବିଭାଗ ଓ ସାମାଜିକ ସଂଗଠନର ମିଳିତ ଉଦ୍ୟମ ଦ୍ୱାରା ଡେଙ୍ଗୁ ରୋଗର ବାହକ ଏଡିସ ମଶା ବଂଶ ବୃଦ୍ଧି ସ୍ଥଳ ସଫା କରିବା ସହ ରୋଗ ସଂକ୍ରମଣ ହ୍ରାସ କରାଯାଉଛି। ଡେଙ୍ଗୁ ରୋଗର କାରଣ ଓ ନିରାକରଣ ସମ୍ବନ୍ଧୀୟ ସୂଚନାର ଅଧିକ ପ୍ରଚାର ପ୍ରସାର ପାଇଁ ସବୁ ସ୍ତରରେ ସଚେତନତା ସୁନିଶ୍ଚିତ କରିବାକୁ ପଡିବ ବୋଲି ଡା. ମିଶ୍ର କହିଥିଲେ। ସେହିପରି ଅତିରିକ୍ତ ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ପ୍ରମିଳା ବରାଳ ସହରାଞ୍ଚଳରେ ଡେଙ୍ଗୁ ପ୍ରତିରୋଧ ଓ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ କରିବା ସହ ଏହି ରୋଗ ନିୟନ୍ତ୍ରଣରେ ସହରାଞ୍ଚଳ ନିରୀକ୍ଷଣ ୟୁନିଟର ଭୂମିକା ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଡିଏମଇଟି ଡା. ବ୍ରଜକିଶୋର ଦାଶ ଗୁରୁତର ଡେଙ୍ଗୁ ରୋଗୀଙ୍କ କ୍ଲିନିକାଲ୍ ତଦାରଖରେ ମେଡିକାଲ୍ କଲେଜଗୁଡ଼ିକର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗର ଆଞ୍ଚଳିକ କାର୍ଯ୍ୟାଳୟର ବରିଷ୍ଠ ଆଞ୍ଚଳିକ ନିର୍ଦ୍ଦେଶକ ଡା. ସୁଚିତ୍ରା ସାସମଲ ଓ ଆଞ୍ଚଳିକ ନିର୍ଦ୍ଦେଶକ ଡା. ନିଲମ ସୋମଲକର କେନ୍ଦ୍ର ସରକାରଙ୍କ ପକ୍ଷରୁ ଡେଙ୍ଗୁ ରୋଗ ସମ୍ପର୍କରେ ପ୍ରଦାନ କରାଯାଇଥିବା ପରାମର୍ଶ ଓ ମାର୍ଗଦର୍ଶିକା ପାଳନ ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ୱତନ୍ତ୍ର ଶାସନ ସଚିବ (ଜନସ୍ୱାସ୍ଥ୍ୟ) ଡା. ଜିତେନ୍ଦ୍ର ମୋହନ ବେବର୍ତ୍ତା ଏହି ସଂକ୍ରମଣପ୍ରବଣ ରୋଗ ପ୍ରତିରୋଧରେ ସାମୁଦାୟିକ ଅଂଶଗ୍ରହଣର ଗୁରୁତ୍ୱ ଉପରେ ଜୋର୍ ଦେଇଥିଲେ। ଭିବିଡିର ଯୁଗ୍ମ ନିର୍ଦ୍ଦେଶକ ଶୁଭାଶିଷ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ପଛୁଆବର୍ଗଙ୍କୁ ସଂରକ୍ଷଣ ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ



**ଭୁବନେଶ୍ୱର,୧୬ା୫(ସଂଚାର ବ୍ୟୁରୋ):** ଆଜି ରାଜ୍ୟ ଅତିଥି ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଶହ ଶହ ସଂଖ୍ୟାରେ ଅନ୍ୟାନ୍ୟ ପଛୁଆବର୍ଗ ମୋର୍ଚ୍ଚାର କର୍ମକର୍ତ୍ତା, ସଦସ୍ୟ ଓ ବିଭିନ୍ନ ଜାତି ସଂଗଠନର ସଦସ୍ୟ ଭେଟି ଶିକ୍ଷା କ୍ଷେତ୍ରରେ ଏସ୍‌ଇବିସି ବର୍ଗ ପାଇଁ ୧୧.୨୫ ପ୍ରତିଶତ ସ୍ଥାନ ସଂରକ୍ଷଣ କରିଥିବାରୁ ଧନ୍ୟବାଦ ଓ କୃତଜ୍ଞତା ପ୍ରକାଶ କରିଥିଲେ। ସୂଚନାଯୋଗ୍ୟ ଯେ ଗତ ୧୪ ତାରିଖରେ ଏହି ସଂରକ୍ଷଣ ବ୍ୟବସ୍ଥାକୁ ରାଜ୍ୟ କ୍ୟାବିନେଟ ମଞ୍ଜୁରୀ ଦେଇଛନ୍ତି। ଏହା ଚଳିତ ଶିକ୍ଷାବର୍ଷ ୨୦୨୫-୨୬ରୁ ରାଜ୍ୟର ସମସ୍ତ ସରକାରୀ ବିଶ୍ୱବିଦ୍ୟାଳୟ, ସରକାରୀ ଓ ଅନୁଦାନପ୍ରାପ୍ତ ଉଚ୍ଚ ଶିକ୍ଷାନୁଷ୍ଠାନମାନଙ୍କରେ ଲାଗୁ ହେବ।

ଏହି ଐତିହାସିକ ନିଷ୍ପତ୍ତି ଦ୍ୱାରା ଏସ୍‌ଇବିସି ବର୍ଗର ଛାତ୍ରଛାତ୍ରୀଙ୍କର ଶିକ୍ଷାକ୍ଷେତ୍ରରେ ସାମାଜିକ ନ୍ୟାୟ ପାଇଁ ଯେଉଁ ଦୀର୍ଘଦିନର ଅପେକ୍ଷା ଥିଲା, ତା'ର ଅନ୍ତ ଘଟିଛି। ଆଜି ବିଜେପି ଓବିସି ମୋର୍ଚ୍ଚାର ରାଜ୍ୟ ସଭାପତି ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଖୋର୍ଦ୍ଧା, କଟକ, ଜଗତସିଂହପୁର, ଯାଜପୁର, କେନ୍ଦ୍ରାପଡ଼ା, ପୁରୀ, ନୟାଗଡ଼, ଗଞ୍ଜାମ, କନ୍ଧମାଳ ଓ ଢେଙ୍କାନାଳ ଜିଲ୍ଲାରୁ ଓବିସି ମୋର୍ଚ୍ଚାର କର୍ମକର୍ତ୍ତା ଓ ସଦସ୍ୟଙ୍କ ସହ ଓବିସି ଛାତ୍ର ସଂଗଠନର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କୁ ଭେଟି କୃତଜ୍ଞତା ପ୍ରକାଶ କରିବା ସହ ଧନ୍ୟବାଦ ଦେଇଛନ୍ତି। ସେହିପରି ବିଭିନ୍ନ ଜାତି ସଂଗଠନ କଳିଙ୍ଗ ପାଇକ ସଂଗଠନ, ଉତ୍କଳ ବିକାଶ ପରିଷଦ, ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି, ଉତ୍କଳ ଯାଦବ ମହାସଭା, ନିଖିଳ ଉତ୍କଳ ଶୁଣ୍ଢି ସମାଜ, ନିଖିଳ ଉତ୍କଳ ବାରିକ ମହାସଂଘ, ଗଞ୍ଜାମ କାଳଞ୍ଜି ଖଣ୍ଡାୟତ ସମାଜ, ପଛୁଆ ବର୍ଗ ଜନସାମ୍ମୁଖ୍ୟ, ତୈଳିକ ବୈଶ୍ୟ ମହାସଂଘର ସଦସ୍ୟମାନେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଜଣାଇଛନ୍ତି।

## ଶିଶୁର ଅକ୍ସିଜେନ ଖୋଲି ଫୋପାଡ଼ି ଦେଲେ ନର୍ସ

**ବାରିପଦା, ୧୬ା୫ (ସଂଚାର ବ୍ୟୁରୋ):** ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜରେ ଚିକିତ୍ସାରେ ଅବହେଳାକୁ ନେଇ ଉତ୍ତେଜନା। ବାରିପଦା ଭୁଗୁଡ଼ାକଟା ଅଞ୍ଚଳର ଜଣେ ଦମ୍ପତି ୫ ବର୍ଷର ଶିଶୁ ନିଃଶ୍ୱାସ ନେବାରେ ଅସୁବିଧା ହୋଇ ଅସୁସ୍ଥ ହେବାରୁ ତାଙ୍କୁ ମେଡିକାଲରେ ଭର୍ତ୍ତି କରିଥିଲେ। ଶିଶୁଟି ଚିକିତ୍ସିତ ହେଉଥିବା ବେଳେ କାର୍ଯ୍ୟରତ ନର୍ସମାନେ ଭଲରେ ଚିକିତ୍ସା ଦେବା ପରିବର୍ତ୍ତେ ପରିବାର ସଦସ୍ୟଙ୍କୁ ଦୁର୍ବ୍ୟବହାର କରିଥିଲେ । ଦମ୍ପତି ଅଭିଯୋଗ କରିବାରୁ ନର୍ସ ଓ ଦମ୍ପତିଙ୍କ ମଧରେ ଯୁକ୍ତିତର୍କ ହୋଇଥିଲା ଏପରିକି ଅସୁସ୍ଥ ଶିଶୁର ଅକ୍ସିଜେନ ଖୋଲି ଫୋପାଡି ଦେବା ଭଳି ମଧ ଅଭିଯୋଗ ହୋଇଛି ।

# ଇ-ଡେସ୍‌ପାଚ୍ ସ୍ଥିତି ସୁଧୁରୁନି

**ଭୁବନେଶ୍ୱର,୧୬ା୫:** ହାତଗଣତି କେତୋଟି ବିଭାଗକୁ ବାଦ୍ ଦେଲେ ସରକାରଙ୍କର ଅନ୍ୟ ବିଭାଗଗୁଡିକ ଇ-ଡେସ୍‌ପାଚରେ ସେମାନଙ୍କ ଚିଠି ନିୟମିତ ଭାବେ ଅପଲୋଡ କରୁନାହାନ୍ତି । ରାଜ୍ୟ ଜନସଂଖ୍ୟା ଠାରୁ ଅଧିକ ଲୋକ ଇ-ଡେସପାଚ୍ ଖୋଲୁଥିଲେ ମଧ୍ୟ ସ୍ଥିତିରେ କୌଣସି ସୁଧାର ଆସୁନାହିଁ ।

ସରକାର ଦର୍ଶାଉଛନ୍ତି ଯେ ୨୦୧୧ରୁ ବର୍ତ୍ତମାନ ସୁଦ୍ଧା ୪.୭୨ କୋଟି ଲୋକ ଇ-ଡେସପାଚ୍ ଦେଖି ସାରିଲେଣି । ହେଲେ ଉଚ୍ଚଶିକ୍ଷା, ଗୃହ, ଆଇନ୍, ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ଏବଂ ଜଳସମ୍ପଦ ଭଳି ହାତଗଣତି କେତୋଟି ବିଭାଗକୁ ବାଦ୍‌ଦେଲେ ଅନ୍ୟ ବିଭାଗଗୁଡିକ ଏଥିରେ ନିୟମିତ ଭାବେ ବିଭାଗର ଚିଠି ଅପଲୋଡ କରୁନାହାନ୍ତି । ଫଳରେ ପୂର୍ବଭଳି ଲୋକେ ଆଉ ଇ-ଡେସପାଚ୍ ପ୍ରତି ଆଗ୍ରହ ପ୍ରକାଶ କରୁନାହାନ୍ତି କି ସରକାରଙ୍କ ତଥ୍ୟ ସଂକ୍ରାନ୍ତରେ ଅବଗତ ହେଉନାହାନ୍ତି।

ସାଧାରଣ ଲୋକେ ଯେଭଳି ସରକାରଙ୍କର ଦୈନନ୍ଦିନ କାର୍ଯ୍ୟ ସଂକ୍ରାନ୍ତରେ ଅବଗତ ହୋଇପାରିବେ ସେଥିପାଇଁ ଆଇଟି ବିଭାଗ ସହାୟତାରେ ଇ-ଡେସପାଚ୍ ତିଆରି ହୋଇଥିଲା। ଏଥିରେ ସରକାରୀ ଚିଠି ଅଲୋଡ୍ କରିବାପାଇଁ ବିଭାଗର କର୍ମଚାରୀମାନଙ୍କୁ ପର୍ଯ୍ୟାୟକ୍ରମେ ବ୍ୟାପକ ଅର୍ଥ ବ୍ୟୟରେ ତାଲିମ ପ୍ରଦାନ କରାଯାଇଥିଲା । ପରବର୍ତ୍ତୀ ସମୟରେ ସମସ୍ତ ଚିଠି ତାଲିକାରୁ ଗୋପନୀୟ ଚିଠିକୁ ବାଦ୍ ଦିଆଯାଇଥିଲା । ହେଲେ ଧିରେ ଧିରେ ଅଧିକାଂଶ ବିଭାଗ ଏହାକୁ ଆଳକରି ଆଉ ଚିଠି ଅପଲୋଡ୍ କଲେ ନାହିଁ କି ସରକାର ମଧ୍ୟ ଏ ସଂକ୍ରାନ୍ତରେ ସେମାନଙ୍କୁ ତାଗିଦା କଲେନାହିଁ ।

ରାଜ୍ୟରେ ନୂଆ ସରକାର ଆସିବାପରେ ମଧ୍ୟ ଏହି ଧାରା ବଳବତ୍ତର ରହିଛି । ଅଫିସରମାନେ ପୂର୍ବଭଳି ଚିଠି ଅପଲୋଡ କରିବାକୁ ଅମଙ୍ଗ । ଖୋଦ ରାଜ୍ୟପାଳଙ୍କ ସଚିବାଳୟ ଗତବର୍ଷ ମାର୍ଚ୍ଚ ୧୮ ତାରିଖରେ ଶେଷ ଚିଠି ଅପଲୋଡ କରିଥିଲା। ସେହିଭଳି କୃଷି ବିଭାଗ ଗତବର୍ଷ ଅକ୍ଟୋବର ମାସରେ ଶେଷ ଚିଠି ପକାଇଥିବାବେଳେ ସମବାୟ ବିଭାଗ ଗତବର୍ଷ ଫେବୃୟାରୀ ମାସରେ, ଶକ୍ତି ବିଭାଗ ଗତବର୍ଷ ଅଗଷ୍ଟ ମାସରେ, ଅବକାରୀ ବିଭାଗ ୨୦୧୮ ମସିହାରେ ଡିସେମ୍ବରରେ, ପଶୁ ସମ୍ପଦ ନିର୍ଦ୍ଦେଶାଳୟ ୨୦୧୮ ଡିସେମ୍ବରରେ, ଜଙ୍ଗଲ ଓ ପରିବେଶ ବିଭାଗ ୨୦୨୩ ମାର୍ଚ୍ଚ ମାସରେ, ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ୨୦୨୨ ଅଗଷ୍ଟ ମାସରେ ଶେଷଥର ପାଇଁ ଇ-ଡେସପାଚ୍‌ରେ ଚିଠି ଅପଲୋଡ କରିଥିଲେ । ଏହି ତାଲିକାରେ ଅନେକ ବିଭାଗ ରହିଛନ୍ତି।

ତେବେ ଖୋଦ ସୂଚନା ଓ ପ୍ରଯୁକ୍ତି ବିଦ୍ୟା ବିଭାଗର ଗୋଟିଏ ହେଲେ ଚିଠି ଇ-ଡେସ୍‌ପାଚ୍‌ରେ ମିଳୁନଥିବାବେଳେ ଲୋକସେବାଭବନରେ ଥିବା ଆଇଟି ସେଲ୍‌ର ବି ସମାନ ଅବସ୍ଥା । ଶିଳ୍ପ ବିଭାଗ, ମିଶନ ଶକ୍ତି ବିଭାଗର ବି ଇ-ଡେସପାଚ୍‌ରେ ଗୋଟିଏ ହେଲେ ଚିଠି ନାହିଁ । ଇ-ଡେସ୍‌ପାଚର ସଫଳତା ପାଇଁ ଜାତୀୟ ସ୍ତରରେ ପୁରସ୍କୃତ ହେବା ସହିତ ଅନ୍ୟ ରାଜ୍ୟକୁ ଏହି ସଫ୍ଟୱେର ବିକ୍ରି କରିଥିବା ଓଡିଶାରେ ଆଜି ଏହି ବ୍ୟବସ୍ଥାଟି ଏକପ୍ରକାର ଅଚଳ । ନୂଆ ସରକାର ଆସିବାପରେ ଇ-ଡେସ୍‌ପାଚ ସ୍ଥିତିରେ ସୁଧାର ଆସିବ ବୋଲି ଅନେକ ଆଶା କରିଥିବାବେଳେ ତାହା ବି ମଉଳି ଗଲାଣି । (ତଥ୍ୟ)

## ଗଛକୁ ପିଟିଲା କାର୍: ୩ ମୃତ, ତିନି ଗୁରୁତର

**କୋରାପୁଟ,୧୬ା୫(ସଂଚାର ବ୍ୟୁରୋ):** କୋରାପୁଟ ଜିଲ୍ଲା ବୈପାରୀଗୁଡା ଥାନା ଅନ୍ତର୍ଗତ ୩୨୬ ନମ୍ବର ଜାତୀୟ ରାଜପଥ ଗୌଡ଼ଗୁଡା ଛକରେ ଆଜି ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଥିବା ବେଳେ ଏଥିରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୩ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ଏକ କାର୍ ଭାରସାମ୍ୟ ହରାଇ ଗଛକୁ ଧକ୍କା ଦେବା ଫଳରେ ଏପରି ଅଘଟଣ ଘଟିଛି। ଆହତମାନଙ୍କୁ ନିକଟସ୍ଥ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନାନୁସାରେ, ନୟାଗଡ଼ର ଏକ ପରିବାରର ୬ ଜଣ ସଦସ୍ୟ କାର୍ ଯୋଗେ ମାଲକାନଗିରି ଯାଉଥିବା ସମୟରେ ୩୨୬ ନମ୍ବର ଜାତୀୟ ରାଜପଥ ଗୌଡ଼ଗୁଡ଼ା ଛକରେ ଅଚାନକ ଭାରସାମ୍ୟ ହରାଇ କାରଟି ରାସ୍ତାକଡ଼ରେ ଥିବା ଏକ ଗଛ ସହ ପିଟି ହୋଇଯାଇଥିଲା। ଫଳରେ ଘଟଣାସ୍ଥଳରେ ୩ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ଆଉ ୩ ଜଣ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ଜଣଙ୍କୁ କୋରାପୁଟସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଥିବା ବେଳେ ଅନ୍ୟ ୨ ଜଣ ବୈପାରୀଗୁଡା ଗୋଷ୍ଠୀସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସାଧୀନ ଅଛନ୍ତି। ମୃତକଙ୍କ ମଧ୍ୟରେ ୨ ଜଣ ମହିଳା ଅଛନ୍ତି। ଖବର ପାଇ ସ୍ଥାନୀୟ ପୁଲିସ ଘଟଣାସ୍ଥଳରେ ପହଞ୍ଚିବା ସହ ଦୁର୍ଘଟଣାଗ୍ରସ୍ତ ଗାଡ଼ିକୁ ଜବତ କରି ଘଟଣାର ତଦନ୍ତ ଆରମ୍ଭ କରିଛି। ତେବେ ମୃତାହତଙ୍କ ପରିଚୟ ମିଳିପାରିନାହିଁ।

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR ସଂଚାର

୪ ଶନିବାର ୧୭ ମେ ୨୦୨୫, ଭୁବନେଶ୍ୱର
Saturday 17 May 2025, Bhubaneswar

# ଭାରତକୁ ବେଲୁଚ ସମର୍ଥନ

ଆଫଗାନିସ୍ତାନ ସୀମାକୁ ଲାଗିଥିବା ପାକିସ୍ତାନର ବେଲୁଚିସ୍ତାନରେ ଏବେ ବିଦ୍ରୋହର ନିଆଁ ଜଳୁଛି। ପାକିସ୍ତାନରୁ ଅଲଗା ହୋଇ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇଁ ବେଲୁଚିସ୍ତାନବାସୀ ଦାବି କରି ଆସୁଛନ୍ତି। ପାକିସ୍ତାନ ବଳ ପ୍ରୟୋଗକରି ଏହାକୁ ବହୁ ବର୍ଷ ହେବ ଚାପି ରଖିଛନ୍ତି। ଏବେ ଏହା ବିସ୍ଫୋରକ ରୂପ ନେଇଛି। ବେଲୁଚିସ୍ତାନକୁ କ୍ରମାଗତ ଅବହେଳା ହିଁ ଏହାର ମୁଖ୍ୟ କାରଣ। ବେଲୁଚିସ୍ତାନର ବିଦ୍ରୋହୀମାନେ ଏବେ ପାକ ସେନା ବିରୋଧରେ ସଶସ୍ତ୍ର ସଂଗ୍ରାମ ଆରମ୍ଭ କରିଛନ୍ତି। କିଛି ଦିନ ତଳେ ବିଦ୍ରୋହୀମାନେ ଏକ ଟ୍ରେନ ଅପହରଣ କରି ନେଇଥିଲେ। ଏଥିରେ ଅନେକ ମୃତାହତ ହୋଇଥିଲେ। ଏବେ ପାକ ସେନା ପକ୍ଷରୁ ଖାଇବରପାଖତୁନଖ୍ୱାରେ ତାଲିବାନଙ୍କ ଅଡ୍ଡା ଉପରେ ଡ୍ରୋନ ସାହାଯ୍ୟରେ ଆକ୍ରମଣ କରାଯାଉଛି। ଏହି ଅଞ୍ଚଳ ଏବେ ଏକ ପ୍ରକାର ଆତଙ୍କୀ ଅଞ୍ଚଳ ଭାବେ ପରିଚିତ ହୋଇଛି। ପଡ଼ୋଶୀ ଆଫଗାନିସ୍ତାନର ତାଲିବାନ ସରକାର ବିଦ୍ରୋହୀଙ୍କୁ ସମର୍ଥନ ଏବଂ ସହାୟତା ପ୍ରଦାନ କରୁଛନ୍ତି। ପାକିସ୍ତାନ ଅନ୍ୟ ବିରୋଧରେ ଯେଉଁ ଅସ୍ତ୍ର ପ୍ରୟୋଗ କରୁଥିଲା, ଏବେ ସେହି ଅସ୍ତ୍ର ବୁମେରାଂ ହୋଇ ପାକିସ୍ତାନକୁ ଫେରିଛି। ଏହାକୁ ନେଇ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ବିବାଦ ଉଗ୍ର ରୂପ ନେଇଛି। ଏପରିକି ଉଭୟ ଦେଶର ସୀମାରେ ଦୁଇ ଦେଶର ସେନା ମୁହାଁମୁହିଁ ହୋଇଛନ୍ତି ଏବଂ ଉଭୟ ପକ୍ଷର କିଛି ମୃତାହତ ହୋଇଛନ୍ତି। ସାମରିକ ଦୃଷ୍ଟିରୁ ଆଫଗାନିସ୍ତାନ ତୁଳନାରେ ପାକିସ୍ତାନ ଅଧିକ ଶକ୍ତିଶାଳୀ। ସମ୍ମୁଖ ଯୁଦ୍ଧରେ ଆଫଗାନିସ୍ତାନ ଜିତିବା ଅସମ୍ଭବ। ପାକିସ୍ତାନ ନିକଟରେ ଶକ୍ତିଶାଳୀ ଲଢ଼ୁଆ ବିମାନ, ଟ୍ୟାଙ୍କ ଏବଂ ଅତ୍ୟାଧୁନିକ ଅସ୍ତ୍ରଶସ୍ତ୍ର ରହିଛି। ଭାରତ ବିରୋଧରେ ପାକିସ୍ତାନ ଏହାକୁ ପ୍ରସ୍ତୁତ କରି ରଖିଛି। ପୂର୍ବରୁ ପାକିସ୍ତାନ ଅଧିକାଂଶ ଅସ୍ତ୍ରଶସ୍ତ୍ର ଆମେରିକାରୁ କ୍ରୟ କରୁଥିଲା। କିଛି ବର୍ଷ ହେଲେ ରୁଷ ମଧ୍ୟ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରିଥିଲା। ଏବେ ଚୀନ ପାକିସ୍ତାନକୁ ସାମରିକ ସହାୟତା ପ୍ରଦାନ କରୁଛି। କାରଣ ଚୀନ ଏହାର ମୁଖ୍ୟ ପ୍ରତିଦ୍ୱନ୍ଦ୍ୱୀ ଭାରତ ବିରୋଧରେ ପାକିସ୍ତାନକୁ ଶକ୍ତିଶାଳୀ କରିବାକୁ ଚାହୁଁଛି। ଚୀନ ସିଧାସଳଖ ଭାରତକୁ ଆକ୍ରମଣ ନକରି ପାକିସ୍ତାନ ମାଧ୍ୟମରେ ଭାରତକୁ ଦୁର୍ବଳ କରିବାକୁ ଚାହୁଁଛି। ଏଥିଲାଗି ପାକିସ୍ତାନକୁ ଚୀନ ଅଯାଚିତ ସାହାଯ୍ୟ କରୁଛି। ଏବେ ପାକିସ୍ତାନ ଏହାକୁ ଆଫଗାନିସ୍ତାନ ବିରୋଧରେ ପ୍ରୟୋଗ କରୁଛି। ଆଫଗାନିସ୍ତାନ ପାକିସ୍ତାନ ସହ ସମ୍ମୁଖ ଯୁଦ୍ଧ ନକରି ଛାୟା ଯୁଦ୍ଧ କରୁଛି। ପାକିସ୍ତାନର ପାଖତୁନଖ୍ୱା ପ୍ରଦେଶରେ ତାଲିବାନୀ ମାନେ ନରସଂହାର ଚଳାଉଛନ୍ତି। ଏହାର ପ୍ରତିଶୋଧ ନେବାକୁ ପାକିସ୍ତାନ ଏୟାର ଷ୍ଟ୍ରାଇକ କରିଥିଲା। ଆଫଗାନିସ୍ତାନରେ ତାଲିବାନକୁ କ୍ଷମତା ଅକ୍ତିଆର କରିବାରେ ପାକିସ୍ତାନ ହିଁ ସହାୟତା କରିଥିଲା। ତତ୍କାଳୀନ ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାନ ଖୋଲାଖୋଲି ଭାବେ ତାଲିବାନକୁ ସହାୟତା ଏବଂ ସମର୍ଥନ କରିଥିଲେ। ଏପରିକି ପାକ ସେନା ଆଫଗାନିସ୍ତାନ ଯାଇ ସେଠାରେ ତାଲିବାନୀଙ୍କ ସହାୟତା ଏବଂ ସହଯୋଗ କରିଥିଲେ। ପୂର୍ବରୁ ପାକିସ୍ତାନରେ ଅଲକାଏଦା ମୁଖ୍ୟ ଓସାମା ବିନ ଲାଦେନ ଲୁଚି ରହିଥିଲା। ଆମେରିକା ସେନା ତାକୁ ଖୋଜିଖୋଜି ହତ୍ୟା କରିଥିଲେ। ପାକିସ୍ତାନର ଆତଙ୍କବାଦ ପ୍ରୀତି ବିଶ୍ୱରେ ସମସ୍ତେ ଜାଣନ୍ତି। ଏବେ ଏହା ପାକିସ୍ତାନ ବିରୋଧରେ ଉଦ୍ଧୁସ୍ତର ପାଲଟିଛି। ଆଫଗାନିସ୍ତାନରେ କାରଜାଇଙ୍କ ନେତୃତ୍ୱରେ ଗଣତାନ୍ତ୍ରିକ ସରକାର ଚାଲିଥିବା ବେଳେ ଭାରତ ସହ ଏହାର ସମ୍ପର୍କ ମଧୁର ଥିଲା। ଆଫଗାନିସ୍ତାନର ବିକାଶ ନିମନ୍ତେ ଭାରତ ସହାୟତା ପ୍ରଦାନ କରୁଥିଲା। କିନ୍ତୁ ତାଲିବାନ କ୍ଷମତାକୁ ଆସିବା ପରେ ଭାରତ ଓ ଆଫଗାନିସ୍ତାନ ମଧ୍ୟରେ କୂଟନୈତିକ ସମ୍ପର୍କ ବିଚ୍ଛିନ୍ନ ହୋଇଥିଲା। ଭାରତ ମଧ୍ୟ ଆଫଗାନିସ୍ତାନକୁ ସମସ୍ତ ପ୍ରକାର ସହାୟତା ବନ୍ଦ କରି ଦେଇଥିଲା। ଏବେ ପୁନର୍ବାର ଆଫଗାନିସ୍ତାନ ଧିରେ ଧିରେ ଭାରତ ଆଡ଼କୁ ଢଳିବା ଆରମ୍ଭ କରିଛି। ମୁମ୍ବାଇରେ ଆଫଗାନିସ୍ତାନର ଜଣେ ପ୍ରତିନିଧି ଅସ୍ଥାୟିତ ହୋଇଛନ୍ତି। ଆଫଗାନିସ୍ତାନ ପାଇଁ ଭାରତର ମହତ୍ତ୍ୱକୁ ତାଲିବାନ ଭଲଭାବେ ବୁଝିଛି। ଭାରତ ସହ ଆଫଗାନିସ୍ତାନର କୌଣସି ବିବାଦ ନାହିଁ ବରଂ ପାକିସ୍ତାନ ବିରୋଧରେ ଆଫଗାନିସ୍ତାନକୁ ଭାରତ ସହାୟତା କରିବାକୁ ପ୍ରସ୍ତୁତ। ଏବେ ପାକିସ୍ତାନ ଓ ଆଫଗାନିସ୍ତାନ ମଧ୍ୟରେ ସୀମା ବିବାଦକୁ ନେଇ ଉତ୍ତେଜନା ଏବଂ ଲଢ଼େଇ ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। କାବୁଲ ସହ ଉତ୍ତମ ସମ୍ପର୍କ ସ୍ଥାପନ କରି ଭାରତ ଏକ ନୂତନ ବନ୍ଧୁ ସୃଷ୍ଟି କରିବା ଉଚିତ। ଭାରତର ଅତ୍ୟନ୍ତ ପଡ଼ୋଶୀ ବାଂଲାଦେଶରେ ସରକାର ପରିବର୍ତ୍ତନ ପରେ ନୂଆ ସରକାର ଭାରତ ବିରୋଧୀ ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଏଭଳି ପରିସ୍ଥିତିରେ ପାକିସ୍ତାନ ସହ କୂଟନୈତିକ ଏବଂ ସାମରିକ ସ୍ତରରେ ଲଢ଼ିବା ପାଇଁ ଆଫଗାନିସ୍ତାନ ସହ ବନ୍ଧୁତାର ନିହାତି ଆବଶ୍ୟକତା ରହିଛି। ସୁଯୋଗକୁ ହାତ ଛଡ଼ା କରିବା ଅନୁଚିତ। ଏହି ସୁଯୋଗରେ କାଶ୍ମୀର ପ୍ରସଙ୍ଗରେ ଭାରତ ଜଣେ ସମର୍ଥକ ପାଇପାରିବ ଏବଂ ପାକିସ୍ତାନକୁ ଦୁର୍ବଳ କରିପାରିବ। ପାକିସ୍ତାନ ଭାରତ ପରିବର୍ତ୍ତେ ଆଫଗାନିସ୍ତାନର ମୁକାବିଲା ଉପରେ ଅଧିକ ମନୋନିବେଶ କରିବ। କାଶ୍ମୀରରେ ପାକିସ୍ତାନ ଯେଉଁ ଅସ୍ତ୍ର ପ୍ରୟୋଗ କରିଥିଲା ଏବେ ସେହି ଅସ୍ତ୍ର ପାକିସ୍ତାନ ବିରୋଧରେ ପ୍ରୟୋଗ କରିବାର ସମୟ ଆସିଛି। ପାକିସ୍ତାନର ଏକ ରାଜ୍ୟ ବେଲୁଚିସ୍ତାନର ବିଦ୍ରୋହୀମାନେ ସ୍ୱତନ୍ତ୍ର ବେଲୁଚିସ୍ତାନ ରାଷ୍ଟ୍ର ଗଠନ ଘୋଷଣା କରିଛନ୍ତି। ବେଲୁଚ ବିଦ୍ରୋହୀ ସଙ୍ଗଠନର ନେତା ମୀର ୟାର ବାଲୋଚ ଏଥିପାଇଁ ଭାରତୀୟ ଗଣମାଧ୍ୟମକୁ ଅନୁରୋଧ କରିଛନ୍ତି ଯେ, ସେମାନଙ୍କୁ ପାକିସ୍ତାନୀ ଭାବେ ବିବେଚନା କରନ୍ତୁନାହିଁ। ସେମାନେ ବେଲୁଚିସ୍ତାନୀ। ମୀର ୟାର କହିଛନ୍ତି ଯେ, ୧୯୪୭ ଅଗଷ୍ଟ ୧୧ ତାରିଖରେ ବେଲୁଚିସ୍ତାନ ସ୍ୱାଧୀନ ହୋଇଥିଲା। ପାକିସ୍ତାନ ଏହାକୁ ଜୋରଜବରଦସ୍ତ ମାଡ଼ିବସିଛି। ବେଲୁଚିସ୍ତାନବାସୀଙ୍କୁ ପାକ ସରକାର ଅତ୍ୟାଚାର କରୁଛି। ବୋମାମାଡ଼ ସହ ବେଲୁଚମାନଙ୍କୁ ହତ୍ୟା କରାଯାଉଛି। ଏହାକୁ ଆଉ ବରଦାସ୍ତ କରାଯିବନି। ୭୦ ନିୟୁତ ବେଲୁଚବାସୀ ଏବେ ନିଜ ଭାଗ୍ୟ ନିଜେ ନିର୍ଦ୍ଧାରଣ କରିବେ। ସେମାନେ ମରିଯିବେ ପଛେ ପାକିସ୍ତାନର ବଶତା ସ୍ୱୀକାର କରିବେ ନାହିଁ। ଏକ ସାକ୍ଷାତକାର ଅବସରରେ ମୀର ୟାର କହିଛନ୍ତି ଯେ, ଭାରତ-ପାକିସ୍ତାନ ବିବାଦରେ ସେମାନେ ଭାରତ ପଛରେ ଅଛନ୍ତି ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସମର୍ଥନ କରୁଛନ୍ତି। ପାକିସ୍ତାନ ବିରୋଧରେ ମୋଦିଙ୍କ ଆଗରେ ଚାଲନ୍ତୁ, ୭୦ ନିୟୁତ ବେଲୁଚବାସୀ ତାଙ୍କ ପଛରେ ଅଛନ୍ତି ବୋଲି ମୀର ୟାର କହିଛନ୍ତି। ତାଙ୍କର ଏହି ବୟାନ ଭାରତ ପାଇଁ ଏକ ବଡ଼ କୂଟନୈତିକ ବିଜୟ ଏବଂ ଶକ୍ତି ବୋଲି କୁହାଯାଇପାରିବ। ଗୋଟିଏ ପଟେ ବେଲୁଚ ବିଦ୍ରୋହୀ ଏବଂ ଅନ୍ୟପଟେ ଆଫଗାନିସ୍ତାନ ଏବେ ଭାରତ ସପକ୍ଷରେ। ଉଭୟେ ପାକିସ୍ତାନର ଘୋର ବିରୋଧୀ ଏବଂ ଭାରତ ସପକ୍ଷରେ ମୁହଁ ଖୋଲିଛନ୍ତି। ଭାରତ ଏହାର ପୁରା ଉପଯୋଗ କରିବା ଉଚିତ। ଅପରେସନ ସିନ୍ଦୂର ବେଳେ ବେଲୁଚ ବିଦ୍ରୋହୀମାନେ ମଧ୍ୟ ପାକିସ୍ତାନ ବିରୋଧରେ ସମାନ୍ତରାଳ ଯୁଦ୍ଧ ଜାରି ରଖିଥିଲେ। ସମ୍ଭବତଃ ଏହି ସୁଯୋଗରେ ସେମାନେ ସ୍ୱତନ୍ତ୍ର ରାଷ୍ଟ୍ରଭାବେ ଜନ୍ମ ନେବେ ବୋଲି ଆଶା ରଖିଥିଲେ। ୧୯୭୧ରେ ଠିକ ଏହିପରି ଭାବେ ବାଂଲାଦେଶ ଜନ୍ମ ନେଇଥିଲା। କିନ୍ତୁ ୧୯୭୧ ଏବଂ ୨୦୨୫ ମଧ୍ୟରେ ଆକାଶ ପାତାଳ ପ୍ରଭେଦ। ସେତେବେଳେ ଯାହା ସହଜରେ ସମ୍ଭବ ହେଲା, ଏବେ ତାହା ସମ୍ଭବ ନହୋଇପାରେ। କିନ୍ତୁ ଆଜି ନହେଲେ କାଲି ବେଲୁଚିସ୍ତାନ ନିଶ୍ଚିତ ଭାବେ ଏକ ସ୍ୱତନ୍ତ୍ର ରାଷ୍ଟ୍ରଭାବେ ଜନ୍ମ ନେବ। ଏଥିରେ ଭାରତ ସହାୟତା କରିବା ଉଚିତ। ରାଜନୈତିକ ଏବଂ ଭୌଗଳିକ ଦୃଷ୍ଟିକୋଣରୁ ବେଲୁଚିସ୍ତାନ ଏକ ସ୍ୱତନ୍ତ୍ର ରାଷ୍ଟ୍ରର ମାନ୍ୟତା ପାଇବା ଉଚିତ। ବ୍ରିଟିଶ ଶାସନ କାଳରୁ ବେଲୁଚମାନେ ନିଜର ସ୍ୱତନ୍ତ୍ରତା ଜାହିର କରି ଆସୁଛନ୍ତି। ବେଲୁଚିସ୍ତାନ ବାସୀ ବ୍ରିଟିଶ ଶାସକଙ୍କ ବିରୋଧରେ ସଶସ୍ତ୍ର ବିଦ୍ରୋହ କରି ସେମାନଙ୍କୁ ନାକେଦମ କରିଥିଲେ। ସେମାନେ ପ୍ରତିକୂଳ ପରିସ୍ଥିତିରେ ସଂଘର୍ଷ କରି ନିଜକୁ ବେଶ ସଶକ୍ତ ଏବଂ ଦୁର୍ଦ୍ଧାନ୍ତ ଭାବେ ଗଢ଼ିଛନ୍ତି। ପାକିସ୍ତାନ ବିରୋଧରେ ଲଢ଼ିବାକୁ ହେଲେ ଭାରତକୁ ସେମାନଙ୍କୁ ସହାୟତା କରିବାକୁ ପଡ଼ିବ ଏବଂ ସେମାନେ ବେଶ ସହାୟକ ହେବେ। ଉଭୟ ବେଲୁଚ ଏବଂ ତାଲିବାନଙ୍କ ସହାୟତାରେ ଭାରତ ପାକିସ୍ତାନର ଆତଙ୍କବାଦ ସଙ୍ଗଠନର ବିନାଶ କରିପାରିବ। ଏହା ଭାରତ ପାଇଁ ସୁବର୍ଣ୍ଣ ସୁଯୋଗ ସୃଷ୍ଟି କରିଛି। ନରେନ୍ଦ୍ର ମୋଦି ଏବେ ବେଶ ଚତୁରତାର ସହିତ ସେମାନଙ୍କୁ ଉପଯୋଗ କରିବା କଥା। ସେମାନଙ୍କ ସହ ବନ୍ଧୁତା ଭାରତ ପାଇଁ ବେଶ ମୂଲ୍ୟବାନ ସାବ୍ୟସ୍ତ ହେବ। ଏବେ ଭାରତ ବେଲୁଚ ବିଦ୍ରୋହୀମାନଙ୍କୁ କେବଳ ନୈତିକ ସମର୍ଥନ ନୁହେଁ, ଆର୍ଥିକ ଏବଂ ସାମରିକ ସହାୟତା ପ୍ରଦାନ କରିବା ଉଚିତ। ସ୍ୱାଧୀନ ବେଲୁଚିସ୍ତାନ ରାଷ୍ଟ୍ର ଗଠିତ ହେଲେ ଏହା ଭାରତୀୟ ଉପମହାଦେଶର ଆଉ ଏକ ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ର ହେବ। ଭାରତ-ପାକିସ୍ତାନ ଯୁଦ୍ଧ ବେଳେ ସେମାନେ କ୍ୱେଟା ସହରକୁ ଦଖଲ କରି ବିଭିନ୍ନ ସରକାରୀ କୋଠାରୁ ପାକିସ୍ତାନ ପତାକାକୁ ହଟାଇ ସ୍ୱତନ୍ତ୍ର ବେଲୁଚିସ୍ତାନ ପତାକା ଲଗାଇଥିଲେ। ଯଦି ଭାରତ-ପାକିସ୍ତାନ ଯୁଦ୍ଧ ଅଧିକ ଦିନ ଲାଗିରହିଥାନ୍ତା ତେବେ ହୁଏତ ଏତେ ବେଳକୁ ସ୍ୱତନ୍ତ୍ର ବେଲୁଚିସ୍ତାନ ରାଷ୍ଟ୍ର ଜନ୍ମ ନେଇ ସାରନ୍ତାଣି। ଆଜି ନହେଲେ କାଲି ଏହା ନିଶ୍ଚିତ ଭାବେ ହେବ। ଭାରତ ବ୍ୟତିତ ଆଫଗାନିସ୍ତାନ ପାଇଁ ମଧ୍ୟ ଏହା ଗୁରୁତ୍ୱପୂର୍ଣ୍ଣ ଏବଂ ତାଲିବାନୀମାନେ ମଧ୍ୟ ଏଥିରେ ପୂର୍ଣ୍ଣାଙ୍ଗ ସମର୍ଥନ ଏବଂ ସହଯୋଗ କରିବା ଉଚିତ। ପାକିସ୍ତାନ ବିରୋଧରେ ଭାରତ ତାହାର ନିଜ ଅସ୍ତ୍ର ବ୍ୟବହାର କରିବା ଉଚିତ।

# ସମ୍ବିଧାନରେ ଶାସନର ତ୍ରିବେଣୀ ବ୍ୟବସ୍ଥା



**ଗୋପାଳ ମହାପାତ୍ର**

ପୁଞ୍ଜିବାଦୀ ଗଣତନ୍ତ୍ରରେ ବ୍ୟକ୍ତି-କେନ୍ଦ୍ରୀତ ଦଳ ଆଧାରିତ ନିର୍ବାଚନ ପ୍ରଣାଳୀ ଶାସନକୁ ନିୟନ୍ତ୍ରିତ କରିବାର ମାଧ୍ୟମ ଅଟେ। କିନ୍ତୁ ଶାସନ ଗାଦି ପ୍ରାପ୍ତି ପରେ ନିଜକୁ ସର୍ବଶକ୍ତିମାନ ସମ୍ପନ୍ନ ବୋଲି ଭାବିନେଇ ଶାସନ ଚଳାଇବା ଶାସନ ଉପରେ ଏକାଧିକାର ବାଦକୁ ଜନ୍ମ ଦେଇଥାଏ। ଏବେ ଦେଶର ଜନସାଧାରଣଙ୍କୁ ଏହାର ପରିଣାମ ଭୋଗିବାକୁ ପଡୁଛି। ଏଭଳି ଏକାଧିକାରବାଦୀ ଶାସନର ଏକ ଜ୍ୱଳନ୍ତ ଦୃଷ୍ଟାନ୍ତ ବିଗତ ଦିନରେ ଦେଖିବାକୁ ମିଳିଥିଲା ଯେତେବେଳେ ୱାକଫ ସଂଶୋଧନ ଅଧିନିୟମ-୨୦୨୫ର ବୈଧତାକୁ ନେଇ ସୁପ୍ରିମ କୋର୍ଟରେ ଚାଲେଞ୍ଜ କରାଯାଇଥିଲା ଓ ସୁପ୍ରିମ୍ କୋର୍ଟ ଏହାର ଆଂଶିକ ସ୍ଥଗନ ଆଦେଶ ଦେଇଥିଲେ। ସୁପ୍ରିମ୍ କୋର୍ଟଙ୍କ ଆଦେଶ ପରେ ଶାସକ ଦଳର ସାମ୍ବିଧାନିକ ପଦାଧିକାରୀ ସୁପ୍ରିମକୋର୍ଟଙ୍କ ସାମ୍ବିଧାନିକ ସୀମା ବାବଦରେ ଜ୍ଞାନ ଦେବାରେ ଲାଗିଲେ। ଏହା ପୂର୍ବରୁ ତତ୍କାଳୀନ ସୁପ୍ରିମକୋର୍ଟଙ୍କ ପ୍ରଧାନ ବିଚାରପତିଙ୍କ ଅଧ୍ୟକ୍ଷତାରେ ଗଠିତ ପାଞ୍ଚ ଜଣିଆ ଖଣ୍ଡପୀଠ ରାମମନ୍ଦିର ବାବରି ମସଜିଦ୍ ମାମଲାର ରାୟ ଶୁଣାଇବା ପୂର୍ବରୁ ସୁପ୍ରିମ କୋର୍ଟ ପରିସରରେ ପ୍ରଧାନମନ୍ତ୍ରୀଙ୍କ ସହ ବିଚାରପତି ମାନଙ୍କର ଭେଟ/ଆଲୋଚନା ମଧ୍ୟ ହୋଇଥିଲା। ଏଣୁ ଏଥିରୁ ସ୍ପଷ୍ଟ ଯେ ସାମ୍ବିଧାନିକ କ୍ଷେତ୍ରର ଉପରେ ସ୍ୱେଚ୍ଛାଚାରିତାର ଭୂମିକା ଅଧିକ।

ଦୁଇଟି କଥାର ଚର୍ଚ୍ଚା ଏଠାରେ କରାଯିବାର ଆବଶ୍ୟକତା ରହିଛି। ପ୍ରଥମତଃ କାର୍ଯ୍ୟପାଳିକା, ବିଧାୟିକା ଏବଂ ନ୍ୟାୟପାଳିକା ନିଜ ନିଜ କ୍ଷେତ୍ରରେ ସ୍ୱତନ୍ତ୍ର। ଏମାନଙ୍କୁ ସମ୍ବିଧାନର ପ୍ରଦତ୍ତ ଅଧିକାର କ୍ଷେତ୍ର ମଧ୍ୟରେ ରହି କାର୍ଯ୍ୟକରିବା ପାଇଁ ସ୍ୱତନ୍ତ୍ରତା ମିଳିଛି। ବିଧାୟିକା ଏବଂ କାର୍ଯ୍ୟପାଳିକାକୁ ଅନୁଛେଦ ୧୦୭ ଅନୁସାରେ ମିଳିମିଶି ନିୟମ-କାନୁନ ପ୍ରଣୟନ କରିବାର ଅଧିକାର ମିଳିଛି। କିନ୍ତୁ ଏହି ଆଇନ ଯଦି ଭେଦଭାବ କରେ ନିରଙ୍କୁଶ ହୁଏ ଅଥବା ସାମ୍ବିଧାନିକ ଅଧିକାର ଉପରେ କୁପ୍ରଭାବ ପକାଇଥାଏ ତେବେ ଏହି ଆଇନ ବୈଧ ନୁହେଁ। ଏହାର ବୈଧତା- ଅବୈଧତା ଅଥବା ସମ୍ବିଧାନ ସମ୍ମତ କି ନୁହେଁ ସେ ବାବଦରେ ନ୍ୟାୟପାଳିକା ନିର୍ଣ୍ଣୟ କରିଥାଏ। ଅନୁଛେଦ ୧୪୧ ଓ ୧୪୨ରେ ନ୍ୟାୟପାଳିକାକୁ ଦିଆଯାଇଥିବା ଅଧିକାର ତଥା ନ୍ୟାୟିକ ସମୀକ୍ଷାର ଅଧିକାର ଅସୀମିତ ଅଟେ। ଦ୍ୱୀତୀୟତଃ ସମ୍ବିଧାନରେ ଆଇନ ପ୍ରଣୟନ ପାଇଁ ଯେତେ ବିଶୟ ରହିଛି ସେ ବିଶୟ ଉପରେ ପ୍ରଣୟନ କରାଯାଇଥିବା ଆଇନ ସମ୍ବିଧାନ ସମ୍ମତ କି ନୁହେଁ ଅଥବା ଭେଦଭାବପୁର୍ଣ୍ଣ ଏହାର ଆକଳନ ଏବଂ ମୂଲ୍ୟାଙ୍କନ କରିବା ପାଇଁ କ'ଣ ଆଧାର ରହିଛି ଏହା ଉପରେ ନ୍ୟାୟପାଳିକା ବିଚାର କରିଥାଏ। ଦେଖିବାକୁ ଗଲେ, ଆଇନରେ ଦେଶର ନାଗରିକଙ୍କ ଆଶା, ନାଗରିକଙ୍କ ଆବଶ୍ୟକତା କେମିତି ପରିଲକ୍ଷିତ କରାଯାଇଛି, କେମିତି ଅଭିବ୍ୟକ୍ତ କରାଯାଇଛି ତାକୁ ଆଧାର କରି ନ୍ୟାୟପାଳିକା ଆଇନର ଆକଳନ କରିଥାନ୍ତି ବା ଅନ୍ୟ ଅର୍ଥରେ ସଂପୃକ୍ତ ଆଇନ୍‌ର ସମୀକ୍ଷା କରିଥାନ୍ତି। ଗଣତନ୍ତ୍ରର ୩ଟି ସ୍ତମ୍ଭ କଥା ଅଧିକତର ଭାବେ କୁହାଯାଏ। ସେ ସବୁ ହେଉଛି ବିଧାୟିକା, କାର୍ଯ୍ୟପାଳିକା ଓ ନ୍ୟାୟାପାଳିକା। ବିଧାୟିକା, କାର୍ଯ୍ୟପାଳିକା ଏବଂ ନ୍ୟାୟପାଳିକା ଏକ ପ୍ରକାରର ତ୍ରୀବେଣୀ ବା ତିନି ମୁଖ୍ୟାଧାରା ଯିଏ ଜନତାଙ୍କ ଆକାଂକ୍ଷାର ପ୍ରତୀକ ଅଟନ୍ତି। କାର୍ଯ୍ୟପାଳିକାରେ ପୁର୍ଣ୍ଣତଃ ସାମ୍ବିଧାନିକ ପ୍ରାଧିକାରୀ ଯଥା- ସିଏଜି, ମହାଧିବକ୍ତା, ନିର୍ବାଚନ କମିଶନ ସହିତ ତମାମ ପ୍ରଶାସନିକ ବ୍ୟବସ୍ଥା ରହିଛି। ନ୍ୟାୟପାଳିକାରେ ପ୍ରାଧାନବିଚାରପତି, ସୁପ୍ରିମକୋର୍ଟର ଅନ୍ୟ ବିଚାରପତିମାନେ, ହାଇକୋର୍ଟର ମୁଖ୍ୟ ବିଚାରପତି ଓ ଅନ୍ୟ ବିଚାରପତି ଏବଂ ନିମ୍ନ ଅଦାଲତର ବିଚାରପତିମାନେ ସାମିଲ। ବିଧାୟିକା ପୁର୍ଣ୍ଣତଃ ସାଂସଦ, ବିଧାୟକ ଅଟନ୍ତି। ଏମାନଙ୍କ ଜିତିବା ପଛରେ ରହିଛି ସାଧାରଣ ଜନତା, କୃଷକ, ଶ୍ରମିକ ଏବଂ ଅନ୍ୟବର୍ଗଙ୍କ ଭୋଟ। ଏସବୁ ପରେ ସେମାନଙ୍କ ଆକାଂକ୍ଷା ଓ ଆଶା ରହିଛି। ଏହା ହେଉଛି ସମ୍ବିଧାନର ଆତ୍ମା।

ସମ୍ବିଧାନର ଏହି ଆତ୍ମାକୁ ପରିଲକ୍ଷିତ କରି ସମ୍ବିଧାନରେ ମୂଳ ଅଧିକାର ତଥା ରାଜ୍ୟ ମାନଙ୍କୁ ନୀତିରେ ନିର୍ଦ୍ଦେଶକ ତତ୍ୱ ଭାବରେ ସୂଚୀବଦ୍ଧ କରାଯାଇଛି। ମୂଳ ଅଧିକାର ବ୍ୟକ୍ତିଗତ ବିଷୟ ସହ ଯୋଡ଼ି ହୋଇଛି, ସେହିପରି ରାଜ୍ୟ ମାନଙ୍କୁ ସାମୁହିକ, ସାମୁଦାୟିକ, ବିଭିନ୍ନ ବର୍ଗର ସାମାଜିକ, ଆର୍ଥୀକ ଓ ରାଜନୈତିକ ଆବଶ୍ୟକତାକୁ ପୁରଣ କରିବାର ଦୟିତ୍ୱ ଦିଆଯାଇଛି। ସମ୍ବିଧାନ ନିର୍ମାତା ମାନେ ଭାରତୀୟ ସମାଜର ବିବିଧତା ବିଷମତାକୁ ପ୍ରତ୍ୟକ୍ଷ ଭାବେ ଦେଖିଛନ୍ତି ଏଣୁ ସେସବୁ କଥାକୁ ଆବଶ୍ୟକତାକୁ ରେଖାଙ୍କିତ କରାଯାଇଛି ଏବଂ କାର୍ଯ୍ୟାପାଳିକା, ବିଧାୟିକାର କୌଣସି ବି ବ୍ୟତିକ୍ରମ ଅଥବା ଜନ ଆକାଂକ୍ଷାର ଅଣଦେଖା କରି ସାମ୍ବିଧାନିକ ମାନଙ୍କର ଅତିକ୍ରମଣ କରାଗଲେ ନ୍ୟାୟପାଳିକାକୁ ସେ ସବୁର ସମୀକ୍ଷା କରିବା ପାଇଁ ଅଧିକାର ଦିଆଯାଇଛି। ଏପରିକି ନ୍ୟାୟପାଳିକାକୁ ବିଧାୟିକା ଏବଂ କାର୍ଯ୍ୟପାଳିକାକୁ ନିର୍ଦ୍ଦେଶ ଦେବାର ଅଧିକାର ସମ୍ବିଧାନ ଦେଇଛି। ତ୍ରୀବେଣୀର ଦୁଇଧାରା କାର୍ଯ୍ୟପାଳିକା ଓ ବିଧାୟିକା ସମ୍ବିଧାନରେ ଉଲ୍ଲିଖିତ ବ୍ୟବସ୍ଥାକୁ ଉଲଂଘନ, ଅତିକ୍ରମଣ କଲେ ନ୍ୟାୟପାଳିକା ହସ୍ତକ୍ଷେପ କରିପାରିବ। ଅନ୍ୟଥା ବ୍ୟକ୍ତି କେନ୍ଦ୍ରୀତ ଗଣତାନ୍ତ୍ରିକ ବ୍ୟବସ୍ଥା ଏକାଧିକାରରେ ପରିବର୍ତ୍ତନ ହେବାର ସମ୍ଭାବନା ରହିଛି।

ରାମଚନ୍ଦ୍ରପୁର, ରଣପୁର
ମୋବାଇଲ୍:୯୪୩୮୪୮୫୦୯୪

# ମାଓ ମୁକ୍ତ ଅଭିଯାନ

**ସୌଭାଗ୍ୟ ରଂଜନ ମହାନ୍ତି(ରାଜା)**



ମାଓବାଦୀଙ୍କ ଦୁର୍ଗ ଭାବେ ପରିଚିତ ଛତିଶଗଡରେ ଘଂଚ ବନାନୀ ବେଷ୍ଟିତ ବିଜାପୁର ଜିଲ୍ଲାର ଇନ୍ଦ୍ରାବତୀ ନ୍ୟାଶନାଲ ପାର୍କରେ ତଲାସୀ ଅଭିଯାନ ସମୟରେ ସୁରକ୍ଷା କର୍ମୀଙ୍କ ସହ ସଂଘର୍ଷରେ ୩୧ଜଣ ନକସଲ୍ ନିହତ ହେବା ନିଶ୍ଚିତ ଭାବେ ରାଜ୍ୟ ପୋଲିସ ପାଇଁ ଏକ ବଡ ଧରଣର ସଫଳତା ବୋଲି କୁହାଯାଇପାରିବ। କିନ୍ତୁ ଦୁଃଖଦ ଘଟଣା ହେଉଛି ମାଓବାଦୀଙ୍କ ଗୁଳିରେ ପାଂଚଜଣ ଯବାନ ସହୀଦ ହୋଇଛନ୍ତି। ଉଲ୍ଲେଖ କରାଯାଇପାରେ ଯେ, ଗତ ୨୦୨୩ ଡିସେମ୍ବରରେ ଛତିଶଗଡରେ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାରଙ୍କ ନେତୃତ୍ୱାଧୀନ ବିଜେପି ସରକାର କ୍ଷମତାସୀନ ହେବା ପରେ ମାଓବାଦୀଙ୍କ ବିରୁଦ୍ଧରେ ଧରପଗଡ ଅଭିଯାନକୁ ଯୋରଦାର କରିଛନ୍ତି। ରାଜ୍ୟ ସରକାରଙ୍କ ରିପୋର୍ଟ ଅନୁଯାୟୀ ସୁରକ୍ଷା କର୍ମୀଙ୍କ ଗୁଳିରେ ୨୮୦ରୁ ଅଧିକ ମାଓବାଦ ନିହତ ହୋଇଥିବାବେଳେ ୧୦୦୦ରୁ ଉର୍ଦ୍ଧ୍ୱ ଗିରଫ କରାଯାଇଛି। ସେହିପରି ଏହି ଅବଧି ମଧ୍ୟରେ ୯୨୫ଜଣ ଆତ୍ମସମର୍ପଣ କରିଛନ୍ତି। କେବଳ ଏତିକି ନୁହେଁ, ଚଳିତ ବର୍ଷ ଦେଢମାସ ବ୍ୟବଧାନରେ ଛତିଶଗଡରେ ଚାରିଟି ବଡ ଧରଣର ସେନା ଅପରେସନ ମାଓବାଦୀଙ୍କ ଦୁର୍ଗ ଛାରଖାର କରିଦେଇଛି। ଗତ ଦେଢ ଦଶନ୍ଧି ତଳେ କ୍ୟାଡର ମାଓବାଦୀଙ୍କ ସଂଖ୍ୟା ୧୦ରୁ ୨୦ହଜାର ଥିବାବେଳେ ୨୦୨୫ ବେଳକୁ ଏହି ସଂଖ୍ୟା ୧୦୦୦ତଳକୁ ଖସି ଆସିଥିବା କୁହାଯାଇଛି। ସେହିପରି ଗତ ୨୪ ବର୍ଷ ମଧ୍ୟରେ ୪୬୧୧ ମାଓବାଦୀ ନିହତ ହୋଇଥିବାବେଳେ ୧୬,୩୯୪ ଜଣଙ୍କୁ ଗିରଫ କରାଯାଇଛି। ଅନ୍ୟପକ୍ଷରେ ସଂଘର୍ଷରେ ମଧ ଏହି ଅବଧି ମଧ୍ୟରେ ୨୦୯୨ ଜଣ ସୁରକ୍ଷା କର୍ମୀ ସହୀଦ ହୋଇଛନ୍ତି। ମାଓବାଦୀ ବସ୍ତର ଅଂଚଳରେ ଏତେ



ହିଂସାମୁଖୀ ହୋଇଥିଲେ ଯେ, କିଛି ବର୍ଷ ଳେ ଆଇଇଡି ବିସ୍ଫୋରଣ ସେନା ଗାଡି ଉଡିଯିବା ସହ ୭୫ଜଣ ଯବାନ ସହୀଦ ହୋଇଥିଲେ। ଆହୁରି ମଧ ମାଓବାଦୀଙ୍କ ନୃଶଂସ ଆକ୍ରମଣରେ କଂଗ୍ରେସର ୨୫ଜଣ ତୁଙ୍ଗ ନେତା ନିହତ ହୋଇଥିଲେ। ଯେଉଁମାନଙ୍କ ମଧ୍ୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ବି.ସି.ଶୁକ୍ଳାଙ୍କ ସମେତ ପ୍ରଦେଶ କଂଗ୍ରେସ କମିଟିର ବହୁ କର୍ମକର୍ତା ଥିଲେ। ଏବେ ଯେଉଁ ମାଓବାଦୀଙ୍କ ବିରୋଧରେ ଅଭିଯାନ ଚାଲିଛି, ସେଥିରେ ରାଜ୍ୟ ପୋଲିସ, ଡିଭିଏଫ, ସୀମା ସୁରକ୍ଷା ବାହିନୀ (ବିଏସଏଫ), କେନ୍ଦ୍ରୀୟ ରିର୍ଜଭ ପୋଲିସ ବାହିନୀ (ସିଆରପିଏଫ), ଭାରତ ତିବତୀୟ ସୀମାନ୍ତ ସୁରକ୍ଷା ବାହିନୀ (ଆଇଟିବିପି) ସାମିଲ ହୋଇଛନ୍ତି। ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମଧ୍ୟରେ ବୃହତ ସମନ୍ୱୟରେ ଛତିଶଗଡରେ ମାଓ ବିରୋଧି ଅଭିଯାନକୁ ଯୋରଦାର କରାଯାଇଛି। ଏହା ସତ୍ୟ ଯେ, ଗତ ପାଂଚ ଦଶନ୍ଧି ଧରି ନକ୍ସଲଙ୍କ କାର୍ଯ୍ୟକଳାପ ଦେଶର ଆଭ୍ୟନ୍ତରୀଣ ନିରାପତା ପ୍ରତି ବଡ ବିପଦ ଭାବେ ଉଭା ହୋଇଛି। କିନ୍ତୁ ଗତ ୧୫ବର୍ଷ ମଧ୍ୟରେ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅଭିଯାନରେ ମାଓଦୁର୍ଗ ଏକ ପ୍ରକାର ଭୁଶୁଡି ପଡିଛି। ଉଲ୍ଲେଖ କରାଯାଇପାରେ ଯେ, ଦେଶର ପ୍ରାୟ ୧୫ଟି ରାଜ୍ୟ ମାଧ ଅଧ୍ୟୁଷିତ ଅଂଚଳ ଭାବେ ପରିଚିତ ଥିଲା। ଛତିଶଗଡ ବ୍ୟତୀତ ଓଡିଶା, ଆନ୍ଧ୍ର, ତେଲେଙ୍ଗାନା, ବିହାର, ଝାଡଖଣ୍ଡ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ରରେ ମାଓବାଦୀ ଏବେ ବି ସକ୍ରୀୟ ଅଛନ୍ତି। ତେବେ ଛତିଶଗଡ, ମହାରାଷ୍ଟ୍ର ବ୍ୟତୀତ ଅନ୍ୟପକ୍ଷରେ କେତେକ ଅଂଚଳରେ ସେମାନଙ୍କ ସ୍ଥିତି ଅତି ନଗଣ୍ୟ ଥିବା କୁହାଯାଏ। ଓଡିଶାର ଛତିଶଗଡ ସୀମାନ୍ତ ସଂଲଗ୍ନ ମାକଲାନାଗିରି, ତେଲେଙ୍ଗାନା ଓ ଆନ୍ଧ୍ରର ଘଂଚ ପାହାଡିଆ ଅଂଚଳରେ ମାଓବାଦୀ ନିଜର ଉପସ୍ଥିତି ସମୟେ ସମୟେ ଜାହିର କରି ଆସୁଛନ୍ତି। ଏହା ନିସନ୍ଦେହ ଯେ, ରାଜ୍ୟରେ ମାଓବାଦୀଙ୍କ କାର୍ଯ୍ୟକଳାପ ହ୍ରାସ ପାଇବାରେ ଲାଗିଛି। ଅବଶ୍ୟ ଓଡିଶା ସରକାରଙ୍କ ଥଇଥାନ ଅଭିଯାନରେ ବହୁ ମାଓବାଦୀ ସଂଗଠନ ଛାଡି ସାମାଜିକ ମହାସ୍ରୋତରେ ସାମିଲ ହୋଇଛନ୍ତି। ଏଥିସହ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ମିଳିତ ଅଭିଯାନରେ ନକ୍ସଲ ଦୁର୍ଗ ଏକ ପ୍ରକାଶ ନିଶ୍ଚିହ୍ନ ହୋଇଯାଇଛି। ଉଲ୍ଲେଖ କରାଯାଇପାରେ ଯେ, ୨୦୦୦ ମସିହା ପୂର୍ବରୁ ଦେଶରେ ୨୨୦ର ଅଧିକ ଜିଲ୍ଲା ମାଓ ଅଧ୍ୟୁଷିତ ଅଂଚଳ ଭାବେ ଚିହ୍ନଟ ହୋଇଥିବାବେଳେ ଏବେ ଏହି ଜିଲ୍ଲା ସଂଖ୍ୟା ୪୦କୁ ଖସି ଆସିଛି। କିନ୍ତୁ ୨୦ଟି ଜିଲ୍ଲାରେ ମାଓ ହିଂସା ଲାଗି ରହିଛି। ଏହା ସତ୍ୟ ଯେ, ଦୁର୍ଗମ ଅଂଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ରାସ୍ତାଘାଟର ବିକାଶ ଯୋଗୁଁ ସାଧାରଣ ଲୋକ ମାଓବାଦୀଙ୍କ ସଂଗଠନ ସହ ସମ୍ପର୍କ ଛିନ୍ନ କରିବା ସଂଗଠନକୁ ଦୁର୍ବଳ କରିଦେଇଛି।

ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨
ମୋବାଇଲ: ୭୯୭୮୬୬୬୪୦୩

# ଚେତନା-ପ୍ରସନ୍ନତା, ଆନନ୍ଦ, ଭଗବତ ପ୍ରାପ୍ତି ଓ ଭଗବାନ



**ଡକ୍ଟର ଅମୂଲ୍ୟ କୁମାର ପଣ୍ଡା**

ଏ ସୃଷ୍ଟିରେ ଭଗବାନ କେବଳ ସାକାର ରୂପ ଧାରଣ କରନ୍ତି ନାହିଁ, ସେ ଅବତାର ନେଇ ମଧ ଏ ସଂସାରରେ ଆବିର୍ଭୂତ ହୁଅନ୍ତି। ଆମେ ସବୁ ଜୀବ ଅନାଦି କାଳରୁ ଏହି ସଂସାରରେ ଜନ୍ମ ଗ୍ରହଣ କରୁଅଛେ, ତେଣୁ ସମ୍ଭବତଃ ଭଗବାନଙ୍କ ପୂର୍ବ ଅବତାର କାଳରେ ଆମ୍ଭେମାନେ ମଧ ମାନବ ଶରୀରରେ ଏହି ପୃଥିବୀରେ ଥିବା ଏବଂ ଭଗବାନଙ୍କୁ ଦେଖିଥିବା। କିନ୍ତୁ ଭଗବାନଙ୍କର ରୂପ ଦିବ୍ୟ ଥିଲା, ଅଥଚ ଆମର ଆଖି ମାୟିକ ଥିଲା। ତେଣୁ ମାୟିକ ଆଖିରେ ତାଙ୍କୁ ଦେଖି ଆମେ ହୁଏତ ତାଙ୍କର ଦିବ୍ୟ ବ୍ୟକ୍ତିତ୍ୱକୁ ଚିହ୍ନି ପାରି ନ ଥିବା। ଭଗବାନଙ୍କର ଦିବ୍ୟ ସ୍ୱରୂପ ଏପରି ଯେ ବ୍ୟକ୍ତି ତା'ର ଆଧାତ୍ମିକ ସ୍ତର ଅନୁସାରେ ହିଁ ତାଙ୍କ ସ୍ୱରୂପର ଦିବ୍ୟତାକୁ ଅନୁଭବ କରିଥାଏ। ଭଗବାନ ଶ୍ରୀକୃଷ୍ଣ ଙ୍କୁ ନେଇ ଆମେ ଆଲୋଚନା ଟିକେ କରିବା। ସତ୍ୱ ଗୁଣୀ ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଭାବନ୍ତି- "ଶ୍ରୀକୃଷ୍ଣ ଜଣେ ଅସାଧାରଣ ବ୍ୟକ୍ତି ଆଉ ସେ ବହୁତ ସମର୍ଥ ଅଟନ୍ତି, କିନ୍ତୁ ସେ ଭଗବାନ ନୁହନ୍ତି।" ରଜଗୁଣୀ ବ୍ୟକ୍ତିମାନେ ଭଗବାନ ଶ୍ରୀକୃଷ୍ଣଙ୍କୁ ଦେଖି ଭାବନ୍ତି - "ତାଙ୍କଠାରେ ସେପରି କିଛି ବିଶେଷତ୍ୱ ନାହିଁ, ସେ ପୂରାପୁରି ଆମ ପରି ଅଟନ୍ତି।" ତମଗୁଣ ପ୍ରଧାନ ବ୍ୟକ୍ତିମାନେ ତାଙ୍କୁ ଦେଖି ଚିନ୍ତା କରନ୍ତି, "ସେ ଜଣେ ଅହଂକାରୀ ରାଜା , ନାରୀ ଆସକ୍ତି ବ୍ୟକ୍ତି , ଆମଠାରୁ ମଧ ଖରାପ ଶ୍ରେଣୀର ବ୍ୟକ୍ତି ଅଟନ୍ତି।" କେବଳ ଭଗବତ୍ ପ୍ରାପ୍ତ ମହାପୁରୁଷ ମାନେ ଭଗବାନଙ୍କ କୃପାରୁ ଦିବ୍ୟଦୃଷ୍ଟି ପ୍ରାପ୍ତ କରିଥିବା କାରଣରୁ, ଶ୍ରୀକୃଷ୍ଣଙ୍କୁ ଭଗବାନ ବୋଲି ଚିହ୍ନି ପାରନ୍ତି। ମାୟାବଦ୍ଧ ଅଜ୍ଞାନୀ ଜୀବମାନେ ଶ୍ରୀକୃଷ୍ଣଙ୍କୁ ଚିହ୍ନିପାରନ୍ତି ନାହିଁ। ତେବେ ଏଠି ପ୍ରଶ୍ନ ଉଠୁଛି ଯଦି ଭଗବତ ପ୍ରାପ୍ତ ମହାପୁରୁଷ ଭଗବାନଙ୍କ କୃପା ପାଇବ, ତେବେ ସାଧାରଣ ମଣିଷ ? ହଁ ସାଧାରଣ ମଣିଷଟିଏ ଯଦି ଉଚିତ୍ କର୍ମ ସହିତ ଭଗବାନଙ୍କ ଉପରେ ସମ୍ପୂର୍ଣ୍ଣ ବିଶ୍ୱାସ ରଖି ଆଧ୍ୟାତ୍ମିକ ମାର୍ଗରେ ଯାଇ ନିଜକୁ ସମ୍ପୂର୍ଣ୍ଣ ଭଗବାନଙ୍କ ପାଖରେ ସମର୍ପଣ କରି ଈଶ୍ୱର ଆସକ୍ତ ଓ ଆଶ୍ରିତ ହୁଏ ତେବେ ସେ ଭଗବାନଙ୍କ କୃପା ପାଇପାରିବ। ଭଗବାନ ତାଙ୍କ ସୃଷ୍ଟିର ତାଙ୍କ ନିଜ ଲୋକଙ୍କ ଉପରେ ସଦା ସର୍ବଦା ଅତ୍ୟନ୍ତ ଦୟାଭାବ ରହିଥାଏ। ଅତଏବ ପ୍ରଭୁଙ୍କ କୃପାରୁ ନିଜର କଲ୍ୟାଣ ନିଶ୍ଚିତ ହୋଇଥାଏ, ଏଥିରେ ତିଳେ ହେଲେ ଶଙ୍କା କରିବା ଉଚିତ ନୁହେଁ। ତେବେ ଭଗବାନଙ୍କୁ ଉପଲବ୍ଧ କରିବାକୁ ହେଲେ ପ୍ରତ୍ୟେକ ସମୟରେ ଭଗବତ୍ ସ୍ମରଣ ପୂର୍ବକ ଆନନ୍ଦରେ ନିବାସ କରିବାକୁ ହୋଇଥାଏ ଆଉ ଭଗବତ୍ ସ୍ମରଣରେ ମୁଗ୍ଧ ହୋଇଯିବା ଦରକାର ହୋଇଥାଏ। ପ୍ରସନ୍ନତା ଓ ଆନନ୍ଦ ତ ଭଗବାନଙ୍କର ସ୍ୱରୂପ ଅଟେ। ନିଜ ଇଷ୍ଟଦେବଙ୍କର ସ୍ମରଣ କର ଅଥବା ଭଗବାନଙ୍କର କୌଣସି ଏକ ସ୍ୱରୂପକୁ ଯେଭଳି ନାରାୟଣ, ରାମଚନ୍ଦ୍ର, ଶିବ, କୃଷ୍ଣ ତଥା ନିରାକାର ଆଦି। ଭଗବତ୍ ସ୍ମରଣରେ ଆନନ୍ଦ ହିଁ ଆନନ୍ଦ ରହିଛି, ଅନ୍ୟ କିଛି ନୁହେଁ। ଯଦି କିଏ କହନ୍ତି କି ଭଗବାନଙ୍କର ସ୍ମରଣରେ ଆନନ୍ଦ ମିଳୁନାହିଁ, ତେବେ ଏଥିରୁ ପ୍ରମାଣ ଯେ ସେ ଭଗବାନଙ୍କୁ ସମ୍ପୂର୍ଣ୍ଣ ସମର୍ପଣର ଓ ଆଧାତ୍ମିକ ମାର୍ଗରେ ତାକି ନାହିଁ ଏବଂ ଆନନ୍ଦ ପ୍ରତୀତ ନ ହେବା ତ ନିଜର ମାନ୍ୟତା ଅଟେ। ଯଦି ସାଧକ କେବଳ ମାନିନେବେ କି, ଭଗବତ୍ ସ୍ମରଣରେ ଆନନ୍ଦ ରହିଛି, ତାକୁ ଆଗକୁ ଗଲେ ନିଶ୍ଚିତ ଆନନ୍ଦ ଉପଲବ୍ଧି ହେବ, ତେବେ ଏଥିରେ ଶଙ୍କାର ଆବଶ୍ୟକତା ନାହିଁ। ମାନି ନେବାରେ ହିଁ କଲ୍ୟାଣ ନିହିତ। ଯଦି କିଏ " ଭଗବାନ ଦୟାସାଗର ଅଟନ୍ତି ଆଉ ଭଗବତ୍ ସ୍ମରଣରେ ଆନନ୍ଦ ଉପଲବ୍ଧି ହୁଏ" ଏତିକି ବୁଝିନିଏ ତେବେ ଦୟାମୟ ଭଗବାନ୍ ତାକୁ ନିଶ୍ଚିତ ଆନନ୍ଦ ଉପଲବ୍ଧି କରାଇଦେବେ। ତାଙ୍କର ଦୟାଳୁତା ଆମର ନିବେଦନ ଉପରେ ନିର୍ଭର କରେ। ଏହି ସାଧନରେ ରତ ରହିଲେ ନିଶ୍ଚୟ କଲ୍ୟାଣ ହେବ, କାହିଁକି ନାଁ ପ୍ରଭୁଙ୍କର ଦୟା ଅପାର, ସୀମାତୀତ। ଭଗବତ୍ ସ୍ୱରୂପ ସହିତ ତାଙ୍କ ଗୁଣ, ପ୍ରଭାବ, ରହସ୍ୟ, ତତ୍ତ୍ୱକଥାକୁ ମନେ ପକାଇଲେ, ତନ୍ମଧ୍ୟରେ ହିଁ ମୁଗ୍ଧ ରହିଲେ, ତାଙ୍କର ସ୍ୱରୂପ ସନ୍ଦର୍ଶନ କରି ବିଭୋର ହେଲେ ଓ ନିଜକୁ ସଦା ତାଙ୍କ ଆନନ୍ଦରେ ମଜ୍ଜାଇ ରଖିଲେ ଭଗବତ ଆନନ୍ଦ ସ୍ୱତଃ ପ୍ରାପ୍ତି ହୋଇଥାଏ।

ଭଗବାନ ସବୁବେଳେ ସମସ୍ତିଙ୍କ ଉପରେ ବହୁତ ଦୟାଶୀଳ। ଭଗବାନ ଯଦି ଆମକୁ ମନୁଷ୍ୟ ଜନ୍ମ ନ ଦେଇଥାନ୍ତେ, ତେବେ ଆମେ କଣ କରିପାରିଥାନ୍ତେ ? ତାଙ୍କ ଉପରେ ଆମର ବା କଣ ଜୋର ଅଛି ? ପାହାଡ ଅବା ତଦୁପରସ୍ଥ ବୃକ୍ଷ ରୂପରେ ଜନ୍ମ ଦେଇଥିଲେ ଆମେ କଣ କରିପାରିଥାନ୍ତେ, ଏଇଟା ତାଙ୍କର ଇଚ୍ଛା ଉପରେ ନିର୍ଭର କରେ। କିନ୍ତୁ ଏହା ଭଗବାନଙ୍କର ଅପାର ଦୟା ଯେ ସେ ଆମକୁ ମନୁଷ୍ୟ ଜନ୍ମ ଦେଇଛନ୍ତି, ତେବେ ତାଙ୍କରି ସ୍ମରଣରେ ମୁଗ୍ଧ ନହେବା କାହିଁକି ? ଆମର ଜନ୍ମ ଆର୍ଯ୍ୟାବର୍ତ୍ତରେ ହୋଇଛି, ଯାହା ଆଧାତ୍ମିକତାରେ ପରିପୂର୍ଣ୍ଣ ଭୂମି। ଅନ୍ୟ ସବୁ ଭୂମି ଭୋଗଭୂମି ଅଟେ। ଏହା କେବଳ ଆଧାତ୍ମଭୂମି, ଯେଉଁଠି ଆମର ଜନ୍ମ ହୋଇଛି। ଭଗବାନ ସମସ୍ତ ଭୂତ ସମୁଦାୟ ଉପରେ ଅହୈତୁକୀ ଦୟା କରିଥାନ୍ତି। ଭଗବାନଙ୍କ ଉପରେ ଭରସା ରଖିବା ଦରକାର। କେବଳ ତାଙ୍କ ଉପରେ ସମ୍ପୂର୍ଣ୍ଣ ଭରସା ରଖିଲେ ବି ଆମର ତାଙ୍କପ୍ରତି ଭଲପାଇବା ନ ରହିଲେ ମଧ ତାଙ୍କର ଆମ ପ୍ରତି ଭଲପାଇବା ନିଶ୍ଚିତ ରହିବ। ଆମେ ଭଗବାନଙ୍କୁ ପ୍ରେମ ପୂର୍ଣ୍ଣ ସ୍ତୁତି ନ କଲେ ମଧ ସେ ଆମର ସହାୟତା ନିଶ୍ଚିତ କରିବେ। ଏଣୁ ଏ ସବୁ ସମ୍ଭବ କେବଳ ଭଗବତ ପ୍ରାପ୍ତି ଉପରେ ହିଁ ନିର୍ଭର କରେ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ: ୯୯୩୮୯୦୬୦୭୦

# ଔଷଧ ରୋଗର କାରଣ ନହେଉ



**ପ୍ରଣତି ଆଚାର୍ଯ୍ୟ ମିଶ୍ର**

ରୋଗର ଚିକିତ୍ସା ପର୍ଯ୍ୟନ୍ତ ଔଷଧ ଅମୃତ ଅଟେ, କିନ୍ତୁ ଅତ୍ୟଧିକ କିମ୍ବା ଅତି କ୍ରୟ କ୍ଷେତ୍ରରେ ଏହାର ନିଷ୍କାସନ ପ୍ରକ୍ରିୟା କେବଳ ପରିବେଶ କୁ ପ୍ରଭାବିତ କରେ ନାହିଁ, ବରଂ ଲୋକଙ୍କୁ ମଧ ପ୍ରଭାବିତ କରେ। ସାଧାରଣତଃ ଭାରତରେ ଡାକ୍ତରଙ୍କ ପରାମର୍ଶ ବିନା ଔଷଧ କିଣିବାର ଟ୍ରେଣ୍ଡ ରହିଛି। ଅଳ୍ପ ଔଷଧ ଖାଇବା ପରେ ଫାଇଦା ମିଳିଲେ ଔଷଧ ବନ୍ଦ କରିବାର ଧାରା ମଧ ରହିଛି। ସାଧାରଣତଃ ଅବ୍ୟବହୃତ ଔଷଧକୁ ଅଳିଆ ଭାବରେ ଫିଙ୍ଗି ଦେଲେ କ'ଣ ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ ତାହା ମଧ ଲୋକେ ବୁଝି ପାରନ୍ତି ନାହିଁ।ଏହା ଏକ ଗମ୍ଭୀର ସମସ୍ୟା, ଯାହା କ୍ରମାଗତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ନିଶ୍ଚିତ ଭାବେ ଏହାର ପ୍ରମୁଖ କାରଣ ହେଉଛି ସୂଚନାର ଅଭାବ, କିନ୍ତୁ ଔଷଧ କମ୍ପାନିଗୁଡ଼ିକ ଅନୁସରଣ କରୁଥିବା ପ୍ୟାକିଂ ନୀତି ଏଥିପାଇଁ କମ୍ ଦୋଷୀ ନୁହେଁ। ଏକ ସର୍ବେକ୍ଷଣ ରୁ ଜଣାପଡିଛି ଯେ ଘରେ ସଂଗ୍ରହ କରାଯାଉଥିବା ଔଷଧର ପ୍ରାୟ ୩୦ ପ୍ରତିଶତ ପେନକିଲର, ୧୭ ପ୍ରତିଶତ ଭିଟାମିନ ଏବଂ ୧୧ ପ୍ରତିଶତ ମଲମ କିମ୍ବା ଅନ୍ୟାନ୍ୟ ବଟିକା , ଯାହା ପରବର୍ତ୍ତୀ ସମୟରେ ବ୍ୟବହାର ଉପଯୋଗୀ ନଥିବାରୁ ଫିଙ୍ଗି ଦିଆଯାଏ । ଅନ୍ୟ ଏକ ସର୍ଭେ ଅନୁଯାୟୀ, ଭାରତର ପ୍ରତ୍ୟେକ ଘରେ ୧୦ରୁ ୭୦ ପ୍ରତିଶତ ଅବ୍ୟବହୃତ ଏବଂ ଅବଧି ସମାପ୍ତ ଔଷଧ ଫିଙ୍ଗି ଦିଆଯାଏ । ଏମାନଙ୍କ ମଧ୍ୟରୁ ପ୍ରାୟ ତିନି ଚତୁର୍ଥାଂଶ ପରିବାରରେ ଗତ ତିନି ବର୍ଷ ମଧ୍ୟରେ କିଣାଯାଇଥିବା ଔଷଧର ପ୍ରାୟ ୭୦ ପ୍ରତିଶତ ଆବର୍ଜନା ସହ ନିଷ୍କାସନ କରାଯାଇଛି। ଔଷଧ ସେବନ କୁ ନେଇ ବିଜ୍ଞାପନ ଓ ସଚେତନତା ଅଭିଯାନ ଚାଲିଥିଲେ ହେଁ ଏହାର ନିଷ୍କାସନ ସମ୍ପର୍କରେ ସୂଚନାର ଅଭାବ ରହିଛି। ସାଧାରଣତଃ ଔଷଧ ପ୍ରସ୍ତୁତିରେ ଅନେକ ରାସାୟନିକ ପଦାର୍ଥ ସହ ହରମୋନ୍, ଇନସୁଲିନ୍ ଭଳି ବ୍ୟାକ୍ଟେରିଆ ମିଶାଯାଇଥାଏ। କେତେକ କ୍ୟାପସୁଲ ଗଛରୁ ଉତ୍ପାଦିତ ଷ୍ଟାର୍ଚରୁ ତିଆରି ହୋଇଥିବା ବେଳେ ଜୀବମାନଙ୍କ ଚର୍ମ, ହାଡ଼ ଏବଂ ଅନ୍ୟାନ୍ୟ ଟିସୁରୁ ମଧ କ୍ୟାପସୁଲ ତିଆରି କରାଯାଏ ।ଔଷଧ ପ୍ରସ୍ତୁତିରେ ସମ୍ପୃକ୍ତ ଏହି ରାସାୟନିକ ପଦାର୍ଥ ଏବଂ ଜୈବିକ ଉପାଦାନ ଶାରୀରିକ କାର୍ଯ୍ୟକୁ ପ୍ରଭାବିତ କରିବାରେ ସମ୍ପୂର୍ଣ୍ଣ ସକ୍ଷମ ।ଏହି ଔଷଧ ରୋଗ ସମୟରେ ଶରୀରକୁ ଆରାମ ଦେଇଥାଏ, କିନ୍ତୁ ବିନା ପରାମର୍ଶରେ ସେବନ କରିବା ଦ୍ୱାରା ନୂଆ ରୋଗ ସୃଷ୍ଟି ହୋଇଥାଏ । ସେହିଭଳି ଔଷଧର ଅବଧି ସରିବା ପରେ ଏହାର ପରିବର୍ତ୍ତନ ଓ ବିଶୋଧନ ହେତୁ କ୍ଷତିହେବାର ଆଶଙ୍କା ଦୃଢ଼ ହୋଇଥାଏ। ଯଦିଓ ଔଷଧ ସେବନ କେବଳ ଡାକ୍ତରୀ ପରାମର୍ଶ ଅଧୀନରେ ରହିବା ଉଚିତ, କିନ୍ତୁ ବିକ୍ରି ଉପରେ ନିୟନ୍ତ୍ରଣ ଅଭାବରୁ ଏହା ସହଜରେ ଉପଲବ୍ଧ ହେଉଛି। ବର୍ତ୍ତମାନ ଯୁଗରେ ଘରେ ଅନଲାଇନ ଔଷଧ ଉପଲବ୍ଧ ହେଉଥିବା ବେଳେ ନିୟମକୁ ଖୋଲାଖୋଲି ଉଲ୍ଲଂଘନ କରାଯାଉଛି, କାରଣ ଡାକ୍ତରଙ୍କ ପ୍ରେସକ୍ରିପସନ୍ ଯାଞ୍ଚ ନକରି ଟେଲିଫୋନ୍ ଭେରିଫିକେସନ୍ ଆଧାରରେ ଏହି ପ୍ଲାଟଫର୍ମରୁ ଔଷଧ ଉପଲବ୍ଧ ହେଉଛି। ଗୋଟିଏ ପଟେ ଔଷଧ ର ଅନୁପଯୁକ୍ତ ବ୍ୟବହାର ଯୋଗୁଁ ମନୁଷ୍ୟକୁ କ୍ଷତି ପହଞ୍ଚାଉଥିବା ବେଳେ ଅନ୍ୟପଟେ ଏହାର ଅବୈଜ୍ଞାନିକ ନିଷ୍କାସନ ମଧ ଜମି, ଜଳ ଓ ବାୟୁକୁ ପ୍ରଦୂଷିତ କରିଥାଏ । ସାଧାରଣ ବର୍ଜ୍ୟବସ୍ତୁ ସହିତ ନିଷ୍କାସନ ସ୍ତରରେ, ଏହି ଔଷଧଗୁଡ଼ିକ ରାସାୟନିକ ପ୍ରବୃତ୍ତି କାରଣରୁ ବର୍ଜ୍ୟବସ୍ତୁ ଏବଂ ଜମିରେ ବ୍ୟାପକ ପରିବର୍ତ୍ତନ ଆଣିଥାଏ ଏବଂ ବର୍ଜ୍ୟବସ୍ତୁରୁ ଉତ୍ପାଦିତ ମାଟି କିମ୍ବା ଖତ ମାଧ୍ୟମରେ ଉଦ୍ଭିଦକୁ ମଧ ପ୍ରଭାବିତ କରେ । ଏହି ନିଷ୍କାସନ ପ୍ରକ୍ରିୟାରେ ଏହି ଔଷଧ ପଶୁ ଓ ପକ୍ଷୀଙ୍କ ଦ୍ୱାରା ମଧ ଶୋଷିତ ହୋଇଥାଏ, ଯାହାଫଳରେ ସେମାନଙ୍କ ଠାରେ ଜୈବିକ ପରିବର୍ତ୍ତନ ଏବଂ ମ୍ୟୁଟେସନ୍ ମଧ ଦେଖିବାକୁ ମିଳିଛି। ଜୈବିକ ପରିବର୍ତ୍ତନରେ ପୀଡ଼ିତ ପଶୁ ପକ୍ଷୀଙ୍କ ମାଂସ ଭକ୍ଷଣ ଦ୍ୱାରା ମାନବ ସ୍ୱାସ୍ଥ୍ୟ ମଧ ପ୍ରଭାବିତ ହୁଏ, ଯାହା ଭବିଷ୍ୟତ ପାଇଁ ଏକ ଗମ୍ଭୀର ଆଶଙ୍କା ସୃଷ୍ଟି କରେ।

ଏହା ମଧ ଦେଖିବାକୁ ମିଳିଛି ଯେ କେତେକ ଔଷଧ ସେମାନଙ୍କ ନିର୍ଦ୍ଧାରିତ ଅବଧି ମଧ୍ୟରେ ଗୋଟିଏ ରୋଗର ଚିକିତ୍ସା କରୁଥିବା ବେଳେ ସେହି ଅବଧି ଶେଷରେ ସେମାନେ ବିଭାଜିତ ହୋଇ ଅନ୍ୟ ରୋଗର କାରଣ ପାଲଟିଯାଆନ୍ତି ।ସେହିଭଳି ଅନେକ ଔଷଧ ଅବଧି ଶେଷରେ ବିଷାକ୍ତ ପଦାର୍ଥରେ ପରିଣତ ହୋଇଥାଏ। ତେଣୁ କେବଳ ଔଷଧର ଯୁକ୍ତିଯୁକ୍ତ ବ୍ୟବହାର ନୁହେଁ ବରଂ ତାହାର ସଠିକ ନିଷ୍କାସନ ର ଆବଶ୍ୟକତା ରହିଛି। ଦୁର୍ଭାଗ୍ୟବଶତଃ ସରକାରୀ କିମ୍ବା ବେସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଉନାହିଁ। ପୂର୍ବରୁ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କ ଦ୍ୱାରା ଔଷଧ ବ୍ୟାଙ୍କର ବହୁଳ ପ୍ରସାର ହେଉଥିଲା, ଯେଉଁଠାରେ ଅବଶିଷ୍ଟ ଔଷଧର ବ୍ୟବହାର ସୁନିଶ୍ଚିତ କରାଯାଉଥିଲା । ଉତ୍ପାଦକ, ବିକ୍ରେତାଙ୍କ ଉପରେ ନିୟନ୍ତ୍ରଣ ସହିତ ଉପଭୋକ୍ତାଙ୍କ ସ୍ତରରେ ଆଚରଣ ପରିବର୍ତ୍ତନ ସୁନିଶ୍ଚିତ କରିବାର ଆବଶ୍ୟକତା ରହିଛି। ଡାକ୍ତରୀ ପରାମର୍ଶ ପରେ ହିଁ ଔଷଧ ନେବା ଉଚିତ୍, ନିର୍ଦ୍ଧାରିତ ପୂର୍ଣ୍ଣ ମାତ୍ରା ନେବା ଉଚିତ ଏବଂ ବ୍ୟବହାର ପରେ ଛାଡ଼ିଥିବା ଔଷଧ, ଯଦି ମେଡିସିନ୍ ବ୍ୟାଙ୍କ ଭଳି ବ୍ୟବସ୍ଥା ଉପଲବ୍ଧ ନାହିଁ, ତେବେ ଡାକ୍ତରଖାନାର ଜୈବିକ ବର୍ଜ୍ୟବସ୍ତୁ ସହିତ ଅଧିକ ତାପମାତ୍ରାରେ ଜଳିବା ପାଇଁ ପଠାଯିବା ଉଚିତ୍ ।

ନୟାଗଡ଼, ମୋବାଇଲ୍: ୯୪୩୭୬୪୨୯୪୭

ଆତଙ୍କବାଦ ଚିନ୍ତା

# ପୁନର୍ବିଚାର କରୁ ଆଇଏମଏଫ



● ଏପରି ଆର୍ଥିକ ସହାୟତା ଆତଙ୍କବାଦ ପାଣ୍ଠି ଠାରୁ କମ୍ ନୁହେଁ
● ଏଥିରୁ ଆତଙ୍କୀ ମାସୁଦ୍‌କୁ ମିଳିବ ୧୪ କୋଟି

**ନୂଆଦିଲ୍ଲୀ, ୧୬।୫:** ପାକିସ୍ତାନର ପରମାଣୁ ଅସ୍ତ୍ରାଗାର ଉପରେ ଅନ୍ତର୍ଜାତୀୟ ପରମାଣୁ ଶକ୍ତି ଏଜେନ୍ସିର ତଦାରଖ ଦାବି କରିବାର ଗୋଟିଏ ଦିନ ପରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଶୁକ୍ରବାର ୱାଶିଂଟନସ୍ଥିତ ବିଶ୍ୱ ଋଣଦାତା ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଆଇଏମଏଫକୁ ପାକିସ୍ତାନକୁ ପାଣ୍ଠି ପ୍ରଦାନ ବିଷୟରେ ପୁନଃ ଚିନ୍ତା କରିବାକୁ ଆହ୍ୱାନ କରିଛନ୍ତି। 'ମୁଁ ବିଶ୍ୱାସ କରେ ପାକିସ୍ତାନ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରୁ ପ୍ରାପ୍ତ ପାଣ୍ଠିର ଏକ ବଡ଼ ଅଂଶ ତା'ର ଦେଶରେ ଆତଙ୍କବାଦ ଭିତ୍ତିଭୂମି ପାଇଁ ଖର୍ଚ୍ଚ କରିବ.... ଭାରତ ଚାହୁଁଛି ଆଇଏମଏଫ ପାକିସ୍ତାନକୁ ପାଣ୍ଠି ପ୍ରଦାନ ବିଷୟରେ ପୁନଃ ଚିନ୍ତା କରୁ' ବୋଲି ରାଜନାଥ କହିଛନ୍ତି। ରାଜନାଥ ସିଂହ ଗୁଜରାଟର ଭୁଜରେ ଭାରତୀୟ ବାୟୁସେନା ଆଇଏଏଫ କର୍ମଚାରୀଙ୍କୁ ସମ୍ବୋଧିତ କରିବା ସମୟରେ କହିଥିଲେ ଯେ ପାକିସ୍ତାନକୁ ଯେକୌଣସି ପ୍ରକାରର ଆର୍ଥିକ ସହାୟତା ଆତଙ୍କବାଦ ପାଣ୍ଠି ପ୍ରଦାନ ଠାରୁ କମ୍ ନୁହେଁ। ଆଇଏମଏଫ ତାର ନିଷ୍ପତ୍ତି ପୁନର୍ବିଚାର କରିବା ଉଚିତ। ଆଇଏମ୍‌ଏଫରୁ ଋଣ ପାଇବା ପରେ ପାକିସ୍ତାନ ଲସ୍କର-ଇ-ତୋଏବାର ମୁଖ୍ୟ ମାସୁଦ୍ ଆଝାରକୁ ୧୪ କୋଟି କ୍ଷତି ପୂରଣ ଦେବ ବୋଲି ଘୋଷଣା କରିଛି। ଏହି ଟଙ୍କାରେ ଲସ୍କର-ଇ-ତୋଏବା ଓ ଜେସ୍-ଇ-ମହମ୍ମଦ ଆତଙ୍କବାଦୀ ସଂଗଠନର ଭାରତ ଆକ୍ରମଣରେ କ୍ଷତିଗ୍ରସ୍ତ ହୋଇଥିବା ଭିତ୍ତିଭୂମି ପୁଣି ନିର୍ମାଣ କରାଯିବ। ଆଇଏମଏଫ ମେ ୯ ତାରିଖରେ ଅନୁଷ୍ଠିତ ଏହାର ବୋର୍ଡ ବୈଠକରେ ଏହାର ୭-ବିଲିୟନ ଡଲାରର ଏକ୍ସଟେଣ୍ଡେଡ୍ ଫଣ୍ଡ ଫାସିଲିଟି ଋଣ କାର୍ଯ୍ୟକ୍ରମର ଅଂଶ ଭାବରେ ପାକିସ୍ତାନ ପାଇଁ ୧-ବିଲିୟନ ଡଲାର ଅଂଶ ଏବଂ ସ୍ଥିରତା ଏବଂ ସ୍ଥାୟୀତ୍ୱ ସୁବିଧା ଅଧୀନରେ ୧.୩ ବିଲିୟନ ଡଲାର ଅଂଶକୁ ଅନୁମୋଦନ କରିଥିଲା। ଭାରତ ଏହି ବୈଠକରେ ଭୋଟ ଦେବାରୁ ବିରତ ରହିଥିଲା ଏବଂ କହିଥିଲା ଯେ ଏହି ପାଣ୍ଠିର ଅପବ୍ୟବହାର ଦେଶ-ପ୍ରାୟୋଜିତ ସୀମାପାର ଆତଙ୍କବାଦକୁ ଆର୍ଥିକ ସହାୟତା ପ୍ରଦାନ ପାଇଁ ହୋଇପାରେ। ଏପ୍ରିଲ ୨୨ ତାରିଖରେ କାଶ୍ମୀରର ପହଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ୨୬ ଜଣଙ୍କ ଜୀବନ ଯିବା ପରେ ପାକିସ୍ତାନ ସହିତ ସମ୍ପ୍ରତି ସାମରିକ ସଂଘର୍ଷରୁ ଭାରତର ବିରୋଧ ସୃଷ୍ଟି ହୋଇଛି। ଗୁରୁବାର ଶ୍ରୀନଗରର ବାଦାମୀ ବାଗ କ୍ୟାଣ୍ଟନମେଣ୍ଟରେ ସୈନିକମାନଙ୍କୁ ସମ୍ବୋଧିତ କରିବା ସମୟରେ ରାଜନାଥ ସିଂହ ପାକିସ୍ତାନର ଦାୟିତ୍ୱହୀନ ଆଚରଣ ପ୍ରତି ଇଙ୍ଗିତ କରିଥିଲେ ଏବଂ ପଡ଼ୋଶୀ ଦେଶର ପରମାଣୁ ଅସ୍ତ୍ରାଗାର ଆଇଏଇଏ ତଦାରଖରେ ଆସିବାକୁ ଅନୁରୋଧ କରିଥିଲେ। ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତ ପାକିସ୍ତାନ ଏବଂ ପାକ୍ ଅଧିକୃତ କାଶ୍ମୀରରେ ଆତଙ୍କବାଦୀ ଶିବିରଗୁଡ଼ିକୁ ଟାର୍ଗେଟ କରି ଅପରେସନ୍ ସିନ୍ଦୂର ଆରମ୍ଭ କରିଥିଲା।

## ତୁର୍କୀର ଇସ୍ତାନବୁଲ ବିଶ୍ୱବିଦ୍ୟାଳୟ ସହିତ ଏମଓୟୁ ବାତିଲ କଲା କାନପୁର



**କାନପୁର, ୧୬।୫:** ଛତ୍ରପତି ଶାହୁଜୀ ମହାରାଜ ବିଶ୍ୱବିଦ୍ୟାଳୟ କାନପୁର ତୁର୍କୀର ଇସ୍ତାନବୁଲ ବିଶ୍ୱବିଦ୍ୟାଳୟ ସହିତ ଏହାର ବୁଝାମଣାପତ୍ର ତୁରନ୍ତ ବାତିଲ କରିବାକୁ ଘୋଷଣା କରିଛି ବୋଲି ଅଫିସିଆଲ ସୂତ୍ରରୁ ଜଣାପଡିଛି। କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ଭାରତର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ସ୍ପଷ୍ଟ ଭାବରେ ବିରୋଧୀ ରାଷ୍ଟ୍ରଗୁଡ଼ିକ ସହିତ ତୁର୍କୀର ସମର୍ଥନରୁ ଏହି ନିଷ୍ପତ୍ତି ନିଆଯାଇଛି। ବିଶ୍ୱବିଦ୍ୟାଳ କୁଳପତି ବିନୟ ପାଠକ ନିଶ୍ଚିତ କରିଛନ୍ତି ଯେ ସେ ଇସ୍ତାନବୁଲ ବିଶ୍ୱବିଦ୍ୟାଳୟର ରେକ୍ଟର ଜୁଲଫିକରଙ୍କୁ ଏକ ଚିଠି ପଠାଇ ଏହି ସମାପ୍ତି ବିଷୟରେ ଅବଗତ କରାଇଛନ୍ତି।
ଆମେ ଇସ୍ତାନବୁଲ ବିଶ୍ୱବିଦ୍ୟାଳୟକୁ ଦୁର୍ଭାଗ୍ୟଜନକ କିନ୍ତୁ ଆବଶ୍ୟକୀୟ ପରିସ୍ଥିତି ବିଷୟରେ ଲିଖିତ ଭାବରେ ଜଣାଇଛୁ ଯେ ଛତ୍ରପତି ଶାହୁଜୀ ମହାରାଜ ବିଶ୍ୱବିଦ୍ୟାଳୟ ଆନୁଷ୍ଠାନିକ ଭାବରେ ସମ୍ପାଦିତ ଏମଓୟୁକୁ ସମାପ୍ତ କରୁଛି ବୋଲି ପାଠକ କହିଛନ୍ତି। ପାଠକ ଆହୁରି ବିସ୍ତାରିତ ଭାବରେ କହିଛନ୍ତି, ଭାରତର ସାର୍ବଭୌମତ୍ୱ ଏବଂ କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ସ୍ପଷ୍ଟ ଭାବରେ ବିରୋଧୀ ରାଷ୍ଟ୍ର ସହିତ ତୁର୍କୀର ସମନ୍ୱୟ ଗମ୍ଭୀର ଭୂରାଜନୈତିକ ମନୋଭାବରୁ ଏହି ନିଷ୍ପତ୍ତି ସିଧାସଳଖ ଆସିଛି। ସେ ଦୃଢ଼ ଭାବରେ କହିଛନ୍ତି, ଆମର ଦୃଢ଼ ବିଶ୍ୱାସ ଯେ ପାକିସ୍ତାନର ଏକ ରଣନୈତିକ ସହଯୋଗୀ ସହିତ ପ୍ରତ୍ୟକ୍ଷ ଭାବରେ କିମ୍ବା ନିଷ୍କ୍ରିୟ ଭାବରେ ଜଡିତ ଏକ ପ୍ରତିଷ୍ଠାନକୁ ଏକ ବିଶ୍ୱସନୀୟ ଶିକ୍ଷାଗତ ସହଯୋଗୀ ଭାବରେ ବିବେଚନା କରାଯାଇପାରିବ ନାହିଁ। ସେ ଗୁରୁତ୍ୱାରୋପ କରିଥିଲେ ଯେ ଶିକ୍ଷାଗତ ଉତ୍କର୍ଷତା ଗୁରୁତ୍ୱପୂର୍ଣ୍ଣ ହେଲେ ମଧ୍ୟ ରାଷ୍ଟ୍ରଠାରୁ କିଛି ଉର୍ଦ୍ଧ୍ୱରେ ନୁହେଁ। ପାଠକ ପାକିସ୍ତାନ, ତୁର୍କୀ ଏବଂ ବାଂଲାଦେଶର ବିଶ୍ୱବିଦ୍ୟାଳୟ କିମ୍ବା ପ୍ରତିଷ୍ଠାନ ସହିତ ଯେକୌଣସି ସହଭାଗିତା, ବୁଝାମଣାପତ୍ର, ବିନିମୟ କାର୍ଯ୍ୟକ୍ରମ କିମ୍ବା ଗବେଷଣା ସମ୍ପର୍କର ତୁରନ୍ତ ସମୀକ୍ଷା ଏବଂ ଆବଶ୍ୟକ ହେଲେ ସ୍ଥଗିତ କିମ୍ବା ସମାପନ କରିବାକୁ ଆହ୍ୱାନ କରିଛନ୍ତି। ଯେଉଁଠାରେ ଭାରତ ବିରୋଧୀ ଦୃଷ୍ଟିକୋଣ କିମ୍ବା ଆତଙ୍କବାଦୀ ପ୍ରଚାରକୁ ସମର୍ଥନ କରିବାର ସ୍ପଷ୍ଟ ପ୍ରମାଣ ଅଛି।

## ୮୫ କିଗ୍ରା ହେରୋଇନ ଜବତ

● ୟୁକେ ପରିଚାଳିତ ସୀମାପାର ଡ୍ରଗ୍ସ ମଡ୍ୟୁଲକୁ ଧରିଲା ପଞ୍ଜାବ ପୁଲିସ



**ଚଣ୍ଡିଗଡ଼, ୧୬।୫:** ୨୦୨୫ର ସବୁଠାରୁ ବଡ଼ ଡ୍ରଗ୍ସ ଜବତ ଘଟଣାରେ ପଞ୍ଜାବ ପୁଲିସ ଲାଲି ନାମକ ଜଣେ ୟୁକେ ଭିତ୍ତିକ ଡ୍ରଗ୍ସ ହ୍ୟାଣ୍ଡଲର ଦ୍ୱାରା ପରିଚାଳିତ ଏକ ସୀମାପାର ପାକିସ୍ତାନ-ଆଇଏସଆଇ-ନିୟନ୍ତ୍ରିତ ନାର୍କୋ-ସ୍ମଗଲିଂ ମଡ୍ୟୁଲର ପର୍ଦ୍ଦାଫାଶ କରିଛି। ଯାହାର ଭାରତ ଭିତ୍ତିକ ଅପରେଟିଭ୍ ଗିରଫ ହୋଇଛି ଏବଂ ତାଙ୍କ କବଜାରୁ ୮୫ କିଲୋ ହେରୋଇନ୍ ଉଦ୍ଧାର କରାଯାଇଛି। ପଞ୍ଜାବ ପୁଲିସ ମହାନିର୍ଦ୍ଦେଶକ ଗୌରବ ଯାଦବ ଆଜି ଏଠାରେ କହିଛନ୍ତି ଯେ ଗିରଫ ଅପରେଟିଭ୍ ଅମରଜୋତ ସିଂହ ଓରଫ ଜୋତା ସାନ୍ଧୁ ଭାବରେ ପରିଚିତ। ଅମୃତସରର ଭିଛୋୱାଡ ଗ୍ରାମରେ ଥିବା ତାଙ୍କ ବାସଭବନକୁ ନେଟୱାର୍କ ପାଇଁ ଏକ ପ୍ରମୁଖ ଷ୍ଟ୍ୟାସ୍ ପଏଣ୍ଟ ଭାବରେ ବ୍ୟବହାର କରୁଥିଲା। ସେ କହିଛନ୍ତି ଯେ ଅଭିଯୁକ୍ତ ଅମରଜୋତ ତାଙ୍କ ୟୁକେ ଭିତ୍ତିକ ଡ୍ରଗ୍ସ ହ୍ୟାଣ୍ଡଲର ଲାଲି ପକ୍ଷରୁ କାମ କରୁଥିଲା ଏବଂ ସୀମାପାର ଚୋରା ଚାଲାଣକାରୀଙ୍କଠାରୁ ଡ୍ରଗ୍ସ ସଂଗ୍ରହ କରୁଥିଲା। ଯେଉଁମାନେ ଚୋରା ସାମଗ୍ରୀ ପରିବହନ ପାଇଁ ଡ୍ରୋନ୍ ବ୍ୟବହାର କରୁଥିଲେ। ତଦନ୍ତରୁ ଏହା ମଧ୍ୟ ଜଣାପଡ଼ିଛି ଯେ ଅଭିଯୁକ୍ତ ଅମରଜୋତ ବିଭିନ୍ନ ସୀମାବର୍ତ୍ତୀ ସ୍ଥାନରୁ ହେରୋଇନ୍ ସଂଗ୍ରହ କରୁଥିଲେ ଏବଂ ପଞ୍ଜାବର ବିଭିନ୍ନ ଅଞ୍ଚଳରେ ଅଧିକ ଯୋଗାଣ ପାଇଁ ସ୍ଥାନୀୟ ଯୋଗାଣକାରୀଙ୍କୁ ବଣ୍ଟନ କରୁଥିଲେ। ଯାଦବ କହିଛନ୍ତି, ଏହି ମାମଲାରେ ପୂର୍ବରୁ ଏବଂ ଆଗକୁ ଲିଙ୍କ୍ ସ୍ଥାପନ କରିବା ପାଇଁ ଅଧିକ ତଦନ୍ତ ଚାଲିଛି। ଆଗାମୀ ଦିନରେ ଅଧିକ ଗିରଫ ଏବଂ ପୁନରୁଦ୍ଧାର ହେବାର ସମ୍ଭାବନା ଅଛି।

## ବୁଡ଼ିଯାଉଥିବା ଜାହାଜରୁ ୬ କ୍ରିଉ ସଦସ୍ୟ ଉଦ୍ଧାର



**ନୂଆଦିଲ୍ଲୀ, ୧୬।୫:** ଭାରତୀୟ ତଟରକ୍ଷୀ ବାହିନୀ ମଇ ୧୪ ତାରିଖ ପ୍ରତ୍ୟୁଷରେ ମାଙ୍ଗାଲୋରର ଦକ୍ଷିଣ-ପଶ୍ଚିମରେ ପ୍ରାୟ ୬୦-୭୦ ନଟିକାଲ ମାଇଲ ଦୂରରେ ବୁଡ଼ିଯାଇଥିବା ମାଲବାହୀ ଜାହାଜ ଏମଏସଭି ସଲାମଥର ଛଅ ଜଣ କ୍ରୁ ସଦସ୍ୟଙ୍କୁ ସଫଳତାର ସହ ଉଦ୍ଧାର କରିଛି। ଏନେଇ ଆଜି ତଟରକ୍ଷୀ ବାହିନୀ ତାର ବିବୃତ୍ତିରେ କହିଛି, ବୁଧବାର ଦିନ ୧୨.୧୫ ସମୟରେ ସେମାନେ ଏକ ପରିବହନକାରୀ ଜାହାଜ ଏମଟି ଏପିକ ସୁସୁଇ ଠାରୁ ଏକ ବିପଦ ସତର୍କତା ପାଇଥିଲେ, ଯେଉଁଥିରେ କର୍ଣ୍ଣାଟକର ସୁରଥକାଲ ଉପକୂଳରୁ ପ୍ରାୟ ୫୨ ନଟିକାଲ ମାଇଲ ଦୂରରେ ଛଅ ଜଣ ବଞ୍ଚିଥିବା ଲୋକଙ୍କ ସହିତ ଏକ ଛୋଟ ଡଙ୍ଗା ଭାସି ଯାଉଥିବାର ରିପୋର୍ଟ କରାଯାଇଥିଲା। ଏହି ଅଞ୍ଚଳରେ ନିୟମିତ ପାଟ୍ରୋଲିଂରେ ଥିବା ତଟରକ୍ଷୀ ବାହିନୀ ଜାହାଜ ବିକ୍ରମକୁ ତୁରନ୍ତ ସେହି ସ୍ଥାନକୁ ସ୍ଥାନାନ୍ତର କରାଯାଇଥିଲା। ତଟରକ୍ଷୀ ବାହିନୀ ଶୀଘ୍ର ଡିଙ୍ଗିରୁ ସମସ୍ତ ଛଅ ଜଣ ବଞ୍ଚିଥିବା ଲୋକଙ୍କୁ ଚିହ୍ନଟ କରି ସୁରକ୍ଷିତ ଭାବରେ ଉଦ୍ଧାର କରିଥିଲା। ତଟରକ୍ଷୀ ବାହିନୀ କହିଛି ଯେ ପ୍ରାଥମିକ ରିପୋର୍ଟ ଅନୁଯାୟୀ, ଏମଏସଭି ସଲାମଥ, ଯାହା ମେ ୧୨ରେ ମାଙ୍ଗାଲୋର ବନ୍ଦରରୁ ଲକ୍ଷାଦ୍ୱୀପର କଦମତ ଦ୍ୱୀପକୁ ଯାତ୍ରା କରିଥିଲା, ୧୪ ମେ ୧୪ ସକାଳ ୫ଟା ୩୦ ରେ ଜାହାଜରେ ପାଣି ପଶିବା ଆରମ୍ଭ ହୋଇଥିଲା, ଯାହା ଫଳରେ ଏହା ବୁଡ଼ି ଯାଇଥିଲା। ଉଦ୍ଧାର ହୋଇଥିବା କ୍ରୁ ସଦସ୍ୟମାନେ ଇସମାଇଲ ଶରିଫ, ଆଲେମୁନ ଅହମ୍ମଦ ଭାଇ ଘାବଡା, କାକଲ ସୁଲେମାନ ଇସମାଇଲ, ଆକବର ଅବଦୁଲ ସୁରାନି, କସାମ ଇସମାଇଲ ମେପାନି ଏବଂ ଆଜମଲ।

## ବଡଗାମରୁ ୩ ଲସ୍କର ଆତଙ୍କବାଦୀ ଗିରଫ



**ଶ୍ରୀନଗର, ୧୬।୫:** ଜମ୍ମୁ ଏବଂ କାଶ୍ମୀରର ବଡଗାମ ଜିଲ୍ଲାରେ ନିଷିଦ୍ଧ ଲସ୍କର-ଏ-ତୋଏବା ସହିତ ଜଡିତ ତିନି ଜଣ ଆତଙ୍କବାଦୀ ସହଯୋଗୀଙ୍କୁ ପୁଲିସ ଗିରଫ କରିଛି। ସେମାନେ ଅଞ୍ଚଳରେ ଆତଙ୍କବାଦୀ କାର୍ଯ୍ୟକଳାପ ଚଳାଇବାକୁ ଷଡଯନ୍ତ୍ର କରୁଥିଲେ ଏବଂ ସ୍ଥାନୀୟ ଲୋକଙ୍କୁ ଆତଙ୍କବାଦ ସଂଗଠନରେ ଯୋଗଦେବାକୁ ପ୍ରଲୋଭିତ କରିବାକୁ ଚେଷ୍ଟା କରୁଥିଲେ। ମୁଜାମିଲ ଅହମ୍ମଦ, ଇଶଫାକ ପଣ୍ଡିତ ଏବଂ ମୁନୀର ଅହମ୍ମଦ ଭାବରେ ଚିହ୍ନଟ ହୋଇଥିବା ଆତଙ୍କବାଦୀମାନଙ୍କୁ ମଗାମରୁ ଗିରଫ କରାଯାଇଛି। ସେମାନଙ୍କ ନିକଟରୁ ଏକ ପିସ୍ତଲ ଏବଂ ଏକ ହାତ ଗ୍ରେନେଡ ସମେତ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ଜବତ କରାଯାଇଛି। ପୁଲିସ ଅନୁଯାୟୀ, ଗିରଫ ବ୍ୟକ୍ତିମାନେ ଆବିଦ କୟୁମ ଲୋନ ନାମକ ଜଣେ ସକ୍ରିୟ ଲସ୍କର ଆତଙ୍କବାଦୀଙ୍କ ସହିତ ଘନିଷ୍ଠ ସମ୍ପର୍କରେ ଥିଲେ, ଯିଏ ୨୦୨୦ ମସିହାରେ ପାକିସ୍ତାନକୁ ଅନୁପ୍ରବେଶ କରିଥିଲା ଏବଂ ପରବର୍ତ୍ତୀ ସମୟରେ ଆତଙ୍କବାଦୀ ସଂଗଠନରେ ଯୋଗ ଦେଇଥିଲା। ଲୋନ୍ ବର୍ତ୍ତମାନ ପାକିସ୍ତାନରୁ କାର୍ଯ୍ୟ କରୁଛି ଏବଂ ସ୍ଥାନୀୟ ଲୋକଙ୍କୁ ମୌଳବାଦୀ କରିବାରେ, ସେମାନଙ୍କୁ ଆତଙ୍କବାଦୀ ଦଳରେ ଯୋଗଦେବାକୁ ପ୍ରେରଣା ଦେବାରେ ଏବଂ ବଡଗାମ ଜିଲ୍ଲାର ନରବଲ-ମଗାମ ଅଞ୍ଚଳରେ ଆତଙ୍କବାଦ ସମ୍ବନ୍ଧୀୟ କାର୍ଯ୍ୟକଳାପ କରିବା ପାଇଁ ନିର୍ଦ୍ଦେଶ ଦେବାରେ ସମ୍ପୃକ୍ତ ରହିଛି। ଗିରଫ ଆତଙ୍କବାଦୀ ସହଯୋଗୀମାନେ ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ ।

## ଆତଙ୍କବାଦୀ ଆକ୍ରମଣ ନେଇ ମୁତ୍ତାକିଙ୍କ ନିନ୍ଦାକୁ ପ୍ରଶଂସା

### ଦ୍ୱିପାକ୍ଷିକ ଆଲୋଚନା କଲେ ବୈଦେଶିକ ମନ୍ତ୍ରୀ ଜୟଶଙ୍କର



**ନୂଆଦିଲ୍ଲୀ, ୧୬।୫:** ଆଫଗାନିସ୍ତାନରେ ତାଲିବାନ ନେତୃତ୍ୱାଧୀନ ସରକାରଙ୍କ ସହିତ ସର୍ବୋଚ୍ଚ ଯୋଗାଯୋଗରେ ବୈଦେଶିକ ମନ୍ତ୍ରୀ ଏସ. ଜୟଶଙ୍କର। ସେ କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ମୱ୍ଲାୱି ଅମିର ଖାନ ମୁତ୍ତାକିଙ୍କ ସହ କଥା ହୋଇଥିଲେ ଏବଂ ମିଥ୍ୟା ଏବଂ ଭିତ୍ତିହୀନ ରିପୋର୍ଟ ମାଧ୍ୟମରେ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିବାର ସାମ୍ପ୍ରତିକ ପ୍ରୟାସକୁ ତାଙ୍କର ଦୃଢ଼ ପ୍ରତ୍ୟାଖ୍ୟାନକୁ ସ୍ୱାଗତ କରିଥିଲେ। ଭାରତୀୟ ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ପହଲଗାମରେ ହୋଇଥିବା ସମ୍ପ୍ରତି ଆତଙ୍କବାଦୀ ଆକ୍ରମଣକୁ ମୁତ୍ତାକିଙ୍କ ନିନ୍ଦା ପାଇଁ ଜୟଶଙ୍କର ଗଭୀର କୃତଜ୍ଞତା ମଧ୍ୟ ପ୍ରକାଶ କରିଛନ୍ତି। ମିଥ୍ୟା ଏବଂ ଭିତ୍ତିହୀନ ରିପୋର୍ଟ ମାଧ୍ୟମରେ ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଅବିଶ୍ୱାସ ସୃଷ୍ଟି କରିବାର ସାମ୍ପ୍ରତିକ ପ୍ରୟାସକୁ ତାଙ୍କର ଦୃଢ଼ ପ୍ରତ୍ୟାଖ୍ୟାନକୁ ସ୍ୱାଗତ କରିଥିଲେ। ସେ ଦୁଇ ରାଷ୍ଟ୍ର ମଧ୍ୟରେ ବିଶ୍ୱାସ ଏବଂ ପାରସ୍ପରିକ ସମ୍ମାନ ବଜାୟ ରଖିବାର ଗୁରୁତ୍ୱକୁ ପୁନଃ ଦୃଢ଼ କରିଥିଲେ। ଜୟଶଙ୍କର ଆଫଗାନ ଲୋକଙ୍କ ସହିତ ଭାରତର ପାରମ୍ପରିକ ବନ୍ଧୁତାକୁ ଆହୁରି ଗୁରୁତ୍ୱାରୋପ କରିଥିଲେ ଏବଂ ସେମାନଙ୍କ ବିକାଶ ଆବଶ୍ୟକତା ପାଇଁ ନୂଆଦିଲ୍ଲୀର ନିରନ୍ତର ସମର୍ଥନକୁ ପୁନର୍ବାର ଦୋହରାଇଥିଲେ।

## ଲେମ୍ବୁ ପାଇଁ ବୁଲିଲା ଖଣ୍ଡା

**ଉଦୟପୁର, ୧୬।୫:** ରାଜସ୍ଥାନ ଉଦୟପୁରର ଧାନମଣ୍ଡି ଥାନା ଅଞ୍ଚଳରେ ଏକ ସାମାନ୍ୟ ଝଗଡ଼ା ହିଂସାର ରୂପ ନେଇଛି। ଉଦୟପୁରରେ ଏକ ଲେମ୍ବୁକୁ ନେଇ ବିବାଦ ଆରମ୍ଭ ହୋଇଥିଲା। ଏହା ପରେ ଏହି ବିବାଦ ଏତେ ବଢ଼ିଗଲା ଯେ ଦୁଇ ସମ୍ପ୍ରଦାୟ ମଧ୍ୟରେ ସଂଘର୍ଷ ଆରମ୍ଭ ହୋଇଗଲା। ଏହି ବିବାଦ ଏତେ ବଢ଼ିଗଲା ଯେ ଏହା ଖଣ୍ଡା ଯୁଦ୍ଧ ପର୍ଯ୍ୟନ୍ତ ପହଞ୍ଚିଗଲା। ସୂଚନାଯୋଗ୍ୟ, ଉଦୟପୁରରେ ଜଣେ ଯୁବକ ଲେମ୍ବୁ କିଣିବା ପାଇଁ ତୀଜ ଚୌକରେ ଥିବା ପନିପରିବା ବଜାରକୁ ଆସିଥିଲେ। କିଣାବିକା କରୁଥିବା ସମୟରେ, ଯୁବକ ଜଣକ ପନିପରିବା ବିକ୍ରେତାଙ୍କ ସହ ଯୁକ୍ତିତର୍କ କରିଥିଲେ ଏବଂ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ଆରମ୍ଭ ହୋଇଥିଲା। ତା'ପରେ ସେଠାରେ ଉପସ୍ଥିତ ଲୋକମାନେ ସେମାନଙ୍କ ଯୁକ୍ତିକୁ ଶାନ୍ତ କଲେ ଏବଂ ମାମଲାର ସମାଧାନ ହୋଇଗଲା। କିନ୍ତୁ କିଛି ସମୟ ପରେ ଯୁବକ ଜଣକ ତାଙ୍କ ବନ୍ଧୁମାନଙ୍କ ସହିତ ସେଠାକୁ ଫେରି ଆସିଲେ। ସମସ୍ତଙ୍କ ହାତରେ ଖଣ୍ଡା ଏବଂ ଲାଠି ଥିଲା। ଏହି ଯୁବକମାନଙ୍କ କାର୍ଯ୍ୟକଳାପ ନିକଟରେ ଲାଗିଥିବା ସିସିଟିଭି କ୍ୟାମେରାରେ କଏଦ ହୋଇଥିଲା।

## ବେଙ୍ଗାଲୁରୁ ହରେକୃଷ୍ଣ ମନ୍ଦିର ଇସ୍କନ ସୋସାଇଟିର: ସୁପ୍ରିମକୋର୍ଟ



**ନୂଆଦିଲ୍ଲୀ, ୧୬।୫:** ବେଙ୍ଗାଲୁରୁର ହରେକୃଷ୍ଣ ମନ୍ଦିର ସହରର ଇସ୍କନ ସୋସାଇଟିର ବୋଲି ଆଜି ସୁପ୍ରିମକୋର୍ଟ ତାଙ୍କ ରାୟରେ କହିଛନ୍ତି। ବେଙ୍ଗାଲୁରୁର ପ୍ରତୀକାତ୍ମକ ହରେକୃଷ୍ଣ ମନ୍ଦିର ଏବଂ ଶିକ୍ଷାଗତ କମ୍ପ୍ଲେକ୍ସ ନିୟନ୍ତ୍ରଣ ଉପରେ ଇସ୍କନ ମୁମ୍ବାଇ ସପକ୍ଷରେ ରାୟ ଦେଇଥିବା କର୍ଣ୍ଣାଟକ ହାଇକୋର୍ଟର ଆଦେଶକୁ ଚ୍ୟାଲେଞ୍ଜ କରି ଇସ୍କନ ବେଙ୍ଗାଲୁରୁର ଆବେଦନକୁ ସର୍ବୋଚ୍ଚ ଅଦାଲତ ମଞ୍ଜୁର କରିଛନ୍ତି। ବିଚାରପତି ଏ ଏସ ଓକା ଏବଂ ଅଗଷ୍ଟିନ ଜର୍ଜ ମାସିହଙ୍କୁ ନେଇ ଗଠିତ ଏକ ଖଣ୍ଡପୀଠ ଏହି ରାୟ ଦେଇଛନ୍ତି। ଇସ୍କନ ବେଙ୍ଗାଲୁରୁ ୨୦୧୧ ମଇ ୨୩ ତାରିଖରେ ହାଇକୋର୍ଟଙ୍କ ରାୟକୁ ଚ୍ୟାଲେଞ୍ଜ କରି ୨୦୧୧ ଜୁନ ୨ ତାରିଖରେ ସର୍ବୋଚ୍ଚ ଅଦାଲତକୁ ଯାଇଥିଲା। ଏହି ଆବେଦନରେ ଇସ୍କନ ବେଙ୍ଗାଲୁରୁ ଏହାର ପଦାଧିକାରୀ କୋଦଣ୍ଡରାମ ଦାସଙ୍କ ଦ୍ୱାରା ପ୍ରତିନିଧିତ୍ୱ କରାଯାଇଥିଲା, ବେଙ୍ଗାଲୁରୁର ଏକ ସ୍ଥାନୀୟ କୋର୍ଟର ୨୦୦୯ ଆଦେଶକୁ ପ୍ରତ୍ୟାହାର କରିଥିବା ହାଇକୋର୍ଟର ରାୟକୁ ବିରୋଧ କରାଯାଇଥିଲା। ଟ୍ରାଏଲ୍ କୋର୍ଟ ପୂର୍ବରୁ ଇସ୍କନ ବେଙ୍ଗାଲୁରୁ ସପକ୍ଷରେ ରାୟ ଦେଇଥିଲେ, ଏହାର ଆଇନଗତ ଅଧିକାରକୁ ସ୍ୱୀକୃତି ଦେଇଥିଲେ ଏବଂ ଇସ୍କନ ମୁମ୍ବାଇ ବିରୁଦ୍ଧରେ ସ୍ଥାୟୀ ନିଷେଧାଦେଶ ଦେଇଥିଲେ। ତଥାପି, ଉଚ୍ଚ ନ୍ୟାୟାଳୟ ଏହି ରାୟକୁ ବଦଳାଇ ଦେଇଥିଲେ ଏବଂ ଇସ୍କନ ମୁମ୍ବାଇର ପ୍ରତିଦାବିକୁ ସମର୍ଥନ କରିଥିଲେ, ଯାହା ଫଳରେ ମନ୍ଦିର ଉପରେ ସେମାନଙ୍କୁ ପ୍ରଭାବଶାଳୀ ଭାବରେ ନିୟନ୍ତ୍ରଣ ପ୍ରଦାନ କରିଥିଲେ କୋର୍ଟ। ଏହି ଆଇନଗତ ବିବାଦ ସମାନ ନାମ ଏବଂ ଆଧ୍ୟାତ୍ମିକ ମିଶନ ସହିତ ଦୁଇଟି ସମାଜକୁ ପରସ୍ପର ବିରୁଦ୍ଧରେ ଠିଆ କରାଇଥିଲା। କର୍ଣ୍ଣାଟକ-ପଞ୍ଜିକୃତ ସମାଜ ଇସ୍କନ ବେଙ୍ଗାଲୁରୁ ଦାବି କରେ ଯେ ଏହା ଦଶନ୍ଧି ଧରି ସ୍ୱାଧୀନ ଭାବରେ କାର୍ଯ୍ୟ କରିଆସୁଛି ଏବଂ ବେଙ୍ଗାଲୁରୁ ମନ୍ଦିର ପରିଚାଳନା କରୁଛି। ୧୮୬୦ ମସିହାର ଜାତୀୟ ସମାଜ ପଞ୍ଜିକରଣ ଆଇନ ଏବଂ ବମ୍ବେ ପବ୍ଲିକ୍ ଟ୍ରଷ୍ଟ ଆଇନ, ୧୯୫୦ ଅନୁଯାୟୀ ପଞ୍ଜିକୃତ ଇସ୍କନ ମୁମ୍ବାଇ ଦାବି କରେ ଯେ ଇସ୍କନ ବେଙ୍ଗାଲୁରୁ କେବଳ ଏହାର ଶାଖା ଏବଂ ପ୍ରଶ୍ନରେ ଥିବା ସମ୍ପତ୍ତି ଏହାର ଅଧିକାରକ୍ଷେତ୍ର ଅଧୀନରେ ଅଛି।

## ବ୍ରହ୍ମୋସ୍ ପାଖରେ ଚୀନ ଓ ପାକିସ୍ତାନର ଅସ୍ତ୍ର କିଛି ନୁହେଁ



ଆମେରିକା ଯୁଦ୍ଧ ବିଶେଷଜ୍ଞ

**ନୂଆଦିଲ୍ଲୀ, ୧୬।୫:** ଭାରତର ଅପରେସନ ସିନ୍ଦୂର ପରେ ବ୍ରହ୍ମୋସ୍ କ୍ଷେପଣାସ୍ତ୍ରକୁ ନେଇ ବହୁତ ଚର୍ଚ୍ଚା ଦେଖିବାକୁ ମିଳୁଛି। କାରଣ ଭାରତ ପାକିସ୍ତାନର ଯେଉଁ ଆତଙ୍କବାଦୀ ଠିକଣା ଉପରେ ଆକ୍ରମଣ କରିଥିଲା, ତାହା ଏହି କ୍ଷେପଣାସ୍ତ୍ର ଦ୍ୱାରା ହିଁ କରିଥିଲା। ତେଣୁ ସମସ୍ତଙ୍କ ନଜର ବର୍ତ୍ତମାନ ବ୍ରହ୍ମୋସ୍ ଉପରେ ରହିଛି। ଭାରତରେ ତିଆରି ହୋଇଥିବା ଏହି କ୍ଷେପଣାସ୍ତ୍ର କିଣିବାକୁ ବର୍ତ୍ତମାନ ୧୭ଟି ଦେଶ ଲାଇନ୍ ଲଗାଇଛନ୍ତି। ଦକ୍ଷିଣ ପୂର୍ବ ଏସିଆ ଠାରୁ ମଧ୍ୟପ୍ରାଚ୍ୟ ଦେଶଗୁଡ଼ିକ ବ୍ରହ୍ମୋସ୍ କ୍ଷେପଣାସ୍ତ୍ର କିଣିବାକୁ ଆଗ୍ରହ ପ୍ରକାଶ କରିଛନ୍ତି। ଏହାରି ଭିତରେ ଆମେରିକାର ଯୁଦ୍ଧ ଏକ୍ସପର୍ଟ ବି ବ୍ରହ୍ମୋସ୍ କ୍ଷେପଣାସ୍ତ୍ରର ତାରିଫ କରିଛନ୍ତି। ଏହି କ୍ଷେପଣାସ୍ତ୍ର ଆଗରେ ଚୀନ ଓ ପାକିସ୍ତାନର ଅସ୍ତ୍ର କାମ କରିବ ନାହିଁ ବୋଲି ଆମେରିକା ଯୁଦ୍ଧ ବିଶେଷଜ୍ଞ କର୍ଣ୍ଣେଲ (ଅବସରପ୍ରାପ୍ତ) ଜନ୍ ସ୍ପେନ୍ସର କହିଛନ୍ତି। ଜାତୀୟ ଗଣମାଧ୍ୟମ ଇଣ୍ଡିଆ ଟୁଡେକୁ ସାକ୍ଷାତ୍‌କାର ଦେଇ ସେ ଅପରେସନ ସିନ୍ଦୂରର ତାରିଫ କରିଛନ୍ତି। କର୍ଣ୍ଣେଲ(ଅବସରପ୍ରାପ୍ତ) ଜନ୍ ସ୍ପେନ୍ସର କହିଛନ୍ତି ଯେ ପାକିସ୍ତାନ ଦ୍ୱାରା ବ୍ୟବହୃତ ଚୀନ୍ ବାୟୁ ପ୍ରତିରକ୍ଷା ପ୍ରଣାଳୀ ଭାରତର ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ସହିତ କୌଣସି ତୁଳନା ନାହିଁ। ଭାରତ ପାକିସ୍ତାନର ଟାର୍ଗେଟ୍ ଏରିଆଗୁଡ଼ିକୁ ଆକ୍ରମଣ କରିବାରେ ଏବଂ ପାକିସ୍ତାନୀ ଡ୍ରୋନ ଆକ୍ରମଣ ଏବଂ ହାଇବ୍ରିଡ୍ କ୍ଷେପଣାସ୍ତ୍ର ବିରୋଧରେ ନିଜକୁ ସୁରକ୍ଷା ଦେବାରେ ସଫଳ ହୋଇଛି ବୋଲି ସ୍ପେନ୍ସର କହିଛନ୍ତି। ମଡର୍ଣ୍ଣ ୱାର ଇନଷ୍ଟିଚ୍ୟୁଟରେ ସହରାଞ୍ଚଳ ଯୁଦ୍ଧ ଅଧ୍ୟୟନର ଅଧ୍ୟକ୍ଷ ଭାବରେ କାର୍ଯ୍ୟ କରୁଥିବା ସ୍ପେନ୍ସର କହିଛନ୍ତି ଚୀନର ବାୟୁ ପ୍ରତିରକ୍ଷା ପ୍ରଣାଳୀ ଏବଂ କ୍ଷେପଣାସ୍ତ୍ର ଭାରତର ବ୍ୟବସ୍ଥା ତୁଳନାରେ ନିମ୍ନମାନର। ଭାରତର ବ୍ରହ୍ମୋସ କ୍ଷେପଣାସ୍ତ୍ର ଚୀନ ଏବଂ ପାକିସ୍ତାନର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ଭେଦ କରିପାରିଥିଲା। ତେଣୁ ଭାରତ ଏହା ସ୍ପଷ୍ଟ ବାର୍ତ୍ତା ଦେଇଛି ଯେ ସେ ପାକିସ୍ତାନର ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ଆକ୍ରମଣ କରିପାରିବ। ଅପରେସନ ସିନ୍ଦୂରରେ ଭାରତ ଆତଙ୍କବାଦୀଙ୍କୁ ଟାର୍ଗେଟ୍ କରିଥିଲେ ବି ପାକିସ୍ତାନ ପ୍ରତିଶୋଧ ପରାୟଣ ହୋଇ ଭାରତର ସାମରିକ ପ୍ରତିଷ୍ଠାନଗୁଡ଼ିକୁ ଟାର୍ଗେଟ କରି ଡ୍ରୋନ୍ ଏବଂ କ୍ଷେପଣାସ୍ତ୍ର ଆକ୍ରମଣ କରିଥିଲା। ଏହାର ଜବାବରେ ଭାରତ ମେ ୧୦ ତାରିଖରେ ପାକିସ୍ତାନର ୧୧ଟି ବାୟୁସେନା ଘାଟି ଉପରେ ଆକ୍ରମଣ କରିଥିଲା। ବ୍ରହ୍ମୋସ୍ କ୍ଷେପଣାସ୍ତ୍ର ସାହାଯ୍ୟରେ ଭାରତ ଏହି ଆକ୍ରମଣ କରିଥିଲା। ଭାରତ ଏବଂ ପାକିସ୍ତାନ ମଧ୍ୟରେ ଏବେ ଅସ୍ତ୍ର ବିରତି ଘୋଷଣା ହୋଇଥିଲେ ମଧ୍ୟ ଉଭୟ ଦେଶ ମଧ୍ୟରେ ହୋଇଥିବା ଯୁଦ୍ଧରେ ପାକିସ୍ତାନକୁ ବଡ଼ ଧରଣର କ୍ଷତି ସହିବାକୁ ପଡ଼ିଛି। ତିନି ଦିନରୁ ସାମାନ୍ୟ ଅଧିକ ଚାଲିଥିବା ଏହି ଯୁଦ୍ଧରେ ପାକିସ୍ତାନକୁ ୪ ବିଲିୟନ ଡଲାର(୩୩,୪୦୦ କୋଟି)ର କ୍ଷତି ସହିବାକୁ ପଡ଼ିଛି।

## 'ରୋଲୋ'କୁ ଦିଆଗଲା ଗାର୍ଡ ଅଫ୍ ଅନର



**ଛତିଶଗଡ଼, ୧୬।୫:** ଛତିଶଗଡ଼-ତେଲେଙ୍ଗାନା ସୀମାରେ ନକ୍ସଲ ବିରୋଧୀ ଏକ ବଡ଼ ଅପରେସନରେ ଏକ ସାହସୀ ସିଆରପିଏଫ କୁକୁର ସହିଦ ହୋଇଛି। କେ-ନାଇନ ରୋଲୋ ନାମକ ଏହି କୁକୁର, ଯିଏ ବିସ୍ଫୋରକ ଚିହ୍ନଟ ଏବଂ ଆକ୍ରମଣ କରିବାରେ ପାରଙ୍ଗମ ଥିଲା। ସହିଦ ରୋଲୋକୁ ସମ୍ମାନ ଜଣାଇବା ପାଇଁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା। ଏହି ସାହସୀ କୁକୁରକୁ ପୂର୍ଣ୍ଣ ସମ୍ମାନର ସହିତ ଶେଷ ବିଦାୟ ଦେଇଥିଲେ ସିଆରପିଏଫ। ରୋଲୋକୁ ଗାର୍ଡ ଅଫ୍ ଅନର ଦିଆଯାଇଥିଲା ଏବଂ ମରଣୋତ୍ତର ଭାବରେ ସିଆରପିଏଫ ମହାନିର୍ଦ୍ଦେଶକଙ୍କ ଠାରୁ ଏକ ମାନପତ୍ର ପ୍ରଦାନ କରାଯିବାର ଘୋଷଣା କରାଯାଇଥିଲା। ଛତିଶଗଡ଼ ଏବଂ ତେଲେଙ୍ଗାନା ସୀମାନ୍ତରେ ଥିବା କାରେଗୁଟ୍ଟା ପାହାଡ଼ରେ ଏକ ସ୍ୱତନ୍ତ୍ର ଅଭିଯାନ ସମୟରେ ମହୁମାଛିମାନେ ହଠାତ୍ ଆକ୍ରମଣ କରିଥିଲେ। ଏହି ଆକ୍ରମଣରେ, ସିଆରପିଏଫ ଯବାନଙ୍କ ସହିତ ସର୍ଚ୍ଚ ଅପରେସନରେ ସାମିଲ ଥିବା ରୋଲୋ ଗୁରୁତର ଆହତ ହୋଇଥିଲା। ରୋଲୋର ଯତ୍ନ ନେଉଥିବା ହ୍ୟାଣ୍ଡଲର ତାକୁ ବଞ୍ଚାଇବା ପାଇଁ ତୁରନ୍ତ ଏକ ପଲିଥିନ୍ ସିଟ୍ ଘୋଡ଼ାଇ ଦେଇଥିଲେ, କିନ୍ତୁ ମହୁମାଛି ଭିତରେ ପଶି ବିନ୍ଧି ପକେଇଥିଲେ। ଯଦିଓ ତାକୁ ବଞ୍ଚାଇବା ପାଇଁ ସମସ୍ତ ପ୍ରକାରର ଚେଷ୍ଟା କରାଯାଇଥିଲା, ଶେଷରେ ପଶୁଚିକିତ୍ସକ ତାକୁ ୨୦୨୫ ମସିହା ଏପ୍ରିଲ ୨୭ ତାରିଖରେ ମୃତ ଘୋଷଣା କରିଥିଲେ। ରୋଲୋ, ଏକ ସାହସୀ ବେଲଜିୟମ୍ ମାଲିନୋଇସ୍ କୁକୁର।
ବିସ୍ଫୋରକ ଚିହ୍ନଟ କରିବାରେ ଏବଂ ନକ୍ସଲଙ୍କ ଆଡ୍ଡା ଚିହ୍ନଟ କରିବାରେ ପାରଙ୍ଗମ ଥିଲା କିନ୍ତୁ ଦୁର୍ଭାଗ୍ୟବଶତଃ ସେ ମହୁମାଛିଙ୍କ ଆକ୍ରମଣର ଶିକାର ହୋଇଗଲା। ୨୦୨୪ ଏପ୍ରିଲରେ ସିଆରପିଏଫର ୨୨୮ତମ ବାଟାଲିୟନରେ ସାମିଲ ହୋଇଥିବା ରୋଲୋ, ବେଙ୍ଗାଲୁରୁର କୁକୁର ପ୍ରଜନନ ଏବଂ ତାଲିମ ବିଦ୍ୟାଳୟରେ ତାଲିମ ନେଇଥିଲା। ରୋଲୋ ନକ୍ସଲ ବିରୋଧୀ ଅପରେସନ ପାଇଁ ସ୍ୱତନ୍ତ୍ର ଭାବରେ ତାଲିମପ୍ରାପ୍ତ ଥିଲା ଏବଂ ଅନେକ ସଫଳ ଅପରେସନରେ ଅଂଶଗ୍ରହଣ କରିଥିଲା।

## ପୁଣି ଆସୁଛି କୋଭିଡ-୧୯ର ନୂଆ ଲହର!

▶ ହଂକଂ ଓ ସିଙ୍ଗାପୋରରେ ଦ୍ରୁତ ସଂକ୍ରମଣ
▶ ଭାରତ ପାଇଁ ଚେତାବନୀ



**ନୂଆଦିଲ୍ଲୀ, ୧୬।୫:** ସାରା ବିଶ୍ୱରେ ଆତଙ୍କ ସୃଷ୍ଟି କରିଥିବା କରୋନା ଭାଇରସ ମହାମାରୀ ପୁଣି ଥରେ ଏସିଆକୁ ଲେଉଟିଛି। ହଂକଂ ଓ ସିଙ୍ଗାପୋର ଭଳି ଦେଶମାନଙ୍କରେ କୋଭିଡ-୧୯ ମାମଲାରେ ଅଚାନକ ବୃଦ୍ଧି ଦେଖାଯାଇଛି, ଫଳରେ ସ୍ୱାସ୍ଥ୍ୟ ଏଜେନ୍ସୀମାନେ ସତର୍କ ହୋଇ ଯାଇଛନ୍ତି। ବିଶେଷଜ୍ଞଙ୍କ ଅନୁସାରେ ଏହା ସମ୍ଭବତଃ ନୂଆ ଲହରର ଚେତାବନୀ ହୋଇପାରେ। ଏଥିପାଇଁ ବିଶେଷଜ୍ଞମାନେ ଭାରତକୁ ମଧ୍ୟ ସତର୍କ କରିଛନ୍ତି। ହଂକଂ ସ୍ୱାସ୍ଥ୍ୟ ସଂରକ୍ଷଣ କେନ୍ଦ୍ରର ସଂକ୍ରାମକ ରୋଗ ବିଭାଗ ମୁଖ୍ୟ ଡା.ଅଲବର୍ଟ ଔ ଙ୍କ ଅନୁସାରେ ସହରରେ କୋଭିଡ ସଂକ୍ରମଣ ସ୍ତରରେ ଦ୍ରୁତ ବୃଦ୍ଧି ହେଉଛି। ସେ କହିଛନ୍ତି ଯେ ପଜିଟିଭିଟି ହାର ବର୍ଷକ ମଧ୍ୟରେ ଉଚ୍ଚତମ ସ୍ତରକୁ ପହଞ୍ଚି ଯାଇଛି ଓ ଜଟିଳ ମାମଲା ସହିତ ମୃତ୍ୟୁ ହାର ମଧ୍ୟ ବୃଦ୍ଧି ହୋଇଛି। ମେ ୩ରେ ଶେଷ ସପ୍ତାହରେ ୩୧ଟି ମାମଲା ସାମ୍ନାକୁ ଆସିଥିଲା, ଯାହା ଗତମାସ ତୁଳନାରେ ସର୍ବାଧିକ। ସ୍ୱାସ୍ଥ୍ୟ ବିଭାଗ ଏହାକୁ ଏକ ସତର୍କତା ସଂକେତ ମନେ କରୁଛନ୍ତି। କରୋନାର ବଢ଼ୁଥିବା ସଂକ୍ରମଣ ମାମଲାର ପ୍ରଭାବ ସାଂସ୍କୃତିକ ଆୟୋଜନ ଉପରେ ମଧ୍ୟ ଦେଖାଗଲାଣି। ପ୍ରସିଦ୍ଧ ଗାୟକ ଇସେନ ଚୈନ କୋଭିଡ-୧୯ ସଂକ୍ରମିତ ହେବା କାରଣରୁ ତାଇୱାନର କାଇଶୁଙ୍ଗରେ ହେବାକୁ ଥିବା ତାଙ୍କର ମ୍ୟୁଜିକ କନସର୍ଟକୁ ବାତିଲ କରିଦେଇଛନ୍ତି। ଏହି ଘୋଷଣା ତାଙ୍କର ଅଧିକାରୀକ ୱେବଆକାଉଣ୍ଟରେ କରାଯାଇଛି। ସେହିପରି ସିଙ୍ଗାପୋର ସ୍ୱାସ୍ଥ୍ୟ ମନ୍ତ୍ରାଳୟ ଚଳିତ ମାସରେ ପ୍ରଥମ ଥର ସଂକ୍ରମଣ ନେଇ ରିପୋର୍ଟ ଜାରି କରିଛନ୍ତି। ତଥ୍ୟ ଅନୁସାରେ ମେ ୩ରେ ସମାପ୍ତ ସପ୍ତାହରେ କୋଭିଡ ମାମଲାରେ ୨୮% ବୃଦ୍ଧି ରେକର୍ଡ କରାଯାଇଛି। ଫଳରେ ଦେଶରେ କୋଭିଡ ସଂକ୍ରମିତଙ୍କ ସଂଖ୍ୟା ୧୪,୨୦୦କୁ ପହଞ୍ଚି ଯାଇଛି। ଏହା ଛଡା ହସ୍ପିଟାଲମାନଙ୍କରେ ଭର୍ତ୍ତି ରୋଗୀଙ୍କ ସଂଖ୍ୟାରେ ୩୦% ବୃଦ୍ଧି ହୋଇଛି। ତେବେ ମନ୍ତ୍ରାଳୟ ଏବେ ବ୍ୟାପୁଥିବା ଭାରିଏଣ୍ଟ ମହାମାରୀକାଳରେ ଦେଖାଯାଇଥିବା ଭାରିଏଣ୍ଟ ଭଳି ଏତେ ବିପଦଜନକ ନୁହେଁ ବୋଲି କହିଛନ୍ତି।

# ଏସ୍ପାନିଓଲକୁ ହରାଇ ବାର୍ସିଲୋନା ଜିତିଲା ଲା ଲିଗା ଟାଇଟଲ

**ବାର୍ସିଲୋନା,୧୬ା୫:** ସ୍ପେନର ଫୁଟବଲ ଜଗତରେ ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ବାର୍ସିଲୋନା ଏକ ରୋମାଞ୍ଚକର ମ୍ୟାଚରେ ଏସ୍ପାନିଓଲକୁ ପରାସ୍ତ କରି ୨୮ତମ ଲା ଲିଗା ଟାଇଟଲ ହାସଲ କରିଛି। ଏହି ବିଜୟ ସହିତ ବାର୍ସିଲୋନା ସ୍ପେନିସ ଫୁଟବଲରେ ନିଜର ଆଧିପତ୍ୟକୁ ଆହୁରି ସୁଦୃଢ଼ କରିଛି, ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହର ଲହରୀ ସୃଷ୍ଟି କରିଛି।ବାର୍ସିଲୋନାର ଘରୋଇ ମୈଦାନ କ୍ୟାମ୍ପ ନୌରେ ଅନୁଷ୍ଠିତ ଏହି ମ୍ୟାଚରେ ବାର୍ସିଲୋନା ପ୍ରଥମ ମିନିଟ୍‌ରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳର ଅଧିନାୟକ ଓ ଷ୍ଟାର ଖେଳାଳିଙ୍କ ନେତୃତ୍ୱରେ ବାର୍ସିଲୋନା ପ୍ରଥମ ଅର୍ଦ୍ଧରେ ଏକ ଦୃଢ଼ ଆଧିପତ୍ୟ ବଜାୟ ରଖିଥିଲା। ମ୍ୟାଚର ୨୩ତମ ମିନିଟ୍‌ରେ ବାର୍ସିଲୋନାର ଏକ ଚମତ୍କାର ଟିମ୍‌ୱାର୍କର ଫଳସ୍ୱରୂପ ପ୍ରଥମ ଗୋଲ ଆସିଥିଲା, ଯାହା ପ୍ରଶଂସକଙ୍କୁ ଉତ୍ସାହିତ କରିଥିଲା। ଏସ୍ପାନିଓଲ




ମଧ୍ୟ ଜୋରଦାର ପ୍ରତିଆକ୍ରମଣ କରି କିଛି ସୁଯୋଗ ସୃଷ୍ଟି କରିଥିଲା, କିନ୍ତୁ ବାର୍ସିଲୋନାର ଡିଫେନ୍ସ ଏବଂ ଗୋଲକିପରଙ୍କ ଦକ୍ଷତା ସେମାନଙ୍କୁ ଗୋଲ ସ୍କୋର କରିବାରୁ ରୋକିଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ବାର୍ସିଲୋନା ଆହୁରି ଆକ୍ରମଣ ଜାରି ରଖିଥିଲା। ୬୭ତମ ମିନିଟ୍‌ରେ ଏକ ଫ୍ରି-କିକ ମାଧ୍ୟମରେ ବାର୍ସିଲୋନା ଦ୍ୱିତୀୟ ଗୋଲ ସ୍କୋର କରି ମ୍ୟାଚରେ ୨-୦ରେ ଆଗୁଆ ରହିଥିଲା।

ମ୍ୟାଚର ଶେଷ ମିନିଟ୍‌ରେ ଏସ୍ପାନିଓଲ ଗୋଟିଏ ଗୋଲ ଫେରାଇବାକୁ ସଫଳ ହୋଇଥିଲା, ଯାହା ଖେଳକୁ ରୋମାଞ୍ଚକର କରି ଦେଇଥିଲା। କିନ୍ତୁ, ବାର୍ସିଲୋନାର ଡିଫେନ୍ସିଭ ରଣନୀତି ଏବଂ କୋଚ୍‌ଙ୍କ ସଠିକ ଖେଳାଳି ପରିବର୍ତ୍ତନ ଦଳକୁ ବିଜୟ ମାର୍ଗରେ ନେଇଯାଇଥିଲା। ଶେଷରେ, ୨-୧ ସ୍କୋର ସହିତ ବାର୍ସିଲୋନା ଏହି ଗୁରୁତ୍ୱପୂର୍ଣ୍ଣ ମ୍ୟାଚ ଜିତି ଲା ଲିଗା ଟାଇଟଲ ନିଜ ନାମରେ କରିଥିଲା।

## ଅର୍ସଦଙ୍କ ସହ ଘନିଷ୍ଠ ବନ୍ଧୁତା ନଥିଲା: ନୀରଜ

**ନୂଆଦିଲ୍ଲୀ, ୧୬ା୫:** ସମ୍ପ୍ରତି ବିଶ୍ୱ ଜାଭଲିନ୍ ଦୁନିଆର ଅନ୍ୟତମ ଦୁଇ ଶ୍ରେଷ୍ଠ ଖେଳାଳି ଭାରତୀୟ ତାରକା ନୀରଜ ଚୋପ୍ରା ଏବଂ ଅଲିମ୍ପିକ୍ ବିଜେତା ପାକିସ୍ତାନର ଅର୍ସଦ ନଦୀମଙ୍କ ସମ୍ପର୍କକୁ ନେଇ ଅତୀତରେ ଅନେକ ଚର୍ଚ୍ଚା ହୋଇଛି। ବିଗତ କିଛି ବର୍ଷ ହେବ ଉଭୟଙ୍କ ମଧ୍ୟରେ ଘନିଷ୍ଠ ବଂଧୁତା ରହିଥିବା ଉଭୟ ସ୍ୱୀକାର ବି କରିଥିଲେ। ଏପରିକି ନୀରଜଙ୍କ ମା' ମଧ୍ୟ ଅର୍ସଦଙ୍କୁ ପୁଅ ଭଳି ଦେଖନ୍ତି ବୋଲି ସ୍ୱୀକାର କରିଥିଲେ। ଅବଶ୍ୟ ଏଥିପାଇଁ ତାଙ୍କୁ ଢେର୍ ଟ୍ରୋଲ୍ କରିଛନ୍ତି ନୀରଜଙ୍କ ଭାରତୀୟ ପ୍ରଶଂସକମାନେ। ଦୁଇ ଥର ଅଲିମ୍ପିକ୍ ପଦକ ଜିତିଥିବା ନୀରଜଙ୍କୁ ବୁଧବାର ଭାରତ ସରକାର ଟେରିଟୋରିଆଲ୍ ଆର୍ମିର ସମ୍ମାନସୂଚକ ଲେଫ୍ଟନାଣ୍ଟ୍ କର୍ଣ୍ଣେଲ ପଦ ପ୍ରଦାନ କରିଛନ୍ତି। ଏହା ପରେ ନୀରଜଙ୍କ ପ୍ରତିକ୍ରିୟା ତାଙ୍କ ପୂର୍ବ ମନ୍ତବ୍ୟର ୟୁ ଟର୍ଣ୍ଣ ଭଳି ହୋଇଛି। ପହଲଗାମରେ ଆତଙ୍କବାଦୀଙ୍କ ଆକ୍ରମଣ ପରେ ଦେଖା ଦେଇଥିବା ଭାରତ-ପାକିସ୍ତାନ ଉତ୍ତେଜନା



ପରିସ୍ଥିତି ପରେ ନୀରଜ କହିଛନ୍ତି ''ଅର୍ସଦ ବାସ୍ତବରେ କେବେ ବି ମୋର ଘନିଷ୍ଠ ବଂଧୁ ନଥିଲେ। ସମସ୍ତଙ୍କ ପାଇଁ ମୁଁ ସ୍ପଷ୍ଟ କରିଦେବାକୁ ଚାହେ କି ଅର୍ସଦଙ୍କ ସହ ସେଭଳି ଦୃଢ଼ ସମ୍ପର୍କ ନାହିଁ। ଖେଳାଳି ଭାବେ ଆମେ ପରସ୍ପର ସହ ଆଲୋଚନା କରିଥାଉ। ବିଶ୍ୱବ୍ୟାପୀ ଖେଳାଳିଙ୍କ ଗୋଷ୍ଠୀ ଭିତରେ ବଂଧୁତା ରହିଥାଏ।

ଏମିତି ବି ମୋତେ ଯିଏ ସମ୍ମାନ ଦିଏ, ମୁଁ ବି ତାକୁ ସେଭଳି ବ୍ୟବହାର କରେ''। ଜାଭଲିନ୍ ପରିବାର ଏକ ଛୋଟିଆ ଗୋଷ୍ଠୀ, ସମସ୍ତେ ନିଜ ନିଜ ଦେଶ ପାଇଁ ଖେଳିଥାନ୍ତି ଏବଂ ଶ୍ରେଷ୍ଠ ପ୍ରଦର୍ଶନ ଦେବାକୁ ଚେଷ୍ଟା କରନ୍ତି। କିନ୍ତୁ ସାମ୍ପ୍ରତିକ ପରିସ୍ଥିତି ଦୃଷ୍ଟିରୁ ଅର୍ସଦଙ୍କ ସହ ପୂର୍ବ ଭଳି ସମ୍ପର୍କ ରହିପାରିବ ନାହିଁ ବୋଲି ମଧ୍ୟ ନୀରଜ ପ୍ରକାଶ କରିଛନ୍ତି। ଦୋହା ଡାଏମଣ୍ଡ ଲିଗ୍ ପୂର୍ବରୁ ନୀରଜ ଏଭଳି କହିଛନ୍ତି। ଦୋହାରେ ନୀରଜଙ୍କୁ ଦୁଇ ଥର ଅଲିମ୍ପିକ୍ ବିଜେତା ତଥା ୨୦୨୪ ଅଲିମ୍ପିକ୍ସ କାଂସ୍ୟ ବିଜେତା ଗ୍ରେନାଡାର ଆଣ୍ଡରସନ୍ ପିଟର୍ସ ଏବଂ ୨୦୨୪ ଦୋହା ଡାଏମଣ୍ଡ୍ ଲିଗ୍ ବିଜେତା ଚେଚିଆର ଜ୍ୟାକବ୍ ଭାଦଲେଚ୍, ଜର୍ମାନୀ ଯୋଡ଼ି ଜୁଲିଆନ୍ ୱେବର୍ ଓ ମ୍ୟାକ୍ସ ଡେନିଙ୍ଗ୍, ଜାପାନର ଗେଙ୍କି ଡିନ୍ ପ୍ରମୁଖ ଆହ୍ୱାନ ଦେବେ। ଓଡ଼ିଆ ପୁଅ କିଶୋର ଜେନା ବି ଏଠାରେ ଗତବର୍ଷ ନବମ ସ୍ଥାନ ପ୍ରଦର୍ଶନକୁ ପଛରେ ପକାଇବା ଆଶା ରଖିଛନ୍ତି। ଏସିଆଡ୍ ରୌପ୍ୟ ବିଜେତା ନୀରଜ ଗତବର୍ଷ ଏଠାରେ ୮୭.୩୧ ମିଟର୍ ଥ୍ରୋ କରିଥିଲେ ମଧ୍ୟ ତାଙ୍କ ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ ୮୭.୫୪ ମିଟର୍ ପର୍ଯ୍ୟନ୍ତ ଲମ୍ବିଛି। ନୀରଜ ଟୋକିଓ ଅଲିମ୍ପିକ୍ସରେ ସ୍ୱର୍ଣ୍ଣ ଏବଂ ଗତବର୍ଷ ପ୍ୟାରିସ୍ ଅଲିମ୍ପିକ୍ସରେ ଅର୍ସଦଙ୍କ ପଛରେ ରହି ରୌପ୍ୟ ଜିତିଥିଲେ।

## କୋହଲିଙ୍କ ଅବସର ଘୋଷଣା ପରେ ପ୍ରତିକ୍ରିୟା ରଖିଲେ ରବି ଶାସ୍ତ୍ରୀ




**ନୂଆଦିଲ୍ଲୀ, ୧୬ା୫:** ଭାରତୀୟ କ୍ରିକେଟ ଦଳର ଷ୍ଟାର କ୍ରିକେଟର ତଥା ବ୍ୟାଟସମ୍ୟାନ ବିରାଟ କୋହଲି ହଠାତ୍ ଟେଷ୍ଟ କ୍ରିକେଟରୁ ଅବସର ନେବା ଘଟଣା ଚର୍ଚ୍ଚାର ପରିସରରେ ରହିଛି। ବିରାଟଙ୍କ ଏହି ଅବସର ନିଷ୍ପତ୍ତି ସମସ୍ତ ଖେଳପ୍ରେମୀଙ୍କୁ ଆଶ୍ଚର୍ଯ୍ୟ କରି ଦେଇଥିଲା।

ସମସ୍ତଙ୍କ ମନରେ କେବଳ ଗୋଟିଏ ପ୍ରଶ୍ନ ଉଙ୍କି ମାରିଛି କି ବିରାଟ ହଠାତ କାହିଁକି ଅବସର ନେଲେ? ଏ ପ୍ରସଙ୍ଗରେ ପୂର୍ବତନ ଟିମ୍ ଇଣ୍ଡିଆର କୋଚ୍ ରବି ଶାସ୍ତ୍ରୀ ଆଲୋଚନା କରି କହିଛନ୍ତି, 'ବିରାଟ କୋହଲି ମଇ ୧୨ ତାରିଖରେ ତାଙ୍କର ଅବସର ଘୋଷଣା କରିଥିଲେ। ଟେଷ୍ଟରେ ଭାରତ ପାଇଁ ସର୍ବାଧିକ ରନ୍ ସ୍କୋରର କରିବାରେ କୋହଲି ଚତୁର୍ଥ ଖେଳାଳି ରହିଛନ୍ତି। ସେ ଟେଷ୍ଟ ମ୍ୟାଚରେ ୯୨୩୦ ରନ ଏବଂ ୩୦ ଶତକ ମାରିଛନ୍ତି। ୬୮ଟି ଟେଷ୍ଟ ମ୍ୟାଚ ମଧ୍ୟରୁ ୪୦ଟି ମ୍ୟାଚରେ ବିରାଟ ବିଜୟୀ ହୋଇଛନ୍ତି।

ଅବସର ଘୋଷଣାର ଗୋଟିଏ ସପ୍ତାହ ପୂର୍ବରୁ କୋହଲିଙ୍କ ସହ କଥା ହୋଇଥିଲି। ଆଲୋଚନା ସମୟରେ କୋହଲି କହିଥିଲେ ସେ ଦଳକୁ ସବୁକିଛି ଦେଇଛନ୍ତି ଏଥିପାଇଁ ତାଙ୍କର କୌଣସି ଅନୁତାପ ନାହିଁ।କୋହଲିଙ୍କ ଖେଳ ପ୍ରତିଥିବା ଆଗ୍ରହ ତାଙ୍କର ଶୀଘ୍ର ଅବସରର କାରଣ ରହିଛି। ଖେଳ ପାଇଁ ସେ ଦିନରାତି ଏକ କରି ଦେଇଥାଆନ୍ତି। ଏବେ ତାଙ୍କ ଶରୀର ବିଶ୍ରାମ ଚାହୁଁଛି। ବିଶ୍ରାମ ନ ନେଲେ ସେ କ୍ଲାନ୍ତ ହୋଇପଡ଼ିବେ।

ଖେଳ ପ୍ରତି କୋହଲିଙ୍କର ଆଗ୍ରହ ଥିଲା ଓ ରହିଥିବ ମଧ୍ୟ। କୋହଲି ଯେକୌଣସି ନିଷ୍ପତ୍ତି ନିଅନ୍ତି ଅନେକ ଭାବିଚିନ୍ତି ନେଇଥାଆନ୍ତି। ସେ କିଛି କରିବାକୁ ନିଷ୍ପତ୍ତି ନିଅନ୍ତି, ତେବେ ସେ ସେଥିରେ ତାଙ୍କର ୧୦୦% ଦିଅନ୍ତି।

## ଦୁଇଗୁଣା ବଢ଼ିଲା ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ପୁରସ୍କାର ରାଶି

**ଦୁବାଇ, ୧୬ା୫:** ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ୨୦୨୫ ଟାଇଟଲ ବିଜେତାକୁ ୩.୬ ନିୟୁତ ଆମେରିକୀୟ ଡଲାର ମିଳିବ, ଯାହାକି ଗତ ସଂସ୍କରଣ ତୁଳନାରେ ଦୁଇଗୁଣାରୁ ଅଧିକ। ୨୦୨୩ରେ ଭାରତ ବିପକ୍ଷ ଫାଇନାଲ ଜିତି ଅଷ୍ଟ୍ରେଲିଆ ୧.୬ ନିୟୁତ ଡଲାର ପାଇଥିଲା। ୨୦୨୫ ଫାଇନାଲ ଜୁନ୍ ୧୧ରେ ଲର୍ଡସଠାରେ ଅଷ୍ଟ୍ରେଲିଆ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ ଖେଳାଯିବ। ଏଥର ପରାଜିତ ଦଳ ୨.୧ ନିୟୁତ ଆମେରିକୀୟ ଡଲାର ପୁରସ୍କାର ପାଇବ। ଅନ୍ତର୍ଜାତୀୟ କ୍ରିକେଟ ପରିଷଦ (ଆଇସିସି)ର ଏହି ଇଭେଣ୍ଟର ଗତ ଦୁଇ ସଂସ୍କରଣର ରନରଅପ୍ ୮୦୦,୦୦୦ ଡଲାର ଲେଖାଏ ପାଇଥିଲେ। ଡବ୍ଲ୍ୟୁଟିସି ସାଇକେଲରେ ୯ଟି ଦଳକୁ ନେଇ ଅନୁଷ୍ଠିତ ପ୍ରତିଯୋଗିତାରେ ଶ୍ରୀଲଙ୍କା ଓ ପାକିସ୍ତାନ ବିପକ୍ଷ ହୋମ୍ ସିରିଜ ଜିତିବା ପରେ ଦକ୍ଷିଣ ଆଫ୍ରିକା ୬୯.୪୪ ପଏଣ୍ଟ ସହ ଟେବୁଲ ଶୀର୍ଷରେ ପହଞ୍ଚି ଯାଇଥିଲା। ଅଷ୍ଟ୍ରେଲିଆ ୬୭.୫୪ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଭାରତ ୫୦.୦୦ ପ୍ରତିଶତ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଥିଲା।




### ଇଂଲଣ୍ଡ ଗସ୍ତ ପାଇଁ ଭାରତୀୟ ମହିଳା ଦଳ ଘୋଷିତ

# ଟି-ଟ୍ୱେଣ୍ଟିକୁ ଫେରିଲେ ଶେଫାଳୀ ଓ ସ୍ନେହ

**ନୂଆଦିଲ୍ଲୀ, ୧୬ା୫:** ଭାରତୀୟ ମହିଳା କ୍ରିକେଟ ଦଳ ଆସନ୍ତା ମାସ ଇଂଲଣ୍ଡ ଗସ୍ତ କରି ଏକ ସୀମିତ ଓଭର କ୍ରିକେଟ୍ ସିରିଜ ଖେଳିବ। ଉଭୟ ଦଳ ମଧ୍ୟରେ ୫ଟି ଟି-ଟ୍ୱେଣ୍ଟି ଓ ୩ଟି ଦିନିକିଆ ଖେଳାଯିବ। ଉଭୟ ସିରିଜ ପାଇଁ ଆଜି ଭାରତୀୟ ଦଳ ଘୋଷଣା ହୋଇଛି। ଦୁର୍ଦ୍ଧର୍ଷ ଓପନର ଶେଫାଳି ବର୍ମା ଏବଂ ସ୍ପିନର ସ୍ନେହ ରାଣା ଟି-ଟ୍ୱେଣ୍ଟି ଦଳକୁ ଫେରିଛନ୍ତି। ଅନ୍ୟ ପଟରେ ୪ଜଣ ଯୁବ ଖେଳାଳିଙ୍କୁ ମଧ ଏହି ଦଳରେ ସୁଯୋଗ ଦିଆଯାଇଛି। ସେମାନେ ହେଲେ ଅଲରାଉଣ୍ଡର କ୍ରାନ୍ତି ଗୌଡ଼, ସାୟଲି ସତଘରେ, ବାମ ହାତି ସ୍ପିନର ଏନ୍ ଶ୍ରୀ ଚରଣୀ ଓ ସୂଚୀ ଉପାଧ୍ୟାୟ। ଶେଫାଳି ଗତ ବର୍ଷ ଟି-ଟ୍ୱେଣ୍ଟି ବିଶ୍ୱକପ୍ ପରଠୁ ଦଳରୁ ଅଣଦେଖା ହୋଇ ଆସୁଥିଲେ। ମାତ୍ର ଘରୋଇ କ୍ରିକେଟ୍ ଏବଂ ମହିଳା ପ୍ରିମିୟର ଲିଗ୍ (ଡବ୍ଲ୍ୟୁପିଏଲ୍)ରେ ଦୃଢ଼ ପ୍ରଦର୍ଶନ କରି ଦଳକୁ ଫେରିଛନ୍ତି। ସିନିୟର ମହିଳା ଦିନିକିଆ ଟ୍ରଫିରେ ସେ ୧୫୨.୩୧ ଷ୍ଟ୍ରାଇକ




ରେଟ୍‌ରେ ୫୨୭ରନ୍, ଦିନିକିଆ ଚ୍ୟାଲେଞ୍ଜର ଟ୍ରଫିରେ ୪୧୪ରନ୍ ଏବଂ ଡବ୍ଲ୍ୟୁପିଏଲରେ ୩୦୪ରନ୍ ସଂଗ୍ରହ କରିଥିଲେ।

ଶ୍ରୀଲଙ୍କାରେ ଆୟୋଜିତ ଗତ ମହିଳା ତ୍ରି-ରାଷ୍ଟ୍ରୀୟ ଦିନିକିଆ ସିରିଜରେ ଭାରତ ଚାମ୍ପିଅନ୍




ହୋଇଥିଲା। ତେଣୁ ଚୟନ କମିଟି ଦିନିକିଆ ଦଳରେ କୌଣସି ପରିବର୍ତ୍ତନ କରିନାହାନ୍ତି। କେବଳ ଆହତ କାଶବୀ ଗୌତମଙ୍କ ସ୍ଥାନରେ ସାୟଲିଙ୍କୁ ସାମିଲ କରାଯାଇଛି। ଭାରତୀୟ ଦଳ ଘରୋଇ ଇଂଲଣ୍ଡ ବିପକ୍ଷରେ ୫ଟି ଟି-ଟ୍ୱେଣ୍ଟି (ଜୁନ ୨୮, ଜୁଲାଇ ୧, ୪, ୯, ୧୨ ତାରିଖ) ଏବଂ ୩ଟି ଦିନିକିଆ (ଜୁଲାଇ ୧୬, ୧୯, ୨୨ତାରିଖ) ଖେଳିବ।

ଟି-ଟ୍ୱେଣ୍ଟି ଦଳ: ହର୍ମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧନା (ଉପ ଅଧିନାୟକ), ଶେଫାଳି ବର୍ମା, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ୟସ୍ତିକା ଭାଟିଆ, ତେଜଲ ହସବନିସ୍, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରଣୀ, ସୂଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ସାୟଲି ସତଘରେ।

ଦିନିକିଆ ଦଳ: ହର୍ମନପ୍ରୀତ କୌର (ଅଧିନାୟକ), ସ୍ମୃତି ମନ୍ଧନା (ଉପ ଅଧିନାୟକ), ପ୍ରତୀକା ରାୱଲ, ହର୍ଲିନ ଦେଓଲ, ଜେମିମା ରୋଡ୍ରିଗ୍ସ, ରିଚା ଘୋଷ, ୟସ୍ତିକା ଭାଟିଆ, ତେଜଲ ହସବନିସ୍, ଦୀପ୍ତି ଶର୍ମା, ସ୍ନେହ ରାଣା, ଶ୍ରୀ ଚରଣୀ, ସୂଚୀ ଉପାଧ୍ୟାୟ, ଅମନଜୋତ କୌର, ଅରୁନ୍ଧତୀ ରେଡ୍ଡୀ, କ୍ରାନ୍ତି ଗୌଡ଼, ସାୟଲି ସତଘରେ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବନ୍ଦ କର...

ଉତ୍ପାଦନ ଓ ବିକ୍ରି ମାଧ୍ୟମରେ ହୋଇଛି। ଆଜି ଓଏମ୍‌ସି ଦେଶରେ ଖଣିଜ ଉତ୍ପାଦନକାରୀ କମ୍ପାନୀ ମଧ୍ୟରେ ଶ୍ରେଷ୍ଠ ୫ରେ ରହିଛି। ନିଗମ କେବଳ ଓଡ଼ିଶାରେ ନୁହେଁ, ସାରା ଦେଶରେ ଏକ ଆଦର୍ଶ ଲାଭଜନକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ଭାବେ ପ୍ରତିଷ୍ଠା ଲାଭ କରିପାରିଛି। ନିଗମ ଓଡ଼ିଶା ବିକାଶର ସାରଥୀ ଓ ଦେଶର ଅର୍ଥନୈତିକ ଅଭିବୃଦ୍ଧିରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେ ଆହୁରି କହିଛନ୍ତି ଯେ ଓଡିଶା ଏକ କୃଷିପ୍ରଧାନ ରାଜ୍ୟ ହୋଇଥିଲେ ମଧ୍ୟ କେବଳ କୃଷି ଉପରେ ନିର୍ଭର କରି ଚାଲିଲେ ଆମେ ଆଗକୁ ବଢ଼ିପାରିବା ନାହିଁ। ସରକାରଙ୍କ ଲକ୍ଷ୍ୟ ଓଡିଶାକୁ ଏକ ମିଶ୍ରିତ ଅର୍ଥନୀତି ଭାବେ ଗଢ଼ିତୋଳିବା। ଏ ଦିଗରେ ଉତ୍ପାଦନ କ୍ଷେତ୍ରରେ ଅଧିକ ଦୃଷ୍ଟି ନିବଦ୍ଧ କରିବାକୁ ପଡ଼ିବ। ଉତ୍ପାଦନ ପାଇଁ ଆବଶ୍ୟକ କଞ୍ଚାମାଲ ରାଜ୍ୟରେ ପ୍ରଚୁର ପରିମାଣରେ ରହିଛି। ପୂର୍ବ ସରକାର ରାଜ୍ୟର ଏହି କ୍ଷମତାକୁ ଉପଯୋଗ କରିବାରେ ବିଫଳ ରହିଛନ୍ତି। କିନ୍ତୁ ଆମେ ଖଣିଜ ଦ୍ରବ୍ୟରେ ଅତିରିକ୍ତ ମୂଲ୍ୟ ଯୋଡ଼ି ବିକ୍ରି କରାଯିବା ନୀତି ଆପଣେଇଛୁ। ଉଦ୍ୟୋଗୀକରଣ ମାଧ୍ୟମରେ ଦ୍ରୁତ ଶିଳ୍ପାୟନ ପାଇଁ ସରକାର ଶପଥ ନେଇଛନ୍ତି। ରାଜ୍ୟରେ ଶିଳ୍ପ ପ୍ରତିଷ୍ଠାକୁ ପ୍ରୋତ୍ସାହିତ କରିବାକୁ ସରକାରଙ୍କ ଇସ୍ପାତ ଓ ଖଣି ବିଭାଗର ଇ-ନିଲାମ୍ ପ୍ଲାଟଫର୍ମ ମାଧ୍ୟମରେ ଲଙ୍ଗ-ଟର୍ମ ଲିଙ୍କେଜ୍ ପଲିସି ଦ୍ୱାରା ଶିଳ୍ପଗୁଡ଼ିକୁ ୮୦ ପ୍ରତିଶତରୁ ଅଧିକ କଞ୍ଚାମାଲ ଉପଲବ୍ଧ କରାଇପାରୁଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିବା ସହ ନିଗମ ୯୦ ଲକ୍ଷରୁ ଊର୍ଦ୍ଧ୍ୱ ଚାରା ରୋପଣ କରି ତା'ର ସିଏସ୍‌ଆର୍ ଦାୟିତ୍ୱ ସଠିକ୍ ଭାବେ ତୁଲାଇଛି ବୋଲି କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବଡ଼ବିଲର ଡୁବୁନାସ୍ଥିତ ଲୌହ ପଥର ଖଣିକୁ ପୁନଃ କାର୍ଯ୍ୟକ୍ଷମ କରିଥିଲେ। ଏଠାରୁ ବାର୍ଷିକ ୩ ନିୟୁତ ଟନ୍ ଉତ୍ପାଦନ ପାଇଁ ଲକ୍ଷ୍ୟ ରହିଛି। ଏଥିସହ ମୁଖ୍ୟମନ୍ତ୍ରୀ ବଡବିଲ ଅଞ୍ଚଳର ତିରିଂ ପାହାଡ ଖଣି ଓ ରେଙ୍ଗାଲବେଡା ଆରଆର୍ କଲୋନୀକୁ ବିଦ୍ୟୁତ ଯୋଗାଣର ଶୁଭାରମ୍ଭ କରିଥିଲେ।

ଏଥିସହ ମୁଖ୍ୟମନ୍ତ୍ରୀ କୋଇଡା ଖଣି ଅଞ୍ଚଳସ୍ଥିତ ଓଏମ୍‌ସି ଖଣିରେ ୯୦୦ କିଲୋ ୱାଟ୍ ପିକ୍‌ର ସୋଲାର ପ୍ଲାଣ୍ଟକୁ ମଧ୍ୟ ଉଦ୍‌ଘାଟନ କରିଥିଲେ। କମ୍ପାନୀର କାର୍ଯ୍ୟଦକ୍ଷତାକୁ ଅଧିକ ସୁଦୃଢ଼ କରିବା ପାଇଁ ୪ଟି ଆଇଟି ମଡ୍ୟୁଲାର ଲଜିଷ୍ଟିକ୍ ମ୍ୟାନେଜମେଣ୍ଟ ସିଷ୍ଟମ (ଏଲ୍‌ଏମ୍‌ଏସ୍), ଓଏମ୍‌ସି ଫାଇନାନ୍ସ ମ୍ୟାନେଜମେଣ୍ଟ ସିଷ୍ଟମ (ଓଏଫ୍‌ଏମ୍‌ଏସ୍), ଓଏମ୍‌ସି ପ୍ଲଟ ଲ୍ୟାଣ୍ଡ ୟୁଟିଲାଇଜେସନ୍ ସିଷ୍ଟମ (ଓପଲସ୍) ଓ ଓଏମ୍‌ସି ରିକ୍ରୁଟମେଣ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ଓଆର୍‌ଏମ୍‌ଏସ୍)ର ଶୁଭାରମ୍ଭ କରିଥିଲେ। ମୁଖ୍ୟମନ୍ତ୍ରୀ ୩ଟି ବିଭାଗରେ ସର୍ବୋଚ୍ଚ ପ୍ରଦର୍ଶନ କରିଥିବା ଓଏମ୍‌ସିର କାର୍ଯ୍ୟକ୍ଷମ ଖଣିଗୁଡ଼ିକ ମଧ୍ୟରୁ ୨୦୨୩-୨୪ ଓ ୨୦୨୪-୨୫ ବର୍ଷ ପାଇଁ ଶ୍ରେଷ୍ଠ ଖଣି କ୍ଷେତ୍ର, ଶ୍ରେଷ୍ଠ ଖଣି ଓ ସୁରକ୍ଷିତ ଖଣି ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ଉନ୍ନୟନ କମିଶନର ଅନୁ ଗର୍ଗ ଉପସ୍ଥିତ ଥିବା ବେଳେ ଖଣି ଓ ଇସ୍ପାତ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଓଏମ୍‌ସିର ଅଧ୍ୟକ୍ଷ ସୁରେନ୍ଦ୍ର କୁମାର ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଓଏମ୍‌ସି ପରିଚାଳନା ନିର୍ଦ୍ଦେଶକ ସୁଧାଂଶୁ ମୋହନ ସାମଲ ଧନ୍ୟବାଦ ଦେଇଥିଲେ।

### ଅଲଓ୍ୱାରରେ...

ଏକ ବଜାର ନିଷ୍ପତ୍ତି ନୁହେଁ, ଏହା ଏକ ବାର୍ତ୍ତା। ଶୁକ୍ରବାରଠାରୁ ଦୋକାନଗୁଡ଼ିକରେ 'ତୁର୍କୀ ସେଓ ବର୍ଜନ' ପାଇଁ ପୋଷ୍ଟର ଲଗାଯାଇଛି। ବଜାରରେ କୌଣସି ତୁର୍କୀ ସେଓ ବିକ୍ରି ନ ହେବା ପାଇଁ ଏକ ସଚେତନତା ଅଭିଯାନ ମଧ୍ୟ ଆରମ୍ଭ କରାଯିବ। ଯଦି କୌଣସି ବ୍ୟବସାୟୀ ସେଗୁଡ଼ିକୁ ବିକ୍ରି କରୁଥିବାର ଦେଖାଯାଏ, ତେବେ ଏହାକୁ ଜାତୀୟ ସ୍ୱାର୍ଥ ବିରୋଧୀ କାର୍ଯ୍ୟ ଭାବରେ ବିବେଚନା କରାଯିବ ବୋଲି କାଲରା କହିଛନ୍ତି।

ୟୁନିଅନର ସଚିବ ପଙ୍କଜ ସାଇନି କହିଛନ୍ତି ଯେ କାଶ୍ମୀର, ହିମାଚଳ ପ୍ରଦେଶ ଏବଂ ଦକ୍ଷିଣ ଆଫ୍ରିକା ଭଳି ବିକଳ୍ପ ସେଓ ଉତ୍ସଗୁଡ଼ିକ ଏହି ଅଭାବ ପୂରଣ କରିବାକୁ ପ୍ରସ୍ତୁତ ଅଛନ୍ତି। ଗ୍ରାହକ ଚାହିଦା ପୂରଣ କରିବା ପାଇଁ ଆମର ଶୀତଳ ଭଣ୍ଡାରରେ ପର୍ଯ୍ୟାପ୍ତ ପରିମାଣର ଷ୍ଟକ୍ ଅଛି ବୋଲି ସେ ଆଶ୍ୱାସନା ଦେଇଛନ୍ତି। ବ୍ୟବସାୟୀମାନେ ତୁର୍କୀକୁ ପର୍ଯ୍ୟଟନରେ ନଯିବା ପାଇଁ ଜନସାଧାରଣଙ୍କୁ ମଧ୍ୟ ନିବେଦନ କରିଛନ୍ତି।

### ଆତଙ୍କବାଦ...

ସୂଚନା ଦିଆଯିବ ଏବଂ ଭାରତ ବିରୁଦ୍ଧରେ ଆତଙ୍କବାଦୀ କାର୍ଯ୍ୟକଳାପରେ ପାକିସ୍ତାନର ସମ୍ପୃକ୍ତି ବିଷୟରେ ଡକ୍ୟୁମେଣ୍ଟ ଏବଂ ପ୍ରମାଣ ପ୍ରଦାନ କରାଯିବ। ଏହା ବିଶ୍ୱ ସ୍ତରରେ ଭାରତ ସରକାରଙ୍କ ଦ୍ୱାରା ଏକ ଗୁରୁତ୍ୱପୂର୍ଣ୍ଣ ଏବଂ ଅଭୂତପୂର୍ବ କୂଟନୈତିକ ପ୍ରଚାରକୁ ଚିହ୍ନିତ କରିବ।

ଏହି ପ୍ରତିନିଧିମଣ୍ଡଳରେ ସାମିଲ ହେବାକୁ ଥିବା ଉଲ୍ଲେଖନୀୟ ବିରୋଧୀ ଦଳଗୁଡ଼ିକ ମଧ୍ୟରେ ଶଶି ଥରୁର, ଯିଏ ୟୁକେ ଏବଂ ଆମେରିକାକୁ ସାଂସଦଙ୍କ ଏକ ଦଳକୁ ନେତୃତ୍ୱ ନେଇପାରନ୍ତି; ଅସଦୁଦ୍ଦିନ ଓୱେସି, ଯିଏ ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ ଭାରତରେ ଆତଙ୍କବାଦକୁ ପ୍ରୋତ୍ସାହିତ କରିବା ପାଇଁ ପାକିସ୍ତାନକୁ କଡ଼ା ନିନ୍ଦା କରିଛନ୍ତି ଏବଂ ସାଉଦି ଆରବ ଏବଂ କାତାରକୁ ପ୍ରତିନିଧିମଣ୍ଡଳରେ ସାମିଲ ହେବାର ସମ୍ଭାବନା ଅଛି ଏବଂ ଶିବସେନା ୟୁବିଟି ସାଂସଦ ପ୍ରିୟଙ୍କା ଚତୁର୍ବେଦୀ, ଯିଏ ଆତଙ୍କବାଦୀ ଗୋଷ୍ଠୀଗୁଡ଼ିକୁ ପାକିସ୍ତାନର ସମର୍ଥନକୁ ଦୃଢ଼ ସ୍ୱରରେ ସମାଲୋଚନା କରିଛନ୍ତି ଏବଂ ଦଳୀୟ ସୀମା ଅତିକ୍ରମ କରି ଅପରେସନ ସିନ୍ଦୂରକୁ ପୂର୍ଣ୍ଣ ସମର୍ଥନ ପ୍ରକାଶ କରିଛନ୍ତି। ଏକ ସୂତ୍ର ଆହୁରି କହିଛି ଯେ ଜେଡି(ୟୁ), ଟିଡିପି ଏବଂ ଅନ୍ୟାନ୍ୟ ଭଳି ଏନଡିଏ ସହଯୋଗୀଙ୍କ ସହିତ ଅନେକ ଶିକ୍ଷିତ ଏବଂ ସ୍ପଷ୍ଟ ବିରୋଧୀ ସାଂସଦଙ୍କୁ ମଧ୍ୟ ପ୍ରତିନିଧିମଣ୍ଡଳରେ ଯୋଗ ଦେବାକୁ ନିମନ୍ତ୍ରଣ କରାଯାଇପାରେ। ସୂତ୍ର ଆହୁରି ସୂଚିତ କରିଛି ଯେ ଅପରେସନ ସିନ୍ଦୂର ସହିତ ଜଡିତ ଏହି କୂଟନୈତିକ ଅଭିଯାନ ସମୟରେ ପ୍ରତ୍ୟେକ ସଂସଦୀୟ ପ୍ରତିନିଧିମଣ୍ଡଳ ସହିତ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ଜଣେ ଅଧିକାରୀ ରହିବେ।

### ଜୁନ୍‌ରେ...

କାର୍ଡ ଧରି ରାଜ୍ୟବାସୀଙ୍କ ନିକଟରେ ପହଞ୍ଚିବେ। ଏଥିରେ ରାଜ୍ୟର ଏକ କୋଟି ପରିବାର ନିକଟରେ ପହଞ୍ଚିବାର ଲକ୍ଷ୍ୟ ରହିଛି। ଗତ ବର୍ଷର ନିର୍ବାଚନ ସମୟରେ ବିଜେପି ଦେଇଥିବା ୨୧ଟି ପ୍ରତିଶ୍ରୁତିରୁ ପ୍ରଥମ ବର୍ଷର ଶାସନ କାଳରେ ୧୧ଟି ପ୍ରତିଶ୍ରୁତିକୁ ପୂରଣ କରିସାରିଛନ୍ତି ସରକାର। ଅବଶିଷ୍ଟ ୧୦ଟି ପ୍ରତିଶ୍ରୁତି ପୂରଣ ସକାଶେ ଆଗାମୀ ବର୍ଷକ ମଧ୍ୟରେ ଉଦ୍ୟମ କରାଯିବ। ଏହାଛଡ଼ା ଜନସାଧାରଣଙ୍କ ବିକାଶ ପାଇଁ ମଧ୍ୟ ସାଧାରଣ ଲୋକଙ୍କ ପରାମର୍ଶ ଗ୍ରହଣ କରାଯିବ ବୋଲି ରାଜସ୍ୱ ମନ୍ତ୍ରୀ ଶ୍ରୀ ସୁରେଶ କହିଛନ୍ତି।

### ବାଜ୍ୟାପ୍ତ...

ହାଉସ୍। ପୋଖରୀରେ ଖେଳୁଥିଲେ ରଙ୍ଗୀନ ମାଛ। ଫାର୍ମ ବୁଲିବା ପାଇଁ ରହିଥିଲା ସ୍ପେଶାଲ୍ ଅଲ୍ ଟେରେନ୍ ବାଇକ୍। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ଅର୍ଥ ହେରଫେର୍ ମାମଲାରେ ରାଜା ଚକ୍ରକୁ ଗିରଫ କରାଯାଇସାରିଛି। ମାମଲାରେ ଅନ୍ତରୀଣ ଚାର୍ଜସିଟ୍ ଦାଖଲ ହୋଇସାରିଥିବା ବେଳେ ସ୍କାନରରେ ଅନେକ ପ୍ରଭାବଶାଳୀ ଲୋକ ଅଛନ୍ତି। ଖୁବଶୀଘ୍ର ସେମାନଙ୍କୁ ଗିରଫ କରାଯିବ ବୋଲି ସୂଚନା ଦେଇଛନ୍ତି ଇଓଡବ୍ଲ୍ୟୁ ଏସପି। ଆଜି ରାଜା ଚକ୍ରଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି ହାଇକୋର୍ଟ। ରାଜାଙ୍କ ୩ ସହଯୋଗୀଙ୍କ ଜାମିନ ଆବେଦନ ବି ଖାରଜ ହୋଇଛି। ରାଜାଙ୍କ ୩ ସହଯୋଗୀ ମାନସ ବାରିକ, ଉତ୍କଳ ଦାସ ଓ ସୁଶାନ୍ତ ସାମଲଙ୍କ ଜାମିନ ଆବେଦନ ମଧ୍ୟ ଖାରଜ ହୋଇଯାଇଛି । ଗନ୍ଧମାର୍ଦ୍ଦନ ଲୋଡିଂ ମାମଲାରେ ଏମାନଙ୍କୁ ଗିରଫ କରିଛି କ୍ରାଇମବ୍ରାଞ୍ଚ। ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ସୋସାଇଟି ଆର୍ଥିକ ଅନିୟମିତା ମାମଲାରେ ଜେଲରେ ଥିବା ବିଜେଡି ନେତା ରାଜା ଚକ୍ରର ସମ୍ପତ୍ତି ଆଟାଚ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ରାଜା ଚକ୍ରର କ୍ରସର ଓ ଷ୍ଟକୟାର୍ଡ ଉପରେ ଏସ୍‌ଟିଏଫ୍ ଓ ଇଓଡବ୍ଲ୍ୟୁ ପକ୍ଷରୁ ଚଢ଼ାଉ ହୋଇଥିଲା।

### ଗୟା...

ନେଇ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ସେ କହିଛନ୍ତି ଗୟା ଜୀ ନାମକରଣ ସହିତ ଏହି ନିଷ୍ପତ୍ତି ମଧ୍ୟ ହୋଇଛି ଯେ ବୋଧଗୟା ଯେଉଁଠାକୁ ନିରନ୍ତର ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି ସେଠାରେ ଏକ ବୌଦ୍ଧ ଧ୍ୟାନ ଓ ଅନୁଭବ କେନ୍ଦ୍ର ନିର୍ମାଣ କରାଯିବ। ସରକାରଙ୍କ କହିବା କଥା ହେଉଛି ଏଠାକୁ ପର୍ଯ୍ୟଟକଙ୍କ ସଂଖ୍ୟା ବଢ଼ିବା ସହିତ ରାଜସ୍ୱ ମଧ୍ୟ ବଢ଼ିବ ଓ ଲୋକଙ୍କ ନିମନ୍ତେ ରୋଜଗାର ସୃଜନ ମଧ୍ୟ ହେବ।

ସରକାରଙ୍କ ନିଷ୍ପତ୍ତି ଅନୁସାରେ ସ୍ୱଦେଶ ଦର୍ଶନ ସ୍କିମ ୨.୦ରେ ବୌଦ୍ଧ ଧ୍ୟାନ ଓ ଅନୁଭବ କେନ୍ଦ୍ରର ନିର୍ମାଣ କରାଯିବ। ଏଥିଲାଗି ୧୬୫.୪୪ କୋଟି ଟଙ୍କାର ଯୋଜନାକୁ ବୈଠକରେ ମଞ୍ଜୁର କରାଯାଇଛି। ବୈଠକରେ ରାଜ୍ୟ ସରକାରଙ୍କ କର୍ମଚାରୀଙ୍କ ନିମନ୍ତେ ୨ ପ୍ରତିଶତ ବେତନ ବୃଦ୍ଧି ପ୍ରସ୍ତାବକୁ ମଧ୍ୟ ମଞ୍ଜୁରୀ ମିଳିଛି। ସେହିପରି ଭାରତ ସରକାରଙ୍କ ଅପରେସନ ସିନ୍ଦୂରରେ ସଶସ୍ତ୍ର ସେନା ଓ କେନ୍ଦ୍ରୀୟ ଅର୍ଦ୍ଧ ସାମରିକ ବଳର ବଳିଦାନ କରିଥିବା ଶହିଦଙ୍କ ପରିବାର ନିମନ୍ତେ କ୍ଷତିପୂରଣ ପ୍ରଦାନ ନିଷ୍ପତ୍ତିକୁ ମଧ୍ୟ ମଞ୍ଜୁରୀ ମିଳିଛି।

### ଉପରମୁହାଁ...

ଆଲୋଚନା ହେଉଛି। ରାଜଧାନୀରେ ଜନସଂଖ୍ୟା ସହ ବସ୍ତି ସଂଖ୍ୟା ତାଳ ଦେଇ ବଢୁଥିବା ବେଳେ ଏଠାରେ ବିଭିନ୍ନ କିସମର ଅପରାଧୀ ଆସ୍ଥାନ ଜମାଉଛନ୍ତି। ବିଶେଷକରି ନିଶା ବେପାରୀମାନେ ରାଜଧାନୀକୁ ସେମାନଙ୍କର ସୁରକ୍ଷିତ ସ୍ଥାନ ଭାବେ ବିବେଚନା କରୁଛନ୍ତି।

ପୂର୍ବରୁ ରାଜଧାନୀରେ କୌଣସି ଅପରାଧୀ ଧରାପଡିଲେ ଯେଭଳି ସେମାନଙ୍କ ଘରକୁ ପୁଲିସ୍ ମାଟିରେ ମିଶାଇ ଦେଉଥିଲା, ସେହିଭଳି କାର୍ଯ୍ୟାନୁଷ୍ଠାନ ବି ଆଉ ନାହିଁ। ଅପରାଧୀଟିକୁ ଧରି ଜେଲ୍‌ରେ ଠୁଙ୍କିଲା ପରେ ପୁଲିସ୍ କାମ ଏକପ୍ରକାର ସରିଯାଉଛି। ନିକଟରେ ପୁଲିସ୍ ରାଜଧାନୀରେ ରାତିଅଧିଆ ଏନକାଉଣ୍ଟର କରି ପ୍ରଶଂସା ସାଉଁଟିଥିଲା। ହେଲେ ଗୁଳିକାଣ୍ଡର ଶିକାର ହୋଇଥିବା ଅପରାଧୀମାନେ ତଥ୍ୟ ପ୍ରମାଣ ସହ ଏନକାଉଣ୍ଟରକୁ ମିଥ୍ୟା ବୋଲି ଦର୍ଶାଇ ଅଦାଲତକୁ ଯିବା ପରେ ପୁଲିସ୍ ଉପରେ ଲୋକଙ୍କ ସନ୍ଦେହ ବଢ଼ିବାରେ ଲାଗିଛି।

ସରକାର ବଦଳିବା ପରେ କମିଶନରେଟ ପୁଲିସ୍‌ରେ ବି ବ୍ୟାପକ ଅଦଳବଦଳ ହୋଇଛି। କମିଶନରଙ୍କଠାରୁ ଡିଏସ୍‌ପିଙ୍କ ପର୍ଯ୍ୟନ୍ତ ସମସ୍ତେ ନୂଆ। କିଛି ଥାନା ବାବୁ ବି ନୂଆ। ରାଜଧାନୀବାସୀ ଭାବିଥିଲେ ନୂଆ ଟିମ୍ ସହରର ସୁରକ୍ଷା ବ୍ୟବସ୍ଥା ପୂରା କଡ଼ାକଡ଼ି କରିଦେବେ। ହେଲେ ଏବେ ଧୀରେ ଧୀରେ ସହରବାସୀଙ୍କ ସ୍ୱପ୍ନ ଭଙ୍ଗ ହେବାରେ ଲାଗିଛି। ଅନେକ ଏବେ ଆପେ ବଞ୍ଚିଲେ ବାପର ନାଁ ନ୍ୟାୟରେ ସନ୍ଧ୍ୟା ହେଲେ ଘରୁ ବାହାରୁନାହାନ୍ତି। ତେବେ ରାଜଧାନୀରେ ପୁଲିସ୍ କାହିଁକି ତା'ର ବ୍ଲକିଂ ଚେକିଂ ଫର୍ମୁଲାରେ ପୂର୍ଣ୍ଣଚ୍ଛେଦ ପକାଇଲା ତାହାକୁ ଏବେ ସାଧାରଣ ଲୋକେ ଜାଣିପାରୁନାହାନ୍ତି।

### ବରିଷ୍ଠଙ୍କ...

ବିଜେଡିର ଅନ୍ୟ କୌଣସି ବିଧାୟକ କେବେ ବି ଓବିସି ପ୍ରସଙ୍ଗକୁ ନେଇ ଗୃହରେ ସ୍ୱର ଉଠାଉନଥିଲେ। ତେଣୁ ରାଜା ଓବିସି ସଂରକ୍ଷଣ ନେଇ ସାମ୍ବାଦିକ ସମ୍ମିଳନୀ କରିବାର ଯଥାର୍ଥତା ରହିଛି। ହେଲେ ରାଜା କାଳେ ମାଇଲେଜ ନେଇଯିବେ ସେଇ ଡରରେ ବିଜେଡିର ଗୋଟିଏ ଗୋଷ୍ଠୀ ତତ୍ପର ହୋଇଉଠିଥିଲେ ଓ ସମାନ ପ୍ରସଙ୍ଗରେ ରାଜାଙ୍କୁ କାଉଣ୍ଟର କରିଥିଲେ। ଏହା ଏବେ ବିଜେଡି ରାଜନୀତିରେ ଏକ ନୂଆ ବିବାଦ ଭାବେ ଉଭା ହୋଇଛି।

ଆଜିର ଏହି ଘଟଣା ସ୍ପଷ୍ଟ କରିଛି ଯେ ବିଜେଡିର ଏକ ଗୋଷ୍ଠୀ ଦଳରେ ଆଉ ବରିଷ୍ଠଙ୍କୁ ସହ୍ୟ କରିପାରୁନାହାଁନ୍ତି। ଦଳର ପ୍ରତିଷ୍ଠାତା ସଦସ୍ୟ ଓ ବରିଷ୍ଠ ନେତାଙ୍କୁ ଆଉଟ କରି କିଛି ଭଙ୍ଗୁଆରୀ ଓ କୁଚକ୍ରୀ ବିଜେଡିକୁ ହାଇଜାକ କରିବାକୁ ବସିଛନ୍ତି। ଚର୍ଚ୍ଚା ହେଉଛି, ଏହି ଗୋଷ୍ଠୀର ଆଖି ରହିଛି ଦଳର ଦୁଇ ହଜାର କୋଟିର ପାଣ୍ଠି ଉପରେ। ତେଣୁ ଦଳରେ ପ୍ରଶ୍ନ ପଚାରୁଥିବା ବରିଷ୍ଠଙ୍କୁ ଦୂରେଇବା ସହ ନବୀନଙ୍କ ଅବର୍ତ୍ତମାନରେ ବିଜେଡିକୁ ନିଜ ଦଖଲକୁ ନେବାକୁ ଚାଲିଥିବା ଯୋଜନାର ଆଜିର ଘଟଣା ଏକ ଅଂଶବିଶେଷ ବୋଲି ସାଧାରଣରେ ଆଲୋଚନା ହେଉଛି।

### ବଜ୍ରପାତରେ...

ଅଧିକାରୀ ଭାବେ ନିଯୁକ୍ତ ଥିଲେ। ମଣିପୁର ପରେଲର ମୂଳବାସିନ୍ଦା ଏମପି ସିଂହ ସରଣ୍ଡା ଜଙ୍ଗଲରେ ମାଓବାଦୀଙ୍କ ବିରୋଧରେ ଚାଲିଥିବା ଅଭିଯାନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଘଟଣାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି। ସେମିଲିଗୁଡା ବ୍ଲକ୍ ଖାଲପାଡ଼ିରେ ବଜ୍ରପାତରେ ଜଣେ ଯୁବକଙ୍କ ମୃତ୍ୟୁ ହୋଇଛି। ନଦୀରେ ମାଛ ଧରୁଥିବା ସମୟରେ ବଜ୍ରପାତରେ ଯୁବକଙ୍କ ମୃତ୍ୟୁ ହୋଇଛି। ସେପଟେ ଗଞ୍ଜାମ ଜିଲ୍ଲା ଭଞ୍ଜନଗର କେବିରୀ ବରପୁରରେ ବଜ୍ରପାତରେ ଅନ୍ୟ ଜଣେ ଯୁବତୀଙ୍କ ମୃତ୍ୟୁ ହୋଇଛି। ଆମ୍ବତୋଟାରେ ଆମ୍ବ ଗୋଟାଉଥିବା ବେଳେ ବଜ୍ରପାତ ହୋଇଥିଲା। କବିସୂର୍ଯ୍ୟନଗର ଏ ବରିଡା ଗାଁରେ ବଜ୍ରପାତରେ ଛାତ୍ରଙ୍କର ମୃତ୍ୟୁ ହୋଇଛି। ମୃତ ଛାତ୍ର ଜଣକ ହେଲେ ଓମ୍ ପ୍ରକାଶ ପ୍ରଧାନ।

ସେହିଭଳି ଗଜପତି ଜିଲ୍ଲା ମୋହନ କାନକଟା ଗାଁରେ ବିଜୁଳି ଘଡଘଡି ହେବା ଯୋଗୁଁ ଜଣେ ଯୁବତୀ ପ୍ରାଣ ହରାଇଛନ୍ତି। ନିଜ ଦୋକାନ ସମ୍ମୁଖରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ବୁରୁସାହିରେ ଦୁଇ ନାବାଳକଙ୍କ ମୃତ୍ୟୁ ହୋଇଛି। ବାଲେଶ୍ୱର ଜିଲ୍ଲା ଔପଦା ବ୍ଲକ ବଲିମୁଣ୍ଡୁଳି ଗାଁ ମାଝୀସାହିରେ ବଜ୍ରାଘାତ ହେବାରୁ ଜଣେ ଯୁବକ ପ୍ରାଣ ହରାଇଛନ୍ତି। ସେହିଭଳି ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକ ବେନୋରା ଗାଁରେ ବଜ୍ରପାତ ଘଟି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି। ଗଞ୍ଜାମ ଓ ଗଜପତିରେ ବଜ୍ରାଘାତରେ ୨ ଜଣ ଯୁବତୀଙ୍କ ପ୍ରାଣ ଯାଇଛି। ଗଞ୍ଜାମ କବିସୂର୍ଯ୍ୟନଗର ଏ.ବରିଡା ଗାଁରେ ଜଣେ ଛାତ୍ରଙ୍କ ପାଇଁ କାଳ ହୋଇଛି ବଜ୍ରପାତ। ବଜ୍ରାଘାତରେ ସପ୍ତମ ଶ୍ରେଣୀ ଛାତ୍ର ଓମ୍ ପ୍ରକାଶ ପ୍ରଧାନଙ୍କ ପ୍ରାଣ ଯାଇଛି। ଢେଙ୍କାନାଳ କାମାକ୍ଷାନଗର କୁସୁମୁଣ୍ଡିଆ ଗାଁରେ ମଧ୍ୟ ବଜ୍ରପାତ ଯୋଗୁଁ ଜଣେ ମହିଳା ମୃତ ହୋଇଥିବା ଜଣାପଡ଼ିଛି।

### କୁଚିଣ୍ଡାକୁ ...

ଶିକ୍ଷା ମନ୍ତ୍ରୀ କହିଛନ୍ତି। ସେହିପରି କୁଚିଣ୍ଡା ନିର୍ବାଚମଣ୍ଡଳୀର ୩୩.୬୮ କୋଟି ଟଙ୍କା ବିନିମୟରେ ୨୩ଟି ପ୍ରକଳ୍ପର ଉଦଘାଟନ ଓ ୭୧.୨୪ କୋଟି ଟଙ୍କା ବିନିମୟରେ ୪୮ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପିତ ହୋଇଛି। ମୋଟ ପ୍ରାୟ ୧୦୫ କୋଟି ଟଙ୍କା ବିନିମୟର ଏହି ପ୍ରକଳ୍ପ ଆଗାମୀ ଦିନରେ କୁଚିଣ୍ଡାକୁ ନୂଆ ପରିଚୟ ଦେବ।

ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ କୁଚିଣ୍ଡାରେ ଶିକ୍ଷା ଏକ ସାମାଜିକ ବିଷୟ। ଏହି ଅଞ୍ଚଳରେ ଶିକ୍ଷାକୁ ଗତି ଦେବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ସମ୍ବଲପୁରରେ ୩ଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଏହି ଅଞ୍ଚଳରେ ୬ଟି ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରିବାକୁ ମଞ୍ଜୁରୀ ମିଳିଛି। ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ ହେବ। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିଛନ୍ତି। ସବୁ ହାଇସ୍କୁଲକୁ ଇଣ୍ଟରନେଟ୍ ଓ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇବା ବ୍ୟବସ୍ଥା ହେଉଛି। ଓଡ଼ିଶା ସମେତ ଦେଶର ସବୁ ସ୍କୁଲରେ ପିଲାଙ୍କୁ ଏଆଇ ଆଧାରିତ ଶିକ୍ଷା ପ୍ରଦାନ ଯୋଜନା ରହିଛି। କୁଚିଣ୍ଡାରେ ପ୍ରତିଷ୍ଠା ହେଉଥିବା ନୂଆ ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ରୋଜଗାର ପାଇଁ ନୁହେଁ, ବରଂ ରୋଜଗାରଦାତା ହେବା ପାଇଁ ପ୍ରୋତ୍ସାହିତ କରିବ। ଦାରିଦ୍ର୍ୟ ମୂଳୋତ୍ପାଟନ ହେବାର ପ୍ରମୁଖ ମାଧ୍ୟମ ହେଉଛି ଶିକ୍ଷା। ଶିକ୍ଷା ସମେତ କୁଚିଣ୍ଡାର ମୌଳିକ ସେବା, କୃଷି, ସ୍ୱାସ୍ଥ୍ୟସେବା, ରୋଜଗାରର ସୁଯୋଗ ସୃଷ୍ଟି କରିବା ପାଇଁ ସରକାର ବଦ୍ଧପରିକର ବୋଲି ଶ୍ରୀ ପ୍ରଧାନ କହିଛନ୍ତି। କାର୍ଯ୍ୟକ୍ରମରେ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ ଉପସ୍ଥିତ ଥିଲେ।

# କବାଟ ଖୋଲୁଛି ଯୋଗାଣ ବିଭାଗ ଅଫିସ




ବୋରିଗୁମ୍ମା/କୋଟପାଡ଼, ୧୬।୫ (ସଂଚାର ବ୍ୟୁରୋ) : ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖି ରାଜ୍ୟ ସରକାର ସକାଳୁଆ ଅଫିସ୍ ଲାଗି ନିର୍ଦ୍ଦେଶ ଦେଇଛନ୍ତି। ହେଲେ ଏହି ନିର୍ଦ୍ଦେଶକୁ ସରକାରୀ ଅଧିକାରୀ ଓ କର୍ମଚାରୀ ଫୁ କରିଥିବା ଦେଖିବାକୁ ମିଳିଛି। ଠିକଣା ସମୟରେ ବାବୁମାନଙ୍କ ଦେଖା ମିଳୁନି। ପିଅନ କାର୍ଯ୍ୟାଳୟର ଫାଟକ ଖୋଲୁଥିବା ବେଳେ ସରକାରକା ମାଲ ଦରିଆ ମେ ଡାଲ ଭଳି ଫାଟକ ଖୋଲା ରହୁଛି ହେଲେ ଅଫିସରେ କର୍ମଚାରୀ ନାହାନ୍ତି କିନ୍ତୁ ଫ୍ୟାନ ଆଉ ଲାଇଟ ଅନବରତ ଚାଲୁଛି । ଖାଲି ଏତିକି ନୁହଁ, ଅଫିସରେ ସାଢେ ୮ଟା ପରେ ଦିନସାରା ତାଲା ଝୁଲୁଛି। ଏହି ଦୃଶ୍ୟ ହେଉଛି କୋଟପାଡ଼ ବ୍ଲକ ମଧ୍ୟରେ ଥିବା ଖାଦ୍ୟ ଯୋଗାଣ ବିଭାଗ କାର୍ଯ୍ୟାଳୟର ଦୃଶ୍ୟ ।

## ଲୋକେ ହନ୍ତସନ୍ତ

ସରକାରୀ କାର୍ଯ୍ୟାଳୟକୁ ବହୁ ଦୂରଦୂରାନ୍ତରୁ ଲୋକେ ରାସନ କାର୍ଡ ସମ୍ବନ୍ଧୀୟ କୌଣସି କାମ ପାଇଁ ଗଲେ ବାବୁଙ୍କୁ ନ ପାଇ ଫାଟକରେ ତାଲା ଝୁଲୁ ଥିବା ଦେଖି ନିରାଶରେ ଘରକୁ ଫେରୁଛନ୍ତି। କେହି କେହି ପଚାରିଲେ ବାବୁ ଫିଲଡ଼ କାମରେ ଯାଇଛନ୍ତି ବୋଲି ଉତ୍ତର ଆସୁଛି। ଅନ୍ୟପକ୍ଷରେ ବିଭିନ୍ନ ସମୟରେ କେଉଁ ଅଧିକାରୀ ଅଫିସରେ ରହୁଛନ୍ତି, କେଉଁ ଅଧିକାରୀ ଟୁର ଯାଉଛନ୍ତି ଏ ନେଇ କାର୍ଯ୍ୟାଳୟ ସମ୍ମୁଖରେ ସୂଚନା ମରାଯିବାର ନିୟମ ରହିଛି। ହେଲେ ଏଥିରେ ବି ବ୍ୟତିକ୍ରମ ରହୁଛି। ତେବେ ବାୟୋମେଟ୍ରିକ ବ୍ୟବସ୍ଥା ସହ ଫେସ ଆଇଡି ଉପସ୍ଥାନ ପୁଣି କାର୍ଯ୍ୟକାରୀ କରିବାକୁ ବିଭିନ୍ନ ମହଲରୁ ଦାବି ହୋଇଛି।

ଜିଲ୍ଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଠିକ ସମୟରେ ଏହି କାର୍ଯ୍ୟାଳୟ ଖୋଲିଲେ ଦୂରଦୂରାନ୍ତରୁ ଆସୁଥିବା ସାଧାରଣ ଲୋକଟିଏ ଉପକୃତ ହୋଇପାରନ୍ତେ ବୋଲି ବୁଦ୍ଧିଜୀବୀ ମହଲରୁ ଦାବି ହେଉଛି ।

# ସ୍ୱପ୍ନ ପୂରଣ କରିବେ ସ୍ୱପ୍ନେଶ୍ୱରୀ

● ସରପଞ୍ଚଙ୍କ ନିଜସ୍ୱ ପାଣ୍ଠିରୁ ଜନ୍ମିତ କନ୍ୟାଙ୍କୁ ପ୍ରୋତ୍ସାହନ



ନୟାଗଡ଼, ୧୬।୫ (ସଂଚାର ବ୍ୟୁରୋ): ସରପଞ୍ଚଙ୍କ ଅଘାଢ ସ୍ୱପ୍ନ । ମହିଳା ହୋଇ ମହିଳାଙ୍କ ଦୁଃଖକୁ ନିଜର କରିବା ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି ମହିଳା ସରପଞ୍ଚ । ତେଣୁ କାମ ଆରମ୍ଭ କରିବା ପୂର୍ବରୁ ସରପଞ୍ଚଙ୍କୁ ବିଭିନ୍ନ ସ୍ଥାନରୁ ପ୍ରଶଂସା ମଧ କରାଯାଉଥିବା ଦେଖିବାକୁ ମିଳିଛି । ଶିଶୁ କନ୍ୟା ଜନ୍ମିତ କରିବା ପାଇଁ ନିଜସ୍ୱ ପାଣ୍ଠିରୁ ପ୍ରୋତ୍ସାହନ ଯୋଗାଇ ଦେବେ ସରପଞ୍ଚ ବୋଲି ବିଶେଷ ସୂତ୍ରରୁ ଜଣାପଡିଛି । ୨୦୨୭ ପର୍ଯ୍ୟନ୍ତ ଏଭଳି ପ୍ରୋତ୍ସାହନ ଯୋଗାଇ ଦେବେ ବୋଲି ଜଣାପଡିଛି । ଛୋଟିଆ ପ୍ରୟାସ କିନ୍ତୁ ବଡ଼ ଅବଦାନ । ଏଭଳି ବଦାନ୍ୟ ମହିଳାଙ୍କୁ ଇଟାମାଟି ଅଞ୍ଚଳବାସୀ ସରପଞ୍ଚ ଭାବେ ନିର୍ବାଚିତ କରିଛନ୍ତି। ସେ ହେଉଛନ୍ତି ବର୍ତ୍ତମାନର ଇଟାମାଟି ପଞ୍ଚାୟତର ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠୀ ।

ସୂଚନାନୁସାରେ, ନୟାଗଡ଼ ଜିଲ୍ଲା ବିଗତ ଦିନରେ କନ୍ୟାଭ୍ରୁଣ ହତ୍ୟା ପାଇଁ ସାରା ଦେଶରେ ଚର୍ଚ୍ଚିତ ହୋଇ ନିନ୍ଦିତ ହୋଇଛି । ଏବଂ ପୁଅ ତୁଳନାରେ କନ୍ୟା ସଂଖ୍ୟା କମ ଅଛି। ଏବଂ କନ୍ୟା ଭ୍ରୁଣ ହତ୍ୟା ରୋକିବା ପାଇଁ ପ୍ରଶାସନ ଠାରୁ ସ୍ୱେଚ୍ଛାସେବୀ ସଂଗଠନ ପର୍ଯ୍ୟନ୍ତ ଦିନରାତି ଏକ କରିଦେଲେ, ଏବଂ କନ୍ୟା ଭ୍ରୁଣ ହତ୍ୟା ରୋକିବାରେ ସଫଳତା ହାସଲ କଲେ କିନ୍ତୁ ସେହି ବର୍ଷ ଠାରୁ ଜିଲ୍ଲାରେ ପୁଅ ସଂଖ୍ୟା ବଦଳରେ କନ୍ୟା ସଂଖ୍ୟା କମ୍ ଥିବା ସୂଚନା ମିଳିଛି । ଏହାର ମୁଖ୍ୟ କାରଣ ସାଜିଛି ପରିବାର ଆର୍ଥିକ ବୋଝ । ବାପା ମାଆ ମାନେ କନ୍ୟା ସନ୍ତାନକୁ ଆର୍ଥିକ ବୋଝ ଭାବି ଜନ୍ମ ଦେବା ପୂର୍ବରୁ ନଷ୍ଟ କରି ଦେଉଥିବା ମଧ ବିଗତ ଦିନରେ ଦେଖିବାକୁ ମିଳୁଥିଲା ଏବଂ ବର୍ତ୍ତମାନ କିଛି କିଛି ଅଞ୍ଚଳରେ ଚାଲିଛି । ଏହାକୁ ରୋକ ଲଗାଇବା ପାଇଁ ସମସ୍ତେ ଚେଷ୍ଟା କରିଆସୁଛନ୍ତି କିନ୍ତୁ ଲକ୍ଷ୍ୟସ୍ଥଳ ଠାରୁ ବହୁ ଦୁରରେ ରହିଯାଉଛନ୍ତି । ଜନ୍ମିତ ଶିଶୁ କନ୍ୟାଙ୍କର ବାପା ମାଆଙ୍କ ସାଥ୍ ଦେଇ କିଛିଟା ବୋଝ ହାଲକା କରିବାକୁ ନୂତନ ପଦକ୍ଷେପ ନେଇଛନ୍ତି ଇଟାମାଟି ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠୀ ଓ ତାଙ୍କ ସ୍ୱାମୀ ପ୍ରଦୀପ୍ତ କୁମାର ସେଠୀ । ଚଳିତ ମାସ ମେ ୨୩ତାରିଖ ଦିନ ସରପଞ୍ଚଙ୍କ ବିବାହ ବାର୍ଷିକ ଥିବାରୁ ସେହି ଦିନ ଜନ୍ମିତ ଶିଶୁ କନ୍ୟାଙ୍କୁ ୫୦୦ ଟଙ୍କାର ଆର୍ଥିକ ପ୍ରୋତ୍ସାହନ ଯୋଗାଇ ଦେବା ସହ ବ୍ୟାଙ୍କ ସହ ଆଲୋଚନା କରି ସୁକନ୍ୟା ଆକାଉଣ୍ଟ ଖୋଲି ବାପା ମାଆ ଏହାକୁ ଚଲେଇ ଶିଶୁ କନ୍ୟାକୁ ସୁରକ୍ଷା ଦେବାକୁ ଅନୁରୋଧ କରିବେ ବୋଲି ବଡ଼ ପଦକ୍ଷେପ ହାତକୁ ନେଇଛନ୍ତି । ହଁ ଆଜ୍ଞା, ଚଳିତ ବର୍ଷ ଜାନୁୟାରୀ ୧ତାରିଖ ଠାରୁ ଯେଉଁ ଶିଶୁ କନ୍ୟା ଜନ୍ମ ଗ୍ରହଣ କରିଛନ୍ତି ସେମାନଙ୍କ ନାମରେ ସରପଞ୍ଚଙ୍କ ନିଜସ୍ୱ ପାଣ୍ଠିରୁ ସରପଞ୍ଚ ସ୍ୱପ୍ନେଶ୍ୱରୀ ସେଠୀ ୫୦୦ଟଙ୍କା ପ୍ରୋତ୍ସାହନ ଯୋଗଇ ଦେବେ। ଏହି ପ୍ରୋତ୍ସାହନ ରାଶି ୨୦୨୭ ପର୍ଯ୍ୟନ୍ତ ବଜାୟ ରହିବ ବୋଲି ଜଣାପଡିଛି । ଏଭଳି କରିବା ଦ୍ୱାରା ବାପା ମାଆମାନେ ସଚେତନ ହେବା ସହ କନ୍ୟା ଭ୍ରୁଣ ନଷ୍ଟ କରିବା ଠାରୁ ଦୁରେଇ ରଖିବେ ବୋଲି ଆତ୍ମବିଶ୍ୱାସ ରଖିଥିବା ସରପଞ୍ଚ ଓ ତାଙ୍କ ସ୍ୱାମୀଙ୍କ ଠାରୁ ଜଣାପଡିଛି । ସରପଞ୍ଚ ସ୍ୱପ୍ନେଶ୍ୱରୀ ଓ ତାଙ୍କ ସ୍ୱାମୀ ପ୍ରଦୀପ୍ତଙ୍କ ଏଭଳି ପଦକ୍ଷେପକୁ ବିଭିନ୍ନ ମହଲରେ ପ୍ରସଂଶା କରାଯାଇଛି ।

# ଗୋପ ସାମ୍ବାଦିକ ସଂଘ ପକ୍ଷରୁ ତ୍ରିରଙ୍ଗା ଶୋଭାଯାତ୍ରା

ଗୋପ, ୧୬।୫ (ସଂଚାର ବ୍ୟୁରୋ) : ଜମ୍ମୁ କାଶ୍ମୀରର ପହଲଗାମ ଠାରେ ଗତ ୨୨ତାରିଖରେ ଆତଙ୍କବାଦି ମାନେ ଘଟାଇଥିବା ବର୍ବରୋଚିତ ହତ୍ୟାକାଣ୍ଡରେ ୨୬ଜଣ ନିରିହ ଭାରତୀୟ ପ୍ରାଣ ହରାଇଥିଲେ।ଏହାପରେ ଆମ ଦେଶ ସୈନ୍ୟବାହିନୀ ମାନଙ୍କ ଦ୍ୱାରା ଅପରେସନ ସିନ୍ଦୂର ମାଧମରେ ଆତଙ୍କବାଦିଙ୍କ ବିଭିନ୍ନ ଆଡା ସ୍ଥଳୀ ଉପରେ ଆକ୍ରମଣ କରାଯାଇ ଧ୍ୱଂସ କରାଯାଇଥିଲା। ଏହି ଅପରେସନ ଦ୍ୱାରା ଭାରତର ତିନିସେନା ପକ୍ଷରୁ ପାକିସ୍ତାନର ୯ଟି ଆତଙ୍କବାଦି ଆଡ଼ା ସ୍ଥଳୀ ଧ୍ୱଂସ କରିବା ସହ ପାକିସ୍ତାନୀ ଏୟାରବେସ ଉପରେ ଜୋରଦାର ଆକ୍ରମଣ କରାଯାଇଥିଲା।ଏଥିରେ ପାକିସ୍ତାନ ମୁଣ୍ଡ ନୁଆଇଁବା ସହ ଆସ୍ତ୍ରବିରତି ଘୋଷଣା କରିଥିଲା।ଏହି ପାରିପେଖିରେ ସେନା ବାହିନୀର ମନବଳ ବଢ଼ାଇବା ପାଇଁ ଆଜି ଗୋପ ସାମ୍ବାଦିକ ସଂଘ ପକ୍ଷରୁ କୁସୁପୁର ଠାରୁ ଗୋପ ବ୍ଲକ୍ ପର୍ଯ୍ୟନ୍ତ ଏକ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜନ କରାଯାଇଥିଲା।ଏହି ଶୋଭାଯାତ୍ରାରେ ଗୋପ ବ୍ଲକର ସମସ୍ତ ସାମ୍ବାଦିକଙ୍କ ସହ ବିଭିନ୍ନ ସାମାଜିକ ସଂଗଠନ ଯୋଗଦେଇଥିବା ବେଳେ ଶୋଭାଯାତ୍ରାରେ ଯୋଗଦେଇଥିଲେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାସ।

# ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀଙ୍କୁ ଗାଡ଼ିରେ ଉଠାଇନେଇ ଆକ୍ରମଣ ଅଭିଯୋଗ

କୁଜଙ୍ଗ, ୧୬।୫ (ସଂଚାର ବ୍ୟୁରୋ) : କୁଜଙ୍ଗ ଗ୍ରାମ୍ୟ ଉନ୍ନୟନ ବିଭାଗ ଅନ୍ତର୍ଗତ ପଙ୍କପାଳ ସ୍ଥିତ ସେକସନ କାର୍ଯ୍ୟାଳୟର କନିଷ୍ଠ ଯନ୍ତ୍ରୀ ମାନସ ରଂଜନ ସାହୁଙ୍କୁ ଗତକାଲି କିଛି ଦୁର୍ବୃତ୍ତ କାର୍ଯ୍ୟାଳୟରୁ ଉଠାଇନେଇ ମାଡ ମାରିଥିବା ନେଇ ଅଭିଯୋଗ ହୋଇଛି । ଏ ନେଇ ଶ୍ରୀଯୁକ୍ତ ସାହୁ କୁଜଙ୍ଗ ଥାନାରେ ଲିଖିତ ଭାବେ ଅଭିଯୋଗ କରିଛନ୍ତି । ଅଭିଯୋଗ ପାଇବା ପରେ କୁଜଙ୍ଗ ପୁଲିସ ଘଟଣାର ତଦନ୍ତ ଚଳାଇଥିବା ଜଣାପଡିଛି । ପ୍ରକାଶ ଯେ, ଗତକାଲି ପ୍ରାୟ ରାତି ସାଢେ ଦଶଟା ସମୟରେ ଶ୍ରୀଯୁକ୍ତ ସାହୁ ପଙ୍କପାଳ ସ୍ଥିତ କାର୍ଯ୍ୟାଳୟ ବାହାରେ ମୋବାଇଲରେ କଥା ହେଉଥିବା ସମୟରେ କିଛି ଦୁର୍ବୃତ୍ତ ଏକ କାରରେ ଆସି ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଉଠାଇ ନେଇଥିଲେ। ସେମାନେ ତାଙ୍କୁ ତିର୍ତ୍ତୋଲ ଥାନା ଅଂଚଳକୁ ନେଇଯାଇଥିଲେ। ସେଠାରେ ତାଙ୍କୁ ମାଡ ମାରିବା ସହିତ ସେ ପିନ୍ଧିଥିବା ସୁନା ଚେନ, ମୁଦି ମଧ ଛଡାଇ ନେଇଥିବା ଅଭିଯୋଗ ହୋଇଛି। ପରେ ସେମାନେ ରାତି ପ୍ରାୟ ସାଢେ ବାରଟା ସମୟରେ ପୁଣି ତାଙ୍କ ପଙ୍କପାଳ ସ୍ଥିତ କାର୍ଯ୍ୟାଳୟ ନିକଟରେ ଛାଡିଦେଇ ଯାଇଥିଲେ । ତାଙ୍କୁ ଦୁର୍ବୃତ୍ତ ମାନେ ଦୁର୍ବ୍ୟବହାର କରିବା ସହିତ ଭୀଷଣ ଭାବେ ମାଡ ମାରିଥିବା ଓ ଟଙ୍କା ଓ ସୁନା ଲୁଟ କରିଥିବା ନେଇ ସେ ଆଜି କୁଜଙ୍ଗ ଥାନା ରେ ଲିଖିତ ଅଭିଯୋଗ କରିଛନ୍ତି । ତେବେ କୌଣସି ଠିକାଦାରଙ୍କ ବିଲ ପେମେଣ୍ଟ ବିଳମ୍ବ ହୋଇଥିବାରୁ ଆକ୍ରୋଶମୂଳକ ଭାବେ ଏହି ଘଟଣା ଘଟାଇଥିବା କୁହାଯାଉଛି । ଏହି ଘଟଣା ସମ୍ପର୍କରେ ଜେଇ ଶ୍ରୀଯୁକ୍ତ ସାହୁଙ୍କୁ ପଚାରିବାରୁ ସେ ଏହି ଘଟଣା ସତ୍ୟବୋଲି ସ୍ୱୀକାର କରିଥିଲେ। ସେହିପରି ବିଭାଗୀୟ ଏସଡିଓ ସୌଭାଗ୍ୟ ମହାପାତ୍ରଙ୍କୁ ପଚାରିବାରୁ ସେ ଏହି ଘଟଣା ଘଟିଥିବା କହିବା ସହିତ ଥାନାରେ ଲିଖିତ ଅଭିଯୋଗ ହୋଇଛି ବୋଲି କହିଥିଲେ ।

# ସରକାରୀ ଜମି ଚିହ୍ନଟ କରିବାକୁ ଯାଇ ଆକ୍ରମଣର ଶିକାର ହେଲେ ଆରଆଇ

ନାଉଗାଁ, ୧୬।୫ (ସଂଚାର ବ୍ୟୁରୋ) : ଜଗତସିଂହପୁର ଜିଲ୍ଲା ନାଉଗାଁ ତହସିଲର ଡେରିକି ରାଜସ୍ୱ ନିରୀକ୍ଷକ କାର୍ଯ୍ୟାଳୟ ଅଧିନ ଓଷକଣା ଗ୍ରାମର ଏକ ସରକାରୀ ଜମିକୁ ଚିହ୍ନଟ କରିବାକୁ ଯାଇ ରାଜସ୍ୱ ନିରୀକ୍ଷକ ରାଜେଶ ସାହୁ ଆକ୍ରମଣର ଶିକାର ହୋଇଥିବା ତହସିଲଦାର ଅଜୟ ମହାନ୍ତି ଦ୍ୱାରା ଥାନାରେ ଶୁକ୍ରବାର ଲିଖିତ ଅଭିଯୋଗ ହୋଇଛି। ଅଭିଯୋଗ ମୁତାବକ ଓଷକଣା ଗ୍ରାମର ହୃଦାନନ୍ଦ ନାୟକ ଗ୍ରାମ୍ୟ ଜଙ୍ଗଲ କିସମ ସରକାରୀ ଜମିରୁ ଗଛ କାଟି ଗୃହ ନିର୍ମାଣ କରୁଥିବା ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତିକରି ରାଜସ୍ୱ ନିରୀକ୍ଷକ ସାହୁ ତଦନ୍ତ କରିବାକୁ ଅଭିଯୋଗ ହୋଇଥିବା ସ୍ଥାନକୁ ଯାଇଥିଲେ। ହେଲେ ଗୃହ ନିର୍ମାଣ କରୁଥିବା ନାୟକ ରାଜସ୍ୱ ନିରୀକ୍ଷକ ସାହୁଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ମୁତୁଣୀଆ ଗ୍ରାମର କ୍ଷୀରୋଦ ଦଳାଇ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହିତ ବାଉଁଶ ଆଣି ବାଡେଇବା ପାଇଁ ବାହାରିଥିଲେ। ରାଜସ୍ୱ ନିରୀକ୍ଷକ ସାହୁ ସେଠାରୁ ବାଇକ୍ ଆଣି ପଳାଇ ଆସୁଥିବା ବେଳେ ବାଇକ୍ ଅଟକାଇ ବାଇକ୍‌କୁ ଗୋଇଠା ମାରିବା ସହିତ ନକ୍ସାକୁ ଚିରି ଦିଆଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ଅଭିଯୋଗକୁ ଭିତିକରି ତଦନ୍ତ ଜାରୀ ରହିଥିବା ଥାନାଧିକାରୀ ପ୍ରଦିପ୍ତ କାନୁନଗୋ କହିଛନ୍ତି।

# ଦୁଇଦିନିଆ ଜିଲ୍ଲା ସର୍ବୋଦୟ ସଂକଳ୍ପ ଶିବିର ଉଦଘାଟିତ




କୋଣାର୍କ, ୧୬।୫ (ସଂଚାର ବ୍ୟୁରୋ) : ବିଶ୍ୱ ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କୋଣାର୍କ ସ୍ଥିତ ଏନଏସି କଲ୍ୟାଣ ମଣ୍ଡପ ଠାରେ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ, ଓଡିଶା ଆନୁକୁଲ୍ୟରେ ଦୁଇ ଦିନିଆ ପୁରୀ ଜିଲ୍ଲା ସ୍ତରୀୟ ସର୍ବୋଦୟ ସଂକଳ୍ପ ଶିବିର ଉଦଘାଟିତ ହୋଇଯାଇଛି। ଏହି ଉଦଘାଟନୀ ସମାରୋହରେ ମୁଖ୍ୟ ଅତିଥି ଭାବରେ ରାଜ୍ୟ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନ ର ଉପାଧକ୍ଷ ତଥା ପୂର୍ବତନ ବିଧାୟକ ଉମା ବଲ୍ଲଭ ରଥ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହାର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟ ମାନଙ୍କ ମଧରେ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଜିଲ୍ଲା ସଭାପତି ବିପିନ ବିହାରୀ ମହାନ୍ତି, କୋଣାର୍କ ନଗର ପୂର୍ବତନ ସଭାପତି ଉପେନ୍ଦ୍ର କାଣ୍ଡି, ପୂର୍ବତନ ନଗର କଂଗ୍ରେସ ଯୁବ ସଭାପତି ସ୍ୱାଧୀନ ନାୟକ, ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଯୁବ ନେତା ବିରଂଚି ନାରାୟଣ ପତି, ନିହାର ରଞ୍ଜନ ବେଉରା, ଲୋକନାଥ ବେହେରା, ଚନ୍ଦନ ଲେଙ୍କା, ନିରଞ୍ଜନ ଖୁଣ୍ଟିଆ, ବରିଷ୍ଠ ନେତା ଭାସ୍କର ସେଠ, ସୁରେଶ ନାୟକ, ପୂର୍ବତନ କାଉନସିଲର ସୁବାସ ନାୟକ ଓ ନଟବର ନାୟକ ପ୍ରମୁଖ ଯୋଗଦେଇ ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଏବଂ କଂଗ୍ରେସର ଭୂମିକା, ଭାରତ ନିର୍ମାଣ ଓ କଂଗ୍ରେସର ଅବଦାନ, ୭୩ତମ ସଂଶୋଧନ ଏବଂ ସାମାଜିକ ନ୍ୟାୟ ଉପରେ ବିଶଦ ଭାବରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ କଂଗ୍ରେସ ନେତା ରବି ବେହେରା ସମେତ କୋଣାର୍କ ରାଜୀବଗାନ୍ଧୀ ପଞ୍ଚାୟତିରାଜ ସଂଗଠନର କର୍ମକର୍ତ୍ତା ମାନେ ପରିଚାଳନା କରିଥିଲେ।

# ଚିଲିକା ନିର୍ବାଚନମଣ୍ଡଳୀରେ ପାନୀୟ ଜଳ ଯୋଗାଣର ସମୀକ୍ଷା କଲେ ପୂର୍ତ୍ତ ମନ୍ତ୍ରୀ

ଖୋର୍ଦ୍ଧା, ୧୬।୫ (ସଂଚାର ବ୍ୟୁରୋ) : ଗ୍ରୀଷ୍ମ ପ୍ରବାହର ମୁକାବିଲା ପାଇଁ ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବିଭିନ୍ନ ଅଞ୍ଚଳର ପାନୀୟ ଜଳ ଯୋଗାଣ ଓ ନୂତନ ନଳକୂପ ଖନନ, ନଳ କୂପର ମରାମତି ସମ୍ବନ୍ଧୀୟ ବିଭିନ୍ନ ପ୍ରକଳ୍ପର କାର୍ଯ୍ୟ ସଂପର୍କରେ ଶୁକ୍ରବାର ଦିନ ଭୁବନେଶ୍ୱର ସ୍ଥିତ ସରକାରୀ ବାସଭବନରେ ସମୀକ୍ଷା କରିଛନ୍ତି ଚିଲିକା ବିଧାୟକ ତଥା ମନ୍ତ୍ରୀ ପୃଥୀରାଜ ହରିଚନ୍ଦନ। ବିଶେଷ କରି ବର୍ତ୍ତମାନ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ସମସ୍ୟାର ସମାଧାନ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଓ ପ୍ରକଳ୍ପ ଗୁଡ଼ିକୁ ଧାର୍ଯ୍ୟ ସମୟ ସୀମାରେ ସମାପ୍ତ କରିବା ଉପରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ। ସମସ୍ତଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରାଥମିକତା ଦେଇଛନ୍ତି । ଏହାକୁ ସୁନିଶ୍ଚିତ କରିବା ପାଇଁ ପାନୀୟ ଜଳ ଯୋଗାଣ ପ୍ରକଳ୍ପରେ ବିପୁଳ ପୁଞ୍ଜିନିବେଶ କରାଯାଉଛି ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଚିଲିକା ବ୍ଲକ ଅଧକ୍ଷା ଜ୍ୟୋସ୍ନା ବେହେରା, ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଇଂ ରଶ୍ମିତା ଦାସ, ବାଣପୁର ବ୍ଲକ ବିଡ଼ିଓ ଶୀତଲ୍ ଅଗ୍ରୱାଲ,ଚିଲିକା ବ୍ଲକ ବିଡ଼ିଓ ପୁନମ ମହାପାତ୍ରଙ୍କ ସମେତ ଅନ୍ୟ ଅଧିକାରୀ ଗଣ ଉପସ୍ଥିତ ଥିଲେ।



● ସ୍ୱାସ୍ଥ୍ୟ ପ୍ରତି ବିପଦପୂର୍ଣ୍ଣ
● ମୃତ୍ତିକା ପ୍ରଦୂଷଣ ବଢ଼ାଉଛି
● ବ୍ୟବହାରରେ ଲାଗୁନି ରୋକ

# ପରିବେଶ ବିଗାଡୁଛି ଥର୍ମୋକୋଲ ପ୍ଲେଟ୍



କାକଟପୁର/ଅସ୍ତରଙ୍ଗ, ୧୬।୫ (ସଂଚାର ବ୍ୟୁରୋ): ଏବେ ବିବାହ, ବ୍ରତ ଋତୁ ଚାଲିଛି। ଭୋଜି ଭାତ ଆସର ଜମୁଛି। ଅଧିକାଂଶ ଭୋଜିରେ ଥର୍ମୋକୋଲ ପ୍ଲେଟ ବ୍ୟବହାର କରାଯାଉଥିବା ଦେଖିବାକୁ ମିଳୁଛି। ଖାଲି ସେତିକି ନୁହେଁ, ପୁରୀ ଜିଲ୍ଲା ଅସ୍ତରଙ୍ଗ ଓ କାକଟପୁର ଅଂଚଳରେ ରାସ୍ତା କଡ଼ରେ ବହୁ ଜଳଖିଆ ଦୋକାନରେ ଏହି ପ୍ଲେଟ, ଠୁଙ୍ଗା ବହୁଳ ମାତ୍ରାରେ ବ୍ୟବହାର କରାଯାଉଛି। ବଡ଼ ବଡ଼ ହୋଟେଲରେ ମଧ ଏହି ପ୍ଲେଟ ଓ ଠୋଲାରେ ଖାଦ୍ୟ ପରସା ଯାଉଛି। ପରିବେଶକୁ ବିଗାଡିବାରେ ଏହା ପ୍ରମୁଖ ଭୂମିକା ନିର୍ବାହ କରୁଥିଲେ ମଧ ଏଥି ପ୍ରତି ପ୍ରଦୂଷଣ ବିଭାଗ, ଖାଦ୍ୟ ନିରାପତ୍ତା ବିଭାଗ କିମ୍ବା ପ୍ରଶାସନ ସେତେଟା ଦୃଷ୍ଟି ଦେଉନଥିବା ଅଭିଯୋଗ ହେଉଛି। ଥର୍ମୋକୋଲ ପ୍ଲେଟ ଓ ଠୋଲା ବ୍ୟବହାରରେ ରୋକ ଲଗାଇବା ପାଇଁ ସମାଜସେବୀ ତଥା ଅସ୍ତରଙ୍ଗ ଅଞ୍ଚଳ ବରିଷ୍ଠ ସାମ୍ବାଦିକ ବିଜୟ ବେହେରା ବିଭାଗୀୟ ଅଧିକାରୀଙ୍କ ସହ ଜିଲ୍ଲା ପ୍ରଶାସନଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

ସୂଚନା ମୁତାବକ, ପଲିଷ୍ଟାଇରିନି ତିଆରିରେ ବ୍ୟବହୃତ ଷ୍ଟାଇରିନ ଏବଂ ବେଞ୍ଜିନ ମାରାତ୍ମକ କର୍କଟ ରୋଗ ସୃଷ୍ଟି କରିବାରେ ସାହାଯ୍ୟ କରାଏ। ଯେତେବେଳେ ଗରମ ଖାଦ୍ୟ କିମ୍ବା ପାନୀୟ ଥର୍ମୋକୋଲ ପ୍ଲେଟ ଉପରେ ପରସା ଯାଏ, ସେଥିରୁ ନିର୍ଗତ ରାସାୟନିକ ପଦାର୍ଥ ଖାଦ୍ୟ ସହ ମିଶେ। ଦୀର୍ଘ ସମୟ ଧରି କିମ୍ବା ନିୟମିତ ଭାବରେ ଷ୍ଟାଇରିନି ସହିତ ସମ୍ପର୍କରେ ଆସିବା ଦ୍ୱାରା ସ୍ନାୟୁ ପ୍ରଭାବିତ ହୁଏ। ଫଳରେ ଥକାପଣ ଓ ମୁଣ୍ଡବିନ୍ଧା ସୃଷ୍ଟି ହୁଏ। ଦୀର୍ଘ କାଳୀନ ସଂସ୍ପର୍ଶ ସହିତ ଯକୃତ ଏବଂ ବୃକକ ଉପରେ ପ୍ରଭାବ ପକାଏ। ଏହା ପରିବେଶ ପ୍ରଦୂଷଣରେ ମଧ ସାହାର୍ଯ୍ୟ କରେ। ବିଶେଷ କରି ଜଳାଶୟ ଗୁଡିକରେ ପଡିବା ଦ୍ୱାରା ଜଳ ପ୍ରଦୂଷିତ ହୁଏ। ଥର୍ମୋ କୋଲ ଜାଳିବା ଦ୍ୱାରା କାର୍ବନ ମନୋଅକ୍ସାଇଡି ଏବଂ ଷ୍ଟାଇରିନ ଗ୍ୟାସ ସମେତ ବିଷାକ୍ତ ଧୂଆଁ ନିର୍ଗତ ହୁଏ। ଯାହା ବାୟୁ ମଣ୍ଡଳ ପାଇଁ ବହୁଳ ଭାବେ କ୍ଷତିକାରକ। ଥର୍ମୋକୋଲ ଜୈବ ବିଘଟନଶୀଳ ନୁହେଁ। ଏହାର ପୁନଃଚକ୍ରଣ କରିବା କଷ୍ଟକର। ଏଣୁ ମୃତ୍ତିକା ବହୁଳ ମାତ୍ରାରେ ଏଥିଯୋଗୁଁ ପ୍ରଦୂଷିତ ହେବାରେ ଲାଗିଛି। ବ୍ୟବସାୟୀ ମାନଙ୍କୁ ସୁବିଧା ହେଉବେଳେ ଗ୍ରାହକଙ୍କ ପାଇଁ କେତେ ଯେ ବିପଦ ଆଣୁଛି ସେଥିପ୍ରତି ସେମାନେ ସଚେତନ ନୁହନ୍ତି। କିନ୍ତୁ ସବୁ ସତ୍ତ୍ୱେ ବି ଏହାର ଚାହିଦା କମିବା ପରିବର୍ତ୍ତେ ବୃଦ୍ଧି ପାଇବାରେ ଲାଗିଛି। ପଲିଷ୍ଟାଇରିନ (ପେଟ୍ରୋଲିୟମ ଆଧାରିତ ପ୍ଲାଷ୍ଟିକି)ରୁ ତିଆରି ଥର୍ମୋକୋଲ ପ୍ଲେଟ ସ୍ୱାସ୍ଥ୍ୟ ପାଇଁ ବିପଦପୂର୍ଣ୍ଣ ବୋଲି ସବୁ ଜାଣିଥିଲେ ମଧ ଏହା ବନ୍ଦ ହେଉନାହିଁ। ଏହା ପରିବର୍ତ୍ତେ କାଗଜ କିମ୍ବା ପତ୍ର ଆଧାରିତ ସାମଗ୍ରୀ ବ୍ୟବହାର କରାଗଲେ ପରିବେଶ ସହ ସ୍ୱାସ୍ଥ୍ୟ ସମ୍ପଦ ସୁରକ୍ଷିତ ରହି ପାରନ୍ତା ବୋଲି ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ପ୍ରଶାସନ ତୁରନ୍ତ ଅସ୍ତରଙ୍ଗ ଓ କାକଟପୁର ଅଞ୍ଚଳରେ ଯାଞ୍ଚ କରି ଏହି ପ୍ଲେଟ ଓ ସୋଲ ଠୋଲା ବ୍ୟବହାର ରେ ରୋକ ଲଗାଉ ବୋଲି ଦାବୀ ହୋଇଛି।

# ସବ୍‌ଜଜଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା




କୁଜଙ୍ଗ, ୧୬।୫ (ସଂଚାର ବ୍ୟୁରୋ): କୁଜଙ୍ଗ ବିଚାର ବିଭାଗୀୟ ଅଦାଲତରେ କାର୍ଯ୍ୟରତ ସବଜଜ ଚିନ୍ମୟୀ ପଣ୍ଡାଙ୍କର ଅନ୍ୟତ୍ର ବଦଳି ହୋଇଥିବା ବେଳେ ତାଙ୍କୁ ଆଜି କୁଜଙ୍ଗ ଓକିଲ ସଙ୍ଘ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଓକିଲ ସଙ୍ଘର ସଭାପତି ଏଏନଡି ଯାଦବଙ୍କ ଅଧକ୍ଷତାରେ ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଦୀପ୍ତି ପ୍ରକାଶ ବ୍ରହ୍ମା ମୁଖ୍ଯ ଅତିଥି ଭାବେ ଯୋଗଦେଇ ବିଦାୟୀ ସବଜଜଙ୍କର କାର୍ଯ୍ୟ ଦକ୍ଷତା ଓ କର୍ମ ନିଷ୍ଠତା ସମ୍ପର୍କରେ ଆଲୋକପାତ କରିବା ସହିତ ତାଙ୍କର ପରବର୍ତ୍ତୀ ପଦବୀରେ କାର୍ଯ୍ୟକାରୀତାର ସଫଳତା କାମନା କରିଥିଲେ। ଅନ୍ୟମାନଙ୍କ ମଧରେ ମୁନସଫ ଡକ୍ଟର ବିଶ୍ୱଭୂଷଣ ନାୟକ ବକ୍ତବ୍ୟ ପ୍ରଦାନ କରିଥିଲେ । ବରିଷ୍ଠ ଆଇନଜୀବୀ ସତ୍ୟାନନ୍ଦ ବିଶ୍ୱାଳଙ୍କ ସମେତ ବହୁ ଓକିଲ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଓକିଲ ସଙ୍ଘ ସାଧାରଣ ସମ୍ପାଦକ ବ୍ରଜ କିଶୋର ରାଉତ ଶେଷରେ ଧନ୍ୟବାଦ ପ୍ରଦାନ କରିଥିଲେ ।

# ରାହାମାରେ ପରାକ୍ରମ ଶୋଭାଯାତ୍ରା

ଜଗତସିଂହପୁର, ୧୬।୫ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲାର କୁଜଙ୍ଗବ୍ଲକ ଅଧୀନ ପ୍ରମୁଖ ବାଣିଜ୍ୟିକ କେନ୍ଦ୍ର ରାହାମା ଠାରେ ଆଜି ଅପରେସନ ସିନ୍ଦୁରର ସଫଳତା ଓ ଭାରତୀୟ ସେନାବାହିନୀର ବୀର ଯବାନଙ୍କ ଦକ୍ଷତାକୁ ସମ୍ମାନ ଜଣାଇ ପରାକ୍ରମ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସମାଜସେବୀ ଡ଼ଃ ସୁନାକର ବେହେରାଙ୍କ ସଂଯୋଜନାରେ କଲେଜ ଛକ ଶ୍ରୀ ଗୁଣ୍ଡିଚା ମନ୍ଦିର ନିକଟରୁ ଶହ ଶହ ସଂଖ୍ୟାରେ ଦେଶ ପ୍ରେମରେ ସମର୍ପିତ ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରଛାତ୍ରୀ,ବୁଦ୍ଧିଜୀବୀ, ସ୍ୱେଚ୍ଛାସେବୀ, ବିଭିନ୍ନ ଗଣମାଧମର ପ୍ରତିନଧି, ଆରକ୍ଷୀ ବାହିନୀ, ବ୍ୟବସାୟୀ ବନ୍ଧୁ ଓ ଅଞ୍ଚଳର ଜନସାଧାରଣ ଏକତ୍ରିତ ହୋଇ ହସ୍ତରେ ତ୍ରିରଙ୍ଗା ଧରି ଏକ ବିରାଟ ଶୋଭାଯାତ୍ରାରେ ରାହାମା ବଜାର ଓ ତାଳପଡା ଛକ ପରିକ୍ରମା କରିଥିଲେ। ଜାମୁ କାଶ୍ମୀର ପହେଲଗାଁଓ ଠାରେ ହୋଇଥିବା ଆତଙ୍କବାଦୀ ଘଟଣା ପ୍ରତିବାଦରେ ଅପରେସନ ସିନ୍ଦୁର ସଫଳତାରେ ଆଜିର ଏହି ପରାକ୍ରମ ଶୋଭାଯାତ୍ରାକୁ ଅବସରପ୍ରାପ୍ତ ପୁଲିସ ଅଧିକାରୀ ଧ୍ରୁବ ଚରଣ ଦାସ ଜାତୀୟ ପତାକା ଦେଖାଇ ଉଦଘାଟନ କରିଥିଲେ।




# ନବରଙ୍ଗପୁରରେ ତ୍ରିରଙ୍ଗା ଶୋଭାଯାତ୍ରା



ନବରଙ୍ଗପୁର, ୧୬।୫ (ସଂଚାର ବ୍ୟୁରୋ): ବୀର ଯବାନଙ୍କ ସାହସ ଓ ବୀରତ୍ୱକୁ ସମ୍ମାନ ଜଣାଇ ଏକ ପରାକ୍ରମ ତ୍ରିରଙ୍ଗା ବାଇକ ଶୋଭାଯାତ୍ରା ସ୍ଥାନୀୟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଠାରୁ ବାଇପାସ୍ ରାସ୍ତା ଦେଇ ମଙ୍ଗଳମ୍ ଟିମ୍ବର, ଚାଉଁରିଆଗୁଡା ଛକ ଏବଂ ସହର ମଧରେ ଦେଶାତ୍ମବୋଧକ ସଙ୍ଗୀତ ଏବଂ ସ୍ଲୋଗାନ ସହ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା। ପ୍ରାରମ୍ଭରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଗୌରୀ ଶଙ୍କର ମାଝୀ ମାନ୍ୟବର ବିଧାୟକ ନବରଙ୍ଗପୁର, ମନୋହର ରନ୍ଧାରି, ବିଧାୟକ, ଡ଼ାବୁଗାଁ, ଡ଼ା ଶୁଭଙ୍କର ମହାପାତ୍ର, ଜିଲ୍ଲାପାଳ ମିହିର କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ତପନ କୁମାର ଖୁଣ୍ଟିଆ, ଅତିରିକ୍ତ ଜିଲ୍ଲାପାଳ, ପ୍ରକାଶ କୁମାର ମିଶ୍ର, ଉପ ଜିଲ୍ଲାପାଳ, କୁନୁ ନାୟକ, ପୌରାଧକ୍ଷ ଉପସ୍ଥିତ ରହି ଶୋଭାଯାତ୍ରାର ଶୁଭାରାମ୍ଭ କରିଥିଲେ। ଏହି ଶୋଭାଯାତ୍ରାରେ ସମସ୍ତ ଜିଲ୍ଲାସ୍ତରୀୟ ଅଧିକାରୀଙ୍କ ସହ କର୍ମଚାରୀ,ପୁଲିସ, ସୁରକ୍ଷା ବାହିନୀ, ଅଗ୍ନିଶମ ବାହିନୀ, ଲୋକ ପ୍ରତିନିଧି, ସ୍ୱେଚ୍ଛାସେବୀ ଅନୁଷ୍ଠାନ କର୍ମକର୍ତ୍ତାଙ୍କ ସହ ଜନସାଧାରଣ ତ୍ରିରଙ୍ଗା ଯାତ୍ରାରେ ଯୋଗଦେଇଥିଲେ।

# ନଦୀବନ୍ଧ ପଥର ପ୍ୟାକିଂରେ ଅନିୟମିତତା ଅଭିଯୋଗ

ଜଗତସିଂହପୁର, ୧୬।୫ (ସଂଚାର ବ୍ୟୁରୋ): ଜଗତସିଂହପୁର ଜିଲ୍ଲା କୁଜଙ୍ଗ ବ୍ଲକ ଅନ୍ତର୍ଗତ ସାଇଲୋ ଗ୍ରାମ ପଞ୍ଚାୟତ ଓ ତାଳପଡା ଗ୍ରାମ ପଞ୍ଚାୟତର ହରିପୁର ଗ୍ରାମର ଅଧିବାସୀଙ୍କ ସୁରକ୍ଷା ନିମନ୍ତେ ମହାନଦୀ ବନ୍ଧର ତଟସୁରକ୍ଷା ବନ୍ଧ ନିର୍ମାଣରେ ବ୍ୟପାକ ଦୁର୍ନୀତ ହେଉଥିବା ଦେଖିବାକୁ ମିଳୁଛି।

ପ୍ରତ୍ୟକ ବର୍ଷ ମହାନଦୀରେ ବନ୍ୟା ଆସି ଦୁଇକୂଳ ଖାଇବା ସହ ନଦୀବନ୍ଧ ଉଭୟ ପାର୍ଶ୍ୱରେ ଥିବା ଗ୍ରାମର ଅଧିବାସୀମାନଙ୍କ ବାସଗୃହ ଓ ଧନଜୀବନ ପ୍ରତି ଭୟ ଓ ବିପଦ ଆଶଙ୍କାକୁ ଲକ୍ଷ୍ୟ କରି ସ୍ଥାୟୀ ସମାଧାନ ପାଇଁ ଦୀର୍ଘଦିନଧରି ଅଧିବାସୀମାନେ ସ୍ଥାନୀୟ ପ୍ରଶାସନକୁ ଦାବିକରି ଆସୁଥିଲେ। ଯାହାକୁ ଜଳସେଚନ ବିଭାଗୀୟ ଉଚ୍ଚ କତୃପକ୍ଷଙ୍କ ସୁପାରିଶ ଅନୁଯାୟୀ ରାଜ୍ୟ ସରକାର ଚାରିକୋଟି ତେୟାନବେ ଲକ୍ଷ ଟଙ୍କାର ବ୍ୟୟ ବରାଦର ଆର୍ଥିକରାଶି ପ୍ରଦାନ କରିଥିଲେ ନଦୀବନ୍ଧକୁ ପଥର ଡମ୍ପିଂ ନିମନ୍ତେ। କିନ୍ତୁ ଉକ୍ତ ଅର୍ଥର ସଦୁପଯୋଗ ପରିବର୍ତ୍ତେ ଠିକାଦାର ନିଜର ମୁନାଫାଖୋର ମନୋବୃତ୍ତିରେ ନଦୀବନ୍ଧ ଡମ୍ପିଂ ନିର୍ମାଣ ଓ ପଥର ସୋଲିଂ କରୁଛି। ନିମ୍ନମାନର କାର୍ଯ୍ୟଯୋଗୁ ଏହାର ସ୍ଥାୟୀତ୍ୱକୁ ନେଇ ସାଧାରଣରେ ବଡ଼ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ନଦୀର ଜଳ ପ୍ରକୋପରୁ ଗାଁ ଗୁଡିକୁ ରକ୍ଷା କରିବା ପାଇଁ ସରକାରଙ୍କ ପକ୍ଷରୁ କୋଟି କୋଟି ଟଙ୍କାର ଆର୍ଥିକ ଅନୁଦାନ ଆସୁଥିଲେ ହେଁ ନିର୍ମାଣ ଦାୟିତ୍ୱରେ ଥିବା ନିର୍ବାହୀ ଅଧିକାରୀଙ୍କ ମିଳିଭଗତରେ ନିମ୍ନମାନର କାମ ଯୋଗୁଁ ଏହା ପାଣିରେ ଧୋଇ ଯିବାକୁ ବସିଛି। ସବୁଠୁ ବଡ କଥା ହେଲା ମାଟି ଉପରେ ଛୋଟ ଛୋଟ ପଥର ଖଞ୍ଜାଯିବା ସହ କଳା ପଥର ବଦଳରେ ଚିଲଆଖିଆ ପଥରକୁ ର'ଠ ସାଇଜକରି ଡମ୍ପିଂ ନିର୍ମାଣ ହେଉଅଛି। ସୁରକ୍ଷା ବନ୍ଧ ଯେତିକି ଡମ୍ପିଂ କରିବା କଥା ତାହା କରାଯାଇନାହିଁ। ଆଗକୁ ଆସୁଥିବା ବନ୍ୟା ଜଳରେ କୋଟି କୋଟି ଟଙ୍କା ପାଣିରେ ପଡ଼ିବା ସହ ପଥର ପ୍ୟାକିଂ ନଦୀ ଗର୍ଭକୁ ଚାଲିଯିବ ବୋଲି ସାଧାରଣ ଲୋକ ଆଶଙ୍କା ପ୍ରକାଶ କରୁଛନ୍ତି।

ଏ ନେଇ ବାରମ୍ବାର ଠିକାଦାରଙ୍କ ବିରୁଦ୍ଧରେ ଅଭିଯୋଗ ହେଉଥିଲେ ମଧ ଠିକାଦାର କିଛି ଅସାଧୁ ପ୍ରଶାସନିକ ଅଧିକାରୀ ଓ ସ୍ଥାନୀୟ କୁଜି ନେତାଙ୍କୁ ଧରି ମୋଟା ଅଙ୍କର ଅର୍ଥ ଦେଇ ଏ ଭଳି ନିମ୍ନମାନର କାର୍ଯ୍ୟ କରିଥିବା ଅଭିଯୋଗ କରିବା ସହିତ ସମାଜସେବୀ ଡ଼କ୍ଟର ସୁନାକର ବେହେରା ଏହାର ଯଦି ଉଚ୍ଚସ୍ତରୀୟ ତଦନ୍ତ ନକରାଯାଏ ତେବେ ମାନ୍ୟବର ଉଚ୍ଚନ୍ୟାୟାଳୟରେ ଜନସ୍ୱାର୍ଥ ମାମଲା କରିବାନେଇ ମତବ୍ୟକ୍ତ ପ୍ରକାଶ କରିଛନ୍ତି।

# ଦେଶବାସୀଙ୍କୁ ଗର୍ବିତ କରିଛି ସେନା ପରାକ୍ରମ: ଧର୍ମେନ୍ଦ୍ର



**ସମ୍ବଲପୁର,୧୬।୫(ସଂଚାର ବ୍ୟୁରୋ):** କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ଏଠାରେ 'ଅପରେସନ ସିନ୍ଦୂର'ର ସଫଳତା ତଥା ଭାରତୀୟ ସେନାବାହିନୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ 'ପରାକ୍ରମ

- 'ଜୟ ହିନ୍ଦ୍' ଓ 'ଭାରତ ମାତା କୀ ଜୟ'ରେ ଗୁଞ୍ଜରିତ ହେଲା ସମ୍ବଲପୁର
- ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଭାରତ ସାମରିକ ଶକ୍ତି

ଶୋଭାଯାତ୍ରା'ରେ ସାମିଲ ହୋଇଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଦଳର କାର୍ଯ୍ୟକର୍ତ୍ତା ଓ ଜନସାଧାରଣଙ୍କ ସହ 'ପରାକ୍ରମ ଶୋଭାଯାତ୍ରା'ରେ ସାମିଲ ହେବା ନିଶ୍ଚିତ ଭାବେ ତାଙ୍କ ପାଇଁ ଗର୍ବର ବିଷୟ। ଏହି ଶୋଭାଯାତ୍ରା 'ଅପରେସନ ସିନ୍ଦୂର'ର ସଫଳତା, ଦେଶର ସୈନ୍ୟଶକ୍ତିର ଶୌର୍ଯ୍ୟ ଓ ପରାକ୍ରମକୁ ସମ୍ମାନ ଜଣାଇବାର ମହାନ ଅବସର। 'ଅପରେସନ ସିନ୍ଦୂର' ଜରିଆରେ ବିଶ୍ୱବାସୀ ଭାରତର ପରାକ୍ରମକୁ ଦେଖିଛନ୍ତି। ଭାରତର ସୈନିକ ଶକ୍ତି ନିଜର ପରାକାଷ୍ଠା ଦେଖାଇଛି। ଭାରତୀୟ ସେନା ନିପୁଣତାର ସହ ଆତଙ୍କବାଦୀ ତଥା ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ପାକିସ୍ତାନକୁ ଉଚିତ ଜବାବ ଦେଇଛି। 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଭାରତ ସାମରିକ ଶକ୍ତି କ୍ଷେତ୍ରରେ ବିଶ୍ୱରେ ନୂଆ ପରିଚୟ ସୃଷ୍ଟି କରିପାରିଛି। ପ୍ରଧାନମନ୍ତ୍ରୀଙ୍କ ଦୃଢ ନେତୃତ୍ୱ ଓ ଭାରତୀୟ ସେନାର ଅଦମ୍ୟ ସାହସ ପାଇଁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

'ପରାକ୍ରମ ଶୋଭାଯାତ୍ରା'ରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଓ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ବୀର ସୁରେନ୍ଦ୍ର ସାଏ ଓଡ଼ିଶାର ଶୌର୍ଯ୍ୟମୟ ପରିଚୟର ଅନନ୍ୟ ପ୍ରତୀକ ଥିଲେ ଏବଂ ତାଙ୍କର ଅଦ୍ୱିତୀୟ ସାଙ୍ଗଠନିକ ଶକ୍ତି ଓ ରଣକୌଶଳ ଓଡ଼ିଆ ଜାତିର ବୀରତ୍ୱର ପ୍ରତିଫଳନ ବୋଲି କେନ୍ଦ୍ର ଶକ୍ତି ମନ୍ତ୍ରୀ ମତ ବ୍ୟକ୍ତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାୟକ, ବିଜେପି କାର୍ଯ୍ୟକର୍ତ୍ତା ଓ ଜନସାଧାରଣ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। 'ଜୟ ହିନ୍ଦ୍' ଓ 'ଭାରତ ମାତା କୀ ଜୟ' ନାରାରେ ସମଗ୍ର ସମ୍ବଲପୁର ଗୁଞ୍ଜରିତ ହୋଇଥିଲା।

## ଯୌତୁକ ପାଇଁ ଝିଅକୁ ମାରିଦେଲେ



**ଧର୍ମଶାଳା,୧୬।୫(ସଂଚାର ବ୍ୟୁରୋ):** ପୁଣି ଯୌତୁକ ଜୁଇରେ ଜଳିଗଲା ଜଣେ ବଧୂ। ବାହାଘରର ୪ ବର୍ଷ ପରେ ମୃତ୍ୟୁବରଣ କରିଛି ବାପଘର ଛାଡ଼ି ଶାଶୂଘରକୁ ସ୍ୱର୍ଗପୁର ଭାବୁଥିବା ବୋହୂଟି। ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ୍ ଥାନା ଅନ୍ତର୍ଗତ ନେଉଳପୁର ଗାଁରେ ଜନୈକା ମହିଳାଙ୍କୁ ଶାଶୂଘର ଲୋକ ପିଟିପିଟି ମାରିଦେଇଥିବା ତାଙ୍କ ମା' ଅଭିଯୋଗ କରିଛନ୍ତି। ଅଧିକ ଯୌତୁକ ଦାବି କରି ପରିବାର ଲୋକେ ତାଙ୍କୁ ନିର୍ଯାତନା ଦେଉଥିଲେ। ଏହାଛଡ଼ା ୪ ବର୍ଷ ଧରି କୌଣସି ପିଲାପିଲି ହେଉନଥିବାରୁ ଏଥିରେ ସ୍ୱାମୀ ଓ ତାଙ୍କ ପରିବାର ଲୋକେ ଉଭୟ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିବା ମଧ୍ୟ ଏତଲାରେ ଦର୍ଶାଯାଇଛି।

ମିଳିଥିବା ସୂଚନାନୁସାରେ, ଚହଟା ଗାଁର ମହମ୍ମଦ ସଗିର ଅହମ୍ମଦଙ୍କ ଝିଅ ଆରଜୁ ନେଶାଁଙ୍କ ବୟସ ୨୫ ବର୍ଷ ହେବ। ଗତ ୨୦୧୯ରେ ସେ ନେଉଳପୁର ଗାଁର ଏନାମ ଖାଁଙ୍କ ପୁଅ ମହସିନ ଖାଁଙ୍କୁ ବିବାହ କରିଥିଲେ। ସେତେବେଳେ ଯୌତୁକ ବାବଦରେ ଆରଜୁ ଦେଢ଼ଲକ୍ଷ ଟଙ୍କା ସହ ବିଭିନ୍ନ ଆସବାବପତ୍ର ଆଣିଥିଲେ। ସେହିପରି ଆରଜୁ ମା' ହୋଇପାରୁନଥିବାରୁ ଏହାକୁ ନେଇ ତାଙ୍କ ଶ୍ୱଶୁର, ଶାଶୂ ଓ ନଣନ୍ଦ ମଧ୍ୟ ତାଙ୍କୁ ମାନସିକ ଯନ୍ତ୍ରଣା ଓ ନିର୍ଯାତନା ଦେଇଆସୁଥିଲେ ବୋଲି ମା' ସୋହାନା ବିବି ଥାନାରେ ଦେଇଥିବା ଏତଲାରେ ଦର୍ଶାଇଛନ୍ତି। ସୋହାନାଙ୍କ ଅଭିଯୋଗ ଅନୁସାରେ, ଗତକାଲି ତାଙ୍କୁ ଆରଜୁଙ୍କ ଶାଶୂଘର ଲୋକେ ଫୋନ କରିଥିଲେ। ଫୋନ୍‌ରେ ଆରଜୁ ଆତ୍ମହତ୍ୟା କରିଥିବା ସେମାନେ କହିବା ସହ ତାକୁ ମେଡିକାଲ ଆଣିଥିବା କହିଥିଲେ। ତାଙ୍କ ପରିବାର ଲୋକ ନେଉଳପୁରସ୍ଥିତ ଶାଶୂଘରେ ପହଞ୍ଚି ପାରିପାର୍ଶ୍ୱିକ ସ୍ଥିତିକୁ ଲକ୍ଷ୍ୟ କରି ତାଙ୍କ ଝିଅକୁ ଶାରୀରିକ ନିର୍ଯାତନା ଦିଆଯାଇ ହତ୍ୟା କରାଯାଇଥିବା ଅନୁଭବ କରିବା ପରେ ଏନେଇ ଧର୍ମଶାଳା ଥାନାରେ ଅଭିଯୋଗ କରିଥିଲେ। ତୁରନ୍ତ ପୁଲିସ୍ ଆରଜୁଙ୍କ ଶାଶୂଘରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଆରମ୍ଭ କରିଥିଲା। ଏନେଇ ଶାଶୂ ଓ ଶ୍ୱଶୁରଙ୍କୁ ପୁଲିସ ପଚରାଉଚରା କରିବା ପରେ ଶ୍ୱଶୁର ଏନାମ ଓ ଶାଶୂ ଆୟେସା ବେଗମଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।

## ନିଯୁକ୍ତି ପାଇବେ ୧୫ ବିଶ୍ୱବିଦ୍ୟାଳୟ ଭିସି

- ପୂରଣ ହେବ ହଜାରରୁ ଅଧିକ ଅଧ୍ୟାପକ ପଦବୀ

**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଖୁବଶୀଘ୍ର ୧୫ଟି ରାଜ୍ୟ ବିଶ୍ୱବିଦ୍ୟାଳୟରେ କୁଳପତି(ଭିସି)ଙ୍କ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଯାଉଛନ୍ତି। ଏଥିସହ କଲେଜଗୁଡ଼ିକରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ମଧ୍ୟ ପୂରଣ ହେବ । ନିଯୁକ୍ତି ଉପରେ ଲାଗିଥିବା ପୂର୍ବ କଟକଣା ହଟିବା ପରେ ରାଜ୍ୟ ଏହି ପ୍ରମୁଖ ଶିକ୍ଷାଗତ ପଦବୀ ପୂରଣ ନେଇ ଉତ୍ସାହ ଦେଖାଇଛି । ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ, ୨୦୨୪ ଅନୁଯାୟୀ, ସରକାର ଭାଇସ୍ଚାନ୍ସଲର ନିଯୁକ୍ତି ପାଇଁ ପଦକ୍ଷେପ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଏକ ସରକାରୀ ବିଜ୍ଞପ୍ତି ଖୁବ୍ ଶୀଘ୍ର ପ୍ରକାଶ ପାଇବ । ନୂତନ ନିୟମ ଅନୁଯାୟୀ, ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଭାଇସ୍ଚାନ୍ସଲର ବାଛିବା ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ ଚୟନ କମିଟି ଗଠନ କରାଯିବ । ଏହା ବ୍ୟତୀତ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୫୩ ଖାଲି ପଡ଼ିଥିବା ଫାକଲଟି ପଦବୀ ପୂରଣ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବ । ୨୦୨୦ ସଂଶୋଧନକୁ ରଦ୍ଦ କରିଥିବା ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ରାୟ ପରେ, ୨୦୨୪ ସଂଶୋଧନ ଏବେ ଓପିଏସସି ବଦଳରେ ୟୁଜିସି ମାନଦଣ୍ଡ ସହିତ ନିଯୁକ୍ତି ପ୍ରକ୍ରିୟା କାର୍ଯ୍ୟକାରୀ ହେବ । ତେବେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୦ ପାସ୍ ସମୟରେ ପୂର୍ବ ସରକାର ଯେତେବେଳେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ମାନଦଣ୍ଡକୁ ଅବମାନନା କରି ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ମାଧ୍ୟମରେ ନିଯୁକ୍ତି କରିବାକୁ ଚେଷ୍ଟା କରିଥିଲେ, ସେତେବେଳେ ବିବାଦ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ୟୁଜିସି ଏବଂ ଅନେକ ପ୍ରଫେସରଙ୍କ ବିରୋଧ ଏବଂ ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା, ଯାହା ପ୍ରଭାବଶାଳୀ ଭାବରେ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିଦେଇଥିଲା। ଫଳରେ ଉଚ୍ଚଶିକ୍ଷା ବିଭାଗ ଅନେକ ଶିକ୍ଷକ ପଦବୀ ପୂରଣ ପାଇଁ ସଂଘର୍ଷ କରିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ତଥାପି ଗତ ମାସରେ ସୁପ୍ରିମକୋର୍ଟ ୨୦୨୦ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନକୁ ଅମାନ୍ୟ କରିଥିଲେ। ନୂଆକରି ଅନୁମୋଦିତ ୨୦୨୪ ସଂଶୋଧନ ପାଇଁ ନିଯୁକ୍ତି ୟୁଜିସି ନିର୍ଦ୍ଦେଶାବଳୀ ପାଳନ କରିବାକୁ ବାଧ୍ୟ, ଯାହାକୁ ଉପକୁଳପତି ଓ ଚାକିରି ଆବେଦନକାରୀ ଉଭୟ ସ୍ୱାଗତ କରିଥିଲେ।

## ଡ୍ରେନେଜ୍ ସମସ୍ୟାର ସମୀକ୍ଷା କଲେ ମୁଖ୍ୟ ସଚିବ



### ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ ସାରିବାକୁ ନିର୍ଦ୍ଦେଶ

**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ଅଧିକ ବର୍ଷା ହେଲେ ଭୁବନେଶ୍ୱର ସହରର ବିଭିନ୍ନ ଅଞ୍ଚଳରେ ଦେଖାଦେଉଥିବା ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ନିଆଯାଇଥିବା ପଦକ୍ଷେପ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା ଆଜି ଲୋକସେବା ଭବନରେ ସମୀକ୍ଷା କରିଛନ୍ତି। ଚଳିତ ବର୍ଷ ବର୍ଷାଦିନ ପୂର୍ବରୁ ଅଗ୍ରାଧିକାର ଭିତ୍ତିରେ ବିଭିନ୍ନ ଅଞ୍ଚଳରେ ରହୁଥିବା ଜଳ ନିଷ୍କାସନ ସମସ୍ୟାର ସମାଧାନ ପାଇଁ ତ୍ୱରିତ ପଦକ୍ଷେପ ନେଇ କାର୍ଯ୍ୟ ସାରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି।

ବୈଠକରେ ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢ଼ୀ, ଭୁବନେଶ୍ୱର ମହାନଗର ନିଗମ କମିଶନର ରାଜେଶ ପ୍ରଭାକର ପାଟିଲ, ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ ଉପାଧ୍ୟକ୍ଷ ଡଃ. ଏନ୍.ଥିରୁମାଲା ନାୟକ, ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ସମେତ ସମ୍ପୃକ୍ତ ବିଭାଗର ବରିଷ୍ଠ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ। ସହରରେ ଅଧିକ ବର୍ଷା ହେଲେ, ଯେଉଁ ଯେଉଁ ଅଞ୍ଚଳରେ ଜଳ ନିଷ୍କାସନରେ ସମସ୍ୟା ଉପୁଜୁଛି, ସେ ସମ୍ପର୍କରେ ମୁଖ୍ୟ ଶାସନ ସଚିବ ପୁଙ୍ଖାନୁପୁଙ୍ଖ ବୁଝି ଆଲୋଚନା ପୂର୍ବକ ଆବଶ୍ୟକ ସ୍ଥଳେ ଅଗ୍ରାଧିକାର ଭିତ୍ତିରେ କାମ କରିବା ସକାଶେ ନିର୍ଦ୍ଦେଶ ଦେଇଛନ୍ତି। ବିଏମସି କମିଶନର ସହରରେ ଥିବା ଡ୍ରେନେଜ ସିଷ୍ଟମ ସମ୍ପର୍କରେ ଏକ ଉପସ୍ଥାପନ କରିଥିଲେ। ସହରରେ ୭୭.୦୭ କିମି ବିଶିଷ୍ଟ ୧୫ଟି ମୁଖ୍ୟ ପ୍ରାକୃତିକ ଡ୍ରେନ୍ ଥିବା ବେଳେ ବିଏମସି ଅଞ୍ଚଳରେ ବିସ୍ତୃତ ଭାବେ ୧୮୩୯ କିମି ଇଣ୍ଟରନାଲ ଡ୍ରେନ ରହିଛି। ସେଥିରୁ ବିଏମସି ଅଧୀନରେ ୧୩୮୦ କିମି, ପୂର୍ତ୍ତ ବିଭାଗ ଅଧିନରେ ୩୬୦.୨୨ କିମି, ଇଡ୍‌କୋ ଅଧୀନରେ ୬୫.୦୨ କିମି ଓ ଜାତୀୟ ରାଜପଥ ଅନ୍ତର୍ଗତ ୩୪.୪୩ କିମି ଡ୍ରେନେଜ୍ ବ୍ୟବସ୍ଥା ରହିଛି।

ବିଭିନ୍ନ କାରଣରୁ ସହରରେ ଅତ୍ୟଧିକ ବର୍ଷା ହେଲେ ଇସ୍କନ ମନ୍ଦିର ରାସ୍ତା, କଟକ ରୋଡ, ସମ୍ ହସ୍ପିଟାଲ ନିକଟସ୍ଥ ଆୟୁର୍ବେଦିକ ମେଡିକାଲ କଲେଜ ସମ୍ମୁଖ ରାସ୍ତା, ଅହଲ୍ୟା ନଗର, ମହିଳା ସିଟି କଲେଜ, ଏମ୍ସ ଅଞ୍ଚଳ, ଭଗବାନପୁର, ଫରେଷ୍ଟ ପାର୍କ, ଲକ୍ଷ୍ମୀସାଗର, ନହରକଣ୍ଟା, ରୁଦ୍ରପୁର ଅଞ୍ଚଳ ଆଦିରେ ମୁଖ୍ୟତଃ ଜଳ ନିଷ୍କାସନ ସମସ୍ୟା ରହୁଛି। ଏସବୁ ଅଞ୍ଚଳରେ ଡ୍ରେନେଜ୍ ସମସ୍ୟାର ସମାଧାନ ପାଇଁ ଜାତୀୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି, ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପାଣ୍ଠି, ରାଜ୍ୟ ପାଣ୍ଠି ଆଦିରୁ ଭିନ୍ନ ଭିନ୍ନ ନିର୍ମାଣ ଓ ମରାମତି କାର୍ଯ୍ୟ ପାଇଁ ଖର୍ଚ୍ଚ ନିମନ୍ତେ ପଦକ୍ଷେପ ନିଆଯାଇଛି। ଏଥିପାଇଁ ପ୍ରାୟ ୩୦୦ କୋଟି ବ୍ୟୟ ଆକଳନ କରାଯାଇଥିବା ବେଳେ କେଉଁ କାର୍ଯ୍ୟକୁ ତ୍ୱରିତ କରାଯିବ ଓ କାମ ସରିବାକୁ କେତେଦିନ ଲାଗିବ ସେ ସମ୍ପର୍କରେ ବୈଠକରେ ବିସ୍ତୃତ ଭାବେ ଆଲୋଚନା କରାଯାଇଛି। ବିଭିନ୍ନ ବିଭାଗ ଅଧୀନରେ ଆସୁଥିବା ଡ୍ରେନେଜ କାର୍ଯ୍ୟକୁ ସମ୍ପୃକ୍ତ ବିଭାଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି କାର୍ଯ୍ୟ କରିବାକୁ ମୁଖ୍ୟ ଶାସନ ସଚିବ ପରାମର୍ଶ ଦେଇଛନ୍ତି।

## କାରରୁ ମିଳିଲା ଜେଇଙ୍କ ମୃତଦେହ




**ବରପାଲି,୧୬।୫(ସଂଚାର ବ୍ୟୁରୋ):** କନିଷ୍ଠ ଯନ୍ତ୍ରୀ (ଜେଇ)ଙ୍କର ସନ୍ଦେହଜନକ ମୃତ୍ୟୁ ଘଟିଛି। କାରରୁ ସନ୍ଦେହଜନକ ଅବସ୍ଥାରେ ମିଳିଛି ତାଙ୍କ ମୃତଦେହ। ବରଗଡ଼ ଜିଲ୍ଲାରେ ଏପରି ଏକ ଅଭାବନୀୟ କାଣ୍ଡ ଘଟିଥିବା ବେଳେ ମୃତ କନିଷ୍ଠ ଯନ୍ତ୍ରୀ ଜଣଙ୍କ ହେଉଛନ୍ତି ବରପାଲି ବ୍ଲକ୍‌ର ଚନ୍ଦ୍ରଶେଖର ଝାଡ଼ିଆ। ମିଳିଥିବା ସୂଚନାନୁସାରେ, ବରଗଡ଼ ହଳଦିପାଲି ଛକ ଜାତୀୟ ରାଜପଥ ରାସ୍ତା କଡ଼ରେ ଏକ କାର୍ ଛିଡ଼ା ହୋଇଥିଲା। ତେବେ ଦୀର୍ଘ ସମୟ ଧରି କାର୍‌ଟି ରାସ୍ତା ଉପରେ ଠିଆ ହେବାରୁ ଲୋକଙ୍କ ସନ୍ଦେହ ବଢ଼ିଥିଲା। ପରେ କାର୍ ଭିତରେ ଜଣେ ଲୋକ ଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏନେଇ ସେମାନେ ତୁରନ୍ତ ସ୍ଥାନୀୟ ପୁଲିସକୁ ଖବର ଦେବାରୁ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି କାର୍ କାଚ ଭାଙ୍ଗି ମୃତଦେହଟିକୁ ଉଦ୍ଧାର କରିଥିଲା। ପରେ ମୃତକଙ୍କ ପରିଚୟ ମିଳିଥିଲା। ତେବେ ଉକ୍ତ ଜେଇଙ୍କ ମୃତ୍ୟୁ କିପରି ଘଟିଲା, ଏହା ପଛରେ କ'ଣ କାରଣ ରହିଛି ତାହା ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ତେବେ ତାଙ୍କୁ ହତ୍ୟା କରାଯାଇଛି ନା ଅନ୍ୟ କିଛି କାରଣ ରହିଛି, ତାହା ଜାଣିବା ସକାଶେ ପୁଲିସ୍ ଖୋଳତାଡ଼ ଆରମ୍ଭ କରିଛି।

## ଚାକିରି ନାଁରେ ଠକିଥିଲେ ୬୦ ଲକ୍ଷ
## ଗିରଫ ହେଲେ ଶୋଭନ



**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ଚାକିରି କରାଇଦେବାକୁ କହି ପାଖାପାଖି ୬୦ ଲକ୍ଷ ଠକିଥିଲେ। ଶୁକ୍ରବାର ତାଙ୍କୁ କମିଶନରେଟ୍ ପୁଲିସ୍ ଗିରଫ କରିଛି। ଗିରଫ ହୋଇଥିବା ବ୍ୟକ୍ତି ଜଣଙ୍କ ସଂଯୋଗ କନସଲଟାନ୍ସିର ମୁଖ୍ୟ ଶୋଭନ ରଞ୍ଜନ ବେହେରା ବୋଲି ଜଣାପଡ଼ିଛି। ଗତ ମାର୍ଚ୍ଚ ୨୩ ତାରିଖରେ ନୟାପଲ୍ଲୀ ଥାନାରେ ଏନେଇ ଅଭିଯୋଗ ହେବା ପରେ ପୁଲିସ୍ ଏକ ମାମଲା ରୁଜୁ କରିବା ସହ ତଦନ୍ତ ଆରମ୍ଭ କରିଥିଲା। ଶୋଭନ୍ ଏକ ବେସରକାରୀ ସଂସ୍ଥାରେ ଚାକିରି କରାଇଦେବାକୁ କହି ବିଭିନ୍ନ ପ୍ରାର୍ଥୀଙ୍କଠାରୁ ୬୦ ଲକ୍ଷ ଟଙ୍କା ନେଇଥିଲେ। କିନ୍ତୁ ପରେ ଆଉ ସେ ଧରାଛୁଆଁ ଦେଇନଥିଲେ। ତେଣୁ ଟଙ୍କା ଦେଇ ଫସିଥିବା ପ୍ରାର୍ଥୀମାନେ ଶୋଭନଙ୍କ ବିରୋଧରେ ଅଭିଯୋଗ କରିବା ପରେ ଏନେଇ ମୋଟ ୪ଟି ମାମଲା ରୁଜୁ ହୋଇଥିଲା। ତେବେ ସେ ଆଉ କେତେ ଜଣଙ୍କୁ ଠକିଛନ୍ତି, ତା' ଜାଣିବା ସକାଶେ ତଦନ୍ତ ଚାଲିଥିବା କହିଛନ୍ତି ଭୁବନେଶ୍ୱର ଡିସିପି ଜଗମୋହନ ମୀନା ସୂଚନା ଦେଇଛନ୍ତି।

## ଦୁଇଦିନିଆ ସିଡିଓ ଓ ବିଡିଓ ସମ୍ମିଳନୀ ଉଦ୍‌ଯାପିତ



**ଭୁବନେଶ୍ୱର,୧୬।୫(ସଂଚାର ବ୍ୟୁରୋ):** ସ୍ଥାନୀୟ ଲୋକସେବା ଭାବନ ସମ୍ମେଳନ କକ୍ଷଠାରେ ଚାଲିଥିବା ରାଜ୍ୟସ୍ତରୀୟ ଦ୍ୱି-ଦିବସୀୟ ମୁଖ୍ୟ ଉନ୍ନୟନ ଅଧିକାରୀ (ସିଡିଓ) ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ (ବିଡିଓ) ସମ୍ମିଳନୀ ଆଜି ଉଦ୍‌ଯାପିତ ହୋଇଛି। ପ୍ରଶାସନକୁ କାର୍ଯ୍ୟାଳୟ ମଧ୍ୟରେ ସଙ୍କୁଚିତ ନ ରଖି ଜନସାଧାରଣଙ୍କ ନିକଟରେ ସମସ୍ତ ସରକାରୀ ସେବା ପହଞ୍ଚାଇବା ଓ ସେମାନଙ୍କ ସମସ୍ୟାର ସମାଧାନ କରିବା ସହ ତୃଣମୂଳସ୍ତରରୁ ଲୋକଭିମୁଖୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ଆରମ୍ଭ ହୋଇଥିଲା।

ଆଜି ଉଦ୍‌ଯାପନୀ ଦିବସରେ ସମ୍ମିଳନୀରେ ବିଭିନ୍ନ ସମ୍ମାନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ସଂକ୍ରାନ୍ତୀୟ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ସମ୍ମାନରେ ପାନୀୟ ଜଳ ଓ ପରିମଳ ନିର୍ଦ୍ଦେଶକ ଭିନୀତ ଭରଦ୍ୱାଜ, ଏସ୍ଆଇଆର୍‌ଡି ନିର୍ଦ୍ଦେଶକ ସୁରେନ୍ଦ୍ର ମୀନା, ଓର୍‌ମାସ୍‌ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂହ ରାଠୋର, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ ଗ୍ରାମୀଣ ଗୃହ ନିର୍ମାଣ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ପଞ୍ଚାୟତ ପ୍ରୋଜେକ୍ଟ ମ୍ୟାନେଜମେଣ୍ଟ ସିଷ୍ଟମ (ପିପିଏମ୍‌ଏସ୍), କେନ୍ଦ୍ର/ରାଜ୍ୟ ଅର୍ଥ ଆୟୋଗ ଅନୁଦାନର ସୁପରିଚାଳନା, ଅନ୍‌ଲାଇନ୍ ଅଡିଟ, ପ୍ରଯୁକ୍ତି ବିଦ୍ୟା ପ୍ରୟୋଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ତଥା ଯୋଜନାର କାର୍ଯ୍ୟନ୍ୱୟନ ଏବଂ ପଞ୍ଚାୟତ ବିକାଶ ଯୋଜନା, ମଡ଼େଲ ପଞ୍ଚାୟତ ଗଠନ ପାଇଁ ଆଇଏସ୍‌ଓ ପ୍ରମାଣପତ୍ର, ପଞ୍ଚାୟତ ଲର୍ଣ୍ଣିଂ ସେଣ୍ଟର ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ପାନୀୟ ଜଳ ଓ ପରିମଳ, ଓର୍‌ମାସ୍ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବିଭାଗ ସମନ୍ୱୟରେ ହେଉଥିବା ବିଭିନ୍ନ ପ୍ରକଳ୍ପ ସମ୍ବନ୍ଧରେ ବିସ୍ତୃତ ଆଲୋଚନା ହୋଇଥିଲା। ସମ୍ମିଳନୀରେ ବିଭାଗୀୟ ଶାସନ ସଚିବ ତଥା ଆୟୁକ୍ତ ଗିରୀଶ ଏସ୍‌ଏନ୍ ସମସ୍ତ ଅଧିକାରୀଙ୍କୁ ଗ୍ରାମାଞ୍ଚଳରେ ଜନସାଧାରଣଙ୍କ ନିମନ୍ତେ ଉନ୍ନତ ଭିତ୍ତିଭୂମି ସହ ଶିକ୍ଷା, ସ୍ୱାସ୍ଥ୍ୟ, ବାସଗୃହ ଓ ପାନୀୟ ଜଳ ଭଳି ସମସ୍ତ ମୌଳିକ ସୁବିଧା କିପରି ସହଜରେ ପାଇପାରିବେ, ସେଥିପ୍ରତି ଯତ୍ନବାନ ହେବା ସହ ବିଭିନ୍ନ ଜନକଲ୍ୟାଣମୂଳକ କାର୍ଯ୍ୟ ଦିଗରେ ବ୍ରତୀ ହେବାକୁ ଉତ୍ସାହିତ କରିଥିଲେ।

## ଟ୍ରାନ୍ସଜେଣ୍ଡର ବୋର୍ଡ ଗଠନ କଲେ ସରକାର

**ଭୁବନେଶ୍ୱର, ୧୬।୫ (ସଂଚାର ବ୍ୟୁରୋ) :** ଓଡ଼ିଶା ସରକାର ଟ୍ରାନ୍ସଜେଣ୍ଡର ସମ୍ପ୍ରଦାୟର କଲ୍ୟାଣ ପାଇଁ ଏକ ଟ୍ରାନ୍ସଜେଣ୍ଡର କଲ୍ୟାଣ ବୋର୍ଡ ଗଠନ କରିଛନ୍ତି। ଏହା ଟ୍ରାନ୍ସଜେଣ୍ଡରଙ୍କ ସ୍ୱାର୍ଥ ଓ ଅଧିକାର ପାଇଁ କାମ କରିବ । ବୋର୍ଡର ଅବଧି ୩ ବର୍ଷ ରହିବ। ୩ ବର୍ଷ ସମାପ୍ତି ପରେ ବୋର୍ଡ ପୁନର୍ଗଠନ ପାଇଁ ବିଭାଗ ପଦକ୍ଷେପ ଗ୍ରହଣ କରିବ । ଟ୍ରାନ୍ସଜେଣ୍ଡର ବ୍ୟକ୍ତିଙ୍କ ପାଇଁ ଶିକ୍ଷା, ଚାକିରି, ଗୃହ ଓ ସ୍ୱାସ୍ଥ୍ୟ ସଂପର୍କୀୟ ଯୋଜନାକୁ ବୋର୍ଡ ଦେଖିବ ଓ ସେମାନଙ୍କର ସମ୍ବିଧାନିକ ଓ ମାନବିକ ଅଧିକାର ସୁରକ୍ଷା କରିବ। ସମୟ ସମୟରେ ସର୍ବେକ୍ଷଣ, ଗବେଷଣା ଓ ମୂଲ୍ୟାୟନ ମାଧ୍ୟମରେ ଟ୍ରାନ୍ସଜେଣ୍ଡର ବ୍ୟକ୍ତିଙ୍କ ଆବଶ୍ୟକତା ଓ ଆବଶ୍ୟକ ଚାହିଦା ବୁଝିବ। ପ୍ରଭାବଶାଳୀ ବିକାଶ ଯୋଜନା, କାର୍ଯ୍ୟକ୍ରମ ଓ ନୀତି ଗଠନ କରିବାକୁ ନିଶ୍ଚିତ କରିବ । ବିଭିନ୍ନ ବିଭାଗ ମଧ୍ୟରେ ସମନ୍ୱୟ ସୃଷ୍ଟି କରି ବିଶେଷ ଫୋକସ୍ ଯୋଜନା ମାଧ୍ୟମରେ ସମୁଦାୟର କୁଶଳତା ବୃଦ୍ଧି ନିଶ୍ଚିତ କରିବ। ବୋର୍ଡରେ ଅଧ୍ୟକ୍ଷଙ୍କ ସମେତ ୧୨ଜଣ ସଦସ୍ୟ ରହିବେ । ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ମନ୍ତ୍ରୀ ଅଧ୍ୟକ୍ଷ ରହିବେ । ବିଭାଗୀୟ ସଚିବ ବୋର୍ଡ ଉପାଧ୍ୟକ୍ଷ ରହିବେ । ବିଭାଗୀୟ ନିର୍ଦ୍ଦେଶକଙ୍କୁ ବୋର୍ଡ ସଚିବ ଦାୟିତ୍ୱ ତୁଲାଇବେ। ବିଭିନ୍ନ ବିଭାଗରୁ ପ୍ରତିନିଧି ବୋର୍ଡରେ ରହିବେ । ୨ ଜଣ ଟ୍ରାନ୍ସଜେଣ୍ଡର ମଧ୍ୟ ବୋର୍ଡରେ ସଦସ୍ୟ ରହିବେ ।

## ବନ୍ଧା ହେବେ ୟୁଟ୍ୟୁବର ଲବ ହାଁସଦା



**ଭୁବନେଶ୍ୱର, ୧୬।୫ (ସଂଚାର ବ୍ୟୁରୋ) :** ବହୁଚର୍ଚ୍ଚିତ ଓଡ଼ିଆ ୟୁଟ୍ୟୁବର ଲବ ହାଁସଦାଙ୍କୁ ନେଇ ଏକ ଗୁରୁତର ବିବାଦ ସାମ୍ନାକୁ ଆସିଛି। ତାଙ୍କ ପ୍ରେମିକା ସୋଲମୀ ମୁର୍ମୁଙ୍କ ଆତ୍ମହତ୍ୟା ଘଟଣା ପରେ ଲବ ହାଁସଦାଙ୍କ ବିରୋଧରେ ବେଙ୍ଗାଲୁରୁରେ ଏକ ଏଫଆଇଆର୍ ରୁଜୁ ହୋଇଛି। ସୂଚନା ଅନୁସାରେ, ସୋଲମୀ ମୁର୍ମୁ ଦୁଇ ଦିନ ପୂର୍ବେ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ଏହି ଘଟଣା ପାଇଁ ଥାନାରେ ଲବଙ୍କ ନାଁରେ ଏତଲା ଦେଇଛନ୍ତି ମୃତ ସୋଲମୀଙ୍କ ଭାଇ। କେତେକ ରିପୋର୍ଟରେ ଦାବି କରାଯାଇଛି ଯେ, ଲବ ହାଁସଦାଙ୍କର ବହୁ ମହିଳାଙ୍କ ସହ ଶାରୀରିକ ସମ୍ପର୍କ ଥିଲା, ଯାହା ଏହି ବିବାଦକୁ ଆହୁରି ଜଟିଳ କରିଛି। ତେବେ ଏହି ଘଟଣା ସମ୍ପର୍କରେ ବିସ୍ତୃତ ତଦନ୍ତ ଜାରି ରହିଛି। ପୋଲିସ ଏହି ମାମଲାରେ ଲବ ହାଁସଦାଙ୍କୁ ପଚରାଉଚରା କରୁଛି। ଲବ ହାଁସଦା ଜଣେ ଲୋକପ୍ରିୟ ଓଡ଼ିଆ ୟୁଟ୍ୟୁବର ଭାବେ ପରିଚିତ, ଯିଏ ତାଙ୍କର ଭିଡିଓ ମାଧ୍ୟମରେ ବହୁ ଦର୍ଶକଙ୍କ ମନୋରଞ୍ଜନ କରିଛନ୍ତି। ଲବଙ୍କ ପ୍ରେମିକା ଜଣେ ବାଇକ ରାଇଡର ହୋଇଥିବା ବେଳେ ତାଙ୍କ ଘର ବିହାରରେ । ଆଉ ସେ ବେଙ୍ଗାଲୁରୁରେ ଚାକିରି କରୁଥିଲେ । ଲବ ହାଁସଦାଙ୍କ ଅନେକ ମହିଳାଙ୍କ ସହ ସମ୍ପର୍କ ଥିବା କଥା ଜାଣିବାକୁ ପାଇବା ପରେ ସୋଲମୀ, ଏନେଇ ଲବଙ୍କୁ ପଚାରିବାରୁ ଲବ ବାରମ୍ବାର ତାଙ୍କୁ ନିର୍ଯାତନା ଦେଇଆସୁଥିଲେ । ଆଉ ଶେଷରେ ବାଧ୍ୟ ହୋଇ ଆତ୍ମହତ୍ୟା କରିବାକୁ ନିଷ୍ପତ୍ତି ନେଇଥିଲେ । ସବୁଠାରୁ ବଡ଼ କଥା ହେଲା ଆତ୍ମହତ୍ୟାର କିଛି ସମୟ ପୂର୍ବରୁ ମଧ୍ୟ ସୋଲମୀ ଲବଙ୍କୁ ଯୋଗାଯୋଗ କରିଥିଲେ ବୋଲି ଏତଲାରେ ଲେଖାଅଛି ।

# ଆମ ବସ୍, ୪ ମାସରେ ୩୭ ଦୁର୍ଘଟଣା



**ଭୁବନେଶ୍ୱର,୧୬।୫:** 'ଆମ ବସ୍' ଦୁର୍ଘଟଣାକୁ ରୋକିବାପାଇଁ କ୍ରୁଟ୍ କର୍ତ୍ତୃପକ୍ଷ ଯେତେ ପ୍ରକାର ଉଦ୍ୟମ କଲେ ବି ଦୁର୍ଘଟଣାରେ ବ୍ରେକ୍ ଲାଗିପାରୁ ନାହିଁ । ଗତବର୍ଷର ଶେଷ ତିନିମାସରେ ଏହି ବସ୍ ୨୫ଟି ଦୁର୍ଘଟଣା ଘଟାଇଥିବାବେଳେ ଚଳିତ ବର୍ଷର ପ୍ରଥମ ଚାରିମାସରେ ଦୁର୍ଘଟଣା ସଂଖ୍ୟା ୩୭ରେ ପହଞ୍ଚିଛି । ଭୁବନେଶ୍ୱର ଓ କଟକରେ ଚଳାଚଳ କରୁଥିବା ଆମ ବସ୍ ସର୍ବାଧିକ ଦୁର୍ଘଟଣା ଘଟାଉଛି। ତେବେ ଏହି ବସ୍ ୨୦୨୪ ଅକ୍ଟୋବରରେ ମାତ୍ର ୨ଟି ଦୁର୍ଘଟଣା ଘଟାଇଥିବାବେଳେ ନଭେମ୍ବର ମାସରେ ୧୨ଟି ଓ ଡିସେମ୍ବର ମାସରେ ୧୧ଟି ଦୁର୍ଘଟଣା ଘଟାଇଥିଲା।

ଚଳିତବର୍ଷ ଜାନୁଆରୀ ମାସରେ ବସ୍ ଦୁର୍ଘଟଣା ସଂଖ୍ୟା ୧୮ରେ ପହଞ୍ଚିଥିବାବେଳେ ଫେବୃାରୀ ମାସରେ ୧୧ଟି ଦୁର୍ଘଟଣା ଘଟିଥିଲା। ଅବଶ୍ୟ ଏହାପରେ କ୍ରୁଟ୍ କର୍ତ୍ତୃପକ୍ଷ ଦୁର୍ଘଟଣା ରୋକିବାପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରିଥିଲେ। ବିଶେଷକରି ଆମ ବସ୍ ଯେଭଳି ଦ୍ରୁତ ଗତିରେ ନଯାଇ ତାହାର ବେଗ୪୦ କିଲୋମିଟର ଭିତରେ ରହିବ ସେଥିପାଇଁ ବ୍ୟବସ୍ଥା କରିଥିଲେ । ଏଥି ସହିତ ଗାଡିଚାଳକମାନଙ୍କୁ ଯୋଗ ପ୍ରାଣାୟାମ ସହିତ ସ୍ୱତନ୍ତ୍ର ତାଲିମ ବି ଦେଇଥିଲେ।

ଏହା ସତ୍ତ୍ୱେ ବି ଗତ ମାର୍ଚ୍ଚରେ ୭ଟି ଦୁର୍ଘଟଣା ଘଟିଥିଲା । କିନ୍ତୁ ଏପ୍ରିଲ୍ ମାସରେ ଦୁର୍ଘଟଣା ମାତ୍ର ୧ରେ ସୀମିତ ରହିଛି । କିନ୍ତୁ ଚଳିତ ମାସରେ ଯଦିଓ ଆମ ବସ୍‌ର ଦୁର୍ଘଟଣା ସଂଖ୍ୟା ସରକାରୀ ଭାବେ କୁହାଯାଇନାହିଁ, ହେଲେ ପ୍ରତିଦିନ ବିଭିନ୍ନ ସ୍ଥାନରୁ ଦୁର୍ଘଟଣାର ଖବର ମାନ ଆସିବାରେ ଲାଗିଛି। ଆମ ବସ ଚାଳକଙ୍କ ବେପରୁଆ ଚାଳନା ସହିତ ପଥାଚାରୀମାନଙ୍କ ଅସାବଧାନତା ଯୋଗୁଁ କେବଳ ଦୁର୍ଘଟଣା ଘଟି ଧନ ଜୀବନ ହାନି ହେଉନାହିଁ, ବିଭିନ୍ନ ସ୍ଥାନରେ ଗଣ୍ଡଗୋଳ ସ୍ଥିତି ମଧ୍ୟ ଉପୁଜୁଛି । ନିକଟରେ ଆମ ବସ୍ ରାସ୍ତାରେ ଯିବାବେଳେ ବାଲି ଉଡି ଲୋକଙ୍କ ଉପରେ ପଡିବାରୁ ସ୍ଥାନୀୟ ଯୁବକମାନେ ସଂଘବଦ୍ଧ ହୋଇ ବସ୍ କର୍ମଚାରୀଙ୍କୁ ଆକ୍ରମଣ କରିଥିଲେ । ଏହାକୁ ନେଇ ବ ସ୍‌କର୍ମଚାରୀମାନେ କିଛି ଘଣ୍ଟାପାଇଁ ରାଜଧାନୀରେ ଆମ ବସ୍ ଚଳାଚଳକୁ ଠପ୍ କରିବା ସହିତ ଆନ୍ଦୋଳନକୁ ଓହ୍ଲାଇଥିଲେ।

ତେବେ କ୍ରୁଟ୍ ପକ୍ଷରୁ ୭୦ଟି ମାର୍ଗରେ ୩୭୧ଟି ଆମ ବସ୍ ଚଳାଚଳ କରୁଥିବାବେଳେ ଏଥିରୁ ସର୍ବାଧିକ ବସ୍ ରାଜଧାନୀରେ ଚଳାଚଳ କରୁଛି। ରାଜଧାନୀରେ ମାଳ ମାଳ ଅଟୋ ଆମ ବସ୍ ସହିତ ଏକ ପ୍ରକାର ପ୍ରତିଦ୍ୱନ୍ଦିତା କରୁଥିବାବେଳେ ସାଧାରଣ ଯାନ ସଂଖ୍ୟା ବି ଅଧିକ ରହୁଛି । ଫଳରେ ଦୁର୍ଘଟଣା ଘଟୁଥିବା କୁହାଯାଉଛି। ଇତିମଧ୍ୟରେ କ୍ରୁଟ୍ କର୍ତ୍ତୃପକ୍ଷ ଆମ ବସ୍ ସଂଖ୍ୟା ବଢାଇବାରେ ଲାଗିଛନ୍ତି । ପୂର୍ବରୁ ଚାଲୁଥିବା ଡିଜେଲ୍ ବସ୍ ସହିତ ପରିବେଶ ଅନୁକୂଳ ବୈଦ୍ୟୁତିକ ବସ୍ ବି ଚଳାଚଳ କରୁଛି । ସହରବାସୀ ମଧ୍ୟ ଶସ୍ତା ଓ ସୁବିଧାରେ ଯାତାୟତ ପାଇଁ ଆମ ବସ୍‌କୁ ପସନ୍ଦ କରୁଛନ୍ତି। ତେବେ ବସ୍ ଘଟାଉଥିବା ଦୁର୍ଘଟଣା ଏବେ ସହରବାସୀଙ୍କ ଠାରୁ ଆରମ୍ଭକରି ସରକାରୀକଳକୁ ଚିନ୍ତାରେ ପକାଇବାରେ ଲାଗିଛି। (ତଥ୍ୟ)

ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ତୁର୍କୀ ସାମଗ୍ରୀ, ଭ୍ରମଣ ବର୍ଜନ

## ୭୦%ରୁ ଅଧିକ ବୁକିଂ ବାତିଲ

**ଭୁବନେଶ୍ୱର, ୧୬।୫:** ଭାରତ ଓ ପାକିସ୍ତାନ ମଧ୍ୟରେ ଉତ୍ତେଜନା ସମୟରେ ପାକିସ୍ତାନକୁ ଖୋଲାଖୋଲି ସମର୍ଥନ କରିଥିବା ତୁର୍କୀର ବିଭିନ୍ନ ସାମଗ୍ରୀକୁ ରାଜ୍ୟବ୍ୟାପୀ ବର୍ଜନ କରାଯାଉଛି। ଭୁବନେଶ୍ୱର ସମେତ ଅନ୍ୟାନ୍ୟ ସହର ଓ ଅଞ୍ଚଳଗୁଡ଼ିକରେ 'ବୟକଟ୍ ତୁର୍କୀ'କୁ ଲୋକମାନେ ସମର୍ଥନ କରିଛନ୍ତି। ବିଶେଷ କରି ତୁର୍କୀରୁ ଆସୁଥିବା ସେଓକୁ ବର୍ଜନ କରାଯାଇଛି। ରାଜ୍ୟର ବ୍ୟବସାୟୀମାନେ ମଧ୍ୟ ତୁର୍କୀର କୌଣସି ଜିନିଷ କାରବାର କରିବେ ନାହିଁ ବୋଲି ନିଷ୍ପତ୍ତି ନେଇଛନ୍ତି। ଟ୍ରାଭେଲ୍ ଅପରେଟରମାନେ ମଧ୍ୟ ତୁର୍କୀ ପ୍ରତି କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଗତ ୩-୪ ଦିନରେ ତୁର୍କୀ ପାଇଁ ହୋଇଥିବା ୭୦ ପ୍ରତିଶତରୁ ଅଧିକ ବୁକିଂ ବାତିଲ ହୋଇଛି।

ଏ ସମ୍ପର୍କରେ ଓଡ଼ିଶା ବ୍ୟବସାୟୀ ମହାସଂଘର ମହାସଚିବ ସୁଧାକର ପଣ୍ଡା କହିଛନ୍ତି ଯେ ତୁର୍କୀ ସହିତ ବ୍ୟବସାୟ ଏତେ ଅଧିକ ନାହିଁ। ରାଜ୍ୟରେ ବିକ୍ରି ହେଉଥିବା ସେଓ ମଧ୍ୟରୁ ତୁର୍କୀରୁ ଆସୁଥିବା ସେଓର ଭାଗ ୧ ପ୍ରତିଶତରୁ ବି କମ୍ ରହିଛି। କେବଳ କିଛି ବଡ଼ ବଡ଼ ହୋଟେଲ୍ ଓ ରେସ୍ତୋରାଁକୁ ବାଦ ଦେଲେ ସାଧାରଣରେ ତୁର୍କୀରୁ ଆସୁଥିବା ସେଓ ଅତି ଅଳ୍ପ ମାତ୍ରାରେ ବିକ୍ରି ହୋଇଥାଏ। ସେହି ବିକ୍ରି ଏବେ ବନ୍ଦ ହୋଇଯାଇଛି। ତୁର୍କୀ ସେଓର ବିକଳ୍ପ ଭାବେ ସିମ୍ଲା ଓ କାଶ୍ମୀର ସେଓ ରହିଛି। ତୁର୍କୀରୁ ଏଭଳି କୌଣସି ଜିନିଷ ରାଜ୍ୟକୁ ଆସୁନାହିଁ ଯାହାକୁ ଅତ୍ୟାବଶ୍ୟକ ସାମଗ୍ରୀ କୁହାଯାଇପାରିବ। ତେଣୁ ସେଠାରୁ ଆସୁଥିବା ସବୁ ଜିନିଷର ବିକ୍ରି ବନ୍ଦ କରିଦେଲେ କିଛି ଅସୁବିଧା ହେବ ନାହିଁ ବୋଲି ସେ କହିଛନ୍ତି। ତୁର୍କୀ ସେଓ ବିକ୍ରି ନ କରିବା ଲାଗି ବ୍ୟବସାୟୀମାନଙ୍କୁ ମହାସଂଘ ପକ୍ଷରୁ ଅବଗତ କରାଯାଇଥିବା ସେ କହିଛନ୍ତି। ଟ୍ରାଭେଲ୍ ଅପରେଟରମାନେ ମଧ୍ୟ ବୟକଟ୍ ତୁର୍କୀକୁ ନେଇ ନିଜ ଆଭିମୁଖ୍ୟ ସ୍ପଷ୍ଟ କରିଛନ୍ତି। ଭାରତୀୟ ଟ୍ରାଭେଲ ଅପରେଟର ସଂଘ (ପୂର୍ବାଞ୍ଚଳ)ର ଅଧକ୍ଷ ଜେ କେ ମହାନ୍ତି କହିଛନ୍ତି ଯେ ତୁର୍କୀର ପ୍ରସାର ନ କରିବା ଲାଗି ଟ୍ରାଭେଲ୍ ଅପରେଟରମାନେ ନିଷ୍ପତ୍ତି ନେଇଛନ୍ତି। ଜାତୀୟ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତି ନିଆଯାଇଥିବା ସେ କହିଛନ୍ତି। ତୁର୍କୀ ଭ୍ରମଣ ଉଦ୍ଦେଶ୍ୟରେ ହୋଇଥିବା ବୁକିଂର ୭୦ ପ୍ରତିଶତରୁ ଅଧିକ ବାତିଲ ହୋଇଗଲାଣି। କୌଣସି ନୂଆ ବୁକିଂ ଗ୍ରହଣ କରାଯାଉନାହିଁ ବୋଲି ସେ କହିଛନ୍ତି। ସଂଘର ଓଡ଼ିଶା ଶାଖା ଅଧକ୍ଷ ତଥା ଡୋଭ୍ ଟୁର୍ସ ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଗଗନ ଷଡ଼ଙ୍ଗୀ କହିଛନ୍ତି ଯେ ଏକ ପର୍ଯ୍ୟଟନ ସ୍ଥଳ ଭାବେ ଆମେ ତୁର୍କୀର ପ୍ରସାର ନ କରିବାକୁ ନିଷ୍ପତ୍ତି ନେଇଛୁ। ବୁକିଂ ବାତିଲ କରାଯାଉଥିବାରୁ ଆମେ ବହୁତ ଖୁସି ଅଛୁ। ବର୍ତ୍ତମାନ ପରିସ୍ଥିତିରେ ଆମେ ଦେଶ ସହିତ ଠିଆ ହୋଇଛୁ। ତୁର୍କୀକୁ ନୂଆ ବୁକିଂ ସମ୍ପୂର୍ଣ୍ଣ ବନ୍ଦ ରହିଛି।





## ବିଦେଶୀ ଓକିଲଙ୍କ ପ୍ରବେଶ ପାଇଁ କଡ଼ା ହେଲା ନିୟମ

## ୬୦ ଦିନ ପରେ ଆଉ ଭାରତରେ ରହିପାରିବେନି

ନୂଆଦିଲ୍ଲୀ, ୧୬।୫: ନିଜ ନିଜର ମହକିଲଙ୍କର ମାମଲା ପରିଚାଳନା ପାଇଁ ଭାରତ ଆସୁଥିବା ବିଦେଶୀ ଓକିଲମାନଙ୍କୁ ଏବେ ଆସିବା ପୂର୍ବରୁ ଦେଶର ବାର କାଉନସିଲକୁ ଜଣାଇବାକୁ ପଡ଼ିବ। କେବଳ ସେତିକି ନୁହେଁ, ଏବଂ କିଛି କ୍ଲାଏଣ୍ଟମାନଙ୍କର ବିବରଣୀ ମଧ୍ୟ ପ୍ରକାଶ କରିବାକୁ ପଡ଼ିବ। ଚଳିତ ସପ୍ତାହରେ ଏହି ନୂଆ ନିୟମ ଲାଗୁ କରାଯାଇଛି। ଏହି ନୂଆ ନିୟମ ୨୦୨୩ ମସିହାରେ ହୋଇଥିବା ନିୟମର ଅଂଶବିଶେଷ। ଯେଉଁଥିରେ ବିଦେଶୀ ଆଇନ ଫାର୍ମଗୁଡ଼ିକୁ ଭାରତୀୟ କାର୍ଯ୍ୟାଳୟ ଖୋଲିବା ଏବଂ ଏମ ଆଣ୍ଡ ଏ ଏବଂ କର୍ପୋରେଟ୍ ଆଇନ ଭଳି କ୍ଷେତ୍ରରେ ଅଣ-ମକଦ୍ଦମାମୂଳକ, ବିଦେଶୀ କିମ୍ବା ଆନ୍ତର୍ଜାତୀୟ ଆଇନରେ ପରାମର୍ଶ ଦେବା ପାଇଁ ଅନୁମତି ଦେବାକୁ ଆଇନ ରଖାଯାଇଛି। ଏହା ପୂର୍ବରୁ, ଭାରତରେ କେବଳ ବିଦେଶୀ ଓକିଲମାନଙ୍କ ପାଇଁ ଏକ ଫ୍ଲାଏ-ଇନ୍ ଏବଂ ଫ୍ଲାଏ-ଆଉଟ୍ ସିଷ୍ଟମକୁ ଅନୁମତି ଦିଆଯାଉଥିଲା। କିନ୍ତୁ ଯେଉଁ ବିଦେଶୀ ଓକିଲମାନେ ଭାରତରେ କାର୍ଯ୍ୟାଳୟ ଖୋଲନ୍ତି ନାହିଁ ଏବଂ କାମ ପାଇଁ ଏମିତି ଉଡ଼ାଣ ଜାରି ରଖିବାକୁ ଚାହାଁନ୍ତି, ସେମାନଙ୍କୁ ଏବେ କଠୋର ନିୟମର ସମ୍ମୁଖୀନ ହେବାକୁ ପଡ଼ିବ। ଯଥା ଏମାନେ କ୍ଲାଏଣ୍ଟଙ୍କ ନାମ ଏବଂ ଯୋଗାଯୋଗ ସୂଚନା ପ୍ରକାଶ କରୁଥିବା ଏକ ଘୋଷଣାପତ୍ର ପୂରଣ କରିବେ। ଏହି ନୂଆ ନିୟମରେ ଓକିଲମାନେ ୧୨ ମାସର ଅବଧିରେ ୬୦ ଦିନରୁ ଅଧିକ ସମୟ ପାଇଁ ଭାରତରେ ରହିପାରିବେ ନାହିଁ ବୋଲି ପୁନଃ ଦୋହରାଯାଇଛି। ନିୟମରେ ଆହୁରି କୁହାଯାଇଛି "ଯେକୌଣସି ବିଦେଶୀ ଓକିଲ କିମ୍ବା ଆଇନ ଫାର୍ମ ଭାରତରେ ପହଞ୍ଚିବା ପୂର୍ବରୁ ଭାରତୀୟ ବାର ପରିଷଦକୁ ସୂଚିତ କରିବାକୁ ବାଧ୍ୟ ହେବେ ଏବଂ କାର୍ଯ୍ୟର ବିବରଣୀ ଏବଂ ଭାରତରେ ତାଙ୍କର ରହଣିର ଅବଧି ବିଷୟରେ ମଧ୍ୟ ଅବଗତ କରାଇବେ।"

## ଭାରତ ପ୍ରଥମ ଥର ପାଇଁ ପ୍ରକାଶ କଲା ମାସିକ ବେକାରୀ ହାର ରିପୋର୍ଟ



ନୂଆଦିଲ୍ଲୀ,୧୬।୫: ଭାରତ ପ୍ରଥମ ଥର ପାଇଁ ମାସିକ ବେକାରୀ ତଥ୍ୟ ପ୍ରକାଶ କରି ରୋଜଗାର ବଜାରର ଗତିଶୀଳତା ଉପରେ ରିଅଲ୍-ଟାଇମ୍ ତଥ୍ୟ ପ୍ରଦାନ କରିଛି। ଗୁରୁବାର ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ କାର୍ଯ୍ୟାନ୍ୱୟନ ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ୨୦୨୫ ଏପ୍ରିଲ ମାସରେ ଦେଶର ବେକାରୀ ହାର ୫.୧% ରହିଥିଲା। ଏହି ତଥ୍ୟ ପିରିଓଡିକ ଲେବର ଫୋର୍ସ ସର୍ଭେର ମାସିକ ରିପୋର୍ଟରୁ ଆସିଛି, ଯାହା ଏପର୍ଯ୍ୟନ୍ତ ତ୍ରୈମାସିକ ଏବଂ ବାର୍ଷିକ ଆଧାରରେ ପ୍ରକାଶ ପାଉଥିଲା। ଏପ୍ରିଲ ୨୦୨୫ରେ ୧୫ ବର୍ଷ ଏବଂ ତଦୁର୍ଦ୍ଧ ବୟସ୍କଙ୍କ ମଧ୍ୟରେ ବେକାରୀ ହାର ୫.୧% ରହିଥିବା ବେଳେ, ପୁରୁଷଙ୍କ ମଧ୍ୟରେ ଏହା ୫.୨% ଏବଂ ମହିଳାଙ୍କ ମଧ୍ୟରେ ୫.୦% ରହିଥିଲା। ଗ୍ରାମାଞ୍ଚଳରେ ବେକାରୀ ହାର ୪.୫% ଥିବା ବେଳେ ସହରାଞ୍ଚଳରେ ଏହା ୬.୫% ରହିଥିଲା, ଯାହା ସହରୀ ଅଞ୍ଚଳରେ ଅଧିକ ରୋଜଗାର ଚ୍ୟାଲେଞ୍ଜକୁ ସୂଚାଇଛି। ୧୫-୨୯ ବର୍ଷ ବୟସର ଯୁବକଙ୍କ ମଧ୍ୟରେ ବେକାରୀ ହାର ୧୩.୮% ରହିଥିଲା, ଯେଉଁଥିରେ ମହିଳାଙ୍କ ବେକାରୀ ହାର ୧୪.୪% (ସହରୀ ଅଞ୍ଚଳରେ ୨୩.୭%, ଗ୍ରାମାଞ୍ଚଳରେ ୧୦.୭%) ଏବଂ ପୁରୁଷଙ୍କ ମଧ୍ୟରେ ୧୩.୬% (ସହରୀ ଅଞ୍ଚଳରେ ୧୫%, ଗ୍ରାମାଞ୍ଚଳରେ ୧୩%) ରହିଥିଲା। ଏହା ଯୁବ ଜନସଂଖ୍ୟା, ବିଶେଷ କରି ସହରୀ ମହିଳାଙ୍କ ମଧ୍ୟରେ ରୋଜଗାର ସୁଯୋଗର ଅଭାବକୁ ପ୍ରତିଫଳିତ କରୁଛି। ଶ୍ରମଶକ୍ତି ଅଂଶଗ୍ରହଣ ହାର ଏପ୍ରିଲରେ ୫୫.୬% ରହିଥିଲା, ଯେଉଁଥିରେ ଗ୍ରାମାଞ୍ଚଳରେ ୫୮% ଏବଂ ସହରାଞ୍ଚଳରେ ୫୦.୭% ରହିଥିଲା। ପୁରୁଷଙ୍କ ମଧ୍ୟରେ ଗ୍ରାମାଞ୍ଚଳରେ ୭୯% ଏବଂ ସହରାଞ୍ଚଳରେ ୭୫.୩% ଥିବା ବେଳେ, ମହିଳାଙ୍କ ମଧ୍ୟରେ ଏହା ଗ୍ରାମାଞ୍ଚଳରେ ୩୮.୨% ରହିଥିଲା। କାର୍ଯ୍ୟକ୍ଷେତ୍ର ଅନୁପାତ ଜାତୀୟ ସ୍ତରରେ ୫୨.୮% ରହିଥିଲା, ଯେଉଁଥିରେ ଗ୍ରାମାଞ୍ଚଳରେ ୫୫.୪% ଏବଂ ସହରାଞ୍ଚଳରେ ୪୭.୪% ରହିଥିଲା। ଏହି ତଥ୍ୟ ସଂଗ୍ରହ ପାଇଁ ମନ୍ତ୍ରଣାଳୟ ଜାନୁଆରୀ ୨୦୨୫ରୁ ଏକ ନୂଆ ମଲ୍ଟିଷ୍ଟେଜ ଷ୍ଟ୍ରାଟିଫାଇଡ ସାମ୍ପଲିଂ ପଦ୍ଧତି ଗ୍ରହଣ କରିଛି।

## ମହିନ୍ଦ୍ରା ଥାର୍‌ଠାରୁ ବି ଦାମୀ ବିଏମଡବ୍ଲ୍ୟୁ ଏମ୧୦୦୦ଆରଆର ବାଇକ୍

ନୂଆଦିଲ୍ଲୀ, ୧୬।୫: ଯେତେବେଳେ ଭାରତରେ ଦାମୀ ମୋଟରସାଇକେଲ ବିଷୟରେ କଥା ଉଠେ ରୟାଲ ଏନଫିଲ୍ଡ ଏବଂ ହୋଣ୍ଡା ହାଇନେସ ଭଳି ବାଇକ୍ କଥା ମନେ ପଡ଼େ। ଯଦି ଆପଣ ଏହାଠାରୁ ଅଧିକ ଦାମୀ ବାଇକ୍ କିଣିବାକୁ ଯାଆନ୍ତି, ତେବେ ସିଧାସଳଖ ବିଏମଡବ୍ଲ୍ୟୁ ଏମ୧୦୦୦ଆରଆରଭଳି ବାଇକ୍‌ର ନାମ ଆସିଥାଏ। ଏବେ ଯଦି କେହି ଆପଣଙ୍କୁ କୁହେ ଯେ ଏପରି ଏକ ବାଇକ୍ ଅଛି ଯାହାର ମୂଲ୍ୟ ମହେନ୍ଦ୍ରା ଥାର୍ ପରି ଏସୟୁଭିଠାରୁ ମଧ୍ୟ ଅଧିକ ମହଙ୍ଗା କ'ଣ ଆପଣ ବିଶ୍ୱାସ କରିବେ। ଏପରି ଗୋଟିଏ ବାଇକ୍ ଅଛି ଯାହା ଏତେ ଦାମୀ ହେବା ପରେ ବି ବହୁତ ଲୋକପ୍ରିୟ। ତେବେ ଆସନ୍ତୁ ଜାଣିବା ଏଥିରେ କ'ଣ ବିଶେଷ ଅଛି ଯେଉଁଥିପାଇଁ ଏହାର ଦାମ୍ ଏତେ ଅଧିକ। ଏହି ବାଇକ୍ ହେଉଛି ଟ୍ରମ୍ଫ ମୋଟରସାଇକେଲର 'ସ୍ପିଡ ଟ୍ରିପଲ ୧୨୦୦ ଆରଏକ୍ସ'। ଭାରତରେ ବଜାଜ ଅଟୋ ଦ୍ୱାରା ଟ୍ରମ୍ଫ ମୋଟରସାଇକେଲ ନିର୍ମାଣ ଏବଂ ସେଲ୍ କରାଯାଏ। ତଥାପି, ଏହି ବାଇକ୍ ଭାରତରେ ଉପଲବ୍ଧ ହେବ କି ନାହିଁ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଏହି ବାଇକ୍‌ର ନାମ ଅନୁସାରେ, ସମଗ୍ର ବିଶ୍ୱରେ କେବଳ ୧୨୦୦ ୟୁନିଟ୍ ଉପଲବ୍ଧ ହେବ, ଅର୍ଥାତ୍ କେବଳ ୧୨୦୦ ଲୋକ ହିଁ ଏହି ବାଇକ୍ କିଣିବାର ସୁଯୋଗ ପାଇପାରିବେ।

ଟ୍ରମ୍ଫ ସ୍ପିଡ ଟ୍ରିପଲ ୧୨୦୦ ଆରଏକ୍ସ ନିକଟରେ ଇଣ୍ଟରନ୍ୟାସନାଲ ମାର୍କେଟରେ ଉପସ୍ଥାପନ କରାଯାଇଥିଲା। ଏହାର ଆନୁମାନିକ ମୂଲ୍ୟ ୧୯,୦୦୦ ପାଉଣ୍ଡ, ଯାହା ଭାରତୀୟ ଟଙ୍କାରେ ପ୍ରାୟ ୨୧.୬୨ ଲକ୍ଷ ଟଙ୍କା। ଏହି ମୂଲ୍ୟ ମହିନ୍ଦ୍ରା ଥାର୍ ଭଳି ଟପ୍ ମଡେଲ୍ ,ସୟୁଭି ଅପେକ୍ଷା ବି ବେଶ ଅଧିକ। ଦେଶର ସବୁଠାରୁ ଲୋକପ୍ରିୟ ଏବଂ ପାୱାରଫୁଲ୍ କାର ମଧ୍ୟରୁ ଗୋଟିଏ ମହିନ୍ଦ୍ରା ଥାରର ଏକ୍ସ-ସୋରୁମ୍ ମୂଲ୍ୟ ୧୭.୬୦ ଲକ୍ଷ ଟଙ୍କା। ଯେତେବେଳେ କି ଟ୍ରମ୍ଫର ଏହି ବାଇକର ମୂଲ୍ୟ ପ୍ରାୟ ୨୧ ଲକ୍ଷ ଟଙ୍କା। ଏହି ବାଇକ୍‌ରେ ୧,୧୬୩ ସିସି ଇଞ୍ଜିନ୍ ଅଛି। ଏକ ବାଇକ୍ ପାଇଁ ଏହା ବହୁତ ପାୱାରଫୁଲ୍ ଇଞ୍ଜିନ୍। ଏହା ୧୮୩ ବିଏଚପି ପାୱାର ଏବଂ ୧୨୮ ଏନଏମର ପିକ୍ ଟର୍କ ଜେନେରେଟ୍ କରେ। ଏହା ଏକ ୬-ସ୍ପିଡ୍ ଗିଅରବକ୍ସ ସହିତ ଆସିଥାଏ। ଏସବୁ ସତ୍ତ୍ୱେ, ଏହାର ଓଜନ ମାତ୍ର ୧୯୯ କିଲୋଗ୍ରାମ। ଏହି ବାଇକ୍‌ଟି ୧୭ ଇଞ୍ଚ ଚକ ସହିତ ଆସିଥାଏ। ଏହି ବାଇକ୍ ଏହାର ସୁନ୍ଦର ଏବଂ ଆଡ଼ଭାନ୍ସ ଡିଜାଇନ୍ ପାଇଁ ବହୁତ ସ୍ପେଶାଲ ଏବଂ ଲୋକପ୍ରିୟ। ଏହା ବ୍ୟତୀତ, ଏଥିରେ ୫-ଇଞ୍ଚ ଟିଏଫଟି ଡିସପ୍ଲେ, ଇଣ୍ଡିପେଣ୍ଡେଡ୍ ହ୍ୱିଲ୍ କଣ୍ଟ୍ରୋଲ୍, ବ୍ରେକ୍ ସ୍ଲାଇଡ୍ ଆସିଷ୍ଟ, ଏବିଏସ, ଟ୍ରାକ୍ସନ୍ କଣ୍ଟ୍ରୋଲ୍ ଏବଂ କ୍ରୁଜ୍ କଣ୍ଟ୍ରୋଲ୍ ଭଳି ଅନେକ ଫିଚର୍ସ ମଧ୍ୟ ଅଛି। ଏହି ବାଇକ୍‌ରେ ଏମର୍ଜେନ୍ସି ୱାର୍ଣ୍ଣିଙ୍ଗ ସିଷ୍ଟମ୍ ମଧ୍ୟ ଦିଆଯାଇଛି। ଏଭଳି ସ୍ପେଶାଲ ଫିଚର୍ସ ଏହି ବାଇକକୁ ଏତେ ଦାମୀ କରିଥାଏ।



# ବିଶ୍ୱର ସଙ୍କଟପୂର୍ଣ୍ଣ ମୁହୂର୍ତ୍ତରେ ଭାରତ ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥନୀତି: ଜାତିସଂଘ

ନୂଆଦିଲ୍ଲୀ,୧୬।୫: ଜାତିସଂଘର ଏକ ସଦ୍ୟତମ ରିପୋର୍ଟ ଅନୁଯାୟୀ, ବିଶ୍ୱ ଅର୍ଥନୀତି ଏକ "ସଙ୍କଟପୂର୍ଣ୍ଣ ମୁହୂର୍ତ୍ତ"ରେ ରହିଥିବା ବେଳେ ଭାରତ ବିଶ୍ୱର ସବୁଠାରୁ ଦ୍ରୁତ ଅଭିବୃଦ୍ଧିଶୀଳ ବୃହତ ଅର୍ଥନୀତି ଭାବେ ନିଜର ସ୍ଥାନ ଦୃଢ଼ କରିଛି। ଜାତିସଂଘର ମିଡ-ଇୟର ଅପଡେଟ୍ ରିପୋର୍ଟ 'ଓ୍ୱାର୍ଲ୍ଡ ଇକୋନୋମିକ ସିଚୁଏସନ ଆଣ୍ଡ ପ୍ରୋସପେକ୍ଟସ (ଡବ୍ଲ୍ୟୁଇଏସପି)' ଅନୁସାରେ, ୨୦୨୫ ଆର୍ଥିକ ବର୍ଷରେ ଭାରତର ଅର୍ଥନୀତି ୬.୩% ହାରରେ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି, ଯାହା ୨୦୨୬ରେ କିଛି ଅଧିକ ହୋଇ ୬.୪% ହେବ। ଏହି ଅନୁମାନ ଜାନୁଆରୀ ୨୦୨୫ରେ କରାଯାଇଥିବା ୬.୬% ଅନୁମାନ ତୁଳନାରେ ୦.୩% କମ ହେଲେ ମଧ, ବିଶ୍ୱର ଅନ୍ୟ ବୃହତ ଅର୍ଥନୀତିଙ୍କ ତୁଳନାରେ ଭାରତର ଅଭିବୃଦ୍ଧି ଅତ୍ୟନ୍ତ ଶକ୍ତିଶାଳୀ ରହିଛି। ଜାତିସଂଘର ରିପୋର୍ଟ ଅନୁସାରେ, ବିଶ୍ୱ ଅର୍ଥନୀତି ୨୦୨୫ରେ ୨.୪% ହାରରେ ବୃଦ୍ଧି ପାଇବ, ଯାହା ବିଶ୍ୱବ୍ୟାପୀ ଅର୍ଥନୈତିକ ଅସ୍ଥିରତାକୁ ପ୍ରତିଫଳିତ କରୁଛି। ବଢ଼ୁଥିବା ବାଣିଜ୍ୟ ଉତ୍ତେଜନା, ନୀତିଗତ ଅନିଶ୍ଚିତତା ଏବଂ ଜିଓପୋଲିଟିକାଲ ସଂଘର୍ଷ ବିଶ୍ୱ ଅର୍ଥନୀତିର ଆଗାମୀ ଦିନଗୁଡ଼ିକୁ ଅଧିକ ଜଟିଳ କରିପାରେ। ଜାତିସଂଘର ଅର୍ଥନୈତିକ ବିଶ୍ଳେଷଣ ଓ ନୀତି ବିଭାଗର ନିର୍ଦ୍ଦେଶକ ଶାନ୍ତନୁ ମୁଖାର୍ଜୀ କହିଛନ୍ତି, "ବିଶ୍ୱ ଅର୍ଥନୀତି ଏକ ନାର୍ଭସ ସମୟରେ ଅଛି। ଜାନୁଆରୀରେ ଆମେ ଦୁଇ ବର୍ଷର ସ୍ଥିର କିନ୍ତୁ ସାମାନ୍ୟ ବୃଦ୍ଧିର ଆଶା କରୁଥିଲୁ, କିନ୍ତୁ ଏହା ପରେ ସମ୍ଭାବନାଗୁଡ଼ିକ ହ୍ରାସ ପାଇଛି।"

ଏହି ପରିପ୍ରେକ୍ଷୀରେ, ଅନ୍ୟ ବୃହତ ଅର୍ଥନୀତିଙ୍କ ବୃଦ୍ଧି ହାର ଭାରତ ତୁଳନାରେ ବହୁତ କମ ରହିଛି। ଉଦାହରଣ ସ୍ୱରୂପ, ଚୀନର ଅର୍ଥନୀତି ୨୦୨୫ରେ ୪.୬% ଏବଂ ଆମେରିକା ୧.୬% ହାରରେ ବୃଦ୍ଧି ପାଇବ ବୋଲି ଅନୁମାନ କରାଯାଇଛି। ଜର୍ମାନୀରେ ଋଣାତ୍ମକ ବୃଦ୍ଧି (-୦.୧%) ଏବଂ ଜାପାନରେ ୦.୭% ବୃଦ୍ଧି ଆଶା କରାଯାଉଛି। ଇଉରୋପୀୟ ସଂଘର ମୋଟ ବୃଦ୍ଧି ହାର ୧% ରହିବ ବୋଲି ଆକଳନ କରାଯାଇଛି। ଜାତିସଂଘର ରିପୋର୍ଟ ଅନୁସାରେ, ଭାରତର



ଅର୍ଥନୈତିକ ବୃଦ୍ଧି ମୁଖ୍ୟତଃ ଶକ୍ତିଶାଳୀ ଘରୋଇ ଉପଭୋଗ, ସରକାରୀ ବିନିଯୋଗ ଏବଂ ସେବା ରପ୍ତାନି ଦ୍ୱାରା ଚାଳିତ ହେଉଛି। ଫାର୍ମାସ୍ୟୁଟିକାଲ୍ସ ଏବଂ ଇଲେକ୍ଟ୍ରୋନିକ୍ସ ଭଳି ନିର୍ଦ୍ଦିଷ୍ଟ ପଣ୍ୟ କ୍ଷେତ୍ରରେ ମଧ ରପ୍ତାନି ବୃଦ୍ଧି ଭାରତର ଅର୍ଥନୀତିକୁ ସମୃଦ୍ଧ କରୁଛି। ଅନ୍ୟପକ୍ଷରେ, ଉତ୍ପାଦନ ଏବଂ ସେବା କ୍ଷେତ୍ରରେ ବିସ୍ତାର ଭାରତର ଅର୍ଥନୈତିକ ଗତିଶୀଳତାକୁ ଆଗେଇ ନେଉଛି। ଭାରତର ଅବକାଶଗତ ବିକାଶ ମଧ ଏହି ଅଭିବୃଦ୍ଧିରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଭାରତମାଳା ପରିଯୋଜନା, ପ୍ରଧାନମନ୍ତ୍ରୀ ଗତି ଶକ୍ତି ଏବଂ ଡିଜିଟାଲ ଇଣ୍ଡିଆ ଭଳି ପଦକ୍ଷେପଗୁଡ଼ିକ ଦେଶର ସଂଯୋଗିକତା ଏବଂ ଲଜିଷ୍ଟିକ୍ସ ଦକ୍ଷତାକୁ ବୃଦ୍ଧି କରିଛି, ଯାହା ଘରୋଇ କ୍ଷେତ୍ରର ଉତ୍ପାଦନକ୍ଷମତାକୁ ବଢ଼ାଇଛି। ଏହା ସହିତ, ବିଦେଶୀ ପ୍ରତ୍ୟକ୍ଷ ବିନିଯୋଗ (ଏଫଡିଆଇ) ଆକର୍ଷଣ କରିବା ଏବଂ ରପ୍ତାନି ପ୍ରୋତ୍ସାହନ ନୀତି ଭାରତକୁ ବିଶ୍ୱ ଅର୍ଥନୀତିରେ ଏକ ଗୁରୁତ୍ୱପୂର୍ଣ୍ଣ ଖେଳାଳି ଭାବେ ପ୍ରତିଷ୍ଠିତ କରିଛି। ଯଦିଓ ଭାରତର ଅର୍ଥନୈତିକ ବୃଦ୍ଧି ପ୍ରଶଂସନୀୟ, ରିପୋର୍ଟ କେତେକ ଚ୍ୟାଲେଞ୍ଜକୁ ମଧ ଉଜାଗର କରିଛି। ରୋଜଗାର ସ୍ଥିତି ସ୍ଥିର ରହିଥିଲେ ମଧ, ଲିଙ୍ଗ-ଆଧାରିତ ଅସମାନତା ଏବଂ ଶ୍ରମଶକ୍ତି ଅଂଶଗ୍ରହଣ ହାରରେ ଅଭାବ ଏକ ବଡ଼ ଚିନ୍ତାର ବିଷୟ। ଭାରତର ମୋଟ ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୦୨୪ରେ ୪୯.୬% ଏବଂ ମହିଳା ଶ୍ରମଶକ୍ତି ଅଂଶଗ୍ରହଣ ହାର ୨୪.୧% ରହିଛି, ଯାହା ଅନ୍ୟ ସମକକ୍ଷ ଦେଶଗୁଡ଼ିକ ତୁଳନାରେ ସର୍ବନିମ୍ନ। ଏହା ସୂଚାଇଛି ଯେ ଅଧିକ ଅନ୍ତର୍ଭୁକ୍ତିମୂଳକ ଶ୍ରମବଜାର ନୀତିର ଆବଶ୍ୟକତା ରହିଛି।

ଅନ୍ୟପକ୍ଷରେ, ଜାତିସଂଘ ରିପୋର୍ଟ ଭାରତ ପାଇଁ କେତେକ ସମ୍ଭାବନାକୁ ମଧ ଚିହ୍ନଟ କରିଛି। ଶକ୍ତି ସଂକ୍ରମଣ ପାଇଁ ଲିଥିୟମ, କୋବାଲ୍ଟ ଏବଂ ରେୟାର ଆର୍ଥ ଏଲିମେଣ୍ଟସ ଭଳି ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥର ବିଶ୍ୱବ୍ୟାପୀ ଚାହିଦା ବୃଦ୍ଧି ଦକ୍ଷିଣ ଏସୀୟ ଦେଶଗୁଡ଼ିକ, ବିଶେଷକରି ଭାରତ ପାଇଁ ନୂଆ ଅର୍ଥନୈତିକ ସୁଯୋଗ ସୃଷ୍ଟି କରିପାରେ। ତେବେ, ଏହାର ସ୍ଥାୟୀ ବ୍ୟବହାର ଏବଂ ନିରାପଦ ଶ୍ରମ ଅଭ୍ୟାସ ପାଇଁ ଦୃଢ଼ ନୀତି ଆବଶ୍ୟକ ବୋଲି ଜାତିସଂଘ ସୂଚନା ଦେଇଛି। ଆନ୍ତର୍ଜାତୀୟ ମୁଦ୍ରା ନିଧି (ଆଇଏମଏଫ) ଏବଂ ୱାର୍ଲ୍ଡ ବ୍ୟାଙ୍କ ଭଳି ଅନ୍ୟ ବୃହତ ବହୁପାକ୍ଷିକ ସଂଗଠନଗୁଡ଼ିକ ମଧ ଭାରତର ଅର୍ଥନୈତିକ ଅଗ୍ରଗତିକୁ ପ୍ରଶଂସା କରିଛନ୍ତି। ଆଇଏମଏଫ ଅନୁଯାୟୀ, ଭାରତ ୨୦୨୪ରେ ୭% ଏବଂ ୨୦୨୫ରେ ୬.୫% ହାରରେ ବୃଦ୍ଧି ପାଇବ, ଯାହା ଦେଶକୁ ଆଗାମୀ ବର୍ଷଗୁଡ଼ିକରେ ବିଶ୍ୱର ତୃତୀୟ ବୃହତ୍ତମ ଅର୍ଥନୀତି ଭାବେ ପ୍ରତିଷ୍ଠିତ କରିବ। ଏହା ସହିତ, ଆନ୍ତର୍ଜାତୀୟ ମୁଦ୍ରା କୋଷର 'ଓ୍ୱାର୍ଲ୍ଡ ଇକୋନୋମିକ ଆଉଟଲୁକ' ରିପୋର୍ଟ ଅନୁସାରେ, ଭାରତ ୨୦୨୫ ମଧ୍ୟରେ ଜାପାନକୁ ପଛରେ ପକାଇ ବିଶ୍ୱର ଚତୁର୍ଥ ବୃହତ୍ତମ ଅର୍ଥନୀତି ହେବ ଏବଂ ୨୦୨୭ ସୁଦ୍ଧା ଜର୍ମାନୀକୁ ଅତିକ୍ରମ କରି ତୃତୀୟ ସ୍ଥାନ ଅଧିକାର କରିବ।

ଭାରତର ଅର୍ଥନୈତିକ ଅଗ୍ରଗତିକୁ ତ୍ୱରାନ୍ୱିତ କରିବା ପାଇଁ ସରକାରୀ ନୀତିଗୁଡ଼ିକ ମଧ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରୁଛି। ଡିଜିଟାଲ ଅବକାଶଗତ ଉନ୍ନୟନ, ଜାତୀୟ ଲଜିଷ୍ଟିକ୍ସ ନୀତି ଏବଂ 'ମେକ ଇନ ଇଣ୍ଡିଆ' ଭଳି ଉଦ୍ୟମଗୁଡ଼ିକ ଭାରତର ବିଶ୍ୱବ୍ୟାପୀ ପ୍ରତିଯୋଗିତାକୁ ବଢ଼ାଇଛି। ତଥାପି, ଉଚ୍ଚ ଶୁଳ୍କ ଏବଂ ଅଣ-ଶୁଳ୍କ ବାଧାଗୁଡ଼ିକ ଦେଶର ବାଣିଜ୍ୟ ସମ୍ଭାବନାକୁ ସୀମିତ କରିପାରେ ବୋଲି ବିଶ୍ୱବ୍ୟାଙ୍କ ଚେତାବନୀ ଦେଇଛି।

## ଉଠାଣିରେ ସୁନା ଦର



ବଢ଼ୁଛି ସୁନା ଦର। ଉଭୟ ୨୨ ଓ ୨୪ କ୍ୟାରେଟ୍ ବିଶିଷ୍ଟ ସୁନା ଦର ବଢ଼ୁଛି। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୯୬, ୧୩୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୮୭ ହଜାର ୨୦୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୯୫, ୧୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୮୭ ହଜାର ୨୦୦ ଟଙ୍କାକୁ ପହଞ୍ଚିଛି। ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୯୫, ୧୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୮୭, ୨୦୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୯୫, ୨୮୦ ଟଙ୍କା ଓ ୨୨ କ୍ୟାରେଟ୍ ୮୭,୩୫୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୯୫, ୧୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୮୭, ୨୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୯୬, ୬୧୦ ଓ ୮୮, ୫୬୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୯୭,୦୦୦ ଟଙ୍କା ହୋଇଛି।

## ଉଠାଣିରେ ପେଟ୍ରୋଲ, ଡିଜେଲ ଦର



ଆଜି ଭୁବନେଶ୍ୱରରେ ଆଜି ପେଟ୍ରୋଲ ଦର ୧୦୧.୧୧ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨. ୬୯ ପଇସା ରହିଛି। ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ଅପରିବର୍ତ୍ତିତ ରହିଛି। ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫ . ୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୮୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୩୯ ପଇସା ରହିଛି।

# ମାଫିଆଙ୍କ ପକେଟରେ ପଙ୍କପାଳ ବାଲିଘାଟ



**ଯାଜପୁର ରୋଡ଼,୧୬।୫(ସଂଚାର ବ୍ୟୁରୋ):** ପଙ୍କପାଳ ବାଲି ଘାଟି ଏବେ ବାଲି ମାଫିଆଙ୍କ ଚରାଭୂଇଁ ପାଲଟିଛି। ଏହି ଘାଟରୁ କିଛି ଦିନ ହେଲା ଚାଲିଛି ଆଖିବୁଜା ବାଲି ହରିଲୁଟ। ଛ, ଛଟି ମେସିନ ସାହାଯ୍ୟରେ ଚାଲିଛି ବାଲି ଲୋଡ଼ିଂ। ଗୋଟେ ପଟେ ଲଘୁ ଖଣିଜ ଦ୍ରବ୍ୟର ଲୁଟକୁ ରୋକିବା ପାଇଁ ସରକାର କଡା ନିର୍ଦ୍ଦେଶ ଦେଇଥିବା ବେଳେ ଅନ୍ୟପଟେ ମୋଟା ଅଙ୍କର ମାସିକିଆ ଚାନ୍ଦା ନେଇ ଚୋରା ବାଲିଘାଟକୁ ପ୍ରଶ୍ରୟ ଦେଉଛନ୍ତି ଯାଜପୁରର ସରକାରୀ ବାବୁ ମାନେ ବୋଲି କଥା ଉଡୁଛି । ବାଲି ଲୁଟକୁ ରୋକିବା ପାଇଁ ଖଣି ଓ ଇସ୍ପାତ ବିଭାଗ ପକ୍ଷରୁ ବାଲି ଘାଟ ଚିହ୍ନଟ ଓ ଉତୋଳନ ପାଇଁ ମାର୍ଗଦର୍ଶୀତା ଜାରି କରିଥିବା ବେଳେ ଏହାକୁ କଡାକଡି ପାଳନ କରିବା ପାଇଁ ନିର୍ଦେଶ ଦିଆଯାଇଥିଲା। କିନ୍ତୁ ଏହି ନିୟମକୁ ପଙ୍କପାଳ ଦୁଇନମ୍ବର ବାଲିଘାଟର ଲିଜ ଧାରୀ ଖୁଲମ ଖୁଲା ଉଲଙ୍ଘନ କରୁଥିବା ଶୁଣାଯାଉଛି। ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେଉଥିବା ଦେଖିବାକୁ ମିଳୁଛି। ପଙ୍କପାଳ ଦୁଇ ନମ୍ବର ଘାଟ ତାର ଲିଜ ଏରିଆ ବାହାରୁ ବେନିୟମ ଭାବେ ମେସିନ ସାହାଯ୍ୟରେ ଦିନ ରାତି ସହ ସହ ଟ୍ରିପ ହାଇବା ଗାଡ଼ିରେ ବାଲି ଚୋରା ଚାଲାଣ ହେଉଥିବା ଅଭିଯୋଗ ହେଉଛି। କିନ୍ତୁ ପ୍ରଶାସନ ଏଭଳି ବେନିୟମ ଘାଟ ଉପରେ କାହିଁକି ଦୃଷ୍ଟି ଦେଉନାହିଁ ତାହା ଏବେ ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହେଉଛି। ବାରମ୍ବାର ଏ ଘାଟ ଉପରେ ଚଢ଼ାଉ ହେଲେ ମଧ ଯଥା ପୂର୍ବଂ ତଥା ପରଂ ଭଳି ଅବସ୍ଥା ହେଉଥିବା ଦେଖିବାକୁ ମିଳୁଛି। ପ୍ରତିଦିନ ଘାଟରୁ କେତେ ପରିମାଣ ର ବାଲି ଉତଳୋନ କରାଯିବ ତାର ରେକର୍ଡ କରାଯିବା ସହିତ ବାଲି ଉତୋଳନ, ପରିବହନ ବେଳେ ଆଖପାଖ ଗ୍ରାମବାସୀଙ୍କ ସୁରକ୍ଷା ପ୍ରତି ଧାନ ଦିଆଯିବା ପରିବର୍ତେ ଏହାର ସମ୍ପୂର୍ଣ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ବାଲିଘାଟର ଅବଧି ଶେଷ ପୂର୍ବରୁ ଲିଜଧାରୀ ଯଦି ଅନୁମୋଦିତ ପରିମାଣର ବାଲି ଉତଳୋନ କରିଦେଇଥାଏ ତେବେ ଘାଟକୁ ବନ୍ଦ କରିଦିଆଯିବାର ନିୟମ ଥିଲେ ମଧ ଏହି ଦୁଇ ନମ୍ବର ଘାଟ ତାର ସରକାରଙ୍କ ଅନୁମୋଦିତ ଅନୁଯାୟୀ ତାର ଦଶ ଗୁଣା ବାଲି ଉତୋଳନ କରିଥିଲେ ମଧ ପ୍ରଶାସନ ଏଠି କୁମ୍ଭକର୍ଣ୍ଣ ନିଦ୍ରାରେରେ ସୋଇଥିବା ଦେଖିବାକୁ ମିଳୁଛି । ପ୍ରଶାସନ ତରଫରୁ ଖଣି ଅଧିକାରୀ ପ୍ରତି ତିନି ମାସରେ ପ୍ରତେକ ଘାଟର ସବିଶେଷ ତଥ୍ୟ ଖଣି ବିଭାଗ ଓ ପ୍ରଦୂଷଣ ବିଭାଗ ନିକଟରେ ଦାଖଲ କରିବାର ନିୟମ ଥିଲେ ମଧ ଏହାକୁ ଫୁ କରି ଉଡାଇଦିଆଯାଉଛି। ସହ ସହ ଭାରି ଯାନ ଚଳାଚଳ ଯୋଗୁଁ ନଦୀବନ୍ଧ ରାସ୍ତା ଏବେ ବିପଜନକ ହେବାକୁ ବସିଲାଣି। ଦାନଗଦି ତହସିଲ ଓ ଜିଲ୍ଲା ଖଣି ବିଭାଗ ମାସିକିଆ ଚାନ୍ଦା ଖାଇ ଏଠି ସବୁ ଦେଖି ଏଠି ନ ଦେଖିଲା ପରି ଅଭିନୟ କରୁଛନ୍ତି ବୋଲି କଥା ଉଡୁଛି। ନା ଏଠି ପ୍ରଶାସନର ଦୃଷ୍ଟି ପଡୁଛି ନା ଏଠି ମାଫିଆଙ୍କ କାହାରି ଡରଭୟ ଅଛି। ବେଆଇନି ବାଲିଘାଟ ଚଳାଉଥିବା ବାଲିଘାଟ ମାଫିଆ କୋଟି କୋଟି ଟଙ୍କା ମୁନାଫା କରୁଥିବା ବେଳେ ରାଜସ୍ୱ, ଖଣି ବିଭାଗ, ଓ ପୋଲିସ କର୍ମଚାରୀଙ୍କୁ ହାତ କରି ବିନା ପ୍ରତିବନ୍ଧକରେ ହରିଲୁଟ କରିଚାଲିଛନ୍ତି ବୋଲି ସାଧାରଣରେ ଆଲୋଚନା ହେଉଛି। ଦାନଗଦି ତହସିଲ ଅନ୍ତର୍ଗତ ପଙ୍କପାଳ ଦୁଇ ନମ୍ବର ଘାଟ ଏଥିରୁ ଅନ୍ୟତମ। ତୁରନ୍ତ ଜିଲ୍ଲାପାଳ ଓ ରାଜ୍ୟ ଖଣି ବିଭାଗ ଏଥି ପ୍ରତି ଦୃଷ୍ଟି ଦେଇ ମାଫିଆଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ସାଧାରଣରେ ଦାବି ହେଉଛି। ପ୍ରଶାସନର ଏଭଳି କିଛି ଦୁର୍ନୀତିଖୋର ଅଫିସର ପାଇଁ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହରିଲୁଟ ହେଉଥିବା ସହିତ ଅଫିସରଙ୍କ ମାସକୁ ମାସ ପକେଟ ଗରମ ହେଉଥିବା ଦେଖିବାକୁ ମିଳୁଛି । ରାଜ୍ୟ ଦୁର୍ନୀତି ନିବାରଣ ପକ୍ଷରୁ ଯଦି ଏଭଳି ଦୁର୍ନୀତିଖୋର ଅଫିସରର ସମ୍ପତି ତାଲିକା ଯାଂଚ ହୁଏ ତେବେ ସତ ସାମ୍ନା କୁ ଆସିବ ବୋଲି ଅନୁମାନ କରାଯାଉଛି।

● ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ମାମଲା

## ୧୨ ବର୍ଷ ପରେ ୧୩ ତମ ଅଭିଯୁକ୍ତ ମାଧବ ଗିରଫ



**ବ୍ରହ୍ମପୁର,୧୬।୫(ସଂଚାର ବ୍ୟୁରୋ):** ବ୍ରହ୍ମପୁରର ବହୁ ଚର୍ଚ୍ଚିତ ଶାନ୍ତି ମିଶ୍ର ହତ୍ୟା ଘଟଣାରେ ଦୀର୍ଘ ବର୍ଷ ପରେ ଆଉ ଜଣେ ଅଭିଯୁକ୍ତକୁ ଗିରଫ କରିବାରେ ପୋଲିସ୍ ସଫଳ ହୋଇଛି। ପୂର୍ବରୁ ଏହି ମାମଲାରେ ୧୧ ଜଣ ଅଭିଯୁକ୍ତ ଜେଲ୍ ଯାଇଥିବା ବେଳେ ନିକଟରେ ୧୨ ତମ ଅଭିଯୁକ୍ତ ସତୀଶ ମିଶ୍ର(ମଉଜ)କୁ ପୋଲିସ୍ ଗିରଫ କରିଥିଲା। ଶୁକ୍ରବାର ଏହି ମାମଲାରେ ସମ୍ପୃକ୍ତ ଅନ୍ୟତମ ଅଭିଯୁକ୍ତ ମାଧବ ପାଣିଗ୍ରାହୀ ପୋଲିସ୍ ପଞ୍ଝାକୁ ଆସିଛି। ସ୍ଥାନୀୟ ଗୋଶାଣୀନୂଆଁ ଗାଁ ଥାନା ପୋଲିସ୍ ଏହି ୧୩ ତମ ଅଭିଯୁକ୍ତକୁ ଗିରଫ କରିଛି। ଘଟଣା ପରେ ୨୦୧୩ ରୁ ଅଭିଯୁକ୍ତ ମାଧବ ଫେରାର ଥିଲା। ସୂଚନା ଅନୁଯାୟୀ, ଘଟଣା ଘଟିବା ପରେ ମାଧବ ଗୁଜୁରାଟ ପଳାଇଥିଲା। ଗତ କିଛି ବର୍ଷ ତଳେ ଗୁଜୁରାଟରୁ ଫେରି ଭୁବନେଶ୍ୱରରେ ଏକ ଦୋକାନରେ କାର୍ଯ୍ୟ କରି ପରେ ନିଜେ ଏକ ଦୋକାନ ଖୋଲିଥିଲା। ନିକଟରେ ସେ ଓଲା, ଓବେରରେ ଡ୍ରାଇଭର ଭାବେ କାମ କରୁଥିଲା। ନିଜ ମା'ର ମୃତ୍ୟୁ ସମୟରେ ବି ବ୍ରହ୍ମପୁର ଆସିନଥିଲା। ତେବେ ଡ଼ିଏସପି ସ୍ମୃତି ପ୍ରଭାଙ୍କ ନେତୃତ୍ୱରେ ଗୋଶାଣୀନୂଆ ଗାଁ ଥାନା ପୋଲିସ୍ ମାଧବକୁ କାବୁ କରିବାକୁ ଟ୍ରାକିଂ କରୁଥିଲା। ଆଜି ତାକୁ ଗିରଫ କରିବାରେ ପୋଲିସ୍ ସଫଳ ହୋଇଛି।ଖବର ପ୍ରକାରେ ଶାନ୍ତି ମିଶ୍ରଙ୍କୁ ୧୩ ଜଣ ଅଭିଯୁକ୍ତ ଗୋଡ଼ାଇ ଗୋଡ଼ାଇ ବୋମା ମାଡ କରି ହତ୍ୟା କରିଥିଲେ। ଯାହା ସହରରେ ଖୁବ୍ ଚର୍ଚ୍ଚାର ବିଷୟ ପାଲଟିଥିଲା।

## ଜିଲ୍ଲା କଂଗ୍ରେସ ତରଫରୁ ବୀର ସହିଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି



**ଜଗତସିଂହପୁର,୧୬।୫(ସଂଚାର ବ୍ୟୁର):** ବୀର୍ ସହିଦ୍ ଜବାନ ମାନଙ୍କ ସ୍ମୃତିରେ ଜଗତସିଂହପୁର ଜିଲ୍ଲା କଂଗ୍ରେସ ପକ୍ଷରୁ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟ ଠାରେ ମହମବତୀ ଲଗାଇ ସ୍ମୃତି ଚାରଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଜିଲ୍ଲା କଂଗ୍ରେସ ସଭାପତି ନଟବର ବାରିକ ଙ୍କ ପୌରହିତ୍ୟରେ ଅନୁଷ୍ଠିତ ସ୍ମୃତି ଚାରଣ ସଭାରେ ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ବ୍ଲକ କଂଗ୍ରେସ ସଭାପତି ମାନସ କୁମାର ରଥ, ବରିଷ୍ଠ କଂଗ୍ରେସ ନେତା ମହନୀ ଚରଣ ରାଉତ, ଉମେଶ ଚନ୍ଦ୍ର ସ୍ୱାଇଁ, ସୌଭାଗ୍ୟ ରଞ୍ଜନ ବିଶ୍ୱାଳ, ଜ୍ଞାନ ରଞ୍ଜନ ଜେନା, ସୁକାନ୍ତ କୁମାର ମହାପାତ୍ର, ରମେଶ ବିଶ୍ୱାଳ, ବଳରାମ ସେଠୀ, ଆର୍ଶୀବାଦ ତ୍ରିପାଠୀ, ସରୋଜ ମହାପାତ୍ର, ଭଗତ ଚରଣ ସାହାଣୀ, ଦିପକ ପାଲ ପ୍ରମୁଖ ଯୋଗଦେଇ ବୀର ସହୀଦ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କାର ଭିତରୁ ଜେଇଙ୍କ ମୃତ ଦେହ ଉଦ୍ଧାର

**ଭେଡେନ,୧୬।୫( ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲା ଭେଡେନ ବ୍ଲକ ର ପୂର୍ବତନ ଜେ ଇ ବର୍ତ୍ତମାନ ବରପାଲି ବ୍ଲକ ରେ କାର୍ଯ୍ୟରତ କନିଷ୍ଠ ଯନ୍ତ୍ରୀ ଚନ୍ଦ୍ରଶେଖର ଝାଡ଼ିଆ ଙ୍କ ମୃତଦେହ ବରଗଡ଼ ନିକଟସ୍ଥ ହଳଦୀପାଳି ଛକଠାରେ ଏକ କ୍ରେଟା କାର୍ ଭିତରୁ ଶୁକ୍ରବାର ସକାଳୁ ଉଦ୍ଧାର କରାଯାଇଛି। ସେ କାର ରେ ଏସି ଲଗାଇ ଶୋଇଥିଲେ ହେଲେ ଏହି ସମୟରେ କିନ୍ତୁ ତାଙ୍କର ସନ୍ଦେହଜନକ ଭାବେ ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତେବେ କାର୍ ଭିତରେ ଏସି ସର୍ଟସର୍କିଟ୍ ଯୋଗୁଁ ତାଙ୍କର ମୃତ୍ୟୁ ହୋଇଥିବା ସନ୍ଦେହ କରାଯାଉଛି। ତାଙ୍କ ଦେହସାରା ଜଳିପୋଡ଼ି ଯାଇଥିବାବେଳେ, କାର କି ମୃତକଙ୍କ ପୋଷାକ କିନ୍ତୁ ଆଦୌ ଜଳିନାହିଁ। ଯାହାକୁ ସେଇ ସନ୍ଦେହ ସୃଷ୍ଟି ହୋଇଛି। ସେପଟେ ମୃତ ଜେଇଙ୍କ ପତ୍ନୀଙ୍କ ବୟାନ ସନ୍ଦେହକୁ ଆହୁରି ବଢ଼ାଇଦେଇଛି। ମୃତ ଚନ୍ଦ୍ରଶେଖରଙ୍କ ସ୍ତ୍ରୀ କହିଛନ୍ତି, ଗତକାଲି ଦିନ ୧୨ଟାରୁ ଘରୁ ବାହାରି ଯାଇଥିଲେ ତାଙ୍କ ସ୍ୱାମୀ।ରାତିରେ ଫୋନ୍ ଉଠାଇ ନଥିଲେ। ପରେ ଖୋଜାଖୋଜି କରିବା ପରେ କାର୍ ଭିତରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଜାରି ରଖିଛି।

## ପର୍ଯ୍ୟଟକଙ୍କ ଦୃଷ୍ଟି ଆଢୁଆଳରେ ଘୁମର ଜଳ ପ୍ରପାତ



**କଳାହାଣ୍ଡି,୧୬।୫(ସଂଚାର ବ୍ୟୁରୋ):** ପ୍ରକୃତିର ଗନ୍ତାଘର ତଥା କଳାହାଣ୍ଡିର କାଶ୍ମୀର ଭାବେ ପରିଚିତ ବଣପାହାଡ ଘେରା ଅଞ୍ଚଳ ଥୁଆମୂଳ ରାମପୁର ବ୍ଲକ। ଏହାର ପୂର୍ବରେ ରହିଛି ବକ୍ସାଇଟ ଭଳି ଖଣିଜ ସମ୍ପଦ ଭରା ବଡବଡ ମାଳି ପର୍ବତ। ଉତ୍ତରରେ କର୍ଲାପାଟ ଅଭୟାରଣ୍ୟ, ଦକ୍ଷିଣରେ ରହିଛି ବିସ୍ତୀର୍ଣ୍ଣ ଇନ୍ଦ୍ରାବତୀ ଜଳଭଣ୍ଡାର ଏବଂ ପଶ୍ଚିମ ଦିଗରେ ରହିଛି ସିଙ୍ଗାରି ସଂରକ୍ଷିତ ଜଙ୍ଗଲ। ଜଙ୍ଗଲ ମଝିରେ ରହିଛି ଅନେକ ବୈଚିତ୍ର। ଲୁଚି ରହିଛି ବିସ୍ମୟ କଳା ଭଳି ଅନେକ ପର୍ଯ୍ୟଟନ ସ୍ଥଳ। ଥୁଆମୂଳ ରାମପୁର ସଦର ମହକୁମା ଠାରୁ ମାତ୍ର ୩ କିମି ଦୂର ଉତ୍ତର-ପଶ୍ଚିମ ଦିଗରେ ଅବସ୍ଥିତ ସିଙ୍ଗାରି ସଂରକ୍ଷିତ ଜଙ୍ଗଲରେ ଲୁଚି ରହିଛି ଘୁମର ଜଳପ୍ରପାତ। ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ଠାରୁ ଦେରଗୁଡା ଗାଁ ଦେଇ ଯିବାକୁ ପଡ଼ିଥାଏ। ଭଲ ରାସ୍ତା ଖଣ୍ଡେ ନଥିବା ଯୋଗୁଁ ଯାନବାହନ ଗଡ଼ିବାରେ ବାଧା ହେଉଥିଲେ ମଧ୍ୟ ଦେରଗୁଡା ଗାଁ ପର୍ଯ୍ୟନ୍ତ ଯାନବାହନ ଯିବାର ଅସୁବିଧା ନାହିଁ। ସେଠାରୁ ସେଇ ସିଙ୍ଗାରି ସଂରକ୍ଷିତ ଜଙ୍ଗଲର ପାଦଚଲା ରାସ୍ତାରେ ପ୍ରାୟ ଅଧ କିମି ଚାଲି ଚାଲି ଯିବାକୁ ପଡ଼ିଥାଏ ସତର୍କତା ସହିତ। ଜଳପ୍ରପାତଟି ଦେଖିବାକୁ ଯେତେ ସୁନ୍ଦର ସେତିକି ବିପଦ ମଧ୍ୟ। ସୁନ୍ଦରତାକୁ ନିକଟରୁ ଉପଭୋଗ କରିବାକୁ ହେଲେ ତଳକୁ ରାସ୍ତା ନାହିଁ, ତଥାପି ପ୍ରକୃତିର ସେଇ ଆକର୍ଷଣୀୟ ଚିତ୍ର ଦେଖିବାକୁ ନିଜ ଜୀବନ ପ୍ରତି ବିପଦ ମଧ୍ୟ ରହିଛି। ସବୁଦିନିଆ ରାସ୍ତା ସହିତ ଏହାର ପାରିପାର୍ଶ୍ୱିକ ବିକାଶ ଏବଂ ସୌନ୍ଦର୍ଯ୍ୟକରଣ କରିବା ପାଇଁ ପ୍ରଶାସନ ଏବଂ ଜନପ୍ରତିନିଧି ମାନଙ୍କ ଆନ୍ତରିକତାର ଅଭାବ ଯୋଗୁଁ ଅବହେଳିତ ତଥା ଲୋକଲୋଚନର ବହୁ ଦୂରରେ ରହି ଆସିଛି। ଗୋଟିଏ ପଟେ ସଂରକ୍ଷିତ ଜଙ୍ଗଲ ଭିତରେ ରହିଥିବା ଯୋଗୁଁ ବନ ବିଭାଗ ଏହି ସ୍ଥାନଟିର ବିକାଶ ଉପରେ ଧ୍ୟାନ ଦେଉନଥିବା ବେଳେ ପ୍ରଶାସନ ମଧ୍ୟ ଏହାକୁ ନେଇ କୌଣସି ଯୋଜନା ପାଇଁ ଆର୍ଥିକ ଅନୁଦାନ ସମ୍ଭବ ହେଉନଥିବା ସୂଚନା ରହିଛି। ଅବଶ୍ୟ ମନରେଗା ଯୋଜନାରେ ବନ ବିଭାଗ ପକ୍ଷରୁ ଏନେଇ ପଦକ୍ଷେପ ନିଆଯାଇଥିବା ଜଣାପଡ଼ିଛି। ଆକର୍ଷଣୀୟ ଘୁମର ଜଳପ୍ରପାତର ପାରିପାର୍ଶିକ ବିକାଶ କରାଗଲେ ଏହି ସ୍ଥାନ ପର୍ଯ୍ୟଟକମାନଙ୍କ ପାଇଁ ଏକ ମନୋରମା ପର୍ଯ୍ୟଟନ ସ୍ଥାନ ହୋଇପାରିବ। ଏଥି ସହିତ ଓଡ଼ିଶା ପର୍ଯ୍ୟଟନ ମାନଚିତ୍ରରେ ସ୍ୱତନ୍ତ୍ର ପର୍ଯ୍ୟଟନ ସ୍ଥାନ ଭାବରେ ପରିଚୟ ପାଇପାରିବ। ସରକାର ଏହି ସ୍ଥାନର ବିକାଶ ପାଇଁ ଗୁରୁତ୍ୱ ଦେବାକୁ ସାଧାରଣରେ ଦାବି ହେଉଛି।

## ଜିନ୍ଦଲ ପକ୍ଷରୁ ସମୁଦାୟ ଗୃହ ଲୋକାର୍ପିତ



**ଯୋଡ଼ା,୧୬।୫(ସଂଚାର ବ୍ୟୁରୋ):** ପାରିପାର୍ଶ୍ୱିକ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, କ୍ରୀଡ଼ା, ସାଂସ୍କୃତିକ ତଥା ସାମଗ୍ରିକ ସାମାଜିକ ବିକାଶ କାର୍ଯ୍ୟ ଜାରି ରଖିଥିବା ଜିନ୍ଦଲ ଷ୍ଟିଲ ଏଣ୍ଡ ପାୱାର (ଜେଏସପି)ର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେସନ ପକ୍ଷରୁ ବୀରକଳା ଗ୍ରାମପଞ୍ଚାୟତର ବିଲେଇପଦାରେ ନିର୍ମିତ ଏକ ବହୁମୁଖୀ ସମୁଦାୟ ଗୃହ ଲୋକାର୍ପିତ ହୋଇଯାଇଛି। ମାନ୍ୟବର କେନ୍ଦୁଝର ସାଂସଦ ଅନନ୍ତ କୁମାର ନାଏକ ଏହାକୁ ଉଦଘାଟନ କରିଥିଲେ। ଶ୍ରୀ ନାଏକ ଜିନ୍ଦଲ ଫାଉଣ୍ଡେସନର ଏହି ଉଦ୍ୟମକୁ ବହୁତ ପ୍ରଶଂସା କରିଥିଲେ। ଆଗକୁ ମଧ୍ୟ ଏହି ବିକାଶମୂଳକ କାର୍ଯ୍ୟ ଜେଏସପି ପକ୍ଷରୁ ଜାରି ରହିବ ବୋଲି ସେ ଆଶା ପ୍ରକଟ କରିଥିଲେ। ସ୍ଥାନୀୟ ଅଞ୍ଚଳରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ପାଇଁ ଏହି ଗୃହ ବ୍ୟବହୃତ ହେବ ଏବଂ ଏହା ସ୍ଥାନୀୟ ଲୋକଙ୍କ ଆବଶ୍ୟକତା ପୂରଣ କରିବ ବୋଲି ଶ୍ରୀ ନାଏକ କହିଥିଲେ। ଉଦଘାଟନୀ କାର୍ଯ୍ୟକ୍ରମରେ ବଡ଼ବିଲ ପେଲେଟ ପ୍ଲାଣ୍ଟ ୟୁନିଟ ହେଡ୍ ପୁରୁଷୋତ୍ତମ ଏମଡି, ଜିଲ୍ଲାପରିଷଦ ସଭ୍ୟ ଡମ୍ବରୁଧର କୁଦଦା, ବୀରକଳା ସରପଞ୍ଚ ମୁଖା ନାଏକ, ନାଏବ ସରପଞ୍ଚ ଶ୍ରୀମତୀ କୁନ୍ତଳା ଖିଲାର, ପଞ୍ଚାୟତ ସମିତି ସଦସ୍ୟ ଜ୍ଞାନରଞ୍ଜନ ଖୁଣ୍ଟିଆ ଓ ସିଏସଆର ମୁଖ୍ୟ ଭର୍ଜିଲ ଲାକ୍ରା ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଷ୍ଣୁ ଖିଲାର, ମହେନ୍ଦ୍ର ଘାନା, ଅର୍ଜୁନ ମୁଣ୍ଡା, ନରେଶ ପ୍ରଧାନ, ରଞ୍ଜିତ ବାରିକ, ବୀରସିଂ ମୁଣ୍ଡା, ଜଗନ୍ନାଥ ବାରିକ, ଟିଙ୍କୁ ନାଏକ, ସାହୁ ମୁଣ୍ଡା, ସୁଧାମଞ୍ଜରୀ ଘାନା, ସୁଚିତ୍ରା ମାଝୀ, ସନ୍ଧ୍ୟାରାଣୀ ବାରିକ, ଶାନ୍ତି ବାରିକ ପ୍ରମୁଖ ଉପସ୍ଥିତ ଥିଲେ। ସମସ୍ତେ ଜେଏସପିର ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ।

### ଶିଶୁମଙ୍ଗଳ କମିଟିକୁ ଦାୟିତ୍ୱ ଦେଲେ ସରକାର

## ତାଲା ଭାଙ୍ଗି ଦାୟିତ୍ୱ ଗ୍ରହଣ କରିଲେ ସିଡବ୍ଲ୍ୟୁସି



**ରାୟଗଡ଼ା,୧୬।୫(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲ୍ଲା ରେ ଏକ ନଅ ଦିନର ଶିଶୁକନ୍ୟା ସହ ଅବୈଧ ଭାବରେ ସନ୍ତାନ ଗ୍ରହଣ ମାମଲାରେ ଗମ୍ଭୀର ଅନିୟମିତତା ଦେଖାଯିବା ପରେ ରାଜ୍ୟ ସରକାର ଦ୍ୱାରା ରାୟଗଡ଼ା ଜିଲ୍ଲା ଶିଶୁ କଲ୍ୟାଣ କମିଟି ସିଡବ୍ଲୁସିକୁ ଭଙ୍ଗ କରାଯିବା ସହ ଏହାର ଅଧ୍ୟକ୍ଷ ବିଦୁଲତା ହୁଇକା ଓ ଚାରିଜଣ ସଦସ୍ୟଙ୍କୁ ନିଲମ୍ବନ କରାଯାଇଛି। ଏହି ମାମଲା ଗଣମାଧ୍ୟମରେ ଆସିବା ପରେ ରାଜ୍ୟ ସରକାର ଦ୍ୱାରା ତଦନ୍ତ ଆରମ୍ଭ କରାଯାଇଥିଲା। ଏହି ଅଭିଯୋଗ ଅନୁସାରେ ଏକ ଅଣପଞ୍ଜିକୃତ ସନ୍ତାନ ଗ୍ରହଣ ପତ୍ର ରହିଥିବା ସତ୍ତ୍ୱେ ରାୟଗଡ଼ା ସିଡବ୍ଲୁସି ନିଷ୍କ୍ରିୟ ଥିଲା ବୋଲି ଜଣାପଡ଼ିଛି। ତଦନ୍ତରେ ଏହି ମାମଲାରେ ଅନେକ ଗୁରୁତ୍ୱପୂର୍ଣ୍ଣ ଅନିୟମିତତା, ବେଆଇନ ଦଲିଲ ପ୍ରସ୍ତୁତି, ନୋଟାରୀ ଓ ଆଇନଜିବିଙ୍କ ଭୂମିକା ନେଇ ଗମ୍ଭୀର ପ୍ରଶ୍ନ ଉଠିଛି। ଏହି ଅବସ୍ଥାରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗ ପକ୍ଷରୁ ୧ ମଇ ୨୦୨୫ ରେ ଜାରି କୃତ ଆଦେଶ ଅନୁଯାୟୀ, ରାୟଗଡ଼ା ସିଡବ୍ଲୁସି ଦାୟିତ୍ୱ କୋରାପୁଟ ସିଡବ୍ଲୁସି ଉପରେ ରଖାଯାଇଛି। ଏହି ଦାୟିତ୍ୱ ହସ୍ତାନ୍ତର ପାଇଁ ୮ ମଇ ୨୦୨୫ ରେ ଆଦେଶ ସଂଖ୍ୟା ୧୧୫୪୯ ଜାରି ହୋଇଥିଲା। କୋରାପୁଟ ସିଡବ୍ଲୁସି ଟିମ୍ ରାୟଗଡ଼ା ଆସି ବିଦୁଲତା ହୁଇକାଙ୍କୁ ଦାୟିତ୍ୱ ହସ୍ତାନ୍ତର କରିବାକୁ ବାରମ୍ବାର ଚେଷ୍ଟା କରିଥିଲେ ମଧ୍ୟ, ପୂର୍ବତନ ଅଧ୍ୟକ୍ଷ ଓ କମିଟି ସଦସ୍ୟମାନେ ଉପସ୍ଥିତ ହେବାକୁ ଅସ୍ୱୀକାର କରିଥିଲେ। ଏହା ପରେ ରାୟଗଡ଼ା ଉପ-ଜିଲ୍ଲାପାଳ କୈଳାଶ ସ୍ୱାଇଁଙ୍କୁ ମାଜିଷ୍ଟ୍ରେଟ ଭାବେ ନିଯୁକ୍ତ କରାଯାଇ ତାଙ୍କ ଉପସ୍ଥିତିରେ ତାଲା ଭାଙ୍ଗି କୋରାପୁଟ ସିଡବ୍ଲୁସି ଦ୍ୱାରା ଦାୟିତ୍ୱ ଗ୍ରହଣ କରାଯାଇଛି।

## ଗାର୍ଲ୍ସ ହଷ୍ଟେଲ ଟେଣ୍ଡରକୁ ନେଇ ବିବାଦରେ ଚୟନ କମିଟି




**ନୀଳଗିରି,୧୬।୫(ସଂଚାର ବ୍ୟୁରୋ):** ନିଳଗିରି ସ୍ଥିତ ଜାମୁଡ଼ିହା ରେ ଥିବା ଓଡ଼ିଶା ଆଦର୍ଶ ବିଦ୍ୟାଳୟ ରେ ଗାର୍ଲ୍ସ ହଷ୍ଟେଲ ପାଇଁ ସମସ୍ତ ଗ୍ରୋସରି, ପରିବା, ଫଳ, ଖାତା, ବହି କସ୍ମେଟିକ, ମାଛ, ମାଂସ ଆଦି ପ୍ରଦାନ ପାଇଁ ଜି.ଏସ.ଟି ଥିବା ଦୋକାନୀ ବ୍ୟକ୍ତିଗତ ଭାବେ ନୀତି ନିୟମ ଅନୁସାରେ ଯୋଗାଣ ପାଇଁ ଗତ ୨୮/୪/୨୫ରେ ନୋଟିସ ପ୍ରକାଶ କରିଥିଲେ। ଏହାର ଶେଷ ତାରିଖ ୧୧/୫/୨୫ରହିଥିଲା। ଗାଇଡ ଲାଇନ କୁ ଆଧାର କରି ୬ଜଣ ଟେଣ୍ଡର ପକାଇଥିଲେ। ସେମାନେ ହେଲେ ସୁମନ୍ତ ଭେରାଇଟି ଷ୍ଟୋର, ଇଯି ଫୁଡ୍, ପବିତ୍ର କୁମାର ମହାପାତ୍ର, ସାହୁ ଟ୍ରେଡର, ଶୁଭଙ୍କର ଏଣ୍ଟର ପ୍ରାଇଜେସ, ସାହୁ ଟ୍ରେଡର୍ସ ପକାଇଥିଲେ। ଗତ ୧୪/୫/୨୫ରେ ସମସ୍ତ ପକାଇଥିବା ଟେଣ୍ଡର କମିଟି ସଦସ୍ୟ ଙ୍କ ଆଗରେ ଖୋଲା ଯାଇଥିଲା। ଛଅ ଜଣଙ୍କ ମଧ୍ୟରୁ ଦୁଇ ଜଣଙ୍କ କୁଟେସନ କୁ ଆଧାର କରି ଦେଖିବା ପରେ ସୁମନ୍ତ ଭେରାଇଟ ଷ୍ଟୋର ଗ୍ରୋଷରି ବାବଦରେ ୭୨୩୫ ଟଙ୍କା ମାରିଥିବା ବେଳେ ପବିତ୍ର କୁମାର ମହାପାତ୍ର ଗ୍ରୋଷରୀ ବାବଦରେ ୬୨୪୬ଟଙ୍କା ମାରିଥିବା ବେଳେ ନନ ଭେଜ୍ ରେ ସୁମନ୍ତ ୧୯୫୭ଟଙ୍କା ମାରିଥିବା ବେଳେ ପବିତ୍ର ୧୬୬୧ଟଙ୍କାର ରେଟ୍ ଦେଇଥିଲେ। ସେହିପରି ପନି ପରିବାର ରେ ସୁମନ୍ତ ୧୭୨୭ଟଙ୍କାର ରେଟ ଦେଇଥିବା ବେଳେ ପବିତ୍ର ୧୯୧୦ଟଙ୍କାର ରେଟ୍ ଦେଇଥିଲେ। ସୂଚନା ଥାଉ କି ସୁମନ୍ତ ସେଓ, ଇଞ୍ଚଡ ଓ ମଟର ଛୁଇଁ ରେ କୌଣସି ମୂଲ୍ୟ ବସାଇ ନଥିବା ବେଳେ ସର୍ବନିମ୍ନ ଟେଣ୍ଡର ଧାରୀଙ୍କୁ ନ ଦେଇ ସର୍ବୋଚ୍ଚ ଧାରିଙ୍କୁ କିପରି ଚୟନ କରାଗଲା ତାହା ଏବେ ତଦନ୍ତ ପରିସର ଭୁକ୍ତ। ଏନେଇ ବିଦ୍ୟାଳୟର ପ୍ରିନ୍ସିପାଲ୍ ଙ୍କୁ ପଚାରିବାରୁ ଏହା ଫାଇନାଲ ନୁହଁ, କେହି ଆପତ୍ତି କଲେ ତାହା କମିଟି ରେ ପୁଣି ବିଚାର ବିମର୍ଶ କରିବାର ଅଧିକାର ରହିଛି ବୋଲି ପ୍ରକାଶ କରିଛନ୍ତି। ସେହିପରି ଚୟନ କମିଟିର ସଭାପତି ତଥା ନିଳଗିରି ବିଇଓ ଭୀମସେନ ବିଶ୍ୱାଳ ଙ୍କୁ ଏବାବଦରେ ପଚାରିବାରୁ ଯଦି କିଛି ଭୁଲ୍ ଥାଏ ତେବେ ଉକ୍ତ ଟେଣ୍ଡର କୁ ନାକଚ କରାଯିବ ବୋଲି ପ୍ରକାଶ କରିଛନ୍ତି।

## ଜିଲ୍ଲାସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ ପାଳିତ




**ସୁବର୍ଣ୍ଣପୁର,୧୬।୫(ସଂଚାର ବ୍ୟୁରୋ):** ଜିଲ୍ଲା ସ୍ୱାସ୍ଥ୍ୟ ସମିତି ତରଫରୁ ସ୍ଥାନୀୟ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ସୁବର୍ଣ୍ଣପୁର ତାଲିମ ଗୃହ ଠାରେ ଜିଲ୍ଲା ସ୍ତରୀୟ ଜାତୀୟ ଡେଙ୍ଗୁ ଦିବସ-୨୦୨୫ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଅଧୀକ୍ଷକ ସୁବର୍ଣ୍ଣପୁର ଡ଼ା ଦୁର୍ଗା ଦତ୍ତ ଦାସ ଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସଭା ରେ ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି)ଡ଼ା ଗୋପାଳ ଚନ୍ଦ୍ର ମଲ୍ଲିକ, ଅତିରିକ୍ତ ଜିଲ୍ଲା ଜନ ସ୍ୱାସ୍ଥ୍ୟ ଅଧିକାରୀ (ରୋଗ ନିୟନ୍ତ୍ରଣ) ଡ଼ା ରମେଶ ଚନ୍ଦ୍ର ସ୍ୱାଇଁ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଜିଲ୍ଲା କାର୍ଯ୍ୟକ୍ରମ ପରିଚାଳକ ରୂପକ କୁମାର ମହାପାତ୍ର, ଅଧୀକ୍ଷକ ସରକାରୀ ମହିଳା ସ୍ୱାସ୍ଥ୍ୟକର୍ମୀ ତାଲିମ କେନ୍ଦ୍ର ସୁବର୍ଣ୍ଣପୁର ସ୍ମିତାଶ୍ରୀ ନାୟକ ପ୍ରମୁଖ ସମ୍ମାନୀତ ଅତିଥି ଭାବରେ ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥି ବୃନ୍ଦ ଡେଙ୍ଗୁ ରୋଗ ର ଲକ୍ଷଣ, କାରଣ ଓ ନିରାକରଣ ଉପରେ ବିଶଦ ଭାବରେ ଆଲୋଚନା କରି ଜନସଚେତନତା ସୃଷ୍ଟି କରି ସୁସ୍ଥ ସମାଜ ଗଠନ ସମ୍ଭବ ହୋଇ ପାରିବ ବୋଲି ଗୁରୁତ୍ୱ ଦେଇଥିଲେ। ବିଶେଷ କରି ପରିବେଶ ସଫାସୁତୁରା ଓ ମଶାରି ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଉକ୍ତ ସଭାରେ ନର୍ସିଂ ସ୍କୁଲ ର ଛାତ୍ର ଛାତ୍ରୀ, ନର୍ସିଂ ଅଫିସର, ସ୍ୱାସ୍ଥ୍ୟ ବିଭାଗ ର କର୍ମଚାରୀ ଅଧିକାରୀ ବୃନ୍ଦ ଏବଂ ସାମ୍ବାଦିକ ବନ୍ଧୁ ମାନେ ଉପସ୍ଥିତ ଥିଲେ।

## ସରକାରୀ ଶିକ୍ଷକ ଟ୍ୟୁସନରେ ବ୍ୟସ୍ତ ଅତିରିକ୍ତ ତହସିଲଦାରଙ୍କ ହାବୁଡରେ ପଡ଼ିଲେ

**କଣାସ,୧୬।୫(ସଂଚାର ବ୍ୟୁରୋ):** କଣାସ ବ୍ଲକରେ ସରକାରୀ ଚାକିରିରେ ଥିବା ଶିକ୍ଷକମାନେ ଟ୍ୟୁସନ କରୁଥିବା ଅଭିଯୋଗ ବିଡିଓ, ତହସିଲିଦା, ବ୍ଲକ ଶିକ୍ଷା ଅଦିକାରୀଙ୍କ ନିକଟରେ ଅବି ଯୋଗ କରିବା ପରେ ଆଜି କଣାସ ଅତିରିକ୍ତ ତହସିଲିଦାର ଉପେନ୍ଦ୍ର କୁମାର ସେଠୀ ଟ୍ୟୁସନ ହେଉଥିବା ସ୍ଥାନମାନଙ୍କୁ ଯାଇ ଦେଖନ୍ତିତ ୫ ଜଣ ସରକାରୀ ବିଦ୍ୟାଳୟରେ ଚାକିରି କରିଥିବା ଶିକ୍ଷକ ଟ୍ୟୁସନରେ ଥିବା ଦେଖିବାକୁ ପାଇଥିଲେ। ଏମାନଙ୍କୁ ଏଥିରୁ ନିବୃତ ରହିବା ପାଇଁ ପରାମର୍ଶ ଦେବା ସହ ଅନେକ ସରକାରୀ ଶିକ୍ଷକ କଣାସ ବ୍ଲକରେ ଟ୍ୟୁସନ କରୁଥିବା ଜଣାବାକୁ ପାଇଥିଲେ। ଏ ସମ୍ପର୍କରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ବ୍ଲକ ଶିକ୍ଷା ଅଧିକାରୀ ଙ୍କୁ ଶ୍ରୀ ସେଠୀ ପତ୍ର ମାଧ୍ୟମରେ ଜଣାଇବା ସହିତ ତଦନ୍ତ କରି ଶିକ୍ଷକମାନଙ୍କ ବିରୋଧରେ କାର୍ଯଅନୁଷଯଠାନ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ରୌଦ୍ରତାପ ଯୋଗୁଁ ରାଜ୍ୟ ସରକାର ବିଦ୍ୟାଳୟ ଗୁଡିକୁ ଛୁଟି କରିଦେଇଥିବାବେଳେ ଶିକ୍ଷକମାନେ ବିଦ୍ୟାଳୟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶଦେଇଛନ୍ତି। ଅନେକ ଶିକ୍ଷକବିଦ୍ୟାଳୟକୁ ନଯାଇ ଟ୍ୟୁସନରେ ମାତିଛନ୍ତି।

## ଭିଜିଲାନ୍ସ ଜାଲରେ ନିର୍ବାହୀ ଅଧିକାରୀ

**ନୟାଗଡ଼,୧୬।୫(ସଂଚାର ବ୍ୟୁରୋ):** ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ କାର୍ଯ୍ୟାଳୟରେ ପସିଲା ଭିଜିଲାନ୍ସ ଟିମ୍। ନିର୍ବାହୀ ଅଧିକାରୀ ଲାଞ୍ଚ ନେଉଥିବା ବେଳେ ମାଡ଼ି ବସିଲା ଭିଜିଲାନ୍ସ ଟିମ୍। ପୂର୍ବରୁ ନିର୍ବାହୀ ଅଧିକାରୀ ଲାଞ୍ଚ ନେଉଥିବା ନେଇ ଅଭିଯୋଗ ହୋଇ ଆସୁଥିଲା କିନ୍ତୁ ପ୍ରମାଣ ନଥିବାରୁ ଖସିଯାଉଥିଲେ। ତେବେ ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ବିକାଶ କାର୍ଯ୍ୟ କରୁଥିବା ଜନୈକ ଠିକାଦାରଙ୍କ ବିଲ୍ କରେଇ ଦବା ନେଇ ବାରମ୍ବାର ଲାଞ୍ଚ ମାଗି ଆସୁଥିଲେ। ନିର୍ବାହୀ ଅଧିକାରୀଙ୍କ ଲାଞ୍ଚ ମଗା, ଅସହ୍ୟ ହେବାରୁ ଜନୈକ ଠିକାଦାର ଭିଜିଲାନ୍ସ ବିଭାଗର ସହଯୋଗ ଲୋଡିଥିଲେ। ତେବେ ଆଜି ଜନୈକ ଠିକାଦାରଙ୍କ ଠାରୁ ଖଣ୍ଡପଡା ବିଜ୍ଞାପିତ ଅଞ୍ଚଳ ପରିଷଦର ନିର୍ବାହୀ ଅଧିକାରୀ ନିରଞ୍ଜନ କୁମାର ଧଳ ୨୦ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରିଥିଲା। ତେବେ ଭିଜିଲାନ୍ସ ଟିମ୍ ରିପୋଟ ଲେଖା ହେବା ପର୍ଯ୍ୟନ୍ତ ଚଢ଼ାଉ ଜାରି ରଖିଥିବା ସୁଚନା ମିଳିଛି। ।

## ପାଟ୍ରୋଲିଂ ଅଭାବରୁ ଅସାମାଜିକ କାର୍ଯ୍ୟ ବୃଦ୍ଧି ପାଉଛି, ଜନତା ଭୟଭୀତ




**ବୈଶିଙ୍ଗା,୧୬।୫(ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅଞ୍ଚଳ ଏକ ଶାନ୍ତିପୂର୍ଣ୍ଣ ଅଞ୍ଚଳ ଭାବେ ପରିଗଣିତ ହେଉଥିଲା। ଏବେ ସନ୍ଧ୍ୟା ପରେ ବିଭିନ୍ନ ସ୍ଥାନରେ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବାର ଲକ୍ଷ୍ୟ କରାଯାଉଛି। ପେଶାଦାର ଅପରାଧୀମାନେ ଖଣ୍ଡା, ଭୁଜାଲି, ବନ୍ଧୁକ ଦେଖାଇ ଲୋକଙ୍କୁ ଭୟଭୀତ କରୁଥିବା ବେଳେ ପୋଲିସ ହାତ ଖାଲି। ସେହିଭଳି ଏହି ଥାନା ଅଞ୍ଚଳରେ ବେଆଇନ ମଦ ବ୍ୟବସାୟ ଉପରେ ନିୟନ୍ତ୍ରଣ ରହୁନି। ଯୋଉଁଥିପାଇଁ ଗାଁ ଗାଁରେ ଏବେ ଚୋରା ମଦର କାରବାର ପାଇଁ ନାଁ ପୋଲିସ ନାଁ ଅବକାରୀ ବିଭାଗ କାହାରି କାର୍ଯ୍ୟାନୁଷ୍ଠାନ ହେଉଥିବାର ଦେଖିବାକୁ ମିଳୁନି। ଗତ ମଙ୍ଗଳବାର ବିଳମ୍ବିତ ରାତିରେ ବୈଶିଙ୍ଗା ଉପକଣ୍ଠ ମହୁରୀ ଛକ ନିକଟରେ ବାହାର ଜିଲ୍ଲାରୁ ଆସିଥିବା ୩ ଯୁବକ ଦୋକାନରୁ ପାନ ସିଗାରେଟ ନେବା ପରେ କୌଣସି କଥାକୁ ନେଇ ସ୍ଥାନୀୟ ଲୋକଙ୍କ ସହ ବଚସା ହୋଇଥିଲା। ପରେ ଉକ୍ତ ଯୁବକମାନେ ପଡ଼ୋଶୀ ଜିଲ୍ଲାରୁ ନିଜ ସହଯୋଗୀମାନଙ୍କୁ ଡକାଇଥିଲେ। ସେମାନେ ପହଞ୍ଚିବା ପରେ ସ୍ଥାନୀୟ ଲୋକଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିଥିଲେ ଓ ମୁହଁ ଖୋଲିଲେ ଗୁଳି କରିଦେବାର ଧମକ ମଧ୍ୟ ଦେଇଥିଲେ। ଯଦିଓ ଏନେଇ ଭୟରେ କେହି ପୁଲିସ ନିକଟରେ ଲିଖିତ ଅଭିଯୋଗ କରିନଥିଲେ, ହେଲେ ପରଦିନ ଏହି ଘଟଣା କାହାକୁ ଅଛପା ନଥିଲା।

ସେହିପରି ୨ ମାସ ପୂର୍ବରୁ ବୈଶିଙ୍ଗା ଥାନା ଅଧୀନ ମାଣତ୍ରୀ ଶିବରାତ୍ରି ମେଳା. ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ଉତ୍ତେଜନା ସୃଷ୍ଟି ହୋଇଥିଲା ପରେ ଏକ ନିର୍ଦ୍ଦିଷ୍ଟ ଗୋଷ୍ଠୀର କିଛି ଲୋକ, ବାଲେଶ୍ୱର ଅଞ୍ଚଳରୁ ଭଡ଼ାରେ ଗୁଣ୍ଡାଙ୍କୁ ଡକାଇ ବଡ଼ ଧରଣର ଗଣ୍ଡଗୋଳ କରିବାକୁ ଯୋଜନା କରୁଥିବା ଖବର ପାଇ ଏସ ଡି ପି ଓ ମିନତି ବିଶ୍ୱାଳ ପହଞ୍ଚି ଶାନ୍ତ କରିଥିଲେ। ସେହିପରି ଦେଢ଼ମାସ ପୂର୍ବରୁ ମହୁରୀ ଉପକଣ୍ଠ ଦାହିବାଡ଼ି ହାଟ ଭିତରେ ଏକ ଗୋଷ୍ଠୀ କନ୍ଦଳ କୁ ନେଇ ଭୟଙ୍କର ରୂପ ଧାରଣ କରିଥିଲା ବେଳେ ପୋଲିସ ଗୁରୁତ୍ ଦେଇନଥିଲା। ମାନଗୋବିନ୍ଦପୁରସ୍ଥିତ ହନୁମାନ ଛକ ନିକଟରେ ସ୍ପଷ୍ଟ ଦିବାଲୋକରେ ଏକ ପଲ୍ସରରେ ୨ ଜଣ ଦୁର୍ବୃତ୍ତ ଆସି ବନ୍ଧୁକ ଦେଖାଇ ସ୍ଥାନୀୟ ଲୋକଙ୍କୁ ଭୟଭୀତ କରିବା ସହିତ ଗାଁକୁ ବୋମା ପକାଇ ଉଡ଼ାଇ ଦେବାର ଧମକ ଦେଇଥିଲେ। ଏ ବାବଦରେ ପୁଲିସକୁ ଜଣାଇ ଥିଲେ ବି ପୁଲିସ ଘଟଣାର ତଦନ୍ତ କଲା ନାହିଁ ବୋଲି ଅଭିଯୋଗ କରିଛନ୍ତି ଗ୍ରାମବାସୀ। ଏଥିରୁ ଅଧିକାଂଶ ଘଟଣା ପଡ଼ୋଶୀ ବାଲେଶ୍ୱର ଜିଲ୍ଲାର ଅପରାଧୀଙ୍କ ସମ୍ପୃକ୍ତି ଥିବାର ଜଣାପଡ଼ିଛି। ଏଥିସହ ବୈଶିଙ୍ଗା ଥାନା ଅଧୀନ ସାପ୍ତାହିକ ହାଟରୁ ବାଇକ ଚୋରି, ରାତିରେ ତାଲା ଭାଙ୍ଗି ଲୋକଙ୍କ ଘରୁ ଚୋରି ଘଟଣା ନିତିଦିନିଆ ହେଲାଣି।





# କୃତ୍ରିମ ଉପଗ୍ରହ

**‘ଲ୍ୟାଣ୍ଡସାଟ୍’ ପ୍ରଦତ୍ତ ତଥ୍ୟ ଆଧାରିତ ନୀତି ଯୋଗୁଁ ବାର୍ଷିକ ୨୦,୦୦୦ ବର୍ଗ କିଲୋମିଟର ହାରରେ ହ୍ରାସ ପାଉଥିବା ଆମାଜନ୍ ଜଙ୍ଗଲ କ୍ଷୟ ହାରକୁ ୨୦୧୨ ସୁଦ୍ଧା ୮୦ ପ୍ରତିଶତ କମ୍ କରାଯାଇ ପାରିଥିଲା।**

ଚିର ଜିଜ୍ଞାସୁ ମଣିଷର ମାନସପଟରେ ଉଙ୍କିମାରେ ପୃଥିବୀପୃଷ୍ଠର ପର୍ଯ୍ୟବେକ୍ଷଣ ଓ ଅଧ୍ୟୟନ କରିବାର ପରିକଳ୍ପନା। ସମୟ ସ୍ରୋତରେ ଏହି ପରିକଳ୍ପନାକୁ ବାସ୍ତବ ରୂପ ମିଳେ ଅଷ୍ଟାଦଶ ଶତାବ୍ଦୀର ଶେଷ ଆଡ଼କୁ, ଉଡ଼ନ୍ତା ବେଲୁନ୍‌ର ଉଦ୍ଭାବନ ସହ। ଏହା ପଛରେ ପ୍ରାଥମିକ ଭାବେ ସାମରିକ ଉଦ୍ଦେଶ୍ୟ ନିହିତ ଥିଲା, କିନ୍ତୁ ଏହି ପ୍ରୟାସରୁ ହିଁ ସୂତ୍ରପାତ ହୋଇଥିଲା ରିମୋଟ୍ ସେନ୍‌ସିଙ୍ଗ୍ ବା ଦୂରସମ୍ବେଦୀ ପ୍ରଯୁକ୍ତି। କ୍ୟାମେରାର ଉଦ୍ଭାବନ ପରେପରେ, ସାମରିକ ଗତିବିଧି ନିରୀକ୍ଷଣ ଓ ମାନଚିତ୍ର ଅଙ୍କନ ପାଇଁ ଆକାଶମାର୍ଗରୁ ପୃଥିବୀପୃଷ୍ଠର ଫଟୋ ଉତ୍ତୋଳନ ପ୍ରକ୍ରିୟା ବୃଦ୍ଧି ପାଇଲା। ପ୍ରଥମ ବିଶ୍ୱଯୁଦ୍ଧର ଆରମ୍ଭ ସହ ବଢ଼ିଚାଲିଲା ଆକାଶମାର୍ଗରୁ ଉତ୍ତୋଳିତ ଭୂ-ପୃଷ୍ଠର ପ୍ରତିଛବିର ଆବଶ୍ୟକତା ଓ ଉପଯୋଗିତା। ମହାକାଶ ବିଜ୍ଞାନର ଅଗ୍ରଗତି ସହ କ୍ରମଶଃ କୃତ୍ରିମ ଉପଗ୍ରହ ମାଧ୍ୟମରେ ରିମୋଟ୍ ସେନ୍‌ସିଙ୍ଗ୍ ଆରମ୍ଭ ହୁଏ। କୌଣସି ବସ୍ତୁ ବା ପଦାର୍ଥ ସମ୍ବନ୍ଧରେ ଦୂରରୁ ତଥ୍ୟ ସଂଗ୍ରହ କରିବା ପ୍ରକ୍ରିୟାକୁ ରିମୋଟ୍ ସେନ୍ସିଙ୍ଗ୍ କୁହାଯାଏ। ପୃଥିବୀ ସମ୍ବନ୍ଧୀୟ ଭୌଗୋଳିକ ତଥ୍ୟ ସଂଗ୍ରହ, ଅନୁଶୀଳନ, ଅଧ୍ୟୟନ, ସର୍ବେକ୍ଷଣ ଓ ଅଙ୍କନ ଆଦିକୁ କୁହାଯାଏ ‘ଭୌଗୋଳିକ ସୂଚନା ବ୍ୟବସ୍ଥା’ ବା ‘ଜିଓଗ୍ରାଫିକ୍ ଇନ୍‌ଫର୍‌ମେସନ୍ ସିଷ୍ଟମ୍(ଜିଆଇଏସ୍)’। ପ୍ରଥମ ଥର ପାଇଁ ୧୯୭୨ ମସିହାରେ, ‘ଲ୍ୟାଣ୍ଡସାଟ୍’ ନାମକ ପୃଥିବୀ ପର୍ଯ୍ୟବେକ୍ଷଣକାରୀ ଉପଗ୍ରହକୁ ମହାକାଶକୁ ପଠାଯାଏ। ଆମେରିକୀୟ ମହାକାଶ ଗବେଷଣା ସଂସ୍ଥା ‘ନାସା’ ଓ ଯୁକ୍ତରାଷ୍ଟ୍ର ଭୂ-ବିଜ୍ଞାନ ସର୍ବେକ୍ଷଣ ସଂସ୍ଥାର ମିଳିତ ଉଦ୍ୟମରେ ପ୍ରେରିତ ଏହି ଉପଗ୍ରହ-ଶୃଙ୍ଖଳର ଉପଗ୍ରହଗୁଡ଼ିକ ୧୯୭୨ ମସିହାରୁ ଏଯାବତ୍ ନିରନ୍ତର ଭାବରେ ଧରାପୃଷ୍ଠର ପର୍ଯ୍ୟବେକ୍ଷଣ କରିଆସୁଛନ୍ତି। ୧୯୮୮ ମସିହାରେ ନିଜସ୍ୱ ଜ୍ଞାନକୌଶଳରେ ନିର୍ମିତ ‘ଭାରତୀୟ ରିମୋଟ୍ ସେନ୍‌ସିଙ୍ଗ୍ ଉପଗ୍ରହ-୧ଏ’ର ପ୍ରେରଣ ସହ ଆମ ଦେଶ ଭାରତ ଉପଗ୍ରହ ମାଧ୍ୟମରେ ପୃଥିବୀ ପର୍ଯ୍ୟବେକ୍ଷଣ କ୍ଷେତ୍ରରେ ନିଜର ଉପସ୍ଥିତି ଜାହିର କଲା।

ଏହି ପରିବର୍ତ୍ତନଶୀଳ ପୃଥିବୀରେ ଗୁରୁତ୍ୱପୂର୍ଣ୍ଣ ସମ୍ବଳର ଅନୁଧ୍ୟାନ, ଅଧ୍ୟୟନ ତଥା ସୁପରିଚାଳନା କରିବାରେ ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହଗୁଡ଼ିକର ଅତୁଳନୀୟ ଅବଦାନକୁ କେହି ବି ଅସ୍ୱୀକାର କରିପାରିବେ ନାହିଁ। ଜୈବବିବିଧତା ସଂରକ୍ଷଣ ଓ ପରିଚାଳନାରେ ଏହି ଶ୍ରେଣୀର ଉପଗ୍ରହମାନଙ୍କର କିଛି ଗୁରୁତ୍ୱପୂର୍ଣ୍ଣ ଅବଦାନ ବିଷୟରେ ଆଲୋକପାତ କରାଯାଉ। ବିଭିନ୍ନ ମାନବୀୟ କାରଣରୁ ଦ୍ରୁତ ଗତିରେ ହ୍ରାସ ପାଉଥିବା ଆମାଜନ୍ କ୍ରାନ୍ତୀୟ ଚିରହରିତ୍ ଅରଣ୍ୟରେ ଜଙ୍ଗଲକ୍ଷୟର ଧାରା ଓ ପରିମାଣକୁ ‘ଲ୍ୟାଣ୍ଡସାଟ୍’ପ୍ରଦତ୍ତ ତଥ୍ୟ ଦ୍ୱାରା ସଠିକ୍ ଭାବରେ ଆକଳନ କରାଯାଇପାରୁଛି। ଏହି ଆକଳନ ଆଧାରରେ ବ୍ରାଜିଲ୍ ସରକାର ଜଙ୍ଗଲ କ୍ଷୟକୁ ରୋକିବା ପାଇଁ ନୀତିନିୟମ କଡ଼ାକଡ଼ି କରିଛନ୍ତି। ଫଳସ୍ୱରୂପ ୧୯୯୦-୨୦୦୦ ମସିହା ମଧ୍ୟରେ ବାର୍ଷିକ ପ୍ରାୟ ୨୦,୦୦୦ ବର୍ଗ କିଲୋମିଟର ହାରରେ ହ୍ରାସ ପାଉଥିବା ଆମାଜନ୍ ଜଙ୍ଗଲକ୍ଷୟର ହାରକୁ ୨୦୧୨ ମସିହା ସୁଦ୍ଧା ୮୦ ପ୍ରତିଶତ କମ୍ କରାଯାଇ ପାରିଥିଲା। ତିନି ଦଶନ୍ଧିରୁ ଅଧିକ ସମୟ ଧରି ପ୍ରକାଶିତ ହେଉଥିବା ‘ଭାରତୀୟ ଅରଣ୍ୟ ସ୍ଥିତି ବିବରଣୀ’ ମଧ୍ୟ ଅନ୍ୟ ଏକ ସଫଳ ଉଦାହରଣ। ଉପଗ୍ରହଭିତ୍ତିକ ତଥ୍ୟ ଆଧାରରେ ପ୍ରସ୍ତୁତ ହେଉଥିବା ଏହି ଦ୍ୱିବାର୍ଷିକ ବିବରଣୀ ଭାରତର ଜଙ୍ଗଲ ହ୍ରାସ-ବୃଦ୍ଧି ବିଷୟରେ ସବିଶେଷ ତଥ୍ୟ ପ୍ରଦାନ କରେ। ପୃଥିବୀ ପର୍ଯ୍ୟବେକ୍ଷଣକାରୀ ଉପଗ୍ରହଗୁଡ଼ିକର ଉପଯୋଗିତା ଏତିକିରେ ସୀମିତ ନୁହେଁ। ସଂକଟାପନ୍ନ ତଥା ବିପଦଗ୍ରସ୍ତ ପ୍ରାଣୀ ଓ ଉଦ୍ଭିଦମାନଙ୍କ ପାଇଁ ଉପଯୁକ୍ତ ବାସସ୍ଥାନର ସନ୍ଧାନ, ଜଙ୍ଗଲ-ନିଆଁର ପର୍ଯ୍ୟାଲୋଚନା, ପରିବର୍ତ୍ତିତ ଭୂ-ବ୍ୟବହାରର ଅଧ୍ୟୟନ ଇତ୍ୟାଦି କାମ ପାଇଁ ଏହି ଉପଗ୍ରହଗୁଡ଼ିକର ତଥ୍ୟ ବହୁଳ ଭାବରେ ବ୍ୟବହୃତ ହେଉଛି। ଦ୍ରୁତ-ପରିବର୍ତ୍ତନଶୀଳ ଧରାପୃଷ୍ଠରେ ଜୈବବିବିଧତାର ନିରନ୍ତର ଅବଲୋକନ, ଅଧ୍ୟୟନ ତଥା ସଂରକ୍ଷଣ କ୍ଷେତ୍ରରେ ଏହି ଉପଗ୍ରହଗୁଡ଼ିକର ଉପାଦେୟତା ଆଗାମୀ ଦିନରେ ବୃଦ୍ଧି ପାଇବ।

# ସାମୁଦ୍ରିକ ଉତ୍ତପ୍ତୀକରଣ କମାଇବ ସାର୍କ ସଂଖ୍ୟା

ସାମୁଦ୍ରିକ ତାପମାତ୍ରା ବୃଦ୍ଧି ଯୋଗୁଁ ଚଳିତ ଶତାବ୍ଦୀର ଶେଷ ଆଡ଼କୁ ଅଧିକାଂଶ ଅଣ୍ଡାଦାନକାରୀ ସାର୍କ ପ୍ରଜାତିର ଜଳଜୀବଙ୍କର ପ୍ରଜନନ କ୍ଷମତା ହ୍ରାସ ପାଇବ ବୋଲି ଆକଳନ କରାଯାଉଛି। ଏହାଦ୍ୱାରା ୧୦୦ରୁ ଅଧିକ ପ୍ରଜାତିର ସାର୍କ ପ୍ରଭାବିତ ହେବେ। ଭୂମଧ୍ୟସାଗର ଓ ଉତ୍ତର-ପୂର୍ବ ଆଟ୍‌ଲାଣ୍ଟିକ୍‌ରେ ଦେଖାଯାଉଥିବା ଛୋଟଛୋଟ ଦାଗଯୁକ୍ତ କ୍ୟାଟ୍‌ସାର୍କ (ସିଲିଓରାଇନସ୍ କାନିକୁଲା) ପ୍ରଜାତିର ଗତିବିଧିକୁ ଅନୁଧ୍ୟାନ କରି ଫ୍ରାନ୍ସର ପ୍ରାକୃତିକ ଇତିହାସ ଜାତୀୟ ସଂଗ୍ରହାଳୟର ଗବେଷକମାନେ ଏପରି ପୂର୍ବାନୁମାନ କରିଛନ୍ତି। ଏହି ପ୍ରଜାତି ଶକ୍ତ ଚମଡ଼ା ଖୋଳଯୁକ୍ତ ଅଣ୍ଡା ଦେଉଥିବା ୪୦ ପ୍ରତିଶତ ସାର୍କ ମଧ୍ୟରେ ଅନ୍ତର୍ଭୁକ୍ତ, ଯେଉଁମାନଙ୍କର ଭ୍ରୂଣଗୁଡ଼ିକ ତାପମାତ୍ରା ଓ ଅମ୍ଳତା ପରି ସାମୁଦ୍ରିକ ପରିବେଶର ପରିବର୍ତ୍ତନ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ। ସମୁଦ୍ର ଜଳ ବାୟୁମଣ୍ଡଳରୁ ଅଧିକ ଅଙ୍ଗାରକାମ୍ଳ ବାଷ୍ପ ଶୋଷିନେଲେ ତାହା ଅଧିକ ଉଷ୍ମ ଓ ଅମ୍ଳୀୟ ହୋଇଥାଏ। ଗବେଷକମାନେ ଶିଳ୍ପାୟନ ପରବର୍ତ୍ତୀ ଚଳିତ ଶତାବ୍ଦୀର ଶେଷ ଯାଏ ସାମୁଦ୍ରିକ ତାପମାତ୍ରାକୁ ଆକଳନ କରି ତାହାକୁ ତିନି ଭାଗରେ ବିଭକ୍ତ କରିଥିଲେ। ଏଥି ସହ ଅନୁରୂପ ସାମୁଦ୍ରିକ ପରିବେଶରେ ଏହି ସାର୍କମାନଙ୍କର ଅଣ୍ଡାକୁ ଉଷୁମାଯାଇଥିଲା। ବିଭିନ୍ନ ସାମୁଦ୍ରିକ ପରିବେଶରେ ଚାରି ମାସ ଯାଏ ଅଣ୍ଡାରୁ ଛୁଆ ଫୁଟିବା ଯାଏ ଘଟଣାକୁ ନିରୀକ୍ଷଣ କରି ଗବେଷକମାନେ ନାଟକୀୟ ପରିବର୍ତ୍ତନ ଦେଖିବାକୁ ପାଇଥିଲେ। ପ୍ରାରମ୍ଭିକ ଓ ମଧ୍ୟମ ପରିବେଶରେ ପ୍ରାୟ ୮୨ ପ୍ରତିଶତ ଅଣ୍ଡାରୁ ଛୁଆ ବାହାରିଥିବା ବେଳେ ଚରମ ଉଷ୍ମ ପରିବେଶରେ ମାତ୍ର ୧୦ ପ୍ରତିଶତ ଭ୍ରୂଣ ବଞ୍ଚିଥିବା ଦେଖାଯାଇଥିଲା। ତେଣୁ ଚଳିତ ଶତାବ୍ଦୀର ଶେଷ ବେଳକୁ ଏହି ଶ୍ରେଣୀର ସାର୍କମାନଙ୍କ ସଂଖ୍ୟା ଉଦ୍‌ବେଗଜନକ ଭାବରେ କମିଯାଇଥିବ ବୋଲି ଅନୁମାନ କରାଯାଉଛି। ତାପମାତ୍ରା ବୃଦ୍ଧିକୁ ୨ ଡିଗ୍ରି ସେଲ୍‌ସିଅସ୍ ଭିତରେ ସୀମିତ ରଖିଲେ ଏହି ପ୍ରଜାତିର ସାର୍କଗୁଡ଼ିକୁ ରକ୍ଷା କରାଯାଇପାରିବ ବୋଲି ଗବେଷକମାନେ ଆଶା ପୋଷଣ କରିଛନ୍ତି।



# ଶିମିଳିପାଳର ସଚ୍ଚା ସାଥୀ ଦେବାନନ୍ଦ

**ପରିବେଶ ଯୋଦ୍ଧା**

ପ୍ରକୃତି ସଙ୍କଟରେ। ବିଗିଡ଼ିଗଲାଣି ଜୈବବିବିଧତା। ଏପରି ସମୟରେ ପରିବେଶର ସୁରକ୍ଷା ପାଇଁ ଯେଉଁମାନେ ଉତ୍ସର୍ଗୀକୃତ ଭାବେ କାମ କରୁଛନ୍ତି, ସେମାନଙ୍କ ମଧ୍ୟରୁ ୩୧ ବର୍ଷୀୟ ଦେବାନନ୍ଦ ପୃଷ୍ଟି ଅନ୍ୟତମ।

ଦେବାନନ୍ଦ ଶିମିଳିପାଳ ପାଦଦେଶରେ ଜଙ୍ଗଲ ଓ ବନ୍ୟଜୀବଙ୍କ ସୁରକ୍ଷାରେ ଲାଗିପଡ଼ିଛନ୍ତି। ସେ ଲୋକମାନଙ୍କୁ ନାନା ଉପାୟରେ ସଚେତନ କରୁଛନ୍ତି। ଗୋଟିଏ ଶାଳ ଗଛ ପ୍ରାପ୍ତବୟସ୍କ ହେବା ପାଇଁ ୨୫ରୁ ୩୦ ବର୍ଷ ଲାଗୁଥିବାରୁ ସେଗୁଡ଼ିକର ସୁରକ୍ଷା ପ୍ରତି ବିଶେଷ ଧ୍ୟାନ ଦେଉଛନ୍ତି। ଦୁଇ ଦଶନ୍ଧି ଧରି ଜାରି ରହିଥିବା ହାତୀ-ମଣିଷ ଲଢ଼େଇ ଭଳି ଗୁରୁତର ସମସ୍ୟାର ସମାଧାନ ପାଇଁ ବନ ବିଭାଗ ସହ ମିଶି ଉଦ୍ୟମ ଚଳାଇଛନ୍ତି। ସ୍ଥାନୀୟ ଛାତ୍ରଛାତ୍ରୀ, ସ୍ୱେଚ୍ଛାସେବୀ ଓ ବିଭିନ୍ନ ସଂଗଠନର ସଦସ୍ୟଙ୍କୁ ନେଇ ବୃକ୍ଷରୋପଣ ମଧ୍ୟ କରୁଛନ୍ତି। ଏଯାଏ ସେ ୫ ହଜାରରୁ ଅଧିକ ଚାରାରୋପଣ କରିସାରିଲେଣି। କେବଳ ସେତିକି ନୁହେଁ, ସମୟ ମିଳିଲେ ଦେବାନନ୍ଦ ବିଭିନ୍ନ ଜିଲ୍ଲାର ଶିକ୍ଷାନୁଷ୍ଠାନକୁ ଯାଇ ପରିବେଶ ସୁରକ୍ଷା ନେଇ ବିଦ୍ୟାର୍ଥୀମାନଙ୍କୁ ପରାମର୍ଶ ଦିଅନ୍ତି।

ଦେବାନନ୍ଦ କହନ୍ତି, ‘‘ପ୍ରକୃତି ବିନା ଜୀବଜଗତ ତିଷ୍ଠିବା ଅସମ୍ଭବ। ଅଜ୍ଞତା ଯୋଗୁଁ ଆମେ ପରିବେଶକୁ ନଷ୍ଟ କରୁଛୁ। ସେହିପରି ଆପଣା ସହ ବନ୍ୟଜନ୍ତୁଙ୍କ ପରିସଂସ୍ଥାନକୁ ମଧ୍ୟ କ୍ଷତି ପହଞ୍ଚାଉଛୁ। ପ୍ରକୃତିର କୋପରୁ ରକ୍ଷା ପାଇବା ପାଇଁ ହେଲେ ଗଛଲତା, ପଶୁପକ୍ଷୀ, ନଦୀ, ଝରଣା, ମାଟି, ପାହାଡ଼ ଆଦି ସହ ସୁସମ୍ପର୍କ ସ୍ଥାପନ କରିବାକୁ ପଡ଼ିବ। ଏଥିସହ ପରପିଢ଼ିକୁ ମଧ୍ୟ ଏ ଦିଗରେ ଅନୁପ୍ରାଣିତ କରି ଉତ୍ତରଦାୟୀ କରିବାକୁ ହେବ।’’

ମୟୂରଭଞ୍ଜ ଜିଲ୍ଲା କୁଆମରାରେ ଦେବାନନ୍ଦଙ୍କ ଘର। ଶିକ୍ଷକତା କରୁଥିବାରୁ ଏବେ ସେ ବାଙ୍ଗିରିପୋଷିରେ ରହୁଛନ୍ତି। ଏମ୍‌ଏସ୍‌ସି ଓ ବିଇଡି ପାଠ ପଢ଼ିବା ପରେ ଦେବାନନ୍ଦ ଏମ୍‌ଫିଲ୍ ଡିଗ୍ରି ହାସଲ କରିଛନ୍ତି। ବଣଜଙ୍ଗଲ ଘେରା ପରିବେଶରେ ବଢ଼ିଥିବାରୁ ସେ ପିଲାବେଳୁ ପ୍ରକୃତି ପ୍ରତି ଆକର୍ଷିତ ହୋଇଥିଲେ। ସେହିପରି ପାଠ ପଢ଼ିବା ବେଳେ ପୃଥିବୀ ଉପରେ ପ୍ରଦୂଷଣର କୁପ୍ରଭାବ ବିଷୟରେ ଜ୍ଞାନ ପାଇଥିଲେ, ଯାହା ପରବର୍ତ୍ତୀ ସମୟରେ ଦେବାନନ୍ଦଙ୍କୁ ଜଣେ ପରିବେଶ ଯୋଦ୍ଧା ଭାବେ ଗଢ଼ିତୋଳିଛି।



# ସବୁଜ ପାଲଟୁଛି ନୀଳ ସାଗର!



ସମୁଦ୍ରର ରଙ୍ଗରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଥିବା କଥା ୟୁନାଇଟେଡ୍ କିଙ୍ଗ୍‌ଡମ୍‌ର ଜାତୀୟ ସମୁଦ୍ରବିଜ୍ଞାନ କେନ୍ଦ୍ରର ଗବେଷକମାନେ ଜାଣି ପାରିଛନ୍ତି। ପୂର୍ବରୁ ନୀଳସାଗର ଭାବେ ପରିଚିତ ଥିବା ସମୁଦ୍ରର ରଙ୍ଗ ଏବେ କେତେକ ସ୍ଥାନରେ ସବୁଜ ଦେଖାଯାଉଛି। ଉପଗ୍ରହ ଦ୍ୱାରା ଉତ୍ତୋଳିତ ଏଭଳି ପରିବର୍ତ୍ତନ ସାମୁଦ୍ରିକ ଜୈବପ୍ରଣାଳୀର ସ୍ୱାସ୍ଥ୍ୟ ଓ ଗଠନ ସମେତ ବିଶ୍ୱ ଅଙ୍ଗାର ଚକ୍ରର ପୁନଃତର୍ଜମାର ଗୁରୁତ୍ୱକୁ ଉତ୍‌ଥାପନ କରିଛି।

ଆମେରିକାର ‘ନାସା’ ଦ୍ୱାରା ପ୍ରେରିତ ‘ଆକ୍ୱା’ ଉପଗ୍ରହ ୨୦୦୨ ମସିହାରୁ ପଠାଇଥିବା ବିଗତ ୨୦ ବର୍ଷର ଫଟୋଚିତ୍ରଗୁଡ଼ିକୁ ବିଶ୍ଳେଷଣ କରି ସମୁଦ୍ରର ଉପରିଭାଗର ରଙ୍ଗରେ ଉଲ୍ଲେଖନୀୟ ପରିବର୍ତ୍ତନ ଘଟି ଧୀରେଧୀରେ ତାହା ସବୁଜ ପାଲଟୁଥିବା କଥା ଜଣାପଡ଼ିଛି। ବିଶେଷ କରି କ୍ରାନ୍ତିମଣ୍ଡଳ ଓ ଉପକ୍ରାନ୍ତିମଣ୍ଡଳରେ ଏହି ସବୁଜୀକରଣ ଧାରା ଅଧିକ ରହିଛି। ଏହା ସାମୁଦ୍ରିକ ଖାଦ୍ୟର ମୂଳ ଭାବେ ପରିଗଣିତ ଅଣୁ ଉଦ୍ଭିଦ ଫାଇଟୋପ୍ଲାଙ୍କ୍‌ଟମ୍ ପ୍ରଜାତିର ପ୍ରଚ୍ଛନ୍ନ ପରିବର୍ତ୍ତନକୁ ଇଙ୍ଗିତ କରୁଛି। ସମୁଦ୍ରରେ ପ୍ଲାଷ୍ଟିକ ବର୍ଜ୍ୟ ଯୋଗୁଁ ଏପରି ହୋଇଥିବା ଆଶଙ୍କାକୁ ଗବେଷକମାନେ ଖଣ୍ଡନ କରିଛନ୍ତି। ଅପରପକ୍ଷେ, ବିଭିନ୍ନ ପ୍ରକାର ପ୍ଲାଙ୍କଟନ୍ ସମାବେଶ, କିଛି କଠିନ ବସ୍ତୁର ଅବଶେଷ କଣିକାର ସମ୍ଭାବ୍ୟ ବୃଦ୍ଧି ଓ ଜୁପ୍ଲାଙ୍କଟନ୍ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଯୋଗୁଁ ଏପରି ଘଟିଥାଇପାରେ ବୋଲି ସେମାନେ ଅନୁମାନ କରୁଛନ୍ତି।

ତେବେ ଏହି ଅନୁଧ୍ୟାନରୁ ଜଣାପଡ଼ିଥିବା ପ୍ରମୁଖ ପ୍ରସଙ୍ଗଟି ହେଉଛି, ପାଣିପାଗ ପରିବର୍ତ୍ତନ ଯୋଗୁଁ ସଂଘଟିତ ସମୁଦ୍ରସ୍ତର ବିନ୍ୟାସ। ସମୁଦ୍ରର ଉପରିଭାଗ ଜଳ ଉଷ୍ମ ହେବା ଯୋଗୁଁ ତାହା ଗଭୀର ଜଳରେ ଥିବା ପୋଷକପୂର୍ଣ୍ଣ ସ୍ତର ସହ ମିଶିପାରେ ନାହିଁ, ଫଳରେ ତାହା ଦୁର୍ବଳ ପୋଷକ ପରିବେଶରେ ଖାପଖୁଆଇ ପାରୁଥିବା ପ୍ଲାଙ୍କଟନମାନଙ୍କୁ ଆଦରି ନେଇଥିବ। ଚଳିତବର୍ଷ ‘ନାସା’ ଦ୍ୱାରା ପଠାଯିବାକୁ ଥିବା ‘ପେସ୍’ ଉପଗ୍ରହ ଏ ବାବଦରେ ଅଧିକ ତଥ୍ୟ ଦେବ ବୋଲି ଗବେଷକମାନେ ଆଶା ରଖିଛନ୍ତି।

# ଶିକାର ରୋକିବାକୁ ଗଣ୍ଡା ଶିଙ୍ଗରେ ଭରାଯାଉଛି ତେଜସ୍କ୍ରିୟ ପଦାର୍ଥ

ନିକଟରେ ଦକ୍ଷିଣ ଆଫ୍ରିକାର ବୈଜ୍ଞାନିକମାନେ ପାଞ୍ଚଟି ଗଣ୍ଡାର ଶିଙ୍ଗରେ ତେଜସ୍କ୍ରିୟ ପଦାର୍ଥ ପ୍ରତିରୋପଣ କରିଛନ୍ତି। ଏହାଦ୍ୱାରା ଏହି ବିରାଟକାୟ ସ୍ତନ୍ୟପାୟୀ ପ୍ରାଣୀମାନଙ୍କୁ ସହଜରେ ଠାବ କରାଯିବା ସହ ସେମାନଙ୍କୁ ଶିକାରୀଙ୍କ କବଳରୁ ରକ୍ଷା କରାଯାଇପାରିବ ବୋଲି ଆଶା କରାଯାଉଛି। ବିଶ୍ୱର ସମୁଦାୟ ଗଣ୍ଡାଙ୍କର ସିଂହଭାଗ ଆଫ୍ରିକାରେ ହିଁ ଚଳପ୍ରଚଳ କରୁଛନ୍ତି। ଏସୀୟ ଦେଶମାନଙ୍କରେ ଗଣ୍ଡା ଶିଙ୍ଗରୁ ପ୍ରସ୍ତୁତ ପାରମ୍ପରିକ ଔଷଧର ଚାହିଦା ଥିବାରୁ ତାହା ଗଣ୍ଡା ଶିକାରକୁ ପ୍ରୋତ୍ସାହିତ କରୁଛି। ଏକ ଗଣନା ଅନୁଯାୟୀ, ୨୦୨୩ ମସିହାରେ ସେଠାରେ ମୋଟ ୧୫ ହଜାର ଗଣ୍ଡା ଥିବା ବେଳେ ସେଥିରୁ ୪୯୯ଙ୍କୁ ହତ୍ୟା କରାଯାଇଛି। ତେଣୁ ଗଣ୍ଡାମାନଙ୍କ ସଂରକ୍ଷଣ ପାଇଁ ବୈଜ୍ଞାନିକମାନେ ଏ ବିକଳ୍ପ ଆପଣେଇଛନ୍ତି। ଗଣ୍ଡାଶିଙ୍ଗରେ ମନୁଷ୍ୟ ପାଇଁ ବିଷାକ୍ତ ତେଜସ୍କ୍ରିୟ ପଦାର୍ଥକୁ ପ୍ରତିରୋପଣ କରିବା ଦ୍ୱାରା ତାହା ତଥାକଥିତ ଔଷଧ ପ୍ରସ୍ତୁତି ପାଇଁ ଅଦରକାରୀ ହୋଇପଡ଼ିବ। ଏହା ଗଣ୍ଡାମାନଙ୍କ ଚଳଣିରେ କୌଣସି ନକାରାତ୍ମକ ପ୍ରଭାବ ପକାଇବ ନାହିଁ। ଏଣେ ଦେଶର ସୀମାନ୍ତ ଇଲାକାରେ ସେମାନଙ୍କୁ ଠାବ କରିବା ସହଜ ହେବ। ଶିଙ୍ଗର ଏପରି ବିଷାକ୍ତ ଗୁଣ ଜାଣି ଶିକାରୀମାନେ ଆଉ ଗଣ୍ଡା ମାରିବେ ନାହିଁ ବୋଲି ଅନୁମାନ କରାଯାଉଛି।



# ଓଜୋନ୍ ସ୍ତରକୁ ଷ୍ଟାର୍‌ଲିଙ୍କ୍ ବିପଦ



ଆଗାମୀ ଦଶ ବର୍ଷ ଭିତରେ ବିଭିନ୍ନ କାର୍ଯ୍ୟ ଉଦ୍ଦେଶ୍ୟରେ ବ୍ୟାବସାୟିକ କମ୍ପାନି ଷ୍ଟାରଲିଙ୍କ୍ ପକ୍ଷରୁ ହଜାର ହଜାର ସଂଖ୍ୟକ ଛୋଟବଡ଼ କୃତ୍ରିମ ଉପଗ୍ରହ ଆକାଶକୁ ଉତ୍‌କ୍ଷେପିତ ହେବାର ଯୋଜନା ହୋଇଛି। ବର୍ତ୍ତମାନ ସ୍ଥିତିରେ ବିଭିନ୍ନ କମ୍ପାନି ପଠାଉଥିବା ଉପଗ୍ରହ ଯୋଗୁଁ ମହାକାଶଚାରୀମାନେ ନାନା ସମସ୍ୟାର ସମ୍ମୁଖୀନ ହେଉଥିବା ବେଳେ ଆଗକୁ ଉପଗ୍ରହ କମ୍ପାନିମାନଙ୍କର ଏପରି ଯୋଜନା ସମଗ୍ର ମାନବ ସମାଜ ପାଇଁ ଏକ ଭିନ୍ନ ବିପଦ ଆଣିବ ବୋଲି ଆଶଙ୍କା କରାଯାଉଛି। ଏହି କୃତ୍ରିମ ଉପଗ୍ରହଗୁଡ଼ିକର କାର୍ଯ୍ୟକାଳ ସରିଯିବା ପରେ ସେଗୁଡ଼ିକ ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ଦ୍ୱାରା ଆକର୍ଷିତ ହୋଇ ପୃଥିବୀର ବାୟୁମଣ୍ଡଳରେ ଧ୍ୱଂସ ହୋଇଯାଏ। ତେବେ ଏହି ପ୍ରକ୍ରିୟାରେ ବାୟୁମଣ୍ଡଳରେ ଅନେକ ପାର୍ଥିବ ଟୁକୁଡ଼ା ଭାସମାନ ହୋଇ ରହିଯାଇଥା’ନ୍ତି। ଆମେରିକୀୟ ଗବେଷକମାନଙ୍କ ଏକ ସଦ୍ୟ ଅନୁଧ୍ୟାନ ଅନୁଯାୟୀ, ଏଭଳି ଉପଗ୍ରହ ବର୍ଷା ଦ୍ୱାରା ପ୍ରତିବର୍ଷ ପ୍ରାୟ ୩୬୦ ଟନ୍ ଓଜନର ଆଲୁମିନିଅମ୍ ଅକ୍ସାଇଡ୍ ଟୁକୁଡ଼ା ବାୟୁମଣ୍ଡଳରେ ଗଚ୍ଛିତ ହେବାରେ ଲାଗିଛନ୍ତି। ଏଗୁଡ଼ିକ ଧୀରେଧୀରେ ତଳକୁ ଖସି ଆସିବା ସହ ଆମ ବାୟୁମଣ୍ଡଳର ଷ୍ଟ୍ରାଟୋସ୍ପିଅର୍‌ରେ ପହଞ୍ଚିଥା’ନ୍ତି, ଯେଉଁଠି ଜୀବଜଗତ ପାଇଁ ଢାଲ ଭାବେ ବିବେଚିତ ଓଜୋନ୍ ସ୍ତର ରହିଛି। ସେଠାରେ ସେଗୁଡ଼ିକ ରାସାୟନିକ ପ୍ରତିକ୍ରିୟା ଘଟାଇ ଓଜୋନ୍ ପ୍ରତି କ୍ଷତି କରି ଚାଲିଛନ୍ତି। ଆମକୁ ସୂର୍ଯ୍ୟଙ୍କ ଅତିବାଇଗଣୀ ରଶ୍ମିର କୁପ୍ରଭାବରୁ ସୁରକ୍ଷା ଦେଉଥିବା ଓଜୋନ୍ ସ୍ତରରେ ଏମିତି ତ ସବୁଜ ବାଷ୍ପ ନିର୍ଗମନ ପରି ଅନ୍ୟାନ୍ୟ କାରଣରୁ ଗର୍ତ୍ତ ଦେଖାଯାଇଛି। ତେବେ କୃତ୍ରିମ ଉପଗ୍ରହଗୁଡ଼ିକର ଅବଶେଷଗୁଡ଼ିକ ଓଜୋନ୍ ପାଇଁ ନୂଆ ବିପଦ ଆଣିଛି। ଓଜୋନ୍ ସହ ଏହାର ରାସାୟନିକ ପ୍ରତିକ୍ରିୟା ଯଦିଓ ଜଟିଳ, ତେବେ ଚୂଡ଼ାନ୍ତରେ ଏହା ଓଜୋନ୍ ଅଣୁକୁ ବିଭାଜନ କରି ଓଜୋନ୍ ସ୍ତରରେ ଗର୍ତ୍ତ ସୃଷ୍ଟି କରିବାର ଆଶଙ୍କା ରହିଛି। ୨୦୩୦ ମସିହା ସୁଦ୍ଧା ପ୍ରାୟ ୫୦ ହଜାରରୁ ଅଧିକ କୃତ୍ରିମ ଉପଗ୍ରହ ମହାକାଶକୁ ଉତ୍‌କ୍ଷେପିତ ହେବାର ସମ୍ଭାବନା ରହିଛି। ସୁତରାଂ ସେଥିଯୋଗୁଁ ଓଜୋନ୍ ସ୍ତରରେ ଉଲ୍ଲେଖନୀୟ କ୍ଷତି ଦେଖାଦେବ ବୋଲି ବୈଜ୍ଞାନିକମାନେ ଆଶଙ୍କା ପ୍ରକଟ କରିଛନ୍ତି। ତେଣୁ ଓଜୋନ୍ ସ୍ତରର ସୁରକ୍ଷା ପାଇଁ ଏହି ସମ୍ଭାବ୍ୟ ବିପଦକୁ କିଭଳି ଟାଳି ଦିଆଯାଇପାରିବ ତାହା ହିଁ ବୈଜ୍ଞାନିକମାନଙ୍କ ମୁଣ୍ଡବିନ୍ଧାର କାରଣ ପାଲଟିଛି।

## ଭତ୍ତାର ସୂଚନା ଅଧିକାର ତଥ୍ୟ ନଦେଇ ଟାଳ ଟୁଳ ନୀତି ଆପଣଉଛି ବ୍ଲକ ପ୍ରଶାସନ

**ଖପ୍ରାଖୋଲ,୧୬।୫ (ସଂଚାର ବ୍ୟୁରୋ):** ବଲାଙ୍ଗୀର ଜିଲ୍ଲା ଖପ୍ରାଖୋଲ ବ୍ଲକ ଦାଦନ ପ୍ରବଣତଥା ଅନୁନ୍ନତ ଅଞ୍ଚଳ। ଏଠି ବିଭିନ୍ନ ସମୟରେ ବିଭିନ୍ନ ସରକାରୀ ଅନିୟମିତତା ଲାଗି ରହିଛି। ହେଲେ ଉଚ୍ଚ ବ୍ଲକ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନ ଥିବା ବେଳେ ବ୍ଲକ ରେ ବିଭିନ୍ନ ଅନିୟମିତତା କୁ ନେଇ ବଲାଙ୍ଗୀର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପାଖକୁ ଲୋକ ସୂଚନା ଅଧିକାର ମଗା ଯାଇଥିଲା। ସୂଚନା ମୁତାବକ, ଖପ୍ରାଖୋଲ ବ୍ଲକ ସମସ୍ତ ପଞ୍ଚାୟତ ର ୧।୧।୨୦୧୮ ରୁ ୩୧।୧।୨୦୨୫ ବର୍ଷ ପର୍ଯ୍ୟନ୍ତ ସମସ୍ତ ପ୍ରକାର ଭତ୍ତା ର ସୂଚନା ମଗା ଯାଇଥିବା ଜଣା ପଡ଼ିଛି। ସୂଚନା ଅଧିକାର ଆଇନ ବଳରେ ସମସ୍ତେ ନିଜ ଅଞ୍ଚଳ କିମ୍ବା ବ୍ଲକ ରେ ହେଉଥିବା ଉନ୍ନତି ମୁଳକ କାମ ର ସବିଶେଷ ବିବରଣୀ ସମ୍ପୃକ୍ତ ବିଭାଗ ଦେବା କଥା କିନ୍ତୁ ତଥ୍ୟ ପାଇଁ ଆବେଦନ କଲା ପରେମଧ୍ୟ ବ୍ଲକ ପ୍ରଶାସନ ତରଫରୁ କୌଣସି ସନ୍ତୋଷ ଜନକ ତଥ୍ୟ ମିଳୁନାହିଁ। କେଉଁ କାରଣରୁ ମଗାଯାଇଥିବା ତଥ୍ୟ ଦେବାରେ ଅବହେଳା ପ୍ରଦର୍ଶନ କରାଯାଉଛି କିଛି ଜଣା ପଡୁନାହଁ ବୋଧ ହୁଏ କିଛି ଦୁର୍ନୀତି ଲୁଚାଇବା ପାଇଁ ଚେଷ୍ଟା କରାଯାଉଥିବା ମନେହେଉଛି। ଖପ୍ରାଖୋଲ ବ୍ଲକ ରେ ତିନିଜଣ ସୂଚନା ଅଧିକାରୀ ରହିଛନ୍ତି ହେଲେ କୌଣସି ପ୍ରକାରର ସୂଚନା ମାଗିଲେ ମିଳୁନଥିବା ପରିତାପର ବିଷୟ ଅଟେ। ଏଣୁ ଏହାର ନିରପେକ୍ଷ ତଦନ୍ତ କଲେ ସତ୍ୟା ସତ୍ୟ ଲୋକ ଲୋଚନକୁ ଆସି ପାରନ୍ତା ବୋଲି ଦାବି ହେଉଛି। ଗଣମାଧ୍ୟମରେ ଏହି ଖବର ପ୍ରକାଶିତ ହେଲା ପରେ କେବେ ସୂଚନା ମିଳୁଛି ଦେଖିବାକୁ ବାକି ରହିଲା।

### ଆଖି ବୁଜି ଦେଇଛି ଖଣି ବିଭାଗ

# ବାଲି ଚୋରା ଚାଲାଣକୁ ପ୍ରଶାସନ ରୋକିବାରେ ବିଫଳ



**କଳାହାଣ୍ଡି,୧୬।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲାରେ ବିନା ଲିଜରେ ବାଲି ମାଫିଆମାନେ ବିଭିନ୍ନ ନଦୀ ଓ ନାଳରୁ ବାଲି ଚୋରି କରି ନେଉଥିବା ବେଳେ ଖଣି ବିଭାଗ ଓ ଜିଲ୍ଲା ପ୍ରଶାସନ ଆଖି ବୁଜି ଦେଇ ଛନ୍ତିକୁ ଯାହାଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। କଳାହାଣ୍ଡି ଜିଲ୍ଲା ଜୟପାଟଣା ବ୍ଲକ ପାଇକକେନ୍ଦୁମୁଣ୍ଡି ପଞ୍ଚାୟତର କୋଟପାଡି ଗାଁ ନିକଟରେ ଥିବା ହାତୀନଦୀରୁ ଗତ ୩ ବର୍ଷରୁ ଅଧିକ ସମୟ ଧରି ବିନା ଲିଜରେ ବେଧଡ଼କ ବାଲି ଉଠାଣ ହେଉଛି। ସ୍ଥାନୀୟ ଲୋକଙ୍କ ଜମିରେ ମଧ୍ୟ ରାସ୍ତା କରି ଜୋରଜବରଦସ୍ତ ବାଲି ନେଉଥିବାବେଳେ ପ୍ରତିରୋଧ କଲେ ମାଫିଆମାନେ ଧମକ ଦେଉଛନ୍ତି। ଗ୍ରାମବାସୀ ବ୍ଲକଠାରୁ ଆରମ୍ଭ କରି ଜିଲ୍ଲା ପ୍ରଶାସନ ପର୍ଯ୍ୟନ୍ତ ଅଭିଯୋଗ କଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆଯାଉ ନାହିଁ। ଗତବର୍ଷ ଅଭିଯୋଗ ପରେ ମାତ୍ର ଏକସପ୍ତାହ ବନ୍ଦ କରି ପୁନର୍ବାର ବାଲି ଉଠାଣ ଚାଲିଛି।ସେହିଭଳି ନର୍ଲା ବ୍ଲକ ଭାନପୁର ନିକଟ ସାନ୍ଦୁଲ ନଦୀ, କଲମପୁର ବ୍ଲକ ପାତ୍ରବସା ହାତୀନଦୀ କୂଳରୁ ବିନା ଲିଜରେ ଶହ ଶହ ଟ୍ରିପ ବାଲି ଚୋରା ଚାଲାଣ ହେଉଛି। ଗୋଲାମୁଣ୍ଡା ବ୍ଲକର ବନ୍ଧାଗାଁ, କଲମପୁର ବ୍ଲକର ପାଣି ଗାଁ ଓ ଦେପୁର, ଧର୍ମଗଡ଼ ବ୍ଲକର ତମ୍ବାଛଡ଼ା ନିକଟରେ ବାଲି ମାଫିଆମାନେ ବେଧଡ଼କ ଭାବରେ ବାଲି ଚାଲାଣ କରୁଛନ୍ତି। ବାଲି ମାଫିଆମାନେ ବାଲି ଘାଟ ମାନଙ୍କରୁ ବାଲି ନେଇ କଲମପୁର ଓ ଜୁନାଗଡ଼କୁ ଚାଲାଣ କରୁଛନ୍ତି। ଖଣି ବିଭାଗଠୁ ଆରମ୍ଭ କରି ପ୍ରଶାସନ ପର୍ଯ୍ୟନ୍ତ ସମସ୍ତଙ୍କୁ ହାତାବାରିସୀ କରି କୋଟି କୋଟି ରାଜସ୍ୱ ଲୁଟ ହେବାରେ ଲାଗିଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ଏନେଇ କୌଣସି ପଦକ୍ଷେ ନିଆ ଯାଉନଥିବା ଯୋଗୁଁ ସରକାର ରାଜସ୍ୱ ହରାଉଛନ୍ତି। ଯେତେ ଅଭିଯୋଗ ହେଲେ ମଧ୍ୟ ଖଣି ବିଭାଗ ଅଧିକାରୀଙ୍କ ପକେଟ ସେତିକି ଚିକ୍କଣ ହେବାରେ ଲାଗିଛି ବୋଲି ସାଧାରଣରେ ଅଭିଯୋଗ ହେଉଛି। ଅଭିଯୋଗ ହେଲେ ଓଲଟା ଖଣି ମାଫିଆଙ୍କ ସହିତ ସଲାସୁତୁରା ହୋଇ ବେଧଡ଼କ ବାଲି ଉଠାଣ ଚାଲିଛି। ବିନା ଲିଜରେ ବର୍ଷ ବର୍ଷ ଧରି ହରିଲୁଟ ଚାଲୁଥିଲେ ମଧ୍ୟ ଖଣି ବିଭାଗ ଅଧିକାରୀଙ୍କୁ ପଚାରିଲେ ଅଭିଯୋଗ ଆସିଲେ ଚଢ଼ଉ ହେଉଛି ବୋଲି ହାଲୁକା ଭାବେ କହିଥିଲେ। ରାଜ୍ୟ ସରକାର ତୁରନ୍ତ ଏଥିରେ ହସ୍ତକ୍ଷେପ କରି ଏକ ଉଚ୍ଚସ୍ତରୀୟ ଟିମ ଗଠନ କରି ଖଣି ବିଭାଗର ଅଜାଣତରେ ଚଢ଼ଉ କରାଗଲେ ବହୁ ଗୁମର ଫିଟନ୍ତା ବୋଲି ବୁଦ୍ଧି ଜିବି ମହଲ ରେ ଦାବି ହୋଇଛି।

## ବନ ସୁରକ୍ଷା ସମିତିରେ ଆନ୍ତର୍ଜାତିକ ଯୋଗ ଦିବସ ପାଳନ



**ସୁନ୍ଦରଗଡ଼,୧୬।୫(ସଂଚାର ବ୍ୟୁରୋ):** ଶୁକ୍ରବାର ସୁନ୍ଦରଗଗଡ଼ ବନାଞ୍ଚଳ ଅନ୍ତର୍ଗତ ବେଜିଡିହି ବନ ସୁରକ୍ଷା ସମିତିରେ ଆନ୍ତର୍ଜାତୀୟ ଯୋଗ ଦିବସର ଦଶ ବର୍ଷ ପୂର୍ତ୍ତି ପାଳନ ମହା ଆଡମ୍ବର ସହକାରେ କରାଯାଇଛି। ହରିତ ଯୋଗ ପାଇଁ ସୁନ୍ଦରଗଡ଼ ବନଖଣ୍ଡ ଅଧିକାରୀ ପ୍ରଦୀପ ମିରାସେଙ୍କ ସହାୟତାରେ ତଥା ବନାଞ୍ଚଳ ଅଧକାରୀ ଉମାଶଙ୍କର ନାୟକ, ବନପାଳ, ବନରକ୍ଷୀ ଓ ଓଡ଼ିଶା ବନାଞ୍ଚଳ ଉନ୍ନୟନ ପ୍ରକଳ୍ପ-ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟରତ, କ୍ଷେତ୍ର ପରିଚାଳନା ଏକକ ଏବଂ ସହଯୋଗୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ "ସେବକ" କର୍ମକର୍ତ୍ତାଙ୍କ ମିଳିତ ପ୍ରୟାସ ତଥା ପ୍ରେରଣା ଦ୍ୱାରା ବେଜିଡିହି ବନ ସୁରକ୍ଷା ସମିତିର ସଭ୍ୟ/ସଭ୍ୟାଙ୍କୁ ନେଇ ଯୋଗାଭ୍ୟାସ କରାଯାଇଥିଲା। ମାନବ ସ୍ୱାସ୍ଥ୍ୟ ଓ ପ୍ରାକୃତିକ/ କୃତ୍ରିମ ବୃକ୍ଷାରୋପଣ ମଧ୍ୟରେ ସଂଯୋଗ ହିଁ ସମନ୍ୱିତ ବିକାଶର ଏକମାତ୍ର ବିକଳ୍ପ ଓ ମନୁଷ୍ୟର ମାନସିକ ଆନନ୍ଦ ପାଇଁ ଏହା ଅତ୍ୟନ୍ତ ଆବଶ୍ୟକ। ଏହା ଲୋକଙ୍କୁ ସୁସ୍ଥ ଓ ଜୀବନ୍ତମୟ ପରିବେଶ ଦେବା ସହିତ ସାର୍ବଜନୀନ ସମୃଦ୍ଧି ଦିଗରେ ଏକ ପ୍ରଭାବଶାଳୀ ପଦକ୍ଷେପ। ସୁନ୍ଦରଗଡ଼ ଜିଲ୍ଲାର ଯୋଗଗୁରୁ ଗୋବିନ୍ଦ ଚନ୍ଦ୍ର ବିଶ୍ୱାଳ, ବନ ସୁରକ୍ଷା ସମିତିର ସଭ୍ୟ ଓ ସଭ୍ୟା ତଥା ଛୋଟ ଛୁଆଙ୍କୁ ଯୋଗାଭ୍ୟାସ ଦ୍ୱାରା ମିଳୁଥିବା ମାନସିକ ଶାନ୍ତି ଓ ଛୋଟବଡ ରୋଗବ୍ୟାଧିରୁ ଲାଘବ ମିଳୁଥିବା ବିଷୟରେ ପୁଙ୍ଖାନୁପୁଙ୍ଖ ବୁଝାଇ ଥିଲେ। ପ୍ରକୃତିର ବିକାଶ ସହିତ ଯୋଗାଭ୍ୟାସ ଦ୍ୱାରା ମଣିଷର ବିକାଶ କେମିତି ଜଡିତ ତାହା ଉଲ୍ଲେଖ କରିଥିଲେ। ମାନବ ସ୍ୱାସ୍ଥ୍ୟ ଓ ଗଛପତ୍ରର ନିବିଡ ସମ୍ପର୍କ ବିଷୟରେ ବନାଞ୍ଚଳରେ କାର୍ଯ୍ୟରତ କର୍ମକର୍ତ୍ତା ଲୋକଙ୍କୁ ବୁଝାଇ କହିଥିଲେ ଯେ ବୃକ୍ଷ ରୋପଣ ଦ୍ୱାରା ବାୟୁ ଗୁଣ ଉନ୍ନତି ହୁଏ। ବୃକ୍ଷ ଗୁଡ଼ିକ ବାୟୁରୁ ବିଷାକ୍ତ ଗ୍ୟାସ ଶୋଷଣ କରନ୍ତି, ଫଳରେ ଶ୍ୱାସକୋଷ ସମସ୍ୟା ଓ ହୃଦରୋଗ କମିଥାଏ। ବୃକ୍ଷ ରୋପଣ ଅଞ୍ଚଳରେ ତାପମାତ୍ରା କମେଇଥାଏ, ଯାହା ହିଟ ଷ୍ଟ୍ରୋକ ଭଳି ଅସୁବିଧାକୁ ରୋକେ। ସବୁଜ ପରିବେଶ ମନୋଚାପ ଓ ଦୁଃଖ ହ୍ରାସ କରେ। ପ୍ରାକୃତିକ ଦୃଶ୍ୟ ଦ୍ୱାରା ଧ୍ୟାନ କ୍ଷମତା ବଢ଼େ। ଉଦ୍ୟାନ ଓ ବୃକ୍ଷ ଆଧାରିତ କାର୍ଯ୍ୟକଳାପ ଲୋକମାନଙ୍କୁ ଏକତ୍ର କରେ। ବୃକ୍ଷରେ ଶୋଭିତ ରାସ୍ତା ଛାୟା ଓ ଶୀତଳତା ଦେଇ ଚଳାଚଳକୁ ସୁବିଧାଜନକ କରିଥାଏ। ଏହିଭଳି କାର୍ଯ୍ୟକ୍ରମ ଦ୍ୱାରା ବନସୁରକ୍ଷା ସମିତି ବାସୀ ଖୁସିହୋଇ ବନଖଣ୍ଡ ଅଧିକାରୀ ଓ ବନାଞ୍ଚଳ ଅଧିକାରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ ଓ ଶେଷରେ ବୃକ୍ଷରୋପଣ କରି କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

## ହୃଦଘାତରେ ଯୁବବ୍ୟବସାୟୀଙ୍କ ମୃତ୍ୟୁ

**ନୀଳଗିରି,୧୬।୫(ସଂଚାର ବ୍ୟୁରୋ):** ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତ ସିଙ୍ଗିରୀ ଗ୍ରାମର ଚକ୍ରଧର ପଣ୍ଡାଙ୍କ ପୁଅ ମାନସ ରଞ୍ଜନ ପଣ୍ଡା (୪୨)ଙ୍କର ହୃଦଘାତରେ ମୃତ୍ୟୁ ହୋଇଛି।ସୂଚନା ମୁତାବକ ମାନସ ଜଣେ କେବୁଲ ବ୍ୟବସାୟୀ।ଅପରାହ୍ନରେ ହଠାତ ତାଙ୍କ ଦେହ ଅସୁସ୍ଥ ହେବାରୁ ତାଙ୍କୁ ପରିବାର ଲୋକେ ପ୍ରଥମେ ବାଲେଶ୍ୱର ଓ ପରେ କଟକର ଏକ ଘରୋଇ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ।ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ସମାଜସେବୀ ଭାବରେ ବେଶ ପରିଚିତ ଥିଲେ। ମୃତ୍ୟୁ ଖବରପାଇ ନୀଳଗିରିର ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ, ୧୩ ନଂ ଜୋନ ଜିଲ୍ଲା ପରିଷଦ ଗତିକୃଷ୍ଣ ନନ୍ଦ, ବିଜେଡିର ବରିଷ୍ଠ ନେତା ଗଙ୍ଗାଧର ମିଶ୍ର ପ୍ରମୁଖ ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିବା ସହିତ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଥିଲେ।

## ଭାରତ ନିର୍ବାଚନ ଆୟୋଗଙ୍କ ଆମ୍ ଆଦମୀ ପାର୍ଟି ନେତୃବୃନ୍ଦଙ୍କ ସହିତ ଆଲୋଚନା




**ସୁବର୍ଣ୍ଣପୁର,୧୬।୫(ସଂଚାର ବ୍ୟୁରୋ):** ଭାରତର ମୁଖ୍ୟ ନିର୍ବାଚନ ଅଧିକାରୀ ଜ୍ଞାନେଶ କୁମାର ଏବଂ ନିର୍ବାଚନ ଅଧିକାରୀ ଡକ୍ଟର ସୁଖବୀର ସିଂହ ସାନ୍ଧୁ ଏବଂ ଡକ୍ଟର ବିବେକ ଜୋଶୀ ଆଜି ନିର୍ବାଚନ ସଦନରେ ଆମ ଆଦମୀ ପାର୍ଟିର ରାଷ୍ଟ୍ରୀୟ ସଂଯୋଜକ ଅରବିନ୍ଦ କେଜରିୱାଲଙ୍କ ନେତୃତ୍ୱରେ ଆସିଥିବା ପ୍ରତିନିଧି ମାନଙ୍କ ସହିତ ଏକ ଆଲୋଚନା କରିଥିଲେ। ଏହି ବୈଠକ ବିଭିନ୍ନ ଜାତୀୟ ଏବଂ ରାଜ୍ୟ ସ୍ତରୀୟ ରାଜନୈତିକ ଦଳର ସଭାପତିମାନଙ୍କ ସହ ନିର୍ବାଚନ ଆୟୋଗଙ୍କ ଦ୍ୱାରା ଆୟୋଜିତ ଆଲୋଚନାର ଏକ ଅଂଶ ଥିଲା।ଏହି ଆଲୋଚନା ଗୁଡ଼ିକ ଦୀର୍ଘ ଦିନ ଧରି ଗଠନମୂଳକ ଆଲୋଚନାର ଆବଶ୍ୟକତାକୁ ପୂରଣ କରି ଜାତୀୟ ଏବଂ ରାଜ୍ୟ ସ୍ତରୀୟ ଦଳର ସଭାପତି ମାନଙ୍କୁ ନିର୍ବାଚନ ଆୟୋଗଙ୍କ ସହ ସିଧାସଳଖ ପରାମର୍ଶ ଏବଂ ଚିନ୍ତାଧାରା ବାଣ୍ଟିବାକୁ ସକ୍ଷମ ହୋଇଛି। ଏହି ପଦକ୍ଷେପ ଗୁଡ଼ିକ ସମସ୍ତ ଅଂଶୀଦାରଙ୍କ ସହ ବିଦ୍ୟମାନ ଆଇନଗତ ଢାଞ୍ଚା ଅନୁଯାୟୀ ନିର୍ବାଚନ ପ୍ରକ୍ରିୟାକୁ ଆହୁରି ମଜବୁତ କରିବାରେ ନିର୍ବାଚନ ଆୟୋଗଙ୍କ ବ୍ୟାପକ ଦୃଷ୍ଟିକୋଣ ସହ ସମନ୍ୱିତ ହୋଇଛି। ପୂର୍ବରୁ ନିର୍ବାଚନ ଆୟୋଗ ୦୬ ମଇ ୨୦୨୫ ରେ ବହୁଜନ ସମାଜ ପାର୍ଟିର ପ୍ରତିନିଧି ମଣ୍ଡଳୀ ସହ ସାକ୍ଷାତ କରିଥିଲେ, ଯାହାର ନେତୃତ୍ୱ ପାର୍ଟି ଅଧ୍ୟକ୍ଷ ମାୟାବତୀ କରିଥିଲେ। ୦୮ ମଇ ୨୦୨୫ରେ ଭାରତୀୟ ଜନତା ପାର୍ଟିର ସଭାପତି ଜଗତ ପ୍ରକାଶ ନଡ୍ଡା, ୧୦ ମଇ ରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ର ସାଧାରଣ ସମ୍ପାଦକ ଏମ୍.ଏ.ବେବି ଏବଂ ୧୩ ମଇରେ ଜାତୀୟ ପିପୁଲ୍ସ ପାର୍ଟିର ସଭାପତି ଶ୍ରୀ.କନରାଡ ସାଙ୍ଗମାଙ୍କ ସହ ସାକ୍ଷାତ କରିଥିଲେ ଓପୂର୍ବରୁ ମୋଟ ୪, ୭୧୯ ସର୍ବଦଳୀୟ ବୈଠକ ଅନୁଷ୍ଠିତ ହୋଇଛି ଯେଉଁଥିରେ ୪୦ଟି ବୈଠକ ମୁଖ୍ୟ ନିର୍ବାଚନ ଅଧିକାରୀ (ସିଇଓ)ଙ୍କ ସହ, ୮୦୦ଟି ବୈଠକ ଜିଲ୍ଲା ନିର୍ବାଚନ ଅଧିକାରୀ (ଡିଇଓ)ଙ୍କ ସହ ଏବଂ ୩୮୭୯ଟି ବୈଠକ ନିର୍ବାଚନ ପଞ୍ଜୀକରଣ ଅଧିକାରୀ (ଇଆରଓ)ଙ୍କ ସହ ହୋଇଥିଲା ଏବଂ ଏହା ବିଭିନ୍ନ ରାଜନୈତିକ ଦଳର ୨୮, ୦୦୦ରୁ ଅଧିକ ପ୍ରତିନିଧିଙ୍କୁ ନିୟୋଜିତ କରିଥିଲା।

## ସାଂସଦ,ବିଧାୟକ ବାଣ୍ଟିଲେ ଘରଡ଼ିହ ପଟ୍ଟା



**ଭବାନୀପାଟଣା,୧୬।୫(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ ବ୍ଲକ ସଭା ଗୃହରେ ଧର୍ମଗଡ଼ ତହସିଲ ତରଫରୁ ଭୂମି ହୀନ ହିତାଧିକାରୀଙ୍କୁ ବସୁନ୍ଧରା ଯୋଜନାରେ ଘରଡିହ ପଟ୍ଟା ବଣ୍ଟନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ କଳାହାଣ୍ଡି ଲୋକସଭା ସାଂସଦ ମାଳବିକା କେଶରୀ ଦେଓ, ସମ୍ମାନିତ ଅତିଥି ଭାବରେ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପାଟ୍ଟଯୋଶୀ, ପୂର୍ବତନ ସାଂସଦ ଅର୍କ କେଶରୀ ଦେଓ, ଧର୍ମଗଡ଼ ଉପଜିଲ୍ଲାପାଳ ଧିମାନ ଚକମା, ବ୍ଲକ ଅଧ୍ୟକ୍ଷା ବବିତା ପଟ୍ଟଯୋଶୀ, ଧର୍ମଗଡ଼ ତହସିଲଦାର ସଞ୍ଜୟ କୁମାର ସାମନ୍ତରା ପ୍ରମୁଖ ପ୍ରଥମ ପର୍ଯ୍ୟାୟରେ ଧର୍ମଗଡ଼ ତହସିଲ ର ଖଇରପଦର, କିର୍କାକାନି, କାଙ୍କେରୀ, ଧର୍ମଗଡ଼ (ଗ୍ରାମାଞ୍ଚଳ) ରାଜସ୍ୱ ନିରୀକ୍ଷକ ଅଞ୍ଚଳର ମୋଟ ୫୭ ଜଣ ହିତାଧିକାରୀ ଙ୍କୁ ଘର ଡିହ ପଟ୍ଟା ବଣ୍ଟନ କରାଯାଇଥିଲା। କାର୍ଯ୍ୟକ୍ରମ ଙ୍କୁ ରେକର୍ଡ କିପର ଗୋପାଳ ମେହେର ପରିଚାଳନା କରିଥିବା ବେଳେ। ବଡବାବୁ ସୁନୀଲ କୁମାର କାନୁନଗୋ ଧନ୍ୟବାଦ ଅର୍ପଣ କରିଥିଲେ।

● କାଳବୈଶାଖୀ ତାଣ୍ଡବ

## ଉଡିଲା ସ୍କୁଲ ଛପର, ଛଟପଟ ହୋଇମଲେ ୯ ଗୋରୁ

**ଖଜୁରିପଡ଼ା,୧୬।୫(ସଂଚାର ବ୍ୟୁରୋ):** ଖଜୁରିପଡ଼ା ବ୍ଲକ୍ ଅଞ୍ଚଳରେ ଶୁକ୍ରବାର କାଳବୈଶାଖୀ ପ୍ରଭାବରେ ଘରର ଛପର ଉଡ଼ିଯାଇଥିବା ବେଳେ କିଛି ସ୍ଥାନରେ ଗଛପଡ଼ି ରାସ୍ତା ଅବରୋଧ ହୋଇଛି। ସବୁଠୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା। ଏହି କାଳବୈଶାଖୀରେ ବ୍ରଜପାତ ହେବା ଯୋଗୁ ଅନେକ ଗାଈଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅରାପାଜୁ ଗ୍ରାମର ମାଟୁଙ୍ଗି ଗାଁରେ ବଜ୍ରପାତରେ ୨ ବଳଦଙ୍କ ମୃତ୍ୟୁ ହୋଇଛି। ସେଇପରି ସସ୍କେଡି ଗାଁରେ ୩ ବଳଦ ଏବଂ ୨ ଗାଈ ଓ ଗଞ୍ଜୁଗୁଡ଼ାରେ ୨ ବଳଦଙ୍କ ମୃତ୍ୟୁ ହୋଇଛି। ଭାଲିଆପଡ଼ା ସ୍କୁଲର ଛପର ଉଡ଼େଇ ନେଇଥିବା ବେଳେ ପିଣ୍ଡାବାଡ଼ି ସ୍କୁଲର ଛାତ ଉପରେ ଆମ୍ବଗଛ ଟଳି ପଡ଼ିଛି। ବିଜୁଳିତାର ଛିଣ୍ଡି ଯିବା ଯୋଗୁ ପୁରା ଅଞ୍ଚଳ ଅନ୍ଧାର ହୋଇଯାଇଛି।

## ବେଆଇନ ଭାବେ ଅନେକ ବ୍ଲିଚିଂ ପ୍ଲାଣ୍ଟ ଗଢିଉଠିଛି, ପ୍ରଦୂଷଣ ବିଭାଗ ଚୁପ

**କଳିଙ୍ଗ ନଗର,୧୬।୫(ସଂଚାର ବ୍ୟୁରୋ):** ଦିନକୁ ଦିନ ଯାଜପୁର ଜିଲ୍ଲା କଳିଙ୍ଗନଗର ଅଞ୍ଚଳରେ ସରକାର ଜମିରେ ଜବରଦଖଲକାରୀଙ୍କ ସଂଖ୍ୟା ବଢିବାରେ ଲାଗିଛି।ଏହି ପରି କଳିଙ୍ଗ ନଗର ଓ ଦାନଗଦି ଅଞ୍ଚଳରେ ବେଆଇନ ବ୍ଲିଚିଂ ପ୍ଲାଣ୍ଟ ମାନ ଚାଲୁଅଛି।ଯାଜପୁର ଜିଲ୍ଲା ଶିଳ୍ପ ରାଜଧାନୀ କଳିଙ୍ଗ ନଗର। ଏଠାରେ ଏକାଧିକ ବ୍ଲିଚିଂ ପ୍ଲାଣ୍ଟ ଗଢି ଉଠିଛି କିନ୍ତୁ ସେମାନଙ୍କ ମଧ୍ୟରୁ କିଛି ସରକାରୀ ଜମିରେ ଗଢି ଉଠିଥିବା ବେଳେ ପ୍ରଦୂଷଣ ବିଭାଗର କୌଣସି ଅନୁମତି ନିଆଯାଇନାହିଁ। ଦାନଗଦି ବ୍ଲକ ଅନ୍ତର୍ଗତ ନଡିଆଭଙ୍ଗା ପଞ୍ଚାୟତର ଜାମୁପଶିଠାରେ ଥିବା ଆର.ବି ରେଡିମିକ୍ସି, କମଳାକାନ୍ତ ବ୍ଲିଚିଂ ପ୍ଲାଣ୍ଟ ଓ ମାନତିରା ଛକ, ପଙ୍କପାଳର ମନୋହରପୁରରେ ବେଆଇନ ଭାବେ ଗଢି ଉଠିଥିବା ଦେଖିବାକୁମିଳିଛି।ଏହାର ନା ଅଛି ଜମିର କାଗଜ ଅଛି ନା, ପ୍ରଦୂଷଣ ବିଭାଗ କିଛି କାଗଜ ପତ୍ର।ଏହି ବ୍ଲିଚିଂ ପ୍ଲାଣ୍ଟଟି ବିନା କାଗଜ ପତ୍ର ବର୍ଷ ବର୍ଷ ଧରି ଚାଲୁଛି କେମିତି? ଏହା କାହା ସାହାସ ରେ ନିର୍ଭୟରେ ଚାଲୁଛି। ଏହାକୁ ନେଇ ଆମେ କଳିଙ୍ଗ ନଗର ପ୍ରଦୂଷଣ ବିଭାଗ ଅଧିକାରୀଙ୍କ ପ୍ରତିକ୍ରିୟା ନେବାକୁ ଚାହିବାରୁ ସେ ଫୋନ ଉଠାଇନଥିଲେ। ଏହିପରି ଆହୁରି ଅନେକେ ବେଆଇନ ବ୍ଲିଚିଂ ପ୍ଲାଣ୍ଟ ଓ ଅନ୍ୟ କାରଖାନା କଳିଙ୍ଗନଗର ରେ ଗଢ଼ିଉଠିଥିବା ହେତୁ କଳିଙ୍ଗନଗର ରେ ବାୟୁ ପ୍ରଦୂଷଣ ନିୟନ୍ତ୍ରଣ ବାହାରେ, ଲୋକମାନେ ମାତ୍ରାଧିକ ପ୍ରଦୂଷଣ ର ଶିକାର ହେଉଛନ୍ତି, ବିଭିନ୍ନରୋଗ ରେ ପଡ଼ି ମୃତ୍ୟୁ ବରଣ କରୁଛନ୍ତି, ସରକାର ଏବେ ସରକାରୀ ଜବରଦଖଲ ଉପରେ ଉଚ୍ଛେଦ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ନେଉଛନ୍ତି। ତେବେ ଆଗକୁ ଦେଖିବାକୁ ବାକି ରହିଲା ଦୁଇ ବ୍ଲିଚିଂ ପ୍ଲାଣ୍ଟ ଓ ଅନ୍ୟ ସବୁ ଥିବା ବେଆଇନ କାରଖାନା ମାନଙ୍କ ଉପରେ କେବେ କାର୍ଯ୍ୟାନୁଷ୍ଠାନ ନିଆଯାଉଛି।

## ବିଦ୍ୟୁତ୍ ନେଲା ନାବାଳକଙ୍କ ଜୀବନ

**ସୋର,୧୬।୫(ସଂଚାର ବ୍ୟୁରୋ):** ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଅଧୀନ ଜିରିତାଳ ଗାଁରେ ଶୁକ୍ରବାର ଏକ ଦୁଃଖଦ ଘଟଣା ସାମ୍ନାକୁ ଆସିଛି। ବିଦ୍ୟୁତ୍ ଆଘାତରେ ଜଣେ ୧୨ ବର୍ଷୀୟ ନାବାଳକଙ୍କ ମୃତ୍ୟୁ ଘଟିଛି। ମିଳିଥିବା ସୂଚନା ମୁତାବକ, ନାବାଳକ ଜଣକ ଘରେ ପାଣି ଦେଉଥିଲେ। ସେତିକି ବେଳେ ସେ ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇପଡିଥିଲେ। ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ନାବାଳକଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରିଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣା ତଦନ୍ତ ଆରମ୍ଭ କରିଛି। ହେଲେ ପୁଅକୁ ହରାଇ ପରିବାର ଲୋକେ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛନ୍ତି। ଏନେଇ ଗାଁରେ ଶୋକର ଛାୟା ଖେଳିଯାଇଛି।

## ବିଦା ହୁଅନ୍ତୁ ବାଂଲାଦେଶୀ ଅନୁପ୍ରବେଶକାରୀ



**ବିଞ୍ଝାରପୁର,୧୬।୫(ସଂଚାର ବ୍ୟୁରୋ):** ଗତ ୨୨ ତାରିଖରେ ଜମ୍ମୁ କାଶ୍ମୀରର ପହଲଗାମଠାରେ ତୀର୍ଥ ଯାତ୍ରୀମାନେ ପାକିସ୍ଥାନ ଆତଙ୍କବାଦୀ ମାନଙ୍କ ଆକ୍ରମଣର ଶିକାର ହୋଇ ମୃତ୍ୟୁ ବରଣ କରିଥିଲେ।ପରେ ଦୁଇ ଦେଶ ମଧ୍ୟରେ ଯୁଦ୍ଧ ହୋଇଥଲା। ଯେତେବେଳେ ଏହି ସମୟରେ ବିଭିନ୍ନ ରାଷ୍ଟ୍ର ଆତଙ୍କବାଦ ବିରୋଧରେ ଯାଇ ଭାରତକୁ ସମର୍ଥନ ଜଣାଇଥିଲେ ସେତେବେଳେ ବାଂଲାଦେଶ ଭାରତ ବିପକ୍ଷରେ ପାକିସ୍ତାନ କୁ ସମର୍ଥନ ଜଣାଇଥିଲେ। କେବଳ ସେତିକି ନୁହଁ ବାଂଲାଦେଶୀ ଅନୁପ୍ରବେଶକାରୀ ମାନେ ଭାରତରେ ଅନୁପ୍ରବେଶ କରି ବିଭିନ୍ନ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଥିବା ଅଭିଯୋଗ କରି ଆଜି ବିଞ୍ଝାରପୁର ବଜରଙ୍ଗ ଦଳ ପକ୍ଷରୁ ଏକ ଦାବିପତ୍ର ବିଞ୍ଝାରପୁର ଥାନା, ବ୍ଲକ୍ ପ୍ରଶାସନ କୁ ପ୍ରଦାନ କରାଯାଇଅଛି। ବିଞ୍ଝାରପୁର ଥାନା ଅନ୍ତର୍ଗତ ବିଞ୍ଝାରପୁର, ଅଳକୁଣ୍ଡ, ଶାଶନ୍ଦା ପଞ୍ଚାୟତ ରେ ବାଂଲାଦେଶୀ ଅନୁପ୍ରବେଶକାରୀ ମାନେ ଦୀର୍ଘ ଦିନ ଧରି ବସବାସ କରିବା ସହିତ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ମଧ୍ୟ ସାମିଲ ହୋଇଛନ୍ତି।ତେଣୁକରି ଯଥା ଶୀଘ୍ର ସେମାନଙ୍କୁ ଚିହ୍ନଟ କରିବା ସହିତ ସେମାନଙ୍କୁ ଖାଦ୍ୟ ସୁରକ୍ଷା ଯୋଜନାରୁ ବାଦ୍ ଦିଆଯିବା ସହିତ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କୁ ଦେଶ ରୁ ବିତାଡ଼ିତ କରାଯାଉ ଏବଂ ସେମାନଙ୍କୁ ଆଶ୍ରୟ ଦେଇଥିବା ଲୋକମାନଙ୍କ ବିରୋଧ ରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛି ବଜରଙ୍ଗ ଦଳ।ଏଥି ଲାଗି ବଜରଙ୍ଗ ଦଳ ବିଞ୍ଝାରପୁର ପ୍ରଖଣ୍ଡ ପ୍ରମୁଖ ସୁବୋଧ ଧଳ, ସମାଜସେବୀ ଶ୍ରୀକାନ୍ତ ପ୍ରଧାନ, ଦାସ୍ ମୁରଲୀ ମନୋହର, ରାଜେଶ ନାୟକ, ସୌଭାଗ୍ୟ ସାମଲ ଏବଂ ଅନ୍ୟମାନେ ବିଞ୍ଝାରପୁର ଥାନା ଅଧିକାରୀ, ବିଞ୍ଝାରପୁର ଯୋଗାଣ ଅଧିକାରିଣୀ ଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହିତ ଆଲୋଚନା କରିଥିଲେ।

● ଜିଲ୍ଲା ଉନ୍ନତି ପାଇଁ ବୀରମହାରାଜପୁର ବିକାଶ କମିଟି ବୈଠକ

## ବିଧାୟକଙ୍କ ଦ୍ୱାରା ବିଭାଗୀୟ ଯୋଜନା କାର୍ଯ୍ୟନ୍ୱୟନ ଉପରେ ଗୁରୁତ୍ୱ




**ବୀରମହାରାଜପୁର,୧୬।୫(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବିଧାନସଭା ନିର୍ବାଚନ ମଣ୍ଡଳୀ ବିକାଶ କମିଟି ବୈଠକ ଆଜି ଉଲୁଣ୍ଡା ବ୍ଲକ ସଭାଗୃହରେ ଅନୁଷ୍ଠିତ ହୋଇଛି। ବୈଠକରେ ଅଧ୍ୟକ୍ଷତା କରି ବୀରମହାରାଜପୁର ବିଧାୟକ ମାନ୍ୟବର ଇଂ. ରଘୁନାଥ ଜଗଦଲା ଜିଲ୍ଲା ବିକାଶ ଓ ସରକାରୀ ଯୋଜନା କାର୍ଯ୍ୟକାରିତା ବିଷୟରେ ଗୁରୁତ୍ୱ ଦେଇ ମହତ୍ତ୍ୱପୂର୍ଣ୍ଣ ପରାମର୍ଶ ଦେଇଛନ୍ତି। ବୈଠକରେ ବିଧାୟକ ଜଣାଇଛନ୍ତି ଯେ, ଜିଲ୍ଲା ଉନ୍ନତି ପାଇଁ ସମସ୍ତ ବିଭାଗୀୟ ଅଧିକାରୀ ମିଳିତ ଭାବରେ କାମ କରିବା ଆବଶ୍ୟକ। ସରକାରଙ୍କ ଜନ କଲ୍ୟାଣ ଯୋଜନାଗୁଡିକ ଦୃତ ଓ ବ୍ୟବସ୍ଥିତ କାର୍ଯ୍ୟକାରୀ ଭାବରେ ଲୋକଙ୍କ ନିକଟକୁ ପହଂଚିବା ଉଚିତ। କୌଣସି ଯୋଗ୍ୟ ଲୋକ ଯୋଜନାରୁ ବଞ୍ଚିତ ହେବା ଉଚିତ ନୁହେଁ ବୋଲି ସେ ସୂଚୀତ କରିଛନ୍ତି। ବୈଠକରେ ଜିଲ୍ଲା ଓ ବ୍ଲକ ସ୍ତରର ବିଭିନ୍ନ ବିଭାଗଗୁଡ଼ିକ ଯଥା ପଞ୍ଚାୟତି ରାଜ, ଆବାସ ଯୋଜନା, ସ୍ୱାସ୍ଥ୍ୟ, କୃଷି, ଜଳସେଚନ, ବନଖଣ୍ଡ, ଶିକ୍ଷା, ସାମାଜିକ ସୁରକ୍ଷା, ମତ୍ସ୍ୟ ଓ ପଶୁସମ୍ପଦ, ଶ୍ରମ ବିଭାଗ ଆଦିର ଚଳିତ ଏବଂ ପ୍ରସ୍ତାବିତ ପ୍ରକଳ୍ପ ବିଷୟରେ ଆଲୋଚନା ହୋଇଛି।

## କାଠଫାଳିଆରେ ମହିଳାଙ୍କୁ ପିଟିପିଟି ମାରିଦେଲେ

**ଗୁଣପୁର,୧୬।୫(ସଂଚାର ବ୍ୟୁରୋ):** ରାୟଗଡ଼ା ଜିଲା ରାମନାଗୁଡ଼ା ଥାନା କରଡ଼ା ଗାଁରେ ଏକ ବର୍ବରକାଣ୍ଡ ସାମ୍ନାକୁ ଆସିଛି। ଜଣେ ମହିଳାଙ୍କୁ କାଠଫାଳିଆରେ ପିଟି ଅତି ନିର୍ମମ ଭାବେ ହତ୍ୟା କରାଯାଇଛି। ହତ୍ୟା ଅଭିଯୋଗରେ ରାମନାଗୁଡ଼ା ଥାନା ପୋଲିସ ଗୋଟିଏ ପରିବାରର ୩ଜଣଙ୍କୁ ଅଟକ ରଖି ଅଧିକ ପଚରାଉଚରା କରୁଛି। ହେଲେ ହତ୍ୟାକାଣ୍ଡର କାରଣ ଜଣାପଡ଼ି ନାହିଁ। ଏହି ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଅସହାୟ ପରିବାରକୁ ଶୁଦ୍ଧିକ୍ରିୟା ନିମନ୍ତେ ସାହାଯ୍ୟ

**କଳିଙ୍ଗନଗର,୧୬।୫(ସଂଚାର ବ୍ୟୁରୋ):** ଦାନଗଦି ବ୍ଲକ ରଣାଗୁଣ୍ଡି ପଞ୍ଚାୟତ ର ବିଦ୍ୟାଧର ଦେହୁରୀଙ୍କର ୫ଟି ସନ୍ତାନ ମଧ୍ୟରୁ ଦୀପଙ୍କର ଦେହୁରୀ (୨) ଗତ ମେଁ ୭ତାରିଖ ଦିନ ଘରେ ଚୁଲିରେ ରୋଷେଇ କରୁଥିବା ସମୟରେ ମା ର ଅସାବଧାନତା ଯୋଗୁଁ ଶିଶୁଟି ଗରମ ଚା କଢ଼ା ରେ ପଡ଼ିଯାଇଥିଲା। ତାକୁ ସଙ୍ଗେ ସଙ୍ଗେ ସ୍ଥାନୀୟ ଲୋକ ମାନେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଜିଲ୍ଲା ଚିକିତ୍ସାଳୟ କୁ ନେଇଥିଲେ । ହେଲେ ସେଠାକାର ଡାକ୍ତର ପ୍ରାଥମିକ ଚିକିତ୍ସା ପରେ ଉନ୍ନତ ଚିକିତ୍ସା ନିମନ୍ତେ କଟକ ସ୍ଥିତ ଶିଶୁଭବନ କୁ ସ୍ଥାନାନ୍ତର କରିଥିଲେ । ଚିକିତ୍ସାଧୀନ ଅବସ୍ଥାରେ ସେଠାରେ ଶିଶୁଟିର ମୃତ୍ୟୁ ହୋଇଥିଲା। ଉକ୍ତ ପରିବାର ଟି ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇଥିବାରୁ ମୃତ ଶବକୁ ଗାଁ କୁ ଆଣିବାକୁ ସକ୍ଷମ ହୋଇନଥିଲା । ଏହି ବିପଦ ସମୟରେ ଗ୍ରାମର ଲକ୍ଷ୍ମୀ ମନ୍ଦିର ର କମିଟି ର ସଦସ୍ୟ ମାନେ ସହଯୋଗ ର ହାତ ବଢ଼ାଇବା ସହିତ ଶବଟି ଗାଁ ରେ ପହଂଚିବା ଯାଏ ସମସ୍ତ ଖର୍ଚ୍ଚ ବହନ କରିଥିଲେ । ସେହି ପରିବାର ମଧ୍ୟ ସାମାଜିକ ପ୍ରଥା ଅନୁଯାଇ ଶୁଦ୍ଧିକ୍ରିୟା କାର୍ଯ୍ୟ କରିବା ପାଇଁ ଅକ୍ଷମ ହୋଇ ଭାଂଗିପଡ଼ିଥିଲା ।

### ମୁଖ୍ୟମନ୍ତ୍ରୀଙ୍କ ଜନ ଶୁଣାଣିରେ ଅଭିଯୋଗ

# ଦଲାଲଙ୍କୁ ନଧରିଲେ ଚାଷୀଙ୍କୁ ମିଳୁନି କ୍ଷୟକ୍ଷତି ରାଶି




**ବିଞ୍ଝାରପୁର,୧୬।୫(ସଂଚାର ବ୍ୟୁରୋ):** ବନ୍ୟା ହେଉ କି ବାତ୍ୟା ଅବା ମରୁଡ଼ି, ଚାଷୀ ମାନଙ୍କର ଏଭଳି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ହେଉଥିବା କ୍ଷୟକ୍ଷତି ପାଇଁ ସରକାରଙ୍କ ତରଫରୁ ପ୍ରଦାନ କରାଯାଇଥାଏ ଇନପୁଟ ସବସିଡି ବା କ୍ଷୟକ୍ଷତି ରାଶି। ରାଜସ୍ୱ ନୀରିକ୍ଷକ ମାନେ କ୍ଷୟକ୍ଷତିର ଆକଳନ କରି ସାରିବା ପରେ କ୍ଷୟକ୍ଷତିର ପରିମାଣ ଅନୁସାରେ ଇନପୁଟ ସବସିଡି ବା କ୍ଷୟକ୍ଷତି ରାଶି ପ୍ରଦାନ କରାଯାଇଥାଏ। କିନ୍ତୁ ବିଞ୍ଝାରପୁର ତହସିଲ୍ ଅଧୀନରେ ଇନପୁଟ ସବସିଡି ବଣ୍ଟନରେ ବ୍ୟାପକ ଅନିୟମିତତା ଏବଂ ଦୁର୍ନୀତି ହେଉଥିବା ଅଭିଯୋଗ ଆସିଛି। ଏପରିକି ଅଭିଯୋଗ ପହଞ୍ଚିଛି ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀରେ। ଅଭିଯୋଗ ଅନୁଯାୟୀ ବିଞ୍ଝାରପୁର ତହସିଲ ଅଞ୍ଚଳରେ ପ୍ରତି ଆର୍ଥିକ ବର୍ଷରେ ଏବଂ ପ୍ରତି ଫସଲ ଅମଳ ସମୟରେ ବନ୍ୟା, ବାତ୍ୟା ଏବଂ ଅଦିନିଆ ବର୍ଷାରେ ହେଉଥିବା କ୍ଷୟକ୍ଷତି ଆକଳନ ପରେ ଇନପୁଟ ସବସିଡି ବା କ୍ଷୟକ୍ଷତି ରାଶି ପ୍ରଦାନ ରେ ବ୍ୟାପକ ଅନିୟମିତତା କରାଯାଉଛି। ବିଂଝାରପୁର ତହସିଲର ରାଜସ୍ୱ ନିରୀକ୍ଷକ ଏବଂ କ୍ଷୟକ୍ଷତି ରାଶି ପ୍ରଦାନ କରିବା ଦାୟିତ୍ୱରେ ଥିବା ଅଧିକାରୀ ମାନେ ସ୍ଥାନୀୟ ପ୍ରଭାବଶାଳୀ ନେତାମାନଙ୍କ ଦ୍ୱାରା ପ୍ରଭାବିତ ହୋଇ ଚାଷୀମାନଙ୍କ ଠାରୁ ଆବଶ୍ୟକୀୟ କାଗଜପତ୍ର ସଂଗ୍ରହ କରିବା ସହିତ କ୍ଷୟକ୍ଷତି ରାଶି ପ୍ରଦାନ କରିବା ପାଇଁ ଚାଷୀ ମାନଙ୍କ ସହିତ ଏକ ଆର୍ଥିକ ବୁଝାମଣା କରୁଥିବା ଅଭିଯୋଗ ହୋଇଛି। ଦଲାଲଙ୍କ କଥାରେ ରାଜି ନ ହେଲେ ଚାଷୀ ମାନଙ୍କୁ ନାନାବିଧ ଅସୁବିଧାର ସମ୍ମୁଖିନ ହେବାକୁ ପଡୁଛି।ଆଉ ଯେତେବେଳେ ସେମାନେ ଦଲାଲଙ୍କ କଥାରେ ରାଜି ହେଉଛନ୍ତି ସେତେବେଳେ ସେମାନଙ୍କୁ ତାଙ୍କ ପ୍ରାପ୍ୟ ପ୍ରଦାନ କରାଯାଉଛି।ଏହା ଦ୍ୱାରା ଚାଷୀ ମାନେ ସେମାନଙ୍କ ସମ୍ପୂର୍ଣ୍ଣ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବା ବେଳେ ଅନେକ ଚାଷୀ ଅନେକ ବର୍ଷ ଧରି ସେମାନଙ୍କ ପ୍ରାପ୍ୟ ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଏ ନେଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀରେ ଅଭିଯୋଗ କରୁଛନ୍ତି ସ୍ଥାନୀୟ ବାସିନ୍ଦା। ଚାଷୀ ମାନେ କିପରି ନିଜ ପ୍ରାପ୍ୟ ପାଇପାରିବେ ସେନେଇ ଦୃଷ୍ଟି ଦେବାକୁ ଦାବି ହୋଇଛି।